# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ଜାନୁୟାରୀ ୧୮/୨୦୧୯(୨୦ ପୃଷ୍ଠା) | Berhampur, Friday, January 18/ 2019 | ★★★

୧୪ ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ୱାରିଙ୍କାଙ୍କୁ ହରାଇଲେ ରାଓନିକ

ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କାଙ୍କୁ ହରାଇଛନ୍ତି କାନାଡ଼ାର ମିଲୋସ ରାଓନିକ୍।

୧୯

୦୨

## ଏବେ ବିବାହ ଯୋଜନା ନାହିଁ: ସିଦ୍ଧାର୍ଥ ମାଲହୋତ୍ରା

ନିକଟ ଭବିଷ୍ୟତରେ ବିବାହ କରିବାର ଯୋଜନା ନାହିଁ ବୋଲି ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ପ୍ରକାଶ କରିଛନ୍ତି।



# ପୁଣି ବଢ଼ିଲା ଶୀତ

■ ୧୦ ଡିଗ୍ରୀ ତଳେ ୧୨ସହର

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ରାଜ୍ୟରେ ଶୀତ ହ୍ରାସ ପାଇଥିବା ବେଳେ ପୁଣି ହଠାତ ଦୁଇ ତିନି ଦିନ ହେବ ବୃଦ୍ଧି ଘଟିଛି। ଉପର ମୁହାଁ ହୋଇଥିବା ପାରଦ ପୁଣି ତଳକୁ ଖସିଛି। ୧୨ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଉପରେ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡିଶାରେ ୭ ଡିଗ୍ରୀକୁ ଖସି ଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୯.୮, ଅନୁଗୋଳ ୮, ଝାରସୁଗୁଡା ୮.୬, କେନ୍ଦୁଝର ୯.୪, ସୁନ୍ଦରଗଡ ୮.୫, ☞ପୃଷ୍ଠା–୪

# ଧାନ ବିକ୍ରି ପରେ ମଣ୍ଡି ଖୋଲେ

**ରାକେଶ କୁମାର ରାଉତ**

ଫୁଲବାଣୀ ଅଫିସ, ୧୭।୧

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ନିକଟରେ ଏକ ନାବାଳିକା କନ୍ୟା ସନ୍ତାନ ଜନ୍ମ ଦେବା ଏବଂ ଉକ୍ତ ଶିଶୁର ମୃତ୍ୟୁ ଘଟିବା କେବଳ ଏଠାକାର ପ୍ରଶାସନର ଦୁରବସ୍ଥାକୁ ଦର୍ଶାଉ ନାହିଁ, ବରଂ ଏଠାରେ ଜନସାଧାରଣଙ୍କ ମନରେ ବିଶ୍ୱାସ ହେଲାଣି ଯେ ଏହି ଜିଲା ପ୍ରତି ରାଜ୍ୟ ସରକାରଙ୍କ ତିଳେ ମାତ୍ର ଦୃଷ୍ଟି ନାହିଁ। ଏହି ଅବହେଳା କୃଷି କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ଏହି ଜିଲା ଏକ ପାହାଡ଼ିଆ ଅଞ୍ଚଳ। ଏଠାରେ ଧାନ ଚାଷ କମ୍ ହୁଏ। ହଳଦୀ, ମକା, ସୋରିଷ, ମାଣ୍ଡିଆ, ପନିପରିବା ଆଦି ଚାଷ ଅଧିକ ଭାବେ କରାଯାଇଥାଏ। ମାତ୍ର ଏଠାକାର ଚାଷୀ ବିଭିନ୍ନ ସମୟରେ ଶୋଷଣର ଶିକାର ହୋଇ ଆସୁଛି। ଜିଲା ପ୍ରଶାସନର ଆନ୍ତରିକତାର ଅଭାବ ଏହାର ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ଏଠାରେ କୃଷିଜାତ ସାମଗ୍ରୀର କାରବାର ପାଇଁ ବଜାର ନାହିଁ । ଜିଲାର ଫୁଲବାଣୀ ଓ ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ଅଧୀନରେ ୫ଟି ଶୀତଳ ଭଣ୍ଡାର ରହିଥିବାବେଳେ ବର୍ତ୍ତମାନ ସ୍ଥିତିରେ କୌଣସି ଗୋଟିଏ ହେଲେ କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ବଳକା ଶସ୍ୟକୁ ଠିକ୍ ଭାବେ ଗଚ୍ଛିତ କରିପାରୁନାହାନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବାବେଳେ ମଧ୍ୟସ୍ଥ ମାଲାମାଲ୍ ହେଉଛନ୍ତି। କେବଳ କାଗଜପତ୍ରରେ ଚାଷୀଙ୍କ ଉନ୍ନତି କରାଯାଉଥିବା କୁହାଯାଉଥିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଜିଲାରେ ମୋଟ ୧ଲକ୍ଷ ୨୭ହଜାର ୭୯୦ହେକ୍ଟର ଚାଷ ଜମି ରହିଛି। ସେଥିରୁ ୫୦ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଜିଲାରେ ମାତ୍ର ୨୮ହଜାର

**କନ୍ଧମାଳ ଜିଲା**





୪୩୪ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ଥିବାବେଳେ ୯୯ହଜାର ୩୫୬ ହେକ୍ଟର ଜମି ଅଣ ଜଳସେଚିତ। ଜିଲା ପ୍ରଶାସନ କୃଷି ଓ କୃଷକଙ୍କ ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଉଛି ବୋଲି କହୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଏଠାରେ ଚାଷୀ କିପରି ବଞ୍ଚୁଛି ତାହାକୁ କେହି ବିଶ୍ଳେଷଣ କରୁ ନାହାନ୍ତି। ପ୍ରତିବର୍ଷ ଚାଷୀ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି। ସହାୟତା ଠିକ୍ ସମୟରେ ମିଳୁନାହିଁ।

ଜିଲାର ଗତ ୫ ବର୍ଷର ରେକର୍ଡକୁ ଅନୁଧ୍ୟାନ କଲେ ପ୍ରାୟ ୧,୩୭,୮୧୪.୪୫କୁଇଣ୍ଟାଲ ଧାନ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ କ୍ରୟ କରାଯାଇଛି। ମାତ୍ର ଯୋଗାଣ ବିଭାଗ କହୁଛି କୌଣସି ଚାଷୀ ଅଭାବୀ ବିକ୍ରିର ଶିକାର ହୋଇନାହିଁ। ପ୍ରତିବର୍ଷ ଜିଲା ପ୍ରଶାସନ ପକ୍ଷରୁ କେତେ ପରିମାଣର ଧାନ କିଣାହେବ ତାହାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ। ହେଲେ ଏଠାରେ ମଣ୍ଡି ଏପରି ସମୟରେ ଖୋଲାଯାଏ ଯେତେବେଳକୁ ଚାଷୀ ପାଖରେ ଆଉ ଧାନ ନ ଥାଏ। ମଣ୍ଡି ଖୋଲାକୁ ଅପେକ୍ଷା କରି ଚାଷୀ ମଧ୍ୟସ୍ଥଙ୍କ ମାଧ୍ୟମରେ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି। ୨୦୧୩–୧୪ ଆର୍ଥିକ ବର୍ଷରେ ୧,୭୬,୪୭୦.୫୯କୁଇଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ ☞ପୃଷ୍ଠା–୧୪

# କଂଗ୍ରେସରୁ ନିଲମ୍ବିତ ହେଲେ ଯୋଗେଶ

- ■ ନିଷ୍ପତ୍ତିକୁ ସ୍ୱାଗତକଲେ, କହିଲେ ଛାଡ଼ିବେ ବିଧାୟକ ପଦ
- ■ ଝିଅକୁ ଟିକେଟ ଦେବାକୁ ହେମାନନ୍ଦ ଏପରି କରିଥାଇପାରନ୍ତି
- ■ ତାଙ୍କ ଅଭିଯୋଗର କିଛି ମୂଲ୍ୟ ନାହିଁ:ହେମାନନ୍ଦ
- ■ କାରଣ ଦର୍ଶାଅ ନୋଟିସର ଉତ୍ତର ନ ଦେବାରୁ ନିଲମ୍ବିତ ହେଲେ: ଅନନ୍ତ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)



ସୁନ୍ଦରଗଡ଼ର କଂଗ୍ରେସ ବିଧାୟକ ଯୋଗେଶ ସିଂହଙ୍କୁ ଗୁରୁବାର ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶୃଙ୍ଖଳା କମିଟି ଆବାହକ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅନୁମୋଦନକ୍ରମେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଅନନ୍ତ କହିଛନ୍ତି। ଅପରପକ୍ଷରେ ଦଳର ଏଭଳି ନିଷ୍ପତ୍ତିକୁ ଯୋଗେଶ ସ୍ୱାଗତକରିବା ସାଙ୍ଗକୁ ବିଧାୟକ ପଦ ଛାଡ଼ିବା ନେଇ ମତ ରଖିଛନ୍ତି। ଝାରସୁଗୁଡ଼ା ବିଧାୟକ ନବ ଦାସ ବୁଧବାର କଂଗ୍ରେସରୁ ଇସ୍ତଫା ଦେବାପରେ ☞ପୃଷ୍ଠା–୪

# ୧୨ ଘଣ୍ଟା କନ୍ଧମାଳ ଠପ୍

ଜିଲାପାଳଙ୍କ ବଦଳି, ଡିଡବ୍ଲ୍ୟୁଓଙ୍କୁ ନିଲମ୍ବନ ଦାବି ଜୋର ଧରିଲା

ଫୁଲବାଣୀ ଅଫିସ,୧୭।୧

ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଜଣେ ୮ମ ଶ୍ରେଣୀ ଛାତ୍ରୀ ମା’ ହେବା ଓ ନବଜାତ ଶିଶୁକନ୍ୟା ଆଖି ବୁଜିବା ଘଟଣାରେ ଗୁରୁବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ କନ୍ଧମାଳ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଜିଲାରେ ଏହାର ପ୍ରଭାବ ପଡ଼ିଛି। ସ୍ୱତଃପ୍ରବୃତ୍ତ ଭାବେ ବ୍ୟବସାୟୀମାନେ ଦେକାନ ବନ୍ଦ ରଖିଥିବା ବେଳେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ବନ୍ଦକୁ ସମର୍ଥନ କରୁଥିବା ଦେଖାଯାଇଥିଲା। ଫୁଲବାଣୀ ସହରରେ ଭାଜପା କର୍ମୀମାନେ ସକାଳୁ ରାଲି କରିଥିଲେ। ☞ପୃଷ୍ଠା–୧୫



ଟିକାବାଲିରେ ଦୋକାନ ବଜାର ବନ୍ଦ ରହିଛି ।

# ସବୁ ସରକାରୀ ମେଡିକାଲ କଲେଜରେ ମିଳିବ ମାଗଣା ଚିକିତ୍ସା

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

■ ଅତିରିକ୍ତ ଖର୍ଚ୍ଚ ହେବ ୧୦୦ କୋଟି

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ)ରେ ସମସ୍ତ ସରକାରୀ ମେଡିକାଲ କଲେଜରେ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ। ଉଚ୍ଚ ଆୟକାରୀ ଓ ନିମ୍ନ ଆୟକାରୀ ଆଦି ସମସ୍ତ ବର୍ଗର ଲୋକମାନେ ଏହି ସୁବିଧା ପାଇପାରିବେ। ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହି ସୁବିଧା ଆସନ୍ତା ଫେବୃୟାରୀ ୧ ତାରିଖରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଲବ୍ଧ ହେବ। ଏଥିସହିତ ବ୍ଲଡବ୍ୟାଙ୍କ ସୁବିଧା ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ । ପୂର୍ବରୁ ଏହି ଯୋଜନାରେ ଗ୍ରାମାଞ୍ଚଳରେ ଥିବା ସବ୍‌ସେଣ୍ଟର ଏବଂ ଜିଲାସ୍ତରରେ ଥିବା ମେଡିକାଲ ଯାଏ ଏହା ଉପଲବ୍ଧ ହେଉଥିଲା। ଫେବୃୟାରୀରୁ ମେଡିକାଲ କଲେଜରେ ମାଗଣା ଚିକିତ୍ସା ମିଳି ପାରିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୨୦୧୮ ଅଗଷ୍ଟ ୧୫ରେ ଆରମ୍ଭ କରାଯାଇଥିଲା। ଏହି ଯୋଜନା ଆରମ୍ଭ ହେବାର ୫ ମାସ ପରେ ୨.୨୫ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ଲାଭ ପାଇବା ପାଇଁ କୌଣସି ଆୟ କିମ୍ବା ବାସସ୍ଥାନ କିମ୍ବା କୌଣସି ପ୍ରମାଣପତ୍ରର ଆବଶ୍ୟକତା ନାହିଁ। ଏହି ଯୋଜନାରେ ରୋଗୀମାନଙ୍କୁ ମାଗଣାରେ ବେଡ ଯୋଗାଇ ଦିଆଯିବା ସହ ସର୍ଜରୀ, ଓଟି ସୁବିଧା, ଆଇସିୟୁ ସୁବିଧା ଆଦି ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ବଜେଟରେ ୧୦୦ କୋଟି ଟଙ୍କା ଅତିରିକ୍ତ ବ୍ୟୟବରାଦ କରିଛନ୍ତି। ଏହି ଯୋଜନାରେ ପ୍ରାୟ ୭୦ ଲକ୍ଷ ପରିବାର ବାର୍ଷିକ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇ ପାରିବେ। ମହିଳାମାନଙ୍କୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ରାଜ୍ୟବାସୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାରେ ଏହି ଘୋଷଣା ଅନ୍ୟ ଏକ ମାଇଲ ଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ**

## ଲେଖାନୁଦାନରେ ସୀମିତ ଗୃହ

**ଆଜିର ମନ୍ତବ୍ୟ**

“ କୃଷିଋଣ ଛାଡ଼ କରିବା ଚାଷୀଙ୍କ ସମସ୍ୟା ସମାଧାନର କେବଳ ଏକ ଅସ୍ଥାୟୀ ପଦକ୍ଷେପ।

**–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**

**କିଛି ତଥ୍ୟ**

୨୦୧୮ ଡିସେମ୍ବରରେ ଦେଶରେ ୬.୧୫୮ ନିୟୁତ ଟନ୍ ହଟ୍ ମେଟାଲ ଉତ୍ପାଦନ ହୋଇଥିବା ବେଳେ ଏହା ୨୦୧୭ର ସମାନ ସମୟରେ ୬.୦୦୧ ନିୟୁତ ଟନ୍ ରହିଥିଲା

**– ଇସ୍ପାତ ମନ୍ତ୍ରଣାଳୟ**

# ୨ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ଜେଲ୍

**ନାବାଳିକା ବଳାତ୍କାର ମାମଲା**

ବାଲେଶ୍ୱର ଅଫିସ, ୧୭।୧

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ କମ୍ ପୋକ୍ସୋ ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ଗୁରୁବାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୨୦ବର୍ଷ ଲେଖାଏ ଜେଲ୍ ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଆଉ ୩ମାସ ଜେଲ୍ ଭୋଗିବାକୁ ରାୟରେ କୁହାଯାଇଛି।

ଜଳେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ବାପା ବାହାରେ ରହୁଥିବା ବେଳେ ସେ ତାଙ୍କ ଆଈଙ୍କ ପାଖରେ ରହୁଥିଲେ।



କୋର୍ଟରୁ ଦୁଇ ଅପରାଧୀଙ୍କୁ ଜେଲ ନିଆଯାଉଛି।

ଏହାର ସୁଯୋଗ ନେଇ ସନାତନ ମଣ୍ଡଳ (୨୬) ଏବଂ ବିକ୍ରମ ମାଝି (୨୦) ନାମକ ୨ ଜଣ ଯୁବକ ଦୀର୍ଘଦିନ ଧରି ନାବାଳିକାଙ୍କୁ ହଇରାଣ କରୁଥିଲେ। ୨୦୧୬ ଜାନୁୟାରୀ ୧ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଘର ଅଗଣାରେ ବୁଲୁଥିବା ବେଳେ ସନାତନ ସେଠାରେ ପହଞ୍ଚିଥିଲେ। ସେ ନାବାଳିକାଙ୍କ ପାଟିରେ ଗାମୁଛା ବାନ୍ଧି ବଳପୂର୍ବକ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ବଳାତ୍କାର କରିବା ପରେ ଘର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଲେ ମାରିଦେବେ ବୋଲି ଧମକ ଦେଇଥିଲେ। ନାବାଳିକା ପ୍ରତିଦିନ ସ୍କୁଲରୁ ଫେରିବା ବେଳେ ☞ପୃଷ୍ଠା–୪

■ ମାନସିକ ବିକୃତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

# ଆକ୍ରମଣରେ ଦୁଇ ମୃତ, ଦୁଇ ଗୁରୁତର

- ■ ଓଡ଼ଗାଁ ଥାନା ଅଧିକାରୀ ଆହତ
- ■ ବହୁ ଚେଷ୍ଟା ପରେ ଆକ୍ରମଣକାରୀ ଯୁବକ ହେଲେ କାବୁ
- ■ ଉତ୍ତ୍ୟକ୍ତ ଲୋକଙ୍କ ୯ଘଣ୍ଟା ଧରି ରାଜପଥ ଅବରୋଧ

ଓଡ଼ଗାଁ, ୧୭।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଆକ୍ରମଣରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ବୁଧବାର ବିଳମ୍ବିତ ରାତି ୩ଟାରୁ ଗୁରୁବାର ଭୋର ପ୍ରାୟ ୬ଟା ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକଙ୍କ କାଠଫାଳିଆ ଓ ପଥରମାଡ଼ରେ ସହରରେ ଏକ ପ୍ରକାର ଆତଙ୍କ ଖେଳିଯାଇଥିଲା। ଯୁବକଙ୍କୁ କାବୁ କରିବାକୁ ଯାଇ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ପଥର ମାଡ଼ରେ ଆହତ ହୋଇଛନ୍ତି। ବହୁ ଚେଷ୍ଟା ପରେ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆକ୍ରମଣକାରୀ ଯୁବକଙ୍କୁ କାବୁ କରିଥିଲା। ସମ୍ପୃକ୍ତ ଯୁବକ ଜଣକ ହେଲେ ଓଡଗାଁ ଥାନା ସାକେରୀ ପଞ୍ଚାୟତ କୁଶଡିପି ଗ୍ରାମର ନିରଞ୍ଜନ ମଲ୍ଲିକ ଓରଫ ନଣ୍ଡା (୩୭)। ମୃତକଦ୍ୱୟ ହେଲେ ଗୋଡିପଲ୍ଲୀ ଗ୍ରାମର ବଦନୀ ପ୍ରଧାନ(୭୦)



ଅଭିଯୁକ୍ତ ନିରଞ୍ଜନ ମଲ୍ଲିକ।

ଓ କୃଷକ ବଜାରର ରାତ୍ରି ଜଗୁଆଳି ତ୍ରିଲୋଚନ ସେଠୀ (୫୦)। ଘଟଣାର ପ୍ରତିବାଦ ସହ କ୍ଷତିପୂରଣ ଦାବିରେ ସ୍ଥାନୀୟଲୋକେ ଦୀର୍ଘ ୯ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ସହାୟତା ରାଶି ମିଳିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକା ହଟିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଏବଂ ଆହତଙ୍କୁ ସରକାରୀ ଖର୍ଚ୍ଚରେ ଚିକିତ୍ସା ନିମନ୍ତେ ଘୋଷଣା କରିଛନ୍ତି।

ପ୍ରକାଶ ଯେ, ନିରଞ୍ଜନ ପ୍ରାୟ ବର୍ଷେ ହେଲା ମାନସିକ ବିକାରଗ୍ରସ୍ତ ହେବାପରେ ଘରେ ନ ରହି ନିକଟସ୍ଥ ବିଭିନ୍ନ ଗ୍ରାମରେ ବୁଲାବୁଲି କରନ୍ତି। ଏପରି କି ମଝିରେ ମଝିରେ ରାସ୍ତାରେ ଯାଉଥିବା ଲୋକଙ୍କୁ ମାରପିଟ ମଧ୍ୟ କରନ୍ତି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ଥାନାରେ କୌଣସି ମାମଲା ରୁଜୁ ହୁଏ ନାହିଁ। ବୁଧବାର ରାତି ପ୍ରାୟ ୩ଟାରେ ନିରଞ୍ଜନ ପ୍ରଥମେ ସ୍ଥାନୀୟ ସିନେମା ହଲ୍ ଛକରେ ଜଣେ ରାତ୍ର ଜଗୁଆଳିଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ☞ପୃଷ୍ଠା–୪


SUDHAKAR
PIPES AND FITTINGS
POINEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE 17.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 75 | 126 | 136 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers







“କେନ୍ଦ୍ରର ସରକାର କେବଳ ସାଧାରଣ ନିର୍ବାଚନ ଜିତିବା ପାଇଁ ଆର୍ଥିକ ଅସ୍ୱଚ୍ଛଳ ଉଚ୍ଚ ବର୍ଗର ଲୋକଙ୍କୁ ୧୦% ସଂରକ୍ଷଣ ଦେବା ପାଇଁ ଘୋଷଣା କରିଛନ୍ତି । ଏଥିପାଇଁ ଉପଯୁକ୍ତ ଚିନ୍ତା କି ଯୋଜନା କରାଯାଇ ନାହିଁ ।

- ସୀତାରାମ ୟେଚୁରୀ, ସିପିଆଇଏମ୍, ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ‘ଭୟରେ ଶାହଙ୍କୁ ସ୍ୱାଇନ୍ ଫ୍ଲୁ’

**ବେଙ୍ଗାଲୁରୁ,୧୭।୧(ପି.ଟି.)**-କର୍ନାଟକ କଂଗ୍ରେସର କେତେଜଣ ବିଧାୟକ ଫେରି ଆସିଲେଣି। ଏଥିପାଇଁ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କୁ ଭୟରେ ସ୍ୱାଇନ୍ ଫ୍ଲୁ ହୋଇଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ବି.କେ. ହରିପ୍ରସାଦ ଗୁରୁବାର ଉପହାସ କରିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସର ଏକ ସଭାରେ ଏମ୍‌ପି ହରିପ୍ରସାଦ କହିଛନ୍ତି,



ବି.କେ. ହରିପ୍ରସାଦ

କର୍ନାଟକର ରାଜନୈତିକ ଘଟଣାକ୍ରମକୁ ନେଇ ଶାହଙ୍କୁ ସ୍ୱାଇନ୍ ଫ୍ଲୁ ହୋଇଗଲା। ସେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରର ପତନ ଘଟାଇବାକୁ ଚେଷ୍ଟାକଲେ ତାଙ୍କୁ ବାନ୍ତି ଓ ତରଳଝାଡ଼ା ହୋଇଯିବ। ଅନ୍ୟପକ୍ଷରେ ଏହା କଂଗ୍ରେସର ସଂସ୍କୃତି। ଏଭଳି ‘ଅରୁଚିକର’ ମନ୍ତବ୍ୟ ପାଇଁ ଦଳ କ୍ଷମାମାଗୁ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଦାବି କରିଛନ୍ତି। ପ୍ରକାଶ ଯେ, ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ୫୪ ବର୍ଷୀୟ ଶାହ ବୁଧବାର ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।

### ମେଘାଳୟ କୋଇଲା ଖଣିରୁ ଜଣଙ୍କ ମୃତଦେହ ଠାବ



**ନୂଆଦିଲ୍ଲୀ/ଶିଲଂ,୧୭।୧(ପି.ଟି.)**-ପୂର୍ବ ମେଘାଳୟର ଜୟନ୍ତିଆ ପାହାଡ଼ିଆ ଅଞ୍ଚଳରେ ପାଣିଘେରରେ ଥିବା ୩୭୦ ଫୁଟ୍ ଗଭୀର କୋଇଲା ଖଣିରେ ୧୫ ଶ୍ରମିକ ୩୩ ଦିନ ହେବ ଫସି ରହିଥିବାବେଳେ ଜଣଙ୍କ ମୃତଦେହ ଠାବ କରାଯାଇଛି। ନୌସେନାର ସ୍ୱତନ୍ତ୍ର ବୁଡ଼ାଳି ଦଳ ‘ଅଣ୍ଡରଓ୍ୱାଟର ଆର୍‌ଓଭି (ରିମୋର୍ଟ ପରିଚାଳିତ ଗାଡ଼ି) ଜରିଆରେ ଖଣିର ୧୬୦ ଫୁଟ ତଳୁ ଏହି ମୃତଦେହର ସନ୍ଧାନ ପାଇଛନ୍ତି। ଏହି ଗଳିତ ମୃତଦେହକୁ ଖଣି ମଧ୍ୟରୁ ବାହାରକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଏହି ଖବର ପ୍ରଚାରିତ ହେବାପରେ ଏକ ଡାକ୍ତରୀ ଦଳ ସେଠାରେ ପହଞ୍ଚିଛନ୍ତି।

### [ଇତିହାସର ଆଇନାରେ]

### ଜାନୁୟାରୀ ୧୮ର ପ୍ରମୁଖ ଘଟଣା

୧୯୭୬ ଜାନୁୟାରୀ ୧୮ରେ ଲେବାନିଜ୍ ଖ୍ରୀଷ୍ଟିଆନ୍ ମିଲିସିଆ ଆକ୍ରମଣରେ ବିରୁଟ ଅନ୍ତର୍ଗତ କାରାଣ୍ଟିନାରେ ଅନ୍ୟୂନ ୧,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଲେବାନନ୍‌ରେ ଖ୍ରୀଷ୍ଟିଆନ୍ ପରମ୍ପରାର ଏକ ସୁଦୀର୍ଘ ଇତିହାସ ରହିଛି। ମାଉଣ୍ଟ ଲେବାନନ୍‌ରେ ଖ୍ରୀଷ୍ଟଧର୍ମର ପ୍ରସାର ଖୁବ୍ ଧିମା ଥିଲା। କାରଣ ଏହି ଅଞ୍ଚଳର ବାସିନ୍ଦା ମୂଳଧର୍ମ ସହ ଜଡ଼ିତ ଏବଂ ରକ୍ଷଣଶୀଳ।

୧୯୯୦ ଜାନୁୟାରୀ ୧୮ରେ ଓ୍ୱାଶିଂଟନ୍ ଡିସି ମେୟର ମାରିୟନ ବାରି ନିଶା ଔଷଧ ରଖିଥିବା ଅଭିଯୋଗରେ ଏଫ୍‌ବିଆଇ ଦ୍ୱାରା ଗିରଫ ହୋଇଥିଲେ। ଏହି ଆମେରିକୀୟ ରାଜନୀତିଜ୍ଞ ୧୯୭୯ରୁ ୧୯୯୧ ମଧ୍ୟରେ ଡିଷ୍ଟ୍ରିକ୍ଟ ଅଫ୍ କଲମ୍ବିଆର ଦ୍ୱିତୀୟ ମେୟର ଭାବେ ନିର୍ବାଚିତ ହୋଇଥିଲେ।

### ହଜାରେ କୋଟିଙ୍କ ପାଇଁ ଖାଦ୍ୟ ସମସ୍ୟା



**ନୂଆଦିଲ୍ଲୀ:** ୨୦୫୦ ସୁଦ୍ଧା ବିଶ୍ୱର ୧୦୦୦କୋଟି ଲୋକଙ୍କ ପାଇଁ ଖାଦ୍ୟ ସମସ୍ୟା ସୃଷ୍ଟି ହେବ। ମାନବ ଜଗତ ପାଇଁ ଏହା ଏକ ମୁଖ୍ୟ ସମସ୍ୟା ହୋଇଥିବାବେଳେ ଏହାର ସମାଧାନ ପାଇଁ ବୈଜ୍ଞାନିକମାନେ ଏକ ସମାଧାନର ବାଟ ପାଇଥିବା ଦାବି କରନ୍ତି। ସେମାନଙ୍କ କହିବାନୁଯାୟୀ, ଖାଦ୍ୟ ଉତ୍ପାଦନ ପାଇଁ ପୃଥିବୀର ପରିସର ସୀମିତ। ସୀମିତ ପରିସର ମଧ୍ୟରେ ମିଶ୍ରିତ ଚାଷ ସହିତ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରିବାକୁ ହେବ। ପୃଥିବୀରେ ୩ଶହ କୋଟି ଲୋକ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ଧନିକ ଦେଶଗୁଡ଼ିକରୁ ଖାଦ୍ୟ ସେହି ସବୁ ଅଞ୍ଚଳକୁ ତୁରନ୍ତ ଯୋଗାଣ ହେବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତାର ଅବକ୍ଷୟ, ପ୍ରଦୂଷଣ ମାତ୍ରା ବୃଦ୍ଧି ଏବଂ ଜଳ ଓ ଭୂମିର ଅସଦୁପଯୋଗ ଖାଦ୍ୟ ଉତ୍ପାଦନରେ ବାଧା ସୃଷ୍ଟି କରୁଥିବା ବୈଜ୍ଞାନିକମାନେ ଆଶଙ୍କା କରିଛନ୍ତି।

## ■ ‘ଡି-କମ୍ପାନୀ’ରେ ଅର୍ଥ ଲଗାଇଛନ୍ତି ବିବେକ ଓ ଶୌର୍ଯ୍ୟ ଡୋଭାଲ

# ବିବାଦରେ ଏନ୍‌ଏସ୍‌ଏଙ୍କ ପୁଅ



ବିବେକ ଡୋଭାଲ



ଅଜିତ ଡୋଭାଲ



ଶୌର୍ଯ୍ୟ ଡୋଭାଲ

**ଡି-କମ୍ପାନୀ କହିଲେ ଆଜି ଯାଏ ଅଣ୍ଡରଓ୍ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଗ୍ୟାଙ୍ଗ୍‌ର କଳା କାରବାରକୁ ବୁଝାଉଥିଲା। ଭାରତକୁ ଏବେ ଆଉ ଏକ ଡି-କମ୍ପାନୀ ଆସିଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ଦୁଇପୁଅ ବିବେକ ଓ ଶୌର୍ଯ୍ୟଙ୍କ କାରନାମା ଉପରୁ ପରଦା ହଟାଇଥିବା ଏକ ପତ୍ରିକା ନିଜ ରିପୋର୍ଟର ଶୀର୍ଷକ ରଖିଛି ‘ ଦି ଡି-କମ୍ପାନିଜ୍’।**

**ନୂଆଦିଲ୍ଲୀ,୧୭।୧**

ବର୍ଷେ ଦୁଇବର୍ଷ ତଳେ କେତେକ ହିନ୍ଦୀ ଚ୍ୟାନେଲ ଦାଉଦଙ୍କୁ ଭାରତକୁ ଅଣାଯାଉଛି ବୋଲି ପ୍ରଚାର ଚଳାଇଥିଲେ। ସେଥିରେ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ ନାୟକ ଭାବେ ମହିମାମଣ୍ଡିତ କରାଯାଉଥିଲା। ହେଲେ ଏବେ ଯାହା ସାମ୍ନାକୁ ଆସିଛି, ତାହା ସମସ୍ତଙ୍କୁ ଚକିତ କରିଦେଇଛି। କୌଶଲ ଶ୍ରଫ୍ ନାମକ ଜଣେ ଅନୁସନ୍ଧାନକାରୀ ଖବରଦାତା ଆମେରିକା, ବ୍ରିଟେନ, ସିଙ୍ଗାପୁର ଓ କେମ୍ୟାନ୍ ଆଇଲାଣ୍ଡରୁ କେତେକ ବାଣିଜ୍ୟିକ ଦସ୍ତାବିଜ ସଂଗ୍ରହ କରି ଡୋଭାଲଙ୍କ ଦୁଇପୁଅଙ୍କ କମ୍ପାନୀର କାରନାମା ସମ୍ପର୍କରେ ପ୍ରଘଟ କରିଛନ୍ତି। ତାଙ୍କ ରିପୋର୍ଟ ଅନୁସାରେ ଡୋଭାଲ ପୁତ୍ରଙ୍କ କମ୍ପାନୀଗୁଡ଼ିକ ହେଉଛି ହେଜ୍ ଫଣ୍ଡ ଏବଂ ଅଫ୍‌ଶୋର। ଟିକସ ଫାଙ୍କିବା ପାଇଁ ‘ଟ୍ୟାକ୍ସ ହେଭେନ୍’ ସ୍ଥାନଗୁଡ଼ିକରେ କମ୍ପାନୀ ଖୋଲିବାର ଅର୍ଥ ସ୍ୱତଃ ସନ୍ଦେହ ଘେରକୁ ଟାଣି ହୋଇ ନୈତିକତାର ତରାଜୁରେ ଛିଡ଼ାହେବ।

ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ ଡୋଭାଲଙ୍କ ସାନପୁଅ ବିବେକ କେମ୍ୟାନ୍ ଆଇଲାଣ୍ଡ (ପ୍ରତିଷ୍ଠିତ ଟ୍ୟାକ୍ସ ହେଭେନ)ରେ ଏକ ହେଜ୍ ଫଣ୍ଡ ଚଳାଉଛନ୍ତି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରି ୫ ଶହ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେବାର ମାତ୍ର ୧୩ ଦିନ ପୂର୍ବରୁ ଉକ୍ତ ହେଜ୍ ଫଣ୍ଡ ପଞ୍ଜୀକୃତ ହୋଇଥିଲା। ତାଙ୍କ ବ୍ୟବସାୟ ବଡ଼ଭାଇ ଶୌର୍ଯ୍ୟଙ୍କ ବ୍ୟବସାୟ ସହିତ ଜଡ଼ିତ। ଶୌର୍ଯ୍ୟ ଜଣେ ଭାଜପା ନେତା, ଯିଏକି ବିଚାର ମଞ୍ଚ ‘ଇଣ୍ଡିଆ ଫାଉଣ୍ଡେଶନ’ର ମୁଖ୍ୟ। କେନ୍ଦ୍ରର ମୋଦି ସରକାରଙ୍କ ସହିତ ଏହି ସଂସ୍ଥାର ଘନିଷ୍ଠତା ରହିଛି। ବିବେକ ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଯିଏକି ବ୍ରିଟେନର ନାଗରିକ ଏବଂ ସିଙ୍ଗାପୁରରେ ରୁହନ୍ତି। ସେ ଜିଏନ୍‌ଓ୍ୱାଇ ଏସିଆ ଫଣ୍ଡ ନାମକ ହେଜ୍ ଫଣ୍ଡର ନିର୍ଦ୍ଦେଶକ। ୨୦୧୮ ଜୁଲାଇ ଦସ୍ତାବିଜ ଅନୁସାରେ ଡନ୍ ଡବ୍ଲ୍ୟୁ ଇବ୍ୟାଙ୍କସ ଏବଂ ମହମ୍ମଦ ଅଲ୍‌ତାଫ୍ ମୁସ୍‌ଲିଆମ୍ ଭିଟିଲ ମଧ୍ୟ ଏହି ହେଜ୍ ଫଣ୍ଡର ନିର୍ଦ୍ଦେଶକ। ଇବ୍ୟାଙ୍କସର ନାମ ପାରାଡାଇଜ୍ ପେପର୍ସରେ ଉଲ୍ଲେଖ ରହିଛି। ଜିଏନ୍‌ଓ୍ୱାଇ ଏସିଆର ଠିକଣା ଓ୍ୱାକର୍ସ କର୍ପୋରେଟ୍ ଲିମିଟେଡ୍ ମାର୍ଫତରେ ରହିଛି, ଯେଉଁ ସଂସ୍ଥାର ନାମ ଉଭୟ ପାରାଡାଇଜ୍ ପେପର୍ସ ଓ ପାନାମା ପେପର୍ସରେ ସ୍ଥାନ ପାଇଥିଲା। ଅନୁସନ୍ଧାନକାରୀ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ ବିବେକଙ୍କ ସଂସ୍ଥା ଓ ତାଙ୍କ ଭାଇ ଶୌର୍ଯ୍ୟଙ୍କ ସଂସ୍ଥା ପକ୍ଷରୁ ଭାରତରେ ବ୍ୟବସାୟ ଚଳାଉଥିବା କେତେଜଣ କର୍ମଚାରୀଙ୍କ ମଧ୍ୟରେ ସମ୍ପର୍କ ରହିଛି। ୨୦୧୧ରେ ଅଜିତ ଡୋଭାଲ ଗୋଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଥିବାବେଳେ ଭାଜପାକୁ ଏକ ରିପୋର୍ଟ ପ୍ରସ୍ତୁତ କରି ଦେଇଥିଲେ। ଉକ୍ତ ରିପୋର୍ଟର ଶୀର୍ଷକ ଥିଲା ‘ଇଣ୍ଡିଆନ୍ ବ୍ଲାକ୍ ମନି ଆବ୍ରୋଡ୍: ଇନ୍ ସିକ୍ରେଟ୍ ବ୍ୟାଙ୍କ୍ସ ଆଣ୍ଡ ହେଭେନ୍ସ’। ଏହାକୁ ଅଜିତ ଡୋଭାଲଙ୍କ ସହ ଆର୍‌ଏସ୍‌ଏସ୍ ବିଚାରକ ଏସ୍. ଗୁରୁମୂର୍ତ୍ତି ଲେଖିଥିଲେ, ଯିଏକି ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ସେଥିରେ ଟ୍ୟାକ୍ସ ହେଭେନ ଓ ଅଫ୍‌ଶୋର ସଂସ୍ଥାଗୁଡ଼ିକ ଉପରେ ଚଢ଼ାଉ ନେଇ ଉଲ୍ଲେଖ କରାଯାଇଥିଲା। ଏହି ଦୃଷ୍ଟିରୁ ପୁଅ ବିବେକଙ୍କ ଅଫ୍‌ଶୋର ହେଜ୍ ଫଣ୍ଡ ଚର୍ଚ୍ଚାର ପରିଧିକୁ ଆସୁଛି।



ପ୍ରୟାଗ ସଙ୍ଗମରେ ଚାଲିଥିବା କୁମ୍ଭମେଳା ଅବସରରେ ଗୁରୁବାର ଗଙ୍ଗା ପୂଜନ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ତାଙ୍କ ସହଧର୍ମିଣୀ ତଥା ପ୍ରଥମ ମହିଳା ସବିତା କୋବିନ୍ଦ।

## ରାମ ରହିମଙ୍କୁ ଆଜୀବନ ଜେଲ୍

**ପଞ୍ଚକୁଲା,୧୭।୧**



ଖବରଦାତା ରାମ ଚନ୍ଦର ଛତ୍ରପତିଙ୍କୁ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁର୍‌ମିତ୍ ରାମ ରହିମଙ୍କ ସମେତ ତାଙ୍କ ୩ ସହଯୋଗୀ କ୍ରିଷ୍ଣଲାଲ୍, କୁଲଦୀପ ସିଂ ଏବଂ ନିର୍ମଳ ସିଂଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପୂର୍ବରୁ ବଳାତ୍କାର ମାମଲାରେ ରାମ ରହିମଙ୍କୁ ୨୦ ବର୍ଷ ଜେଲାଦଣ୍ଡାଦେଶ ହୋଇଥିଲାବେଳେ ଖବରଦାତାଙ୍କୁ ହତ୍ୟା ମାମଲାରେ ସିବିଆଇ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ତେବେ ତାଙ୍କୁ ଆଜୀବନ ଜେଲ ଦଣ୍ଡ ଶୁଣାଣି ହୋଇଥିବା ନେଇ ଛତ୍ରପତିଙ୍କ ପରିବାର ସନ୍ତୋଷବ୍ୟକ୍ତ କରିଛନ୍ତି। ୨୦୦୨ରେ ରାମ ରହିମ ମହିଳାଙ୍କୁ ଯୌନ ଶୋଷଣ କରୁଥିବା ପର୍ଦ୍ଦାଫାସ କରିଥିଲେ ରାମ ଚନ୍ଦର ଛତ୍ରପତି।

## ମହାରାଷ୍ଟ୍ରରେ ଡ୍ୟାନ୍ସ ବାର୍‌କୁ ସବୁଜ ସଙ୍କେତ

**ନୂଆଦିଲ୍ଲୀ,୧୭।୧(ପି.ଟି.)**

ମହାରାଷ୍ଟ୍ରରେ ପୁଣି ଡ୍ୟାନ୍ସ ବାର୍ ଖୋଲିବା ପାଇଁ ଗୁରୁବାର ସବୁଜ ସଙ୍କେତ ମିଳିଛି। ସର୍ବୋଚ୍ଚ ଅଦାଲତ କେତେକ ସର୍ତ୍ତ ସହ ଏଥିଲାଗି ସସର୍ତ୍ତ ଅନୁମତି ପ୍ରଦାନ କରିଛନ୍ତି। ଡ୍ୟାନ୍ସ ବାର୍ ଉପରେ ‘କେତେକ ନିୟନ୍ତ୍ରଣ’ ରଖାଯାଇପାରିବ, କିନ୍ତୁ ଏହା ଉପରେ ‘ସମ୍ପୂର୍ଣ୍ଣ କଟକଣା’ ଜାରି କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ୨୦୧୬ରେ ଡ୍ୟାନ୍ସ ବାର୍ ପରିଚାଳନା ଓ ଏଥିଲାଗି ଲାଇସେନ୍ସ ପ୍ରଦାନ ଉପରେ ମହାରାଷ୍ଟ୍ର ସରକାର କେତେକ କଟକଣା ଜାରି କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିୟମକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

ଜଷ୍ଟିସ୍ ଏ.କେ. ସିକ୍ରିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଡ୍ୟାନ୍ସ ବାର୍ ପରିଚାଳନା ପାଇଁ ଲାଇସେନ୍ସ ପ୍ରଦାନର ପଥ ଉନ୍ମୁକ୍ତ କରିଛନ୍ତି। କିନ୍ତୁ ସେଗୁଡ଼ିକ ଧାର୍ମିକ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଠାରୁ ୧ କି.ମି. ଦୂରରେ ହିଁ ଖୋଲାଯାଇ ପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏହାସହ ବାର୍‌ରେ ପ୍ରଦର୍ଶନକାରୀ (ଡ୍ୟାନ୍ସର)ମାନଙ୍କୁ ଟିପ୍ସ ଦିଆଯାଇପାରିବ, କିନ୍ତୁ ସେମାନଙ୍କ ଉପରକୁ ଟଙ୍କା ଫିଙ୍ଗାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ମହାରାଷ୍ଟ୍ରର ହୋଟେଲଗୁଡ଼ିକରେ ଅଶ୍ଳୀଳ ନୃତ୍ୟ ନିବାରଣ ଆଇନ, ରେଷ୍ଟୁରାଣ୍ଟ ଓ ବାର୍ ରୁମ୍ସ ଏବଂ (ସେଠାରେ କାର୍ଯ୍ୟରତ) ମହିଳାଙ୍କ ମର୍ଯ୍ୟାଦା ସୁରକ୍ଷା ଆଇନ, ୨୦୧୬କୁ ଶୀର୍ଷ ଅଦାଲତ ଖାରଜ କରିଦେଇଛନ୍ତି। ଡ୍ୟାନ୍ସ ବାର୍‌ରେ ସିସିଟିଭି କ୍ୟାମେରା ଲଗାଇବା ବ୍ୟକ୍ତିଗତ ଗୋପନୀୟତା (ପ୍ରିଭେସି)କୁ ଉଲ୍ଲଂଘନ କରୁଥିବା ଦର୍ଶାଇଛନ୍ତି। ଏଥିସହ ସିସିଟିଭି କ୍ୟାମେରା ସଂଲଗ୍ନ କରିବା ବାଧ୍ୟତାମୂଳକ ନୁହେଁ ବୋଲି ଅଦାଲତ କହିଛନ୍ତି। ତେବେ ଡ୍ୟାନ୍ସ ବାର୍‌ଗୁଡ଼ିକ କେବଳ ସନ୍ଧ୍ୟା ୬ଟାରୁ ରାତି ୧୧ଟା ୩୦ ମଧ୍ୟରେ ପରିଚାଳନା କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ନିୟମକୁ ଅଦାଲତ ବଳବତ୍ତର ରଖିଛନ୍ତି।

### ଲୋକପାଳ ନିଯୁକ୍ତି: ସର୍ଚ୍ଚ କମିଟିକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

## ଫେବୃୟାରୀ ଶେଷ ସୁଦ୍ଧା ନାମ ସୁପାରିସ କର

**ନୂଆଦିଲ୍ଲୀ,୧୭।୧(ପି.ଟି.)**

ଦେଶର ପ୍ରଥମ ଲୋକପାଳ ନିଯୁକ୍ତି ପାଇଁ ଫେବୃୟାରୀ ଶେଷ ସୁଦ୍ଧା କେତେକ ନାମ ସୁପାରିସ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସର୍ଚ୍ଚ କମିଟିକୁ ପରାମର୍ଶ ଦେଇଛନ୍ତି।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଲୋକପାଳ ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ଗଠନ କରାଯାଇଛି। କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତି ସକାଶେ ସର୍ଚ୍ଚ କମିଟିର ସଦସ୍ୟମାନଙ୍କ ନାମ ଏହାର ଓ୍ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିନାହାନ୍ତି ବୋଲି ଆବେଦନକାରୀ ଏନ୍‌ଜିଓ ‘କମନ୍ କଜ୍’ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଥିଲେ। ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ସର୍ବୋଚ୍ଚ ଅଦାଲତରେ କହିଥିଲେ, ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ ଯୋଗୁ ସର୍ଚ୍ଚ କମିଟି ବିଶେଷ ଅନୁଧାନ କରିପାରି ନାହାନ୍ତି। ଜଷ୍ଟିସ୍ ଏଲ୍.ଏନ୍. ରାଓ ଏବଂ ଏସ୍.କେ. କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ମାର୍ଚ୍ଚ ୭ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି। ସର୍ଚ୍ଚ କମିଟି ଚୟନ କମିଟିକୁ ନାମଗୁଡ଼ିକୁ ନେଇ ପ୍ରସ୍ତାବ ଦେବ। ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକ ସଭାରେ ସବୁଠୁ ବଡ଼ ବିରୋଧୀ ଦଳର ନେତା, ଲୋକ ସଭା ବାଚସ୍ପତି ଓ ଜଣେ ବିଚାରପତି ରହିଛନ୍ତି।



## ସୁରକ୍ଷା ବଳକୁ ଗ୍ରେନେଡ୍ ଆକ୍ରମଣ

**ଶ୍ରୀନଗର,୧୭।୧(ପି.ଟି.)**-ଶ୍ରୀନଗରର ରାଜବାଗସ୍ଥିତ ଜିରୋ ବ୍ରିଜ୍‌ଠାରେ ସୁରକ୍ଷା ବଳ ପୋଷ୍ଟକୁ ଆତଙ୍କବାଦୀମାନେ ଟାର୍ଗେଟ୍ କରି ଗ୍ରେନେଡ୍ ମାଡ଼ କରିଛନ୍ତି। ଏଥିରେ ଏଏସ୍‌ଆଇଙ୍କ ସମେତ ୩ ଟ୍ରାଫିକ୍ ପୋଲିସ ଆହତ ହୋଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ ହେଡ୍‌କ୍ୱାର୍ଟର ଏବଂ ଅଲ୍ ଇଣ୍ଡିଆ ରେଡିଓଠାରୁ ମାତ୍ର ୧୦୦ମିଟର ଦୂରରେ ଏହି ଆକ୍ରମଣ ହୋଇଛି। ଏହି ଘଟଣା ପରେ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ସୁରକ୍ଷା ଯବାନ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ତନାଘନା ଆରମ୍ଭ ହୋଇଛି।

## ନିକୋବରରେ ଭୂକମ୍ପ

**ପୋର୍ଟବ୍ଲେୟାର୍,୧୭।୧(ପି.ଟି.)**-ନିକୋବର ଦ୍ୱୀପରେ ୬ ରିକ୍ଟର ସ୍କେଲ୍ ତୀବ୍ରତା ବିଶିଷ୍ଟ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି। ଏଥିରେ ଧନଜୀବନ ହାନି ହୋଇ ନ ଥିବା ଜଣାଯାଇଛି। ଗୁରୁବାର ସକାଳ ୮ଘଣ୍ଟିକା ୪୩ ମିନିଟ୍‌ରେ ଭୂକମ୍ପ ହୋଇଥିଲା। ନିକୋବର ଦ୍ୱୀପାଞ୍ଚଳ ହିଁ ଏହାର କେନ୍ଦ୍ରସ୍ଥଳ ରହିଥିଲା ବୋଲି (ଏନ୍‌ସିଏସ୍) ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭୂକମ୍ପ-ପ୍ରବଣ ‘ଜୋନ୍-ଭି’ରେ ନିକୋବାର ଦ୍ୱୀପ ଦଣ୍ଡାୟମାନ।

## ଗାନ୍ଧୀନଗରରେ ବାଣିଜ୍ୟ ମେଳା ଉଦ୍‌ଘାଟିତ

**ଅହମ୍ମଦାବାଦ୍,୧୭।୧(ପି.ଟି.)**

ବିଶ୍ୱସ୍ତରୀୟ ନବମ ସଂସ୍କରଣ ଜୀବନ୍ତ ଗୁଜରାଟ ବାଣିଜ୍ୟିକ ଶିଖର ସମ୍ମିଳନୀ-୨୦୧୯ର ଅଂଶବିଶେଷ ଭାବେ ଗାନ୍ଧୀନଗରଠାରେ ବାଣିଜ୍ୟ ମେଳାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଅହମ୍ମଦାବାଦରେ ୨ଲକ୍ଷ ବର୍ଗ ମିଟରର ପ୍ରଦର୍ଶନୀ ପଡ଼ିଆରେ ସମ୍ମିଳନୀର ବିରାଟ ଆୟୋଜନ କରାଯାଇଛି। ଏଥିରେ ପାଖାପାଖି ୨୫ ଉଦ୍ୟୋଗିକ ଏବଂ ବାଣିଜ୍ୟିକ ସଂସ୍ଥାର ଉତ୍ପାଦିତ ସାମଗ୍ରୀ ସ୍ଥାନ ପାଇଛି। ଏହା ଚଳିତମାସ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଶେଷ ୨ ଦିନ ସାଧାରଣ ଜନତାଙ୍କ ପାଇଁ ଏହା ଖୋଲାଯିବ। ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ଉତ୍ପାଦ ପ୍ରଦର୍ଶନ ଲାଗି ଏହି ମେଗା ବାଣିଜ୍ୟ ମେଳାରେ ୧୬ଟି ପାଭିଲିୟନ ନିର୍ମାଣ କରାଯାଇଛି। ଆଫ୍ରିକାନ୍ ଦେଶଗୁଡ଼ିକର ସାମଗ୍ରୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଫୁର୍‌ସତ

## ଏବେ ବିବାହ ଯୋଜନା ନାହିଁ

**ମୁମ୍ବାଇ:**

ନିକଟ ଭବିଷ୍ୟତରେ ବିବାହ କରିବାର ଯୋଜନା ନାହିଁ ବୋଲି ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା (୩୪) ପ୍ରକାଶ କରିଛନ୍ତି। ଗତବର୍ଷ ସୋନମ କପୁର, ପ୍ରିୟଙ୍କା ଚୋପ୍ରା, ରଣବୀର ସିଂ ଏବଂ ଦୀପିକା ପାଦୁକୋନଙ୍କ ଭଳି ବଲିଉଡ ଷ୍ଟାର ବିବାହ କରିସାରିଛନ୍ତି। କିନ୍ତୁ ବିବାହ ବୟସରେ ପାଦ ଦେଇସାରିଥିବା ସିଦ୍ଧାର୍ଥଙ୍କୁ ବିବାହ କଥା ପଚାରିଲେ ସେ କହନ୍ତି, ବର୍ତ୍ତମାନ ସେଭଳି ଯୋଜନା ନାହିଁ। ବିବାହ ଋତୁ ଏକ କ୍ରିକେଟ ଋତୁ ନୁହେଁ ଯେ ଏହା ବର୍ଷ ତମାମ ଜାରି ରହିବ। ବିବାହ ପାଇଁ ଆହୁରି ଢେର ସମୟ ଅଛି। ସମୟ ଉପଗତ ହେଲେ ମୁଁ ସେଥିପାଇଁ ପ୍ରସ୍ତୁତ ହୋଇ ରହିବି। ବାଲାଟ ବ୍ଲେଣ୍ଡର୍ସ ପ୍ରାଇଡ ଫେଶନ୍ ଟୁର ର୍‌ୟାମ୍ପରେ ଅଭିନେତ୍ରୀ ଦିଆନା ପେଣ୍ଟି ସହିତ ଚାଲୁଥିବା ବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସିଦ୍ଧାର୍ଥ ଏହା କହିଛନ୍ତି। ‘ବାର ବାର ଦେଖୋ’ର ଅଭିନେତା ସିଦ୍ଧାର୍ଥ ଗତ ସପ୍ତାହରେ କରନ ଜୋହର, ରୋହିତ ଶେଟ୍ଟି, ଭିକି କୌଶଲ, ଆୟୁଷ୍ମାନ ଖୁରାନା, ବରୁଣ ଧାଓ୍ୱନ, ରାଜକୁମାର ରାଓ, ରଣବୀର ସିଂ, ରଣବୀର କପୁର, ଆଲିଆ ଭଟ୍ଟ, ଭୂମି ପେଡନ୍‌କର ଏବଂ ଏକତା କପୁରଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଫିଲ୍ମ ଶିଳ୍ପର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ।



ସିଦ୍ଧାର୍ଥ ମାଲହୋତ୍ରା

## ଜାତୀୟ ଫିଲ୍ମ ସଂଗ୍ରହାଳୟ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ

**ମୁମ୍ବାଇ:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନ୍ୟାଶନାଲ ମ୍ୟୁଜିୟମ ଅଫ୍ ଇଣ୍ଡିଆନ ସିନେମା (ଏନ୍‌ଏମ୍‌ଆଇସି) ଉଦ୍‌ଘାଟନ କରିବେ। ଦେଶର ଫିଲ୍ମ ରାଜଧାନୀରେ ପ୍ରତିଷ୍ଠିତ ଊନବିଂଶ ଶତାବ୍ଦୀର ଐତିହାସିକ ବଙ୍ଗଳା ଏବଂ ଆଧୁନିକ ଭବନ ଉଦ୍‌ଘାଟିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଅମିତାଭ ବଚ୍ଚନ, ଅକ୍ଷୟ କୁମାର, ସଲମାନ୍ ଖାନ୍, ଏ.ଆର. ରହମନ୍, ଡାଭିଡ ଧାଓ୍ୱନ, ରୋହିତ ଶେଟ୍ଟୀ, ଓ୍ୱାହିଦା ରହମନ୍, ଜିତେନ୍ଦ୍ର କପୁର, ଆଶା ପରେଖ, ରବିନା ଟଣ୍ଡନ, ପଙ୍କଜ କପୁର, ରାକେଶ ମେହରା ଏବଂ ଅନ୍ୟମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଦେଶବିଦେଶରେ ସିନେମା କିଭଳି କଳା ପ୍ରକାଶର ଏକ ମାଧ୍ୟମ ତାହା ଛାତ୍ରୀଛାତ୍ର, ପ୍ରଶଂସକ ଓ ସମାଲୋଚକ ଶିଖିବା ଏବଂ ବୁଝିବାର ସୁଯୋଗ ପାଇବେ। ଉକ୍ତ ମ୍ୟୁଜିୟମ୍‌ରେ ଭିଣ୍ଟେଜ କ୍ୟାମେରା, ପ୍ରୋଜେକ୍ଟର, ଏଡିଟିଂ ଓ ରେକର୍ଡିଂ ଉପକରଣ, କଷ୍ଟ୍ୟୁମ୍ସ, ଫଟୋଗ୍ରାଫ୍ ଏବଂ ଅନ୍ୟାନ୍ୟ ଉପକରଣ ଦେଖିବାର ସୁଯୋଗ ପାଇବେ। ଏଥିସହିତ ଫିଲ୍ମ ସେଟ୍‌ସ, ଫିଲ୍ମ ଟେପ୍‌ସ, ସାଉଣ୍ଡ ଟ୍ରାକ, ଟ୍ରେଲର, ଫିଲ୍ମ ସମ୍ପର୍କିତ ସାହିତ୍ୟ ଏବଂ ଭାରତୀୟ ଚଳଚ୍ଚିତ୍ର ଇତିହାସକୁ ପ୍ରଦର୍ଶିତ କରୁଥିବା ବହୁ ସ୍ମାରକୀ କାଳର କ୍ରମ ଅନୁସାରେ ସଜାଇ ରଖାଯାଇଛି। ନ୍ୟାଶନାଲ କାଉନସିଲ ଅଫ୍ ସାଇନ୍ସ ମ୍ୟୁଜିୟମ ଦ୍ୱାରା ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଏପରି ଏକ ମ୍ୟୁଜିୟମ୍ ନିର୍ମାଣ ପାଇଁ ୧୯୯୭ରେ ପରିକଳ୍ପନା କରାଯାଇଥିଲା। ୧୨,୦୦୦ ବର୍ଗମିଟର ପରିମିତ ଅଞ୍ଚଳରେ ଐତିହାସିକ ବଙ୍ଗଳା ଗୁଲଶନ ମହଲ ଏବଂ ଏହା ପାଖକୁ ଲାଗି ପାଞ୍ଚ ମହଲା ବିଶିଷ୍ଟ ଏକ ଆଧୁନିକ ଭବନ ନିର୍ମାଣ କରାଯାଇଛି।



୧୯୧୩ ରେ ଭାରତରେ ପ୍ରଥମ ସମ୍ପୂର୍ଣ୍ଣ ଫିଚର ଫିଲ୍ମ ‘ରାଜା ହରିଶ୍ଚନ୍ଦ୍ର’ ନିର୍ମାଣ କରିଥିଲେ କିମ୍ବଦନ୍ତୀ ପୁରୁଷ ଧୁଣ୍ଡିରାଜ ଗୋବିନ୍ଦ ଫାଲ୍‌କେ। ସେ ଦାଦାସାହେବ ଫାଲ୍‌କେ ନାମରେ ମଧ୍ୟ ପରିଚିତ।




# ଚାଷୀଙ୍କୁ ୨୫ ସୁଦ୍ଧା ମିଳିବ ସହାୟତା ରାଶି

ଭୁବନେଶ୍ୱର,୧୭।୧(ବ୍ୟୁରୋ)

**କାଳିଆ ଯୋଜନା**

- ୨୨ ସୁଦ୍ଧା ଡାଟା ଏଣ୍ଟ୍ରି ସାରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ସରକାରୀ ଚାକିରିଆ, ପେନ୍‌ସନଭୋଗୀ, ଧନୀ ଚାଷୀଙ୍କୁ କାଳିଆ ଯୋଜନା ମନା
- ଫେବୃୟାରୀ ୫ ମଧ୍ୟରେ ପ୍ରକାଶ ପାଇବ ଦ୍ୱିତୀୟ ପର୍ଯ୍ୟାୟ ଚିଠା ତାଲିକା
- କାଳିଆ ଯୋଜନା ପାଇଁ ୬୬ ଲକ୍ଷ ଆବେଦନକାରୀ

କାଳିଆ(କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗ୍‌ମେଣ୍ଟେଶନ) ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ତାଲିକାଭୁକ୍ତ ହୋଇଥିବା ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଜାନୁୟାରୀ ୨୫ରେ ସହାୟତା ରାଶି ପଠାଯିବ। ଜିଲାୱାରି ସମୀକ୍ଷା କରି ୨୨ ତାରିଖ ସୁଦ୍ଧା ମିଳିଥିବା ସବୁଜ ଓ ନାଲି ଫର୍ମଗୁଡ଼ିକର ଡାଟା ଏଣ୍ଟ୍ରି ଶେଷ କରିବାକୁ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ଯାଞ୍ଚ ପରେ ଚଳିତ ମାସ ୨୨ରେ ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ କରାଯିବ।

ଏ ପର୍ଯ୍ୟନ୍ତ ୬୬ ଲକ୍ଷ ଲୋକ ସବୁଜ ଫର୍ମରେ ଆବେଦନ କରିଛନ୍ତି। ଇତିମଧ୍ୟରେ ପଞ୍ଚାୟତଗୁଡ଼ିକରେ ୨୨.୫୦ ଲକ୍ଷ ଚାଷୀଙ୍କର ଚିଠା ତାଲିକା ପ୍ରକାଶ କରାଯାଇ ସାରିଛି। ତେବେ ଏହି ଯୋଜନାରୁ ସରକାରୀ ଚାକିରିଆ କିମ୍ବା ଚାକିରିରୁ ଅବସର ନେଇ ପେନ୍‌ସନ ପାଉଥିବା ଅବସରପ୍ରାପ୍ତ କର୍ମଚାରୀ, ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀ, ଧନୀ କୃଷକ, ଏକାଧିକ ଦରଖାସ୍ତ ଆବେଦନକାରୀଙ୍କୁ ବାଦ୍ ଦେବାକୁ ଜିଲା ନିରୀକ୍ଷକ ଓ ଅନୁସନ୍ଧାନକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ପାଢ଼ୀ କାଳିଆ ଯୋଜନାର ସମୀକ୍ଷା କରିଛନ୍ତି। ବୈଠକରୁ ଜଣାପଡ଼ିଛି ଯେ ଯୋଜନାରେ ସାମିଲ ହେବାକୁ ୬୬ ଲକ୍ଷ ଲୋକ ଦରଖାସ୍ତ କରିଛନ୍ତି। ସେଥିରୁ ୩୫ ହଜାର ନିଜର ନାମ ବାଦ୍ ଦେବାକୁ ମଧ୍ୟ ଆବେଦନ କରିଛନ୍ତି।

ଏହି ଯୋଜନାରେ ଚାଷୀମାନେ ଯେପରି ହୀନସ୍ତା ନ ହେବେ ସେ ନେଇ ସମସ୍ତ ପଞ୍ଚାୟତ ଓ ବ୍ଲକଗୁଡ଼ିକରେ ଡାଟା ଏଣ୍ଟ୍ରି ପାଇଁ ପର୍ଯ୍ୟାପ୍ତ କମ୍ପ୍ୟୁଟର ବ୍ୟବସ୍ଥା କରାଯିବା ସହ ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ ମୁତୟନ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ୩ଟି ଶିଫ୍ଟରେ ଡାଟା ଏଣ୍ଟ୍ରି କରିବାକୁ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଦୈନିକ ପ୍ରାୟ ୧୦.୫୦ ଲକ୍ଷ ଆବେଦନର ତଥ୍ୟ ରଖିପାରୁଥିବା କ୍ଷମତା ବିଶିଷ୍ଟ କମ୍ପ୍ୟୁଟର ସର୍ଭର ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲାକୁ ମଧ୍ୟ ପର୍ଯ୍ୟବେକ୍ଷକ ପଠାଯାଇ ଯୋଜନାର ଅଗ୍ରଗତିକୁ ତ୍ୱରାନ୍ୱିତ କରାଯାଉଛି। ଆବଶ୍ୟକ ହେଲେ ରାତ୍ରି ଶିଫ୍ଟ ପାଇଁ ଅଧିକ ଘରୋଇ ଡାଟା ଏଣ୍ଟ୍ରି ଅପରେଟର ନିୟୋଜିତ କରିବାକୁ ଜିଲାପାଳମାନେ ରାଜ୍ୟ ସରକାରଙ୍କ ଅନୁମତି ମାଗିଥିଲେ। ବୈଠକରେ ଏହି ପ୍ରସ୍ତାବକୁ ଅନୁମତି ଦିଆଯାଇଛି।

ଦ୍ୱିତୀୟ ପର୍ଯ୍ୟାୟ ସହାୟତା ପାଇଁ ଜାନୁୟାରୀ ୨୫ରୁ ଫେବୃୟାରୀ ୫ ମଧ୍ୟରେ ପଞ୍ଚାୟତସ୍ତରରେ ଚିଠା ତାଲିକା ପ୍ରକାଶିତ ହେବ। ଏହାଛଡ଼ା ନିର୍ଦ୍ଧାରିତ ଫର୍ମରେ ମଧ୍ୟ ଆବେଦନ ଓ ଅଭିଯୋଗ ଗ୍ରହଣ କରାଯିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି। ଏହି ଯୋଜନାରେ ସମସ୍ତ ଯୋଗ୍ୟ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ କୃଷକମାନଙ୍କୁ ସହାୟତା ଦିଆଯିବ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ଫେରସ୍ତ ଆସିଲା ସମସ୍ତ ପ୍ରଶ୍ନପତ୍ର

**ବୋର୍ଡ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ନିଷ୍ପତ୍ତି**

କଟକ ଅଫିସ, ୧୭।୧

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ରାଜ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ବୁଧବାର ଲିକ୍ ହୋଇଥିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଜଣାପଡ଼ିବା ପରେ ପରୀକ୍ଷାକୁ ବାତିଲ ଘୋଷଣା କରାଯିବା ସହିତ ଏହାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ସୁପାରିସ କରାଯାଇଥିଲା। ଗୁରୁବାର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଯାଇଥିବା ସମସ୍ତ ପ୍ରଶ୍ନପତ୍ରକୁ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ଫେରାଇ ଅଣାଯାଉଛି। ସନ୍ଧ୍ୟା ସୁଦ୍ଧା ୫ରୁ ଊର୍ଦ୍ଧ୍ୱ କେନ୍ଦ୍ରରୁ ପ୍ରଶ୍ନପତ୍ର ଫେରସ୍ତ ଆସିଥିବା ବୋର୍ଡ ସଭାପତି ଡ. ଜାହାନାରା ବେଗମ ସୂଚନା ଦେଇଛନ୍ତି। ଗୁରୁବାର ରାତିତମାମ ପ୍ରଶ୍ନପତ୍ର ଫେରସ୍ତ ଆସିବ। ଏହାବାଦ୍ ବୋର୍ଡ ପକ୍ଷରୁ ମଧ୍ୟ ଏହାର ଆଭ୍ୟନ୍ତରୀଣ ତଦନ୍ତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ଏକ ଟିମ୍ ଗଠନ କରାଯିବ ବୋଲି ଡ. ବେଗମ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ହେବା ପରେ ସୁରକ୍ଷା ଦୃଷ୍ଟିକୋଣରୁ ବୋର୍ଡ କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଗତବର୍ଷ ମାଟ୍ରିକ ପ୍ରଶ୍ନପତ୍ର ଲିକ୍ ପରେ ବୋର୍ଡ କାର୍ଯ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା।

KIITEE-2019
15th - 24th April 2019
KIIT
Kalinga Institute of Industrial Technology (KIIT)
Deemed to be University
(Established U/S 3 of UGC Act, 1956)
Bhubaneswar, Odisha, India



Only Self-financing University in Eastern India to be Ranked by
THE Times Higher Education World University Rankings 2019
QS World University Rankings BRICS
No Application / Examination Fee Computer Based Online Test
APPLY ONLINE
through KIIT websites www.kiitee.kiit.ac.in | www.kiit.ac.in
'A' Category by Ministry of HRD, Govt. of India | Accredited by NAAC in 'A' Grade | 'Tier 1' Accreditation (Washington Accord) by NBA for Engineering | Accreditation from IET, UK for B.Tech Programme | Granted 'Full Autonomy' by UGC

PROGRAMMES AVAILABLE
- B.Tech (4 Years) in following branches of Engineering :
Civil, Mechanical, Electrical, Electronics and Telecommunication, Computer Science, Information Technology, Electronics and Electrical, Electronics & Instrumentation, Mechanical (Automobile), Aerospace, Mechatronics, Production, Electronics & Computer Science, Electronics & Control System, Communication, Medical Electronics, Computer Science & Communication, Chemical Technology, Computer Science & Systems

Bachelors Programmes
- B. Arch (5 Years)
- B.Tech (Lateral Entry) (3 Years)
- B.Sc. Nursing (4 Years)
- Bachelor of Design (Fashion / Textile) (4 Years)
- BA.LLB, BBA.LLB & B.Sc.LLB (5 Years)
- Bachelor of Film & Television Production (3 Years)
- BBA (3 Years)
- BCA (3 Years)
- B.Tech & M.Tech - Biotechnology (Dual Degree) (5 Years)
- BBA (Computer Application) (3Years)
- B.Sc. Computer Science (3 years)
- BA Economics (Hons) (3 Years)
- BA English (Hons) (3 Years)
- BA Sociology (Hons) (3 Years)
- B.Com. (Hons) (3 Years)

Masters Programmes
- M.Sc Biotechnology (2 Years)
- M.Sc Applied Microbiology (2 Years)
- Master of Public Health (2 Years)
- Master of Hospital Administration (2 Years)
- Master of Mass Communication (Integrated) (5 Years)
- M.Sc. Nursing (2 Years)
- MCA (3 Years)
- MCA (Lateral Entry) (2 Years)
- M.Sc. Computer Science (2 Years)
- M.Tech. (2 Years)
- MA (Yoga Therapy) (2 Years)
- MA in Economics (2 Years)
- MA in English (2 Years)
- MA in Sociology (2 Years)
- M.Com. (2Years)
- Integrated M.Sc. & Ph.D (5 Years)
- LLM (1 Year)
- Master of Mass Communication (2 Years)
- Ph.D

CONTINUOUS LEARNING
Apply Online through KIIT websites : www.kiitee.kiit.ac.in / www.kiit.ac.in from 16th November 2018 to 31st March 2019.
For detail information please go through University websites.
Registrar & Director, Admissions

Admission Cell, Koel Campus, KIIT (Deemed to be University), Po- KIIT, Bhubaneswar-751024, Odisha, India
Ph: 0674 - 2742103, 2741747, 2741389, Fax : 0674 - 2741465, Toll Free No. : 18003457132,
Email :admission@kiit.ac.in. Websites : www.kiitee.kiit.ac.in & www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ପରିବହନ ଭବନ, ଏ.ଜି. ଛକ, ଭୁବନେଶ୍ୱରଠାରେ
୧୮ ଜାନୁୟାରୀ ୨୦୧୯ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ
ନିମ୍ନଲିଖିତ ମାର୍ଗରେ ଶୀତତାପ ନିୟନ୍ତ୍ରିତ (ରାଜଧାନୀ)
ଡିଲକ୍ସ ବସ୍ ସେବା ଲୋକାର୍ପିତ କରିବେ।



ଭୁବନେଶ୍ୱର – ଫୁଲବାଣୀ, ଭୁବନେଶ୍ୱର – ରାଉରକେଲା,
ଭୁବନେଶ୍ୱର – ଭବାନୀପାଟଣା, ଭୁବନେଶ୍ୱର – ଭଞ୍ଜନଗର,
ଭୁବନେଶ୍ୱର – ରାଜଗାଙ୍ଗପୁର (ଭାୟା: ସୁନ୍ଦରଗଡ଼),
ଭୁବନେଶ୍ୱର – ରାଜଖରିଆର (ଭାୟା: ବଲାଙ୍ଗୀର),
ଭୁବନେଶ୍ୱର – ଗୋରୁମହିଷାଣି (ଭାୟା: କରଞ୍ଜିଆ),
ଭୁବନେଶ୍ୱର – ବୁର୍ଲା (ଭାୟା: ସମ୍ବଲପୁର)




@CMO_Odisha
CMO.Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆୟୁଷ
ପରିବାରବର୍ଗ


ପ୍ରମୋଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।

# classified

real estate

### SALE

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65336

BDA yellowzone gharabadi boundary, electricity and greenery facilities plot at Patrapada, Tamnado and Infovally GITA College Square. 9938770157, 7008818121. D-65339

ଭୁବନେଶ୍ୱର ବାଲିଅନ୍ତା roadside Puri Bypass sideରେ ପ୍ଲଟ ମିଳୁଛି। 8093465134. D-65338

ଭୁବନେଶ୍ୱର ପଟିଆ KIIS University boundary ପାଖରେ ସମ୍ପୂର୍ଣ୍ଣ development 40/30" road, electricity, ପାଚେରି ସହିତ plot ବିକ୍ରି ହେବ। 9937366406. D-64692

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65509

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Luxurious studio, 1 & 2 BHK, duplex in prime location of Puri. Book @ 1 Lakh. 9938175444. D-10616

### LEASE

Land of 20000 sqft. required on rent basis preferably between Phulanakhara & Hanspal/ nearby Pandra Chhak on Cuttack-Puri Bypass road for automobile workshop purpose. Contact: 9337668677. D-10576

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

1400 sqft. commercial space at BMC Bhabani mall sqft. 50/-. 9337119834. D-65331

healthcare

Roshin ayurvedic massage club fully relaxed by smart lady home service facility available. 9937637219. D-64684

Ayurvedic full body massage ladies/ gents smart experts therapist. 9114697517. D-64686

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT


By virtue of an affidavit before Notary Public D.K. Dash, I do declare that Pulakesh Nandy and Pulokesh Nandy, S/o- Late Hrishikesh Nandy is one and same person for all purposes. D-10625

## ଜନ୍ମଦିନ ଶୁଭେଚ୍ଛା



ଚିତ୍ତରଂଜନ ମହାନ୍ତି
ଜରଡ଼, ଭାୟା-ଜବିସୂର୍ଯ୍ୟ ନଗର, ଗଞ୍ଜାମ
ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ସେ ତୁମର ଚଲାପଥକୁ କୁସୁମିତ କରନ୍ତୁ, ତଥା ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରାନ୍ତୁ।
ଶୁଭେଚ୍ଛା ସହ
ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୬୧୩

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ରୋମିଓ)
ଜ୍ୟୋତିରଂଜନ ମହାନ୍ତି
ଜରଡ଼, ଭାୟା-ଜବିସୂର୍ଯ୍ୟ ନଗର, ଗଞ୍ଜାମ
ଜନ୍ମ ଦିନର ଶୁଭେଚ୍ଛା। ଜୀବନ ପଥରେ ପ୍ରଭୁ ଜଗନ୍ନାଥ ତୋର ପଥକୁ କୁସିମିତ ଏବଂ ମଙ୍ଗଳ କରନ୍ତୁ।
ଶୁଭେଚ୍ଛା ସହ
ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୬୧୪

## ୧୪ତମ ଜନ୍ମଦିନ ଶୁଭେଚ୍ଛା



(ଟିଟୁନ୍)
ଅଭିଜିତ୍ ସାହୁ
ଆଜି ତୋର ୧୪ତମ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀସର୍ପେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଚଲାପଥ କୁସୁମିତ ହେଉ। ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି: **ବଡବାବା, ବଡମାମା, ବାବା, ମାମା, ଅପା, ପିଉସା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ନନା, ସାନଭାଇ, ଭଉଣୀ ଓ ପରିବାରବର୍ଗ।** ଧ-୧୦୫୨୮



## Birthday Wish

# Justin Nayak

Hospital Campus Q-no G/8 Unit-6, Bhubaneswar
Wishing you a very very
***Happy Birthday***
Wishes from: Family & Relatives. D-10615

## ୧୧ତମ ଜନ୍ମବାର୍ଷିକ ଶୁଭେଚ୍ଛା



(ଆୟୁଷ)
ରାମାନୁଜ ବେହେରା
**ଖଜୁରୀପଡା, ଫୁଲବାଣୀ**
ଆଜି ତୋର ଶୁଭ ଜନ୍ମ ଦିନରେ ଆମେ (ଜେଜେ ମା, ଅଜା, ଆଈ, ବାପା, ମା, ମାମୁ, ମାଉସୀ ଓ ଗୁଗୁ) ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ, ସେ ତୁମକୁ ଆଶୀର୍ବାଦ କରିବା ସଙ୍ଗେ ସଙ୍ଗେ ତୁମ ଚଲାପଥ କୁସୁମିତ କରନ୍ତୁ ଓ ନୀରୋଗ ରଖନ୍ତୁ। **ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ।**
ଧ-୧୦୬୧୦


## ପୁଣି ବଢ଼ିଲା...

ସମ୍ବଲପୁର ୯.୧, ହୀରାକୁଦ ୯.୬, ଭବାନୀପାଟଣା ୯.୩, ସୋନପୁର ୮.୪ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାର ୧୩ଟି ଜିଲାକୁ ଶୀତ ଲହରି ଥରେଇବ। ସେହି ଜିଲାଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ, ଢେଙ୍କାନାଳ, ବାଲେଶ୍ୱର ଏବଂ ମୟୂରଭଞ୍ଜ।


# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବିଭୂତି ଭୂଷଣ ରାଉତ**
ଗତିରାଉତପାଟଣା, ବିରିବାଟୀ, କଟକ
ତିରୋଧାନ: ୦୮।୦୧।୨୦୧୯
କୃଷକନେତା, ସମବାୟବିତ୍ ଭାବରେ କଟକ ସଦର ଅଞ୍ଚଳର ଚାଷୀମାନଙ୍କ ହିତରେ ନିଜକୁ ଉତ୍ସର୍ଗ କରି ଆସିଥିଲ ପ୍ରଭୁ ପ୍ରତାପେଶ୍ୱର ମହାଦେବଙ୍କର ନାମ ଜପି ଜପି। ଆମ୍ଭମାନଙ୍କୁ ଦୂରେଇ ଦେଇ ଇହଲୀଳା ସମ୍ବରଣ କଲ। ଯେଉଁଠାରେ ଥାଅ ଆମ୍ଭମାନଙ୍କ ଉପରେ ଶୁଭଦୃଷ୍ଟି ରଖିଥାଅ। ହତଭାଗ୍ୟ-ପତ୍ନୀ ବିଷ୍ଣୁପ୍ରିୟା, ପୁତ୍ର-ବିକ୍ରମ, ବିଶ୍ୱନାଥ ଓ ପରିବାର, ଆତ୍ମୀୟସ୍ୱଜନ।
ଧ-୧୦୬୨୬

### ଶ୍ରଦ୍ଧାଞ୍ଜଳି
### ପ୍ରଥମ ଶ୍ରାଦ୍ଧବାର୍ଷିକୀ




**ସ୍ୱର୍ଗତ ଅକ୍ଷୟ କୁମାର ମିଶ୍ର**
**ପରତରା, ଅନୁଗୁଳ**
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ ପତ୍ନୀ-ପୁଷ୍ପଲତା ମିଶ୍ର, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୬୦୯

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ କେଦାର ଭୂଷଣ ଦାସ**
ବାଗଲପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୭।୦୩।୧୯୩୩
ତିରୋଧାନ: ୦୮।୦୧।୨୦୧୯
ବାବା, ଆପଣଙ୍କର ତିରୋଧାନରେ ସମସ୍ତେ ମର୍ମାହତ। ଆରପାରିରେ ଥିଲେ ସୁଦ୍ଧା ଆପଣଙ୍କର ସ୍ନେହ, ଶ୍ରଦ୍ଧା ଏବଂ ଆଶୀର୍ବାଦ ଆମ ଉପରେ ଅଜାଡି ହୋଇପଡୁ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ସ୍ମୃତିରେ : ସ୍ତ୍ରୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୬୫୩୩୭

### ୨୪ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କାର୍ତ୍ତିକ ନାୟକ**
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳ ସାହି, ନୟାଗଡ଼
ଆବିର୍ଭାବ: ୦୭।୧୦।୧୯୪୧
ତିରୋଧାନ: ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କର ହତଭାଗ୍ୟ ପତ୍ନୀ-କାଞ୍ଚନ, ପୁତ୍ର-ବାପି, ପପୁ, ଝିଅ-ସୁଧା, ରୀନା, ଇତି, ପୁତ୍ରବଧୂ-ସନ୍ଧ୍ୟା, ନାତି-ଦୀପକ, ନାତୁଣୀ-ଆସ୍ଥା, ଶିଖା, ଲିକା, ଲିଜା, ଲିପା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୧୦୬୦୮

### ତୃତୀୟ ଶ୍ରାଦ୍ଧବାର୍ଷିକୀ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଉତ୍ତମ କୁମାର ସାହୁ**
ତୁରୁମୁଙ୍ଗା, କେନ୍ଦୁଝର
ଆବିର୍ଭାବ: ୨୬।୧୨।୧୯୫୦
ତିରୋଧାନ: ୧୮।୦୧।୨୦୧୬
ଆପଣଙ୍କ ସ୍ନେହଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୫୬୧୬୨

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଶକୁନ୍ତଳା ତ୍ରିପାଠୀ**
ତିରୋଧାନ: ୩୧।୧୨।୨୦୦୬
ପଟିଆ, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୫୯୫୨୭


ପ୍ରଥମ ପୃଷ୍ଠାରୁ...

## ଆକ୍ରମଣରେ ଦୁଇ...



ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ ।

ଏହି ସମୟରେ ସ୍ଥାନୀୟ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବାରୁ ସେ ନିକଟରେ ଥିବା ଏକ ଖାତରେ ପଶି କୁଆଡ଼େ ଛପି ଯାଇଥିଲେ। ସମ୍ପୃକ୍ତ ଯୁବକ ମସ୍ତିଷ୍କ ବିକୃତ ଭାବି ଥାନା ଅଧିକାରୀ ସେଠାରୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ନିରଞ୍ଜନ ନିକଟରେ ଥିବା ଏକ କ୍ଲିନିକ ଭିତରେ ପଶି ଯାଇଥିଲେ। ସେଠାରେ ଝିଅ ପାଖକୁ ଆସିଥିବା ବୃଦ୍ଧା ବଦନୀଙ୍କୁ ନିରଞ୍ଜନ ହଠାତ ଆକ୍ରମଣ କରିଥିଲେ। ଏକ ଠେଙ୍ଗରେ ବଦନୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବୃଦ୍ଧା ବଦନୀ ଟଳିପଡ଼ିଥିଲେ। ମା'ର ଚିତ୍କାର ଶୁଣି ଝିଅ ସୁଲୋଚନା(୪୫) ଦୌଡି ଆସିବାରୁ ତାଙ୍କୁ ମଧ ନିରଞ୍ଜନ ଗୋଡାଇ ଗୋଡାଇ ମରଣାନ୍ତକ ଆକ୍ରମଣ କରିଥିଲେ। ସୁଲୋଚନାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ନୟାଗଡ଼ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସୁଲୋଚନାଙ୍କୁ ଆକ୍ରମଣ ପରେ ନିରଞ୍ଜନ ଦୌଡି ଆସି ଗଣେଶ ବଜାରର ରାତ୍ର ଜଗୁଆଳିଙ୍କୁ କାଠଫାଳିଆରେ ଆକ୍ରମଣ କରୁଥିବାବେଳେ ତାଙ୍କ ପାଟି ଶୁଣି ନିକଟସ୍ଥ କୃଷକ ବଜାରର ରାତ୍ର ଜଗୁଆଳି ତ୍ରିଲୋଚନ ସେଠାରେ ପହଞ୍ଚିଥିଲେ। ତ୍ରିଲୋଚନଙ୍କୁ ଦେଖି ତାଙ୍କୁ ମଧ ନିରଞ୍ଜନ କାଠଫାଳିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତ୍ରିଲୋଚନଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନଙ୍କ ଆକ୍ରମଣ ଏତିକିରେ ଶେଷ ହୋଇ ନ ଥିଲା। ତ୍ରିଲୋଚନଙ୍କୁ ଆକ୍ରମଣ ପରେ ନିରଞ୍ଜନ ମନ୍ଦିର ରାସ୍ତାରେ ଦୌଡ଼ିଯାଇ ନିତ୍ୟାନନ୍ଦ ସାହିର ଅମୂଲୀ ବାରିକ(୪୨)ନାମ୍ନୀ ମହିଳାଙ୍କୁ ମଧ ପଥର ଖଣ୍ଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସେଠାରୁ ନିରଞ୍ଜନ ପାଇକ ସାହିରେ ଥିବା ଜଣକ ଗାଧୁଆ ଘରେ ପଶିଯିବା ପରେ ପୋଲିସ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲା। ଏତିକିବେଳେ ଆକ୍ରମଣକାରୀ ଥାନା ଅଧିକାରୀ ପଣ୍ଡାଙ୍କ ଉପରକୁ ଟେକା ଫିଙ୍ଗିବାରୁ ଏଥିରେ ସେ ଆହତ ହୋଇଥିଲେ। ନିରଞ୍ଜନଙ୍କୁ ଧରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଭୋର ବେଳକୁ ସେ ଏକ ଧାନ କଳେଇ ଉପରକୁ ଚଢି ଯିବାରୁ ପୋଲିସ, ଫାୟାର କର୍ମଚାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ମିଳିତ ଭାବେ କାବୁ କରିବାପରେ ପୋଲିସ ତାଙ୍କୁ ହେପାଜତକୁ ନେଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟଲୋକେ ଉତ୍ତ୍ୟକ୍ତ ହୋଇ ଆଇଆଇସିଙ୍କ ନିଲମ୍ବନ, ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଭୋର ୬ଟାରୁ ସହରର ବିଭିନ୍ନ ସ୍ଥାନରେ ୨୧ନମ୍ବର ରାଜ୍ୟ ରାଜପଥରେ ନିଆଁ ଲଗାଇ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଶରଣକୁଳ ଏସଡିପିଓ ନାରାୟଣ ଚନ୍ଦ୍ର ବାରିକ, ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ, ଉପ ଜିଲାପାଳ ଜିତେନ୍ଦ୍ର କୁମାର ସାହୁ ଓ ତହସିଲଦାର ପ୍ରମୋଦ କୁମାର ନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଏନେଇ ଏକ ମାମଲା (ନଂ.୩/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## କଂଗ୍ରେସରୁ ନିଲମ୍ବିତ ...

ଦଳର ଏଭଳି ଆକ୍ସନ ପ୍ଲାନ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନବ ପୂର୍ବରୁ କଂଗ୍ରେସ ଛାଡ଼ିବା ନେଇ ବାରମ୍ବାର ଇଙ୍ଗିତ କରିଥିଲେ। ହେଲେ ସେନେଇ ଦଳ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଫଳରେ ନବଙ୍କ ହଠାତ୍ ଦଳ ଛାଡ଼ିବା ଖବର କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟିକଲା। ତେଣୁ କଂଗ୍ରେସ ଛାଡ଼ିବା ନେଇ ଇଙ୍ଗିତ ଦେଉଥିବା ବିଧାୟକଙ୍କୁ ଆଉ ଦଳ ଝୁଲାଇ ରଖି ନିଜର କ୍ଷତି କରିବାକୁ ଚାହୁଁନାହିଁ ବୋଲି କୁହାଯାଉଛି। ଅନ୍ୟପଟେ ନିରଞ୍ଜନ ପଟ୍ଟନାୟକ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଦାୟିତ୍ୱ ନେବାପରେ ଦଳ ଛାଡ଼ିଥିବା ନେତାଙ୍କୁ ଫେରାଇ ଆଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଦଳ ଛାଡ଼ିବାକୁ ଚାହୁଁଥିବା ନେତାଙ୍କୁ ରଖିବାକୁ ଉଦ୍ୟମ କରିବେ ବୋଲି କହିଥିଲେ। ମାତ୍ର ନିରଞ୍ଜନ ଦାୟିତ୍ୱ ନେବାପରେ ଦଳ ଛାଡ଼ିଥିବା ନେତା ଫେରିନାହାନ୍ତି ବରଂ ଓଲଟି ବହୁ ବରିଷ୍ଠ ନେତା କଂଗ୍ରେସ ଛାଡ଼ି ଅନ୍ୟ ଦଳକୁ ଚାଲିଯାଇଛନ୍ତି। ଅନ୍ୟପଟେ ଦଳର ଆଉ କେତେଜଣ ବିଧାୟକ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ନେଇ ଏକ ପ୍ରକାର ନିଷ୍ପତ୍ତି ନେଇସାରିଥିବା ଜଣାପଡ଼ିଛି। ଏହା ଆଗାମୀ ଦିନରେ ନିରଞ୍ଜନଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଯୋଗେଶ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ୨୫ରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମରେ ସାମିଲ ଦେବେନାହିଁ। ଲୋକେ ହେଉଛନ୍ତି ତାଙ୍କର ପ୍ରଥମ ହାଇକମାଣ୍ଡ। ଅଲଗା କାର୍ଯ୍ୟକ୍ରମ ପାଇଁ ଲୋକମାନଙ୍କୁ ଆଗୁଆ ସମୟ ଦେଇସାରିଛି। ସେଥିପାଇଁ ରାହୁଲଙ୍କ କାର୍ଯ୍ୟକ୍ରମରେ ଯୋଗଦେଇପାରିବେ ନାହିଁ। ଲୋକ ହେଉଛନ୍ତି ମାଲିକ। ଲୋକମାନଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବେ। କଂଗ୍ରେସରେ ରହିବା ନ ରହିବା ନେଇ ମଧ ଲୋକମାନେ ନିଷ୍ପତ୍ତି ନେବେ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଭରପୂର ପ୍ରଶଂସା କରିଥିଲେ। ଏହାକୁ ଶୁଣିବା ପରେ ଶୃଙ୍ଖଳା କମିଟି ପକ୍ଷରୁ ଯୋଗେଶଙ୍କୁ ବୁଧବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ୨୪ଘଣ୍ଟା ମଧ୍ୟରେ କାରଣ ଦର୍ଶାଇବା ଲାଗି କୁହାଯାଇଥିଲା। ମାତ୍ର ସେ କୌଣସି ଉତ୍ତର ନ ରଖିବାରୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ସେଠୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏହାକୁ ନେଇ ଯୋଗେଶ କହିଛନ୍ତି, ମୁଁ କିଛି ଦଳ ବିରୋଧୀ କାର୍ଯ୍ୟ କରିନାହିଁ। ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀଭାବେ ନବୀନ ପଟ୍ଟନାୟକ ସବୁଠି ପ୍ରଶଂସିତ ହେଉଛନ୍ତି। ମୁଁ କହିଦେଲି, ଏହାକୁ ଦଳ ବିରୋଧୀ କୁହାଯିବା ଠିକ୍ ନୁହେଁ। ବ୍ୟକ୍ତିଗତ କାର୍ଯ୍ୟ ଲାଗି ରାହୁଲଙ୍କ କାର୍ଯ୍ୟକ୍ରମରେ ଯୋଗଦେବିନି କହିଥିଲି। ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ ତାଙ୍କ ଝିଅଙ୍କୁ ବିଧାନସଭା ନିର୍ବାଚନରେ ଠିଆ କରିବାକୁ ଚାହୁଁଛନ୍ତି। ସେଥିପାଇଁ ହୁଏତ ଏପରି ସୁଯୋଗ ଖୋଜୁଥିଲେ ବୋଲି ଯୋଗେଶ କହିଛନ୍ତି। ବିଜେଡିରେ ଯୋଗଦେବା ନେଇ ସେ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ କୌଣସି ଅଫର ଆସିନାହିଁ। ସେଭଳି କିଛି ଅଫର ଆସିଲେ ଲୋକଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ହେମାନନ୍ଦ କହିଛନ୍ତି ଯେ, ତାଙ୍କ ଝିଅକୁ ଠିଆକରିବା ପାଇଁ ଯୋଗେଶଙ୍କୁ କଢ଼ାଯିବା କଥାର କିଛି ମୂଲ୍ୟ ନାହିଁ। ଯୋଗେଶ କାଲି କ'ଣ ମନ୍ତବ୍ୟ ରଖିଥିଲେ ସେକଥା ଆଗ କୁହନ୍ତୁ ବୋଲି ହେମାନନ୍ଦ କହିଛନ୍ତି।

## ୨ ଦୋଷୀଙ୍କୁ ୨୦ବର୍ଷ...

ବାଟରେ ସନାତନ ଓ ବିକ୍ରମ ଉଭୟ ଦୁର୍ବ୍ୟବହାର ସହ ଅଶ୍ଳୀଳ ଇଙ୍ଗିତ ମଧ କରିଆସୁଥିଲେ। ୨୦୧୬ ଜାନୁୟାରୀ ୩୧ ତାରିଖ ସନ୍ଧ୍ୟାରେ ସନାତନ ଓ ବିକ୍ରମ ଉଭୟ ନାବାଳିକାଙ୍କୁ ଛୁରି ଦେଖାଇ ଘରୁ ନିଛାଟିଆ ସ୍ଥାନକୁ ନେଇଯାଇ ବାରମ୍ବାର ବଳାତ୍କାର କରିଥିଲେ। ସମ୍ପୃକ୍ତ ନାବାଳିକା ଚେତାଶୂନ୍ୟ ହୋଇଯିବା ପରେ ଘଟଣାସ୍ଥଳରୁ ଉଭୟେ ପଳାଇଥିଲେ। ଚେତା ଫେରିବା ପରେ ନାବାଳିକା ଜଣକ ଘରକୁ ଆସି ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ୨୦୧୬ ଫେବୃୟାରୀ ୯ ତାରିଖରେ ନାବାଳିକାଙ୍କ ପିତା ଘରକୁ ଆସିବା ପରେ ଘଟଣା ବିଷୟରେ ଜାଣିଥିଲେ। ଏହାପରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଳେଶ୍ୱର ଥାନାରେ ମାମଲା (ନଂ. ୨୬/୨୦୧୬) ୩୭୬(୨)(ଆଇ), ୩୭୬(ଡି), ୫୦୬ ଆଇପିସି/୬, ପୋକ୍ସୋ ଆକ୍ଟ ୨୦୧୨ ଧାରାରେ ରୁଜୁ କରାଯାଇଥିଲା। ବିକ୍ରମଙ୍କୁ ଫେବୃୟାରୀ ୧୧ ଓ ସନାତନଙ୍କୁ ମାର୍ଚ୍ଚ ୧୩ ତାରିଖରେ ତତ୍କାଳୀନ ଜଳେଶ୍ୱର ଆଇଆଇସି ଚନ୍ଦନ ଘଡ଼ାଇ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୧୮ ଜଣଙ୍କ ସାକ୍ଷ୍ୟକୁ ଭିତ୍ତି କରି ଜଜ୍ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଆଇନଜୀବୀ ପ୍ରଣବ କୁମାର ପଣ୍ଡା ସରକାରଙ୍କ ତରଫରୁ ଉକ୍ତ ମାମଲା ପରିଚାଳନା କରୁଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ନିଜର ପ୍ରିୟ ନକ୍ଷତ୍ର ରୋହିଣୀରେ ଅବସ୍ଥାନ କରି ଆପଣଙ୍କୁ ଅର୍ଥ, ସୁଖ, ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରି ମୁହଁରେ ହସ ଫୁଟାଇବେ। ଆପଣଙ୍କ ଉପରେ ବୋଝଭଳି ରହିଥିବା ସମସ୍ୟା ଆଜି ହଠାତ୍ ସମାଧାନ ହୋଇଯିବାରୁ ମନ ହାଲୁକା ହୋଇଯିବ। କିନ୍ତୁ ରବି ପାପଗ୍ରହ କେତୁଙ୍କ ସହ କର୍ମସ୍ଥ ପାରିବାରିକ ମତାନ୍ତରଜନିତ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି।

**ବୃଷ** ଦୁଇ ପଣ୍ଡିତଗ୍ରହ ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଯୋଗୁ ଆପଣଙ୍କ କାମ ହାସଲ ସକାଶେ ଆଜି ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁମିଳନ ସଙ୍ଗକୁ ବ୍ୟବସାୟ, ବାଣିଜ୍ୟରେ କିଛି ଅସୁବିଧା ହେବନାହିଁ। କିନ୍ତୁ ପରିବାର ସ୍ଥାନ କେତୁଙ୍କ ଦୃଷ୍ଟିରେ ଅଶାନ୍ତ ରହିପାରେ। ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନିର ଆଶଙ୍କା ରହିଛି।

**ମିଥୁନ** ଶନି ଓ ବୁଧଙ୍କ ରାଶି ପ୍ରତି ଦୃଷ୍ଟି ସ୍ୱାସ୍ଥ୍ୟ ଓ ପରିବାର ପ୍ରତି କୌଣସି ସମସ୍ୟା ଓ ମନସ୍ତାପର କାରଣ ବନିପାରେ। ମାତ୍ର ତା' ବୋଲି ତରବରିଆ ପଦକ୍ଷେପ ନେଲେ ସମସ୍ୟାର ସମାଧାନ କରିବାକୁ ଯାଇ ସମସ୍ୟାକୁ ବଢାଇ ଦେଇପାରନ୍ତି। ମାଲିମକଦ୍ଦମା, ଆଗାମୀ ପ୍ରମୋଶନ ଓ ଅଯଥା ଟେନ୍‌ସନ ସୃଷ୍ଟି ହୋଇ ମନକୁ ଭାରାକ୍ରାନ୍ତ କରିପାରେ।

**କର୍କଟ** ଲାଭସ୍ଥାନରେ ଉଚ୍ଚସ୍ଥ ରାଶ୍ୟାଧିପତି ଥିବାରୁ ଆଜି ଯାହା ଆଶା କରୁଛନ୍ତି, ତାହା ଅଚିରେ ପୂରଣ ହୋଇପାରିବ। ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କଲେ ମଧ ଆପଣଙ୍କର କୌଣସି ଅସୁବିଧା ହେବନି। ଆଜିର ଦୂର ଯାତ୍ରା, ବନ୍ଧୁ ମିଳନ, ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ** ପାପଗ୍ରହ ଯୁକ୍ତ ରାଶ୍ୟାଧିପତି କୌଣସି ଗୁରୁବର୍ଗଙ୍କ ସହ ମତାନ୍ତରର କାରଣ ହେବ। ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ସମତାଳ ଦେଇ କାମ କରିବା କଷ୍ଟକର ହେବ। ତଥାପି ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସମୟକୁ ଟିକିଏ ଅପେକ୍ଷା କରିପାରିଲେ ପ୍ରତ୍ୟେକ ଦିଗରୁ ଉପକୃତ ହୋଇପାରିବେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବାର ସୁଯୋଗ ପାଇବେ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ର ସକାଶେ ଆଜିର ଦିନଟିରେ ଭଲ ଓ ମନ୍ଦର ମିଶ୍ରିତ ଫଳ ଅନୁଭବ କରିବେ। ଏଣେ କର୍ମକ୍ଷେତ୍ରରେ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି।

**ତୁଳା** ରାଶ୍ୟାଧିପତି ଧନ ସ୍ଥାନରେ ଗୁରୁଯୁକ୍ତ କାରଣରୁ ସାମାନ୍ୟ ପ୍ରତିବନ୍ଧକ ମଧ୍ୟରେ ଇଚ୍ଛିତ ଫଳଲାଭ କରିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ନୂତନଗୃହ, ଯାନବାହାନାଦି ଲାଭର ସୁଯୋଗ ପାଇବାର ଆଶା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦଘେରରେ ପଡିବେ।

**ବିଛା** ବନ୍ଧୁଙ୍କ ଉପରେ ବୃଥା ଅଭିମାନ କରି ଚୁପ୍ ରହିଲେ ସୁଯୋଗ ହରାଇବା ହିଁ ସାର ହେବ। ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ କେତେକାଂଶରେ ହୋଇପାରେ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଅଧ୍ୟୟନ ଓ ଅଧ୍ୟାପନାରେ ସମୟକୁ ବିନିଯୋଗ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ଶିଳ୍ପ ଓ ବାଣିଜ୍ୟରେ ଉନ୍ନତିର ପଥରୋଧ ଘଟିପାରେ।

**ଧନୁ** ଦ୍ୱାଦଶରେ ରାଶ୍ୟାଧିପତି ଓ ପାପଗ୍ରହମାନେ ରାଶିସ୍ଥ ହେତୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଚତୁର୍ଥଭାବ ପ୍ରତି ଦ୍ୱାଦଶରୁ ଗୁରୁଦୃଷ୍ଟି ନୂତନ ଗୃହ, ଯାନବାହନାଦି କ୍ରୟ କରିବା ସକାଶେ ଯୋଜନା କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢିପାରେ, ମାତ୍ର ପୂର୍ଣ୍ଣତଃ ସନ୍ତୁଷ୍ଟ ହୋଇପାରିବେ ନାହିଁ। ପଡୋଶୀଙ୍କ କଥାରେ ପ୍ରଭାବିତ ହେଲେ ଭୁଲ୍ କରିବେ।

**ମକର** କୋଣସ୍ଥାନରେ ସପ୍ତମାଧିପତି ଆପଣଙ୍କ ସମ୍ପର୍କକୁ ଦୃଢୀଭୂତ କରିବେ। ସ୍ୱାସ୍ଥ୍ୟସମସ୍ୟା, ବାଣିଜ୍ୟ, ପରିବହନ, ଯାତ୍ରା ତଥା ଅତୀତ ଘଟଣା ମନରେ ବାରମ୍ବାର ଆଲୋଡନ ସୃଷ୍ଟିକରିବ। ଷ୍ଟେସନେରି ଜିନିଷ ତଥା ହୋଟେଲ ବ୍ୟବସାୟରେ ସଫଳତା ହାସଲ କରିବେ। ଭ୍ରମଣ, ଆନୁଷ୍ଠାନିକ କାମ ଓ ଆଜିର ଆଲୋଚନା ମଧ ପ୍ରତିଦାୟକ ରହିବ।

**କୁମ୍ଭ** ଶନିଙ୍କ ରାଶିପ୍ରତି ପୂର୍ଣ୍ଣଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ। ଆଜି ଯେଉଁ କାମରେ ହାତଦେବେ ତାହା ଅବଶ୍ୟ ସାମାନ୍ୟ ବିଳମ୍ବରେ ସାଧିତ ହୋଇପାରିବ। ମିଥ୍ୟାଗୁଜବ କିମ୍ବା ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପୂର୍ବ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ଓ ଅର୍ଥଲାଭ ହେବ ।

**ମୀନ** ଚନ୍ଦ୍ରଙ୍କ ଧର୍ମଭାବ ପ୍ରତି ଦୃଷ୍ଟି ଧାର୍ମିକ ତଥା ଜନହିତକର କାମ କରିବା ସକାଶେ ମନ ଦେଇପାରନ୍ତି। ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସାବଧାନ ରହିବା ଭଲ ହେବ। ଈର୍ଷାପରାୟଣ ହୋଇ ନିଜ ପରିସରର ବ୍ୟକ୍ତିବିଶେଷ ଅସହଯୋଗ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

ଆଜି ପୌଷ ଶୁକ୍ଳ ଦ୍ୱାଦଶୀ ଶୁକ୍ରବାର, ବୈଷ୍ଣବ ସମ୍ମତ ଜୟନ୍ତୀ ଏକାଦଶୀ ଉପବାସ, ଜାନୁୟାରୀ ୧୮ତାରିଖ, ରାଶି ନକ୍ଷତ୍ର ମୂଳା-ଦିବା ଘ.୧।୧୧ମି. ପର୍ଯ୍ୟନ୍ତ ରୋହିଣୀ/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଗୃହାରମ୍ଭ ଓ ଗୃହ ପ୍ରତିଷ୍ଠା, ବିବାହ ପାଣିଗ୍ରହଣ, ଦିବା ଘ.୭।୫୨ମି. ମଧ୍ୟେ, ଘ.୪।୦୮ମି. ଗତେ ଘ.୫।୩୦ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୭।୫୨ମି. ଗତେ, ଘ.୯।୧୫ମି. ମଧ୍ୟେ ଘ.୧୦।୦୨ମି. ଗତେ, ଘ.୧।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୩୪ମି. ଗତେ ଘ.୧୧।୫୭ମି. ମଧ୍ୟେ ରାହୁକାଳ।

ଆରମ୍ଭ ହେଲା ୩ ଦିନିଆ ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀ

# ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ

## ମାଓବାଦୀ ଦମନ ଲାଗି ରଣନୀତି ପ୍ରସ୍ତୁତ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହା ପୋଲିସ ପାଇଁ ଏକ ବଡ ଚ୍ୟାଲେଞ୍ଜ ହେବ। କିଭଳି ନିର୍ବାଚନକୁ ସୁରୁଖୁରୁରେ ସମାପନ କରିହେବ ସେଥିଲାଗି ପୋଲିସକୁ ସ୍ୱତନ୍ତ୍ର ରଣକୌଶଳ ଆପଣାଇବାକୁ ପଡିବ। ତେଣୁ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାରଠାରୁ ସ୍ଥାନୀୟ ପୋଲିସ ଭବନରେ ଆରମ୍ଭ ହୋଇଥିବା ୩ ଦିନିଆ ୬୧ତମ ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀକୁ ଉଦ୍‌ଘାଟନ କରି ଶର୍ମା ଏହା କହିଛନ୍ତି।

ସମ୍ମିଳନୀରେ ମାଓବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯିବା ଲାଗି ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କିଭଳି ଅପରେଶନ୍‌କୁ ଜୋରଦାର କରାଯିବ ଓ ଅଧିକ ଫୋର୍ସ ମୁତୟନ ହେବ ସେନେଇ ଆଲୋଚନା ହୋଇଥିଲା। ଏହାସହ ଗୋଇନ୍ଦା ରିପୋର୍ଟ ଆଧାରରେ ରଣନୀତି ପ୍ରସ୍ତୁତ କରିବା, ପଡୋଶୀ ରାଜ୍ୟ ସହ ସମନ୍ୱୟ ରଖି ଅପରେଶନକୁ ଜୋରଦାର କରିବାକୁ ଡିଜିପି ଯୁବ ଆଇପିଏସ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଦିନକୁ ଦିନ ମାଓବାଦୀମାନେ ନୂଆ ରଣକୌଶଳ ଆପଣାଉଥିବାରୁ ଏହାକୁ କିପରି ପ୍ରତିହତ କାରାଯିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ହକି ବିଶ୍ୱକପ୍‌ର ସଫଳତା ଲାଗି ମଧ୍ୟ ଡିଜିପି ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ଡିଜିପି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି, ଗଣବିକ୍ଷୋଭ ସମୟରେ ଠିକ୍ ପରିଚାଳନା, ଅପରାଧ ନିୟନ୍ତ୍ରଣ, ପୋଲିସ ପାଇଁ ଆଗକୁ କ'ଣ ଚ୍ୟାଲେଞ୍ଜ ରହିବ, ପୋଲିସ ରଣକୌଶଳରେ କ'ଣ ପରିବର୍ତ୍ତନ କରାଯିବ, ସାଇବର ଅପରାଧକୁ କିଭଳି ନିୟନ୍ତ୍ରଣ କରାଯିବ ସେସବୁ ବିଷୟରେ ସମ୍ମିଳନୀରେ ଆଲୋଚନା ହେବ।


ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀରେ (ବାମରୁ ତୃତୀୟ) ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଅଧିକାରୀମାନଙ୍କୁ ପରାମର୍ଶ ଦେଉଛନ୍ତି।

ସାଇବର ଅପରାଧ ରୋକିବା ପାଇଁ ପୋଲିସକୁ ଜ୍ଞାନକୌଶଳ ଯୋଗାଇ ଦିଆଯିବା ସହ ବାହାରୁ ସାଇବର ବିଶେଷଜ୍ଞମାନଙ୍କୁ ଅଣାଯାଇ ପ୍ରଶିକ୍ଷଣ ଦିଆଯିବ। ସୋସିଆଲ ମିଡିଆ ଉପରେ ନଜର ରଖିବା ପାଇଁ ସୋଲିଆଲ ମିଡିଆ ମନିଟରିଂ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସମ୍ମୀଳନୀର ଦ୍ୱିତୀୟ ଦିନରେ ଆଇପିଏସ୍ ଅଧିକାରୀମାନେ ସାଇବର ବିଶେଷଜ୍ଞମାନଙ୍କଠାରୁ ଜ୍ଞାନ ଆହାରଣ କରିବେ।

୨୦୧୯ ପାଇଁ ପୋଲିସର କ'ଣ ରଣନୀତି ରହିବ ସେନେଇ ଆଲୋଚନା କରାଯିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ପୋଲିସ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ଏହି ସମ୍ମିଳନୀରେ ବିଭିନ୍ନ ଜିଲାରେ କାର୍ଯ୍ୟ କରୁଥିବା ୧୩୬ ଆଇପିଏସ୍ ଅଧିକାରୀ ଯୋଗ ଦେଇଥିଲେ। ସମ୍ମିଳନୀର ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପାହାଡ଼ ଉପରୁ ମିଳିଲା ହାତୀ ମୃତଦେହ

କପ୍ତିପଦା, ୧୭।୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ ଜାମଚୁଆ ପାହାଡ ଉପରେ ଏକ ଅଣ୍ଡିରା ହାତୀର ମୃତଦେହ ପୋତାଯାଇଥିବା ଖବର ପାଇ ଗୁରୁବାର ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରୁ ହାତୀର ମୃତଦେହ ବାହାର କରାଯାଇ ବ୍ୟବଚ୍ଛେଦ ପରେ ପୁଣି ପୋତି ଦିଆଯାଇଛି। ଏହି ସମ୍ପୂର୍ଣ୍ଣ ଘଟଣାରେ ଜଣେ ବନ ଅଧିକାରୀ ସମ୍ପୃକ୍ତ ଥିବା ସୂଚନା ମିଳିଛି। ତଦନ୍ତ ପାଇଁ ଏସିଏଫ୍‌ଓ ଶରତ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରିପଦା ଡିଏଫ୍‌ଓ ସୟମ ମଲ୍ଲିକ କହିଛନ୍ତି। ମୃତ ହାତୀର ବୟସ ୪ ମାସ ପାଖାପାଖି ହେବ ବୋଲି କପ୍ତିପଦା ରେଞ୍ଜର ମହେଶ୍ୱର ସିଂ କହିଛନ୍ତି। ତେବେ ହାତୀର ମୃତ୍ୟୁ କିପରି ହେଲା, ଏନେଇ ଉପରିସ୍ଥ ଅଧିକାରୀଙ୍କୁ କ'ଣ ପାଇଁ ଅବଗତ କରାଗଲା ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଡିଏଫ୍‌ଓ ସୟମ ମଲ୍ଲିକ କହିଛନ୍ତି, ସ୍ଥାନୀୟ ଲୋକେ ଜାଳେଣି କାଠ ପାଇଁ ଯାଇଥିବା ବେଳେ ରବିବାର ହାତୀଟିର ମୃତଦେହ ଦେଖି ଜଣେ ବନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବନ ଅଧିକାରୀ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ ନ କରି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ହାତୀଟିକୁ ପୋତି ଦେଇଥିଲେ। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଗୁରୁବାର ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ୱାଇଲ୍ଡ ଲାଇଫ୍ ଜିଲା କାର୍ଯ୍ୟାଳୟ ପକ୍ଷରୁ ଡ. ଖାନିନ ଚାଙ୍ଗମାୟ, ଡ. ପୀୟୂଷ ସରେନ, କପ୍ତିପଦା ରେଞ୍ଜର, ଫରେଷ୍ଟର ଶୁଭଙ୍କର ସିଂ, ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ, କପ୍ତିପଦା ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱଜିତ୍ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟ ଏକ ହାତୀ ସହ ଲଢେଇ ଯୋଗୁ ଏହି ଛୁଆ ହାତୀଟିର ମୃତ୍ୟୁ ହୋଇଥାଇପାରେ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଉଛି।



- ପୋତି ଦିଆଯାଇଥିବା ଅବସ୍ଥାରେ ଉଦ୍ଧାର
- ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ

ହାତୀର ମୃତଦେହ ପୋତାଯାଇଥିବା ସ୍ଥାନକୁ ଖୋଳି ତାହାକୁ ବାହାର କରାଯାଇଥିଲା। ପ୍ରାଣୀ ଚିକିତ୍ସାଧିକାରୀ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପୁଣି ସେଠାରେ ପୋତି ଦିଆଯାଇଛି।

# ଓଡ଼ିଆ ଅଭିନେତ୍ରୀରୁ ମାତା ମାହେଶ୍ୱରୀ

ଜୟପୁର, ୧୭।୧
(ଡି.ଏନ୍.ଏ./ନି.ପ୍ର.)

ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍ ଜଗତରେ ନିଜ ରୂପ ଓ ଅଭିନୟ ଦ୍ୱାରା ଏକଦା ଦର୍ଶକଙ୍କ ହୃଦୟ ଜିଣିଥିବା ଅଭିନେତ୍ରୀ ଶ୍ୱେତା ମଲ୍ଲିକ ଏବେ ସେଲିବ୍ରିଟିରୁ ଆତ୍ମଘୋଷିତ 'ମାତା ମାହେଶ୍ୱରୀ' ପାଲଟି ଯାଇଛନ୍ତି। ପରଦାରୁ ବହୁଦିନ ହେଲା ଉଭାନ୍ ଥିବା ଏହି ଅଭିନେତ୍ରୀ ଜଣକ ଏବେ ଆକସ୍ମିକ ଭାବେ ସନ୍ନ୍ୟାସିନୀ ରୂପରେ କୋରାପୁଟ ଜିଲା ଜୟପୁରରେ ଆବିର୍ଭାବ ହେବା ପରେ ତାଙ୍କୁ ନେଇ ଜୟପୁର ସହର ସମେତ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋର୍ ଧରିଛି। ତାଙ୍କ ବ୍ୟତୀତ ସମ୍ରାଟ କ୍ୟାସେଟ୍ କମ୍ପାନିର ମାଲିକ ବିଶ୍ୱମ୍ଭର ସାବତ ମଧ୍ୟ ଆଧାତ୍ମିକ ପରିବର୍ତ୍ତନ କ୍ରମରେ ନିଜକୁ ବାବା ଅନନ୍ତ କେଶରୀ ସମ୍ରାଟ ବିଶ୍ୱମ୍ଭର ମହାରାଜ ରୂପେ ପରିଚୟ ଦେଉଛନ୍ତି। ଉଭୟ ନିଜକୁ ଦିବ୍ୟମହିଳା ଓ ପୁରୁଷ ଭାବେ ଆତ୍ମଘୋଷଣା କରିବା ସହ ଈଶ୍ୱରଙ୍କ ସହ ସେମାନେ ପ୍ରତ୍ୟକ୍ଷ ସମ୍ପର୍କରେ ଥିବା କହୁଛନ୍ତି।


ମାତା ମାହେଶ୍ୱରୀ


ବାବା ଅନନ୍ତ କେଶରୀ

- ଜୟପୁରରେ ଚାଲିଛି କଳକୀ ମହାଯଜ୍ଞ
- ପଦ୍ମ ଆସନରେ ବସିଛନ୍ତି ଆତ୍ମଘୋଷିତ ମାତା
- କ୍ୟାସେଟ୍ କମ୍ପାନୀ ମାଲିକ ହେଲେ ବାବା ଅନନ୍ତ କେଶରୀ

କୋରାପୁଟ ଜିଲା ଜୟପୁରର ସୌରାଗୁଡ଼ାରେ ସିରିଡି ସାଇବାବା ମନ୍ଦିର ନିକଟରେ ଗତ ୧୧ ତାରିଖରୁ ବିଶ୍ୱଶାନ୍ତି ପାଇଁ କଳକୀ ମହାଯଜ୍ଞ ଚାଲିଛି। ପୁରୀରୁ ୫ରୁ ୬ ଜଣ ବ୍ରାହ୍ମଣ ବୈଦିକ ରୀତିନୀତିରେ ମନ୍ତ୍ର ଉଚ୍ଚାରଣ ସହ ହୋମଯଜ୍ଞ କରୁଛନ୍ତି। ଯଜ୍ଞସ୍ଥଳରେ ଥିବା କୁଟିରରେ ସପ୍ତଫେଣୀ ସର୍ପ ଫଣା ତଳେ ବାବା ଅନନ୍ତ କେଶରୀ ବିରାଜମାନ ଥିବାବେଳେ ପଦ୍ମଫୁଲ ଉପରେ ଆସୀନ ହୋଇଛନ୍ତି ମାତା ମାହେଶ୍ୱରୀ। ସେମାନଙ୍କ ଦର୍ଶନ ପାଇଁ ଦୈନିକ ବହୁ ଲୋକ ଆସୁଛନ୍ତି। ଭକ୍ତମାନେ ମାତା ଓ ବାବାଙ୍କ ଗୋଡ଼ ଧୋଇ ପୂଜା କରୁଛନ୍ତି। ଏ ସମ୍ପର୍କରେ ମାତା ଓ ବାବା କହିଛନ୍ତି, ୧୫ ବର୍ଷ ହେଲାଣି ସେମାନେ ସାଂସାରିକ ମୋହ ଛାଡ଼ି ଆଧାତ୍ମିକ ଚିନ୍ତା ଚେତନାରେ ଅନୁପ୍ରାଣିତ ହେବା ସହ ବିଶ୍ୱଶାନ୍ତି ପାଇଁ ହୋମଯଜ୍ଞ କରୁଛନ୍ତି। ଜୟପୁରରେ ୨୭ତମ ବିଶ୍ୱଶାନ୍ତି ଯଜ୍ଞ କରିବା ପାଇଁ ସେମାନଙ୍କୁ ଦିବ୍ୟବାଣୀ ହୋଇଥିଲା। ପୂର୍ବ ଯଜ୍ଞ ନେପାଳରେ ହୋଇଥିବା ବେଳେ ଆଗାମୀ ଯଜ୍ଞ ଶ୍ରୀଲଙ୍କାରେ ଆୟୋଜନ କରାଯିବ ବୋଲି ସେମାନେ କହିଥିଲେ। କିନ୍ତୁ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ତାଙ୍କୁ ନେଇ ଅପପ୍ରଚାର କରୁଥିବା ମାତାଜୀ ଓ ବାବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସାଇବାବା ମନ୍ଦିରର ପୂଜକ ସାଗର ମିଶ୍ର କହିଛନ୍ତି, ହୋମଯଜ୍ଞ ନିଷ୍ଠାର ସହ କରାଯାଉଛି। ଏନେଇ କୌଣସି ଆପତ୍ତି ନାହିଁ; କିନ୍ତୁ ଉଭୟ ନିଜକୁ ଲକ୍ଷ୍ମୀନାରାୟଣଙ୍କ ଅବତାର ବୋଲି କହିବା ସନାତନ ଧର୍ମପ୍ରତି ଅପମାନ ବୋଲି ସେ ଅଭିଯୋଗ ଉଠାଇଛନ୍ତି।

ରୁପେଲି ପରଦାରେ ପ୍ରତିଷ୍ଠା ପାଇବା ପରେ ହଠାତ୍ ସେହି ମୋହ ଛାଡ଼ି ଆଧାତ୍ମିକତାର ମୋହରେ ପଡ଼ିବା ପ୍ରଥମ ନୁହେଁ। ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନାୟକ ଭାବେ ଦର୍ଶକଙ୍କ ହୃଦୟରେ ଏକଦା ଛାଇ ହୋଇ ରହିଥିବା ବିଗତ ଦିନର ଅଭିନେତା ଶ୍ରୀରାମ ପଣ୍ଡା ହଠାତ୍ ସ୍ୱାମୀ ନିତ୍ୟ ଚୈତନ୍ୟ ପାଲଟିଯିବା ସମସ୍ତଙ୍କୁ ବିସ୍ମିତ କରିଦେଇଥିଲା।

**ମା' ସରସ୍ୱତୀ ବିଦ୍ୟାମନ୍ଦିର, ମାଣିତରା, ଗଞ୍ଜାମ**
**ନାମଲେଖା ବିଜ୍ଞାପନ ୨୦୧୯-୨୦**
Regd. No. GJM-7696-148/2007-08
ଶିଶୁଙ୍କ ବୟସ: (୦୧।୦୪।୨୦୧୯ ସୁଦ୍ଧା)
ଶିଶୁ ପ୍ରାରମ୍ଭ: ୩+ ବର୍ଷ | ଶିଶୁ ବୋଧ: ୪+ ବର୍ଷ
ଆବେଦନପତ୍ର ବିକ୍ରି ତା୦୧।୦୨।୨୦୧୯ଠାରୁ ତା୩୦।୦୪।୨୦୧୯ ପ୍ରତ୍ୟହ ଦିବା ଘ.୧୦ରୁ ଘ.୪ ମଧ୍ୟରେ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ। ଶିକ୍ଷା ଅଧିକାର ଆଇନ ଅନୁସାରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଯଥାକ୍ରମେ SC, ST ଏବଂ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ ୨୫% ସ୍ଥାନ ସଂରକ୍ଷଣ ଅଛି। ପ୍ରଥମ ଶ୍ରେଣୀ ନିମନ୍ତେ ଶିଶୁଙ୍କ ବୟସ ତା୦୧।୦୪।୨୦୧୯ସୁଦ୍ଧା ୫+ ବର୍ଷ ହେବା ଦରକାର।
ଜନ୍ମ ପ୍ରମାଣପତ୍ରର ନକଲ ଓ ଆଧାରକାର୍ଡ଼ର ନକଲ ସହିତ ଆବେଦନ ପତ୍ର ଓଡ଼ିଆରେ ପୂରଣ କରି ବିଦ୍ୟାଳୟରେ ଦାଖଲ କରିବେ। **ବି.ଦ୍ର.:** ଯାତାୟାତ ନିମନ୍ତେ ବିଦ୍ୟାଳୟର ନିଜସ୍ୱ ବାହନ ବ୍ୟବସ୍ଥା ରହିଛି।
ଯୋଗାଯୋଗ: ୯୯୩୭୯୫୯୦୦୬, ୯୫୮୩୯୧୩୫୯୫
ସ୍ୱା./- ପ୍ରଧାନାଚାର୍ଯ୍ୟ






ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ପରିଚାଳିତ ହୁଏ– ସେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଏକ ନିକୃଷ୍ଟ ଜନ୍ତୁରେ ପରିଣତ ହୁଏ।

–ଶ୍ରୀମା

# ଲେଖାନୁଦାନରେ ସୀମିତ ରୁହ

ସାଧାରଣ ନିର୍ବାଚନ ଆଉ ଅଳ୍ପ କେଇମାସ ବାକି ରହିଲା। ନିର୍ବାଚନ ଆୟୋଗ ପକ୍ଷରୁ ଏ ନେଇ ଯଥାସମୟରେ ବିଜ୍ଞପ୍ତି ଜାରି ହେବ। ତେବେ ଏହି ନିର୍ବାଚନ ପୂର୍ବରୁ ସରକାର ଲେଖାନୁଦାନ ନା ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ, ତାହା ଜଣାପଡ଼ି ନାହିଁ। ବଜେଟ୍ ପାଇଁ ଆଉ ମାତ୍ର ପ୍ରାୟ ଦୁଇ ସପ୍ତାହ ବାକି ଥିବାବେଳେ ହଠାତ୍ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅସୁସ୍ଥ ହୋଇପଡ଼ିବାରୁ ଏ ନେଇ ଅନିଶ୍ଚିତତା ଦେଖାଦେଇଛି। ଆମେ ଆଶା କରୁଛୁ ଓ ପ୍ରାର୍ଥନା କରୁଛୁ ଯେ, ଜେଟ୍‌ଲୀ ଖୁବ୍‌ଶୀଘ୍ର ସୁସ୍ଥ ହୋଇଉଠନ୍ତୁ ଓ ଫେବୃୟାରୀ ପୂର୍ବରୁ କାର୍ଯ୍ୟରେ ଯୋଗ ଦିଅନ୍ତୁ। କେନ୍ଦ୍ର ବଜେଟ୍ ପୂର୍ବରୁ ସାଧାରଣତଃ ଯେଉଁ ଉତ୍ସାହ ଦେଖିବାକୁ ମିଳେ, ତାହା ଏବେ ଦେଖିବାକୁ ମିଳୁନି। ବିଭିନ୍ନ ଶିଳ୍ପ, ବାଣିଜ୍ୟିକ ସଂସ୍ଥା ଓ ଷ୍ଟେକ୍ ହୋଲ୍‌ଡରମାନଙ୍କ ସହ ନିତ୍ୟନୈମିତ୍ତିକ ପ୍ରାକ୍–ବଜେଟ୍ ଆଲୋଚନା ମଧ୍ୟ ଦୃଶ୍ୟମାନ ହେଉନାହିଁ। ତେଣୁ ସରକାର କି ଯୋଜନା କରୁଛନ୍ତି, ତାହା କାହାରିକୁ ଜଣାନାହିଁ।

ପରମ୍ପରା ଅନୁସାରେ, ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ବଦଳରେ ଲେଖାନୁଦାନ ଭିତରେ ସୀମିତ ରହିବା କଥା। ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ସେହି ଅନୁସାରେ ଖର୍ଚ୍ଚବାର୍ଚ୍ଚ କରିବା ପାଇଁ ପାର୍ଲାମେଣ୍ଟର ଅନୁମୋଦନ ନେବା କଥା। ବାସ୍ତବରେ ଏ ସରକାର ପାଇଁ ଏହା ଉପଯୁକ୍ତ ପଦକ୍ଷେପ ହେବ। ସାଧାରଣତଃ ଏକ ନିର୍ବାଚନ ବର୍ଷରେ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ଉଚିତ ନୁହେଁ, ଯଦିଚ ଆଇନତଃ ଓ ବାସ୍ତବ ଅର୍ଥରେ ସରକାର ବିଭିନ୍ନ ଯୋଜନା, ନୀତି, ଟିକସ ହାର ଇତ୍ୟାଦି ସହ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାରେ କିଛି ଭୁଲ୍ ନାହିଁ। କିନ୍ତୁ ନିର୍ବାଚନ ପରେ ଯେଉଁ ନୂଆ ସରକାର ଆସିବେ, ସେମାନେ ଯଦି ଚାହିଁବେ ଏ ବଜେଟ୍‌ର ପ୍ରସ୍ତାବଗୁଡ଼ିକୁ ଅଗ୍ରାହ୍ୟ କରି ନିଜର ନୂଆ ବଜେଟ୍ ଉପସ୍ଥାପନ କରିପାରିବେ। ସେଥିପାଇଁ କୌଣସି ହୋହଲ୍ଲାର ଆବଶ୍ୟକତା ନାହିଁ।

ଏହା ହେଉଛି ଏ ସରକାରର ଶେଷ ବଜେଟ୍। ନିର୍ବାଚନ ଆଉ ଅଳ୍ପଦିନ ବାକି ଥିବାବେଳେ ଅନେକ ରାଜ୍ୟରେ ଏନ୍‌ଡିଏ ସରକାରକୁ ନାନା ବିପରୀତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଏହା ଏକ ଲୋକାଭିମୁଖୀ ବଜେଟ୍ ହେବାର ସମ୍ଭାବନା ରହିଛି। ନିକଟରେ ଭାରତୀୟ ଜନତା ପାର୍ଟି (ଭାଜପା) ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନରେ ହାରିବା ସହ ତିନୋଟି ରାଜ୍ୟରେ କ୍ଷମତାଚ୍ୟୁତ ହୋଇଛି। ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ ଗୃହୀତ ହେବାକୁ ନେଇ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ବହୁ ଲୋକଙ୍କ ଭିତରେ ସରକାର–ବିରୋଧୀ ମନୋଭାବ ସୃଷ୍ଟି ହୋଇଛି। ସାରା ଦେଶରେ କୃଷକମାନେ ନାନା ସମସ୍ୟା ଭୋଗୁଛନ୍ତି। ଅଳ୍ପ କେତେକ ରାଜ୍ୟ ସରକାର କୃଷିଋଣ ଛାଡ଼ ଘୋଷଣା କରିଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ କୃଷିଋଣ ଛାଡ଼ ଦାବି ଜୋର ଧରିବାର ଜଣାପଡୁଛି। ଏ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଅନିଶ୍ଚିତ ଆଭିମୁଖ୍ୟ ପରିସ୍ଥିତିକୁ ସଙ୍ଗିନ କରିଛି। କେତେକ ଭାଜପା–ଶାସିତ ରାଜ୍ୟ କୃଷିଋଣ ଛାଡ଼ ଘୋଷଣା କରିଥିବା ବେଳେ ପ୍ରଧାନମନ୍ତ୍ରୀ ଏହାକୁ ନାପସନ୍ଦ କରିଛନ୍ତି। ଓଡ଼ିଶାରେ ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ କୃଷକମାନଙ୍କୁ ସମ୍ପୂର୍ଣ୍ଣ ନ ହେଲେ ବି ଅନେକାଂଶରେ ସନ୍ତୁଷ୍ଟ କରିବାରେ ସଫଳ ହୋଇଛନ୍ତି। ଗ୍ରାମାଞ୍ଚଳରେ ଏ କାର୍ଯ୍ୟକ୍ରମ ପ୍ରତି ଅଭୂତପୂର୍ବ ଆଗ୍ରହ ଦେଖିବାକୁ ମିଳିଛି। ଯୋଜନାରେ ସାମିଲ ହେବା ଲାଗି ଯୋଗ୍ୟତା ଥାଉ ବା ନ ଥାଉ ବହୁ ଅଧିକ ଲୋକ କାଳିଆ ଫର୍ମ ପାଇବାକୁ ଚାହୁଁଥିବା ବେଳେ କର୍ତ୍ତୃପକ୍ଷ ତାହା ଯୋଗାଇପାରୁ ନାହାନ୍ତି। ତେବେ ଏ କାଳିଆ ଯୋଜନା ସରକାରୀ ଦଳକୁ ଆଗାମୀ ନିର୍ବାଚନରେ ସାହାଯ୍ୟ କରିବ କି ନା ତାହା ସମୟ କହିବ।

## ଆଜିର ଅର୍ଥନୀତି

ଏପରି ଆହ୍ୱାନପୂର୍ଣ୍ଣ ସମୟରେ କେନ୍ଦ୍ର ସରକାର କେବେହେଲେ ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁବେ ନାହିଁ। ତେଣୁ ସରକାର ଏଥର ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାର ସମ୍ଭାବନା ଅଛି, ଯାହା ଲୋକାଭିମୁଖୀ ହୋଇଥିବ। ସରକାର ନିଶ୍ଚୟ ବେତନଭୋଗୀ ସହରୀ ମଧ୍ୟବିତ୍ତବର୍ଗଙ୍କୁ ସନ୍ତୁଷ୍ଟ କରିବାକୁ ଚାହିଁବେ, ଯେଉଁମାନେ କେନ୍ଦ୍ର ବା ରାଜ୍ୟ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ସର୍ବଦା ବଞ୍ଚିତ ରହିଆନ୍ତି। ଅର୍ଥମନ୍ତ୍ରୀ ଏଥର ବ୍ୟକ୍ତିଗତ ଆୟକର ଛାଡ଼ସୀମା ବୃଦ୍ଧି କରିବାର ସମ୍ଭାବନା ରହିଛି। ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟଶୈଳୀକୁ ଦେଖିଲେ ମନେ ହୁଏ, ଅର୍ଥମନ୍ତ୍ରୀ ଉତ୍ପାଦ ଶୁଳ୍କ ହ୍ରାସ ଭଳି କିଛି ବଡ଼ ଘୋଷଣା କରିପାରନ୍ତି। କାରଣ ତାହାହେଲେ ବିରୋଧୀମାନେ ଏହାକୁ ଆଉ ବିରୋଧ କରିପାରିବେ ନାହିଁ ଏବଂ ନୂଆ ସରକାର ଆସିଲେ ଏହାକୁ ଆଉ ସହଜରେ ବଦଳାଇପାରିବେ ନାହିଁ। ଏହା ଭୋଟରମାନଙ୍କୁ ଏକ ପ୍ରକାର ଆହ୍ୱାନ– ଯଦି ତୁମେ ଆମକୁ ଭୋଟ ଦେଇ ନିର୍ବାଚିତ କରିବ, ତା'ହେଲେ ଏ ପ୍ରତିଶ୍ରୁତ ଜିନିଷଗୁଡ଼ିକ ପାଇବ। ସାଧାରଣବର୍ଗର ଗରିବମାନଙ୍କ ଲାଗି ଶିକ୍ଷା ଓ ଚାକିରି କ୍ଷେତ୍ରରେ ସରକାର ଯେଉଁ ୧୦ ପ୍ରତିଶତ ସଂରକ୍ଷଣ ସଂସଦରେ ଗୃହୀତ କରାଇନେଲେ, ସେଥିରେ ସେହି ଏକା କୌଶଳ ଅବଲମ୍ବନ କରାଯାଇଥିଲା।

ତେବେ ସରକାର ଏପରି କରିବା ଉଚିତ ନୁହେଁ। କାରଣ ଏ ସରକାରଙ୍କ କାର୍ଯ୍ୟକାଳ ସରିଆସୁଛି ଏବଂ ଏମାନେ ଆସନ୍ତା ପାଞ୍ଚବର୍ଷ ପାଇଁ ଜନାଦେଶ ପାଇନାହାନ୍ତି। ଆମେ ଆଶା କରୁଛୁ ଅର୍ଥମନ୍ତ୍ରୀ ଲେଖାନୁଦାନରେ ସୀମିତ ରହିବେ ଏବଂ ପୂର୍ଣ୍ଣାଙ୍ଗ ବଜେଟ୍ ନୂଆ ସରକାର ଉପରେ ଛାଡ଼ିଦେବେ। ଏହାଦ୍ୱାରା ଏ ସରକାରଙ୍କର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସ୍ଥିତି ଭଲ ରହିବ।

## ଚିରନ୍ତନୀ

ସାଧୁକୁ କରିଲ ହନ୍ତା ପଣ୍ଡିତକୁ କରିଲ ପାଷାଣ୍ଡ
ସୂକ୍ଷ୍ମତମ କେନ୍ଦ୍ର ତୁମେ ବିଶ୍ୱର ବିରାଟ ମାନଦଣ୍ଡ !
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | | | 6 | | 8 | | 0 | | E | | 5 |
| | 6 | | | E | 1 | | B | A | | | | | | |
| | | | | 9 | | 1 | | | | B | A | 2 | C | |
| | | | | | | | | | | C | 9 | | 1 | 4 |
| C | E | | 8 | | | | | | | | 1 | 7 | A | |
| A | | D | | | | E | | 4 | 3 | | | 5 | 9 | |
| | 0 | | | | | 9 | | | A | 7 | E | | 4 | C |
| | 4 | | B | | 3 | | | C | | | | | | 2 |
| 1 | C | | | 4 | | 7 | | | | | | | | |
| 3 | 5 | | | | | | | | 9 | 1 | | | E | |
| | | C | | B | | | | | | 2 | 8 | 3 | | |
| | 3 | | | 6 | D | | 5 | | | | | | | |
| | | | | 5 | C | | 2 | | | | | 1 | B | 6 |
| 5 | D | | | | | | | | | | 7 | | 2 | 0 |
| | | B | 3 | 1 | 9 | 0 | 6 | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 3 | 8 | 7 | 9 | E | D | 4 | 1 | 6 | 2 | B | 0 | C | 5 |
| B | 4 | D | A | 3 | 8 | E | C | 2 | 1 | 0 | 5 | 9 | 7 | 6 |
| 9 | C | 0 | 2 | 1 | D | 6 | 5 | B | 7 | A | 8 | 4 | 3 | E |
| 2 | 7 | 6 | 4 | B | 5 | 0 | 3 | A | 9 | C | E | 1 | D | 8 |
| E | 5 | 1 | 0 | C | 6 | 9 | 7 | 8 | D | 4 | 3 | A | B | 2 |
| 6 | D | B | 5 | E | A | 8 | 1 | 7 | 3 | 9 | C | 2 | 4 | 0 |
| 8 | 2 | 7 | C | D | 1 | 3 | 9 | 4 | A | E | 0 | 6 | 5 | B |
| C | A | 9 | B | 6 | 3 | 5 | D | 0 | 4 | 8 | 2 | 7 | E | 1 |
| 1 | 0 | 3 | 8 | 4 | 2 | B | A | E | 5 | 6 | 7 | D | 9 | C |
| 5 | E | 4 | 9 | 7 | 0 | 2 | 6 | C | B | D | 1 | 3 | 8 | A |
| 4 | 1 | 2 | E | A | 7 | C | 8 | 3 | 0 | B | 9 | 5 | 6 | D |
| D | B | 5 | 3 | 8 | C | 4 | 0 | 6 | 2 | 7 | A | E | 1 | 9 |
| 0 | 8 | E | 6 | 5 | 9 | 7 | 2 | D | C | 1 | 4 | B | A | 3 |
| 3 | 6 | C | 1 | 2 | 4 | A | B | 9 | E | 5 | D | 8 | 0 | 7 |
| 7 | 9 | A | D | 0 | B | 1 | E | 5 | 8 | 3 | 6 | C | 2 | 4 |

ଗତକାଲିର ଉତ୍ତର

# ଜଳବାୟୁ ପରିବର୍ତ୍ତନ ଚୁକ୍ତି: ପ୍ୟାରିସରୁ ପୋଲାଣ୍ଡ



ଡ. ରମେଶ ଚନ୍ଦ୍ର ପରିଡ଼ା

ବିଶ୍ୱ ସମ୍ମୁଖରେ ଏବେ ସବୁଠାରୁ ଜଟିଳ ସମସ୍ୟା ରୂପେ ମୁଣ୍ଡ ଟେକିଥିବା ଜାଗତିକ ଉଷ୍ଣତା ବୃଦ୍ଧି ଏବଂ ସେଥିସହିତ ସମ୍ପୃକ୍ତ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରା ନ ଗଲେ ତାହା ଯେ ଅଚିରେ ଏକ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତିରୂପେ ଉଭା ହେବ ଏ କଥା ସ୍ୱୀକୃତ ହୋଇସାରିଲାଣି। ତେଣୁ ଏହାର ପଥ ନିର୍ଦ୍ଧାରଣ ଲାଗି ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଚାଲିଛି ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଏବଂ ସମ୍ପାଦିତ ହେବାରେ ଲାଗିଛି ନାନାଦି ଚୁକ୍ତି। ଏଗୁଡିକ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା 'ୟୁଏନ୍ ଫ୍ରେମ୍‌ୱାର୍କ କନ୍‌ଭେନଶନ ଅନ୍ କ୍ଲାଇମେଟ୍ ଚେଞ୍ଜ' (ୟୁଏନ୍‌ଏଫ୍‌ସିସିସି) ଦ୍ୱାରା ୨୦୧୫ ମସିହାରେ ପ୍ୟାରିସଠାରେ ଆହୂତ ସମ୍ମିଳନୀ। ଏଠାରେ ସମ୍ପାଦିତ ଚୁକ୍ତିରେ ଥିଲା କେତେକ ମାର୍ଗଦର୍ଶିକା, ଯାହାକି ୧୯୫ଟି ଦେଶ ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ତାହାକୁ ଅନୁସରଣ କରି ଜାଗତିକ ତାପମାତ୍ରାକୁ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ପ୍ରାକ୍–ଶିଳ୍ପ ବିପ୍ଳବ ସ୍ତରଠାରୁ ଅତିବେଶିରେ ୨ ଡିଗ୍ରୀ ସେଲସିୟସଠାରୁ ଅଧିକ ହେବାକୁ ନ ଦେବା ଥିଲା ଏହାର ଆଭିମୁଖ୍ୟ। ପ୍ୟାରିସ ସମ୍ମିଳନୀ ରୂପେ ଅଭିହିତ ଏହି ୟୁଏନ୍‌ଏଫ୍‌ସିସିସି। ପୁନଶ୍ଚ ଏହା ଅନୁଷ୍ଠିତ ହେବ ୨୦୨୦ ମସିହାରେ। ଇତିମଧ୍ୟରେ ଏହି ଚୁକ୍ତିଟିର କାର୍ଯ୍ୟକାରିତା କେତେଦୂର ଅଗ୍ରସର ହୋଇଛି ତାହାର ମୂଲ୍ୟାୟନ ଲାଗି ସମୟକୁ ସମୟ ଜାତିସଂଘ ପ୍ରାୟୋଜିତ ସମ୍ମିଳନୀମାନ ବିଭିନ୍ନ ସ୍ଥାନରେ ଆହୂତ ହେଉଛି, ଯାହାକୁ କୁହାଯାଉଛି ୟୁଏନ୍ କ୍ଲାଇମେଟ କନ୍‌ଫରେନ୍ସ ଅଫ୍ ପାର୍ଟିଜ ବା କୋପ୍। ଡିସେମ୍ବର ୨୦୧୮ରେ ତାହା (କୋପ୍–୨୪) ଅନୁଷ୍ଠିତ ହୋଇଯାଇଛି ପୋଲାଣ୍ଡର ରାଜଧାନୀ କାଟେ୍ୱିସ୍‌ଠାରେ।

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଅନୁସୃତ ପଦକ୍ଷେପଗୁଡ଼ିକ କ୍ୟୋଟୋ ପ୍ରୋଟୋକଲ ଅନୁସାରେ ପରିଚାଳିତ। ଏଥିରେ ମୁଖ୍ୟତଃ ଐତିହାସିକ ପ୍ରଦୂଷଣକାରୀ ବୋଲାଉଥିବା ଧନୀ ରାଷ୍ଟ୍ରଗୁଡ଼ିକୁ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାକୁ କୁହାଯାଇଛି। ତେବେ ପ୍ୟାରିସ ଚୁକ୍ତି ଅପେକ୍ଷାକୃତ ବ୍ୟାପକ। ଏଥିରେ ବିଶ୍ୱର ସବୁ ଦେଶ ନିଜ ନିଜର ଅର୍ଥନୈତିକ ଅବସ୍ଥା ବିଚାରକୁ ନେଇ ଯଥାସମ୍ଭବ ଏହା କରିବା ଲାଗି ଏବଂ ଏଥିପାଇଁ ସେମାନଙ୍କୁ ଧନୀରାଷ୍ଟ୍ରଗୁଡ଼ିକ ଆର୍ଥିକ ତଥା ବୈଷୟିକ ସାହାଯ୍ୟ ଯୋଗାଇଦେବା ଲାଗି ପରାମର୍ଶ ଦିଆଯାଇଛି। ଏହା କାର୍ଯ୍ୟକାରୀ ହେବ ୨୦୨୦ ମସିହାଠାରୁ। ଏ ଦିଗରେ କି କି ପଦକ୍ଷେପ ନେବା ଜରୁରୀ ତାହାକୁ ନେଇ କାଟେ୍ୱିସ୍‌ଠାରେ ପ୍ରକାଶିତ ଏବଂ ଗୃହୀତ ହୋଇଛି ଏକ ନିୟମ ପୁସ୍ତିକା। ତହିଁରେ ସନ୍ନିବିଷ୍ଟ ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା–(୧) ଦେଶଗୁଡ଼ିକ ନିଜ ନିଜ ଦେଶରେ ଜଳବାୟୁ ପରିବର୍ତ୍ତନ ଦିଗରେ ନେଉଥିବା ପଦକ୍ଷେପ ସମ୍ପର୍କରେ ସମୟକୁ ସମୟ ସୂଚନା ପ୍ରଦାନ କରିବେ, (୨) ବିକଶିତ ଦେଶସମୂହ ୨୦୨୦ ମସିହାଠାରୁ ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ବାର୍ଷିକ ୧୦୦ ବିଲିୟନ ଡଲାର ଯୋଗାଇବା ଲାଗି ଧାର୍ଯ୍ୟ ହୋଇଥିବା ବର୍ତ୍ତମାନର ଲକ୍ଷ୍ୟକୁ ୨୦୨୫ ମସିହାଠାରୁ ପରିମାର୍ଜନ କରି ନୂତନ ଲକ୍ଷ୍ୟ ନିର୍ଦ୍ଧାରଣ କରିବେ, (୩) ଜାଗତିକ ସ୍ତରରେ ୨୦୨୩ ମସିହାରେ ଜଳବାୟୁ ପରିବର୍ତ୍ତନ ନିରୋଧ ଲାଗି ନିଆଯାଉଥିବା ପଦକ୍ଷେପର କାର୍ଯ୍ୟକାରିତା ଗଣନା କରିବାର ପନ୍ଥା ନିରୂପଣ କରିବା ଏବଂ (୪) ଏଥିପାଇଁ ଆବଶ୍ୟକ ଜ୍ଞାନକୌଶଳର ବିକାଶ ଓ ହସ୍ତାନ୍ତର କିପରି କାର୍ଯ୍ୟକାରୀ ହେବ ତାହା ସ୍ଥିର କରିବା।

ତେବେ ଏହି ଫଳାଫଳକୁ ନେଇ ସନ୍ତୁଷ୍ଟ ନୁହନ୍ତି ଅନେକ ଜଳବାୟୁ ବିଶେଷଜ୍ଞ– ବିଶେଷକରି ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ ବା ଆଇପିସିସିର ବୈଜ୍ଞାନିକମାନେ। ସେମାନେ ଏଥିପାଇଁ ଦୃଷ୍ଟି ଆକର୍ଷଣ କରନ୍ତି ନିକଟରେ ପ୍ରକାଶିତ ରିପୋର୍ଟ ପ୍ରତି। ଏହି ଅନୁଯାୟୀ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ପ୍ରାକ୍–ଶିଳ୍ପ ବିପ୍ଳବ କାଳ ତୁଳନାରେ ଜାଗତିକ ତାପମାତ୍ରା ୨ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବା ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଯଥେଷ୍ଟ ନୁହେଁ। ବରଂ ଏହାକୁ ୧.୫ ଡିଗ୍ରୀ ସେଲସିୟସଠାରୁ ଅଧିକ ବଢ଼ିବାକୁ ନ ଦେବା କିଛି ମାତ୍ରାରେ ନିରାପଦ ହେବ। ଏଥିପାଇଁ ୨୦୩୦ ମସିହା ସୁଦ୍ଧା ୨୦୧୦ ମସିହା ତୁଳନାରେ ୪୫% ନିର୍ଗମନ ହ୍ରାସ କରାଯିବା ଆବଶ୍ୟକ। କାରଣ ବର୍ତ୍ତମାନ ସୁଦ୍ଧା ବାୟୁରେ ଅଙ୍ଗାରକାମ୍ଳର ନିରାପଦ ମାତ୍ରା କୁହାଯାଉଥିବା ନିୟୁତ ପ୍ରତି ଭାଗ ୪୦୦ ଅତିକ୍ରମ କରିସାରିଲାଣି। ଏଣୁ ଏହା ହୋଇ ନ ପାରିଲେ ପରିଣାମ ଭୟାବହ ହେବ। କଠୋରତମ ଜଳବାୟୁର ପୁନଃପୌନିକତା ଓ ତୀବ୍ରତା ବଢ଼ିବା ଏବଂ ସମୁଦ୍ରର ଜଳସ୍ତର ବୃଦ୍ଧି ଦ୍ୱୀପ–ଦେଶଗୁଡିକ ସମେତ ସମୁଦ୍ର ଉପକୂଳବର୍ତ୍ତୀ ନିମ୍ନଭୂମି ପାଇଁ ଘୋର ବିପଦ ସୃଷ୍ଟି କରିବ। କୃଷି ଉତ୍ପାଦନ ଓ ଜନସ୍ୱାସ୍ଥ୍ୟ ମଧ୍ୟ ଏହାଦ୍ୱାରା ଗଭୀର ଭାବେ ପ୍ରଭାବିତ ହେବ। ପୁନଶ୍ଚ ଏ ପରିଣାମ ସମ୍ଭବତଃ ଅଣଲେଉଟା ହୋଇଯିବ। ଏଣୁ ବିଶ୍ୱର ସବୁ ବଡ଼ ବଡ଼ ଅର୍ଥନୀତି ଏହାକୁ ଆହ୍ୱାନ ରୂପେ ଗ୍ରହଣ କରି ସେହି ଲକ୍ଷ୍ୟ ନେଇ ସେମାନଙ୍କ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଉଚିତ। କିନ୍ତୁ ଉପରୋକ୍ତ ନିୟମ ପୁସ୍ତିକାରେ ଏଥି ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ।

ଜଳବାୟୁ କ୍ଷେତ୍ରକୁ ଭାରତର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ। ପରିମାଣ ଦୃଷ୍ଟିରୁ ବିଶ୍ୱର ୫ଟି ସର୍ବାଧିକ ନିର୍ଗମନକାରୀ ଦେଶଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ତେବେ ଏହାର ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ବାର୍ଷିକ ମାତ୍ର ୧.୬ ଟନ୍, ଯାହାକି ବିଶ୍ୱର ହାରାହାରି ନିର୍ଗମନ ୪.୨ ଟନ୍ ତୁଳନାରେ ଯଥେଷ୍ଟ କମ୍। ଆମେରିକା ଓ ଚାଇନା ଭଳି ଦେଶ ଏଥିରେ ଆମଠାରୁ ବେଶ୍ ଆଗରେ ଅଛନ୍ତି। ତଥାପି ତାହାକୁ ନିୟନ୍ତ୍ରଣ କରିବା ଲାଗି ଏଠାରେ ଆରମ୍ଭ ହୋଇଛି ଅନେକ ପଦକ୍ଷେପ । ଉଦାହରଣସ୍ୱରୂପ ୨୦୨୨ ମସିହା ବେଳକୁ ସୌରଶକ୍ତି ଓ ବାୟୁଶକ୍ତି ଭଳି ପୁନର୍ବିନିଯୋଗକ୍ଷମ ନିର୍ମଳ ଶକ୍ତିର ଉତ୍ସକୁ ୧୭୫ ଜିଗାୱାଟ୍‌କୁ ବୃଦ୍ଧିକରିବା, କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରିବା, ବିଦ୍ୟୁତ୍‌ଚାଳିତ ଯାନକୁ ବିକଳ୍ପରୂପେ ଗ୍ରହଣ କରିବା ଏବଂ ବିବିଧ ସବୁଜ ଶିଳ୍ପ ପଦ୍ଧତିମାନ ଉପଯୋଗ କରିବା ଏହାର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଅଧିକ ନିର୍ଗମନକାରୀ ସଂସ୍ଥାଗୁଡ଼ିକ ଉପରେ କର ବସାଇ ସେହି ଅର୍ଥକୁ ନିର୍ମଳ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଉପଯୋଗ ମଧ୍ୟ ଏହାର ଲକ୍ଷ୍ୟ ରହିଛି। ଅନ୍ୟପକ୍ଷରେ ମୁଣ୍ଡପିଛା ସର୍ବାଧିକ ନିର୍ଗମନ ଘଟାଉଥିବା ଆମେରିକା ପ୍ୟାରିସ ଚୁକ୍ତିରୁ ନିଜକୁ ଦୂରେଇ ନେଲାବେଳେ କାନାଡ଼ା ଭଳି କେତେକ ଧନୀ ରାଷ୍ଟ୍ର ବିକାଶଶୀଳ ଦେଶଗୁଡ଼ିକୁ ଆର୍ଥିକ ଓ ବୈଷୟିକ ସହାୟତା କରିବା ଲାଗି ଦେଇଥିବା ପ୍ରତିଶ୍ରୁତିରୁ ପଛଘୁଞ୍ଚା ଦେବାକୁ ଲାଗିଲେଣି। କାଟେ୍ୱିସ୍ ନିୟମ ପୁସ୍ତିକାରେ ଏସବୁ ବିଚାରକୁ ନିଆଯାଇନାହିଁ।

ଏ ଦୃଷ୍ଟିରୁ ଏହାକୁ ଦୁର୍ବଳ ଏବଂ ପାଣିପାଗ ପରିବର୍ତ୍ତନ ରୋକିବା ଦିଗରେ ଆବଶ୍ୟକ ଦିଗ୍‌ଦର୍ଶନ ଦେବା ପାଇଁ ଅସମର୍ଥ ବୋଲି ମତ ଦିଅନ୍ତି ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନମେଣ୍ଟର ପରିବେଶବିତ୍‌ମାନେ। ସେମାନେ ଆଇପିସିସିର ସର୍ବଶେଷ ରିପୋର୍ଟ ବିଚାରକୁ ନେଇ ଜାଗତିକ ଉଷ୍ଣତା ୧.୫ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବାକୁ ଏଥିରେ ନିର୍ଦ୍ଦେଶ ଦେବା ଉଚିତ ଥିଲା ବୋଲି କହନ୍ତି। ଏଣୁ ଏହା ଦୁର୍ବଳ ହୋଇ ସାରିଥିବା ପ୍ୟାରିସ ଚୁକ୍ତିକୁ ଆହୁରି ଦୁର୍ବଳ କରିଦେଇଛି ବୋଲି ସେମାନଙ୍କ ମତ।

ଅନ୍ୟପକ୍ଷରେ ଏହି ସମ୍ମିଳନୀର ଫଳାଫଳ ସକାରାତ୍ମକ ଏବଂ ପ୍ୟାରିସ ରାଜିନାମା କାର୍ଯ୍ୟକାରୀ କରିବା ଦିଗରେ ସବୁ ଦେଶର ଉଦ୍‌ବେଗକୁ ବିଚାରକୁ ନେଇପାରିଛି ବୋଲି ଭାରତ ସରକାରୀ ଭାବେ ମତ ଦେଇଛି। ତେଣୁ ଏହାର ପୂର୍ବତନ ଜଳବାୟୁ ରାଜିନାମା ମଧ୍ୟସ୍ଥ ଆର୍.ଆର୍. ରଶ୍ମି ଏହା ଉଚ୍ଚତର ଆଶା ପୂରଣ କରିବାକୁ ଯଥେଷ୍ଟ ହୋଇ ନ ଥିଲେ ହେଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ପୁନଶ୍ଚ କୋପ୍–୨୪ ଅଧ୍ୟକ୍ଷ ତଥା ପୋଲାଣ୍ଡର ପରିବେଶ ମନ୍ତ୍ରଣାଳୟର ସମ୍ପାଦକ କହିଛନ୍ତି ଯେ, କାଟେ୍ୱିସ୍ ପ୍ରସ୍ତାବଗୁଡ଼ିକ ପାଇଁ ଦୀର୍ଘ ୩ ବର୍ଷ ଧରି ୨୦୦ ଦେଶ ମଧ୍ୟରେ ବିଚାରବିମର୍ଶ ଚାଲିଥିଲା। ତହିଁରେ ସମସ୍ତଙ୍କର ନିର୍ଦ୍ଦିଷ୍ଟ ମତାମତ ଏବଂ ଆବଶ୍ୟକତା ପ୍ରତି ଧ୍ୟାନ ଦିଆଯାଇଛି, ଯାହାକି ଏକ ଅତି ଜଟିଳ ବ୍ୟାପାର। ସେଥିପାଇଁ ଏଠାରେ ପ୍ରକାଶ ପାଇପାରିଥିଲା ସର୍ବସମ୍ମତି। ଅତଏବ ତାହା ନିଶ୍ଚିତରୂପେ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ତାଙ୍କ ସହିତ ପ୍ରାୟତଃ ଏକମତ ହୋଇଛନ୍ତି ପ୍ୟାରିସ ଚୁକ୍ତିର ଅନ୍ୟତମ ମୁଖ୍ୟ ସ୍ଥପତି ଲାଉରେନ୍ସ ଟୁବିଆନା। ସେ କହିଛନ୍ତି ଯେ କାଟେ୍ୱିସ୍‌ଠାରେ ଦୀର୍ଘ ୨ ସପ୍ତାହ ଧରି ରାଜିନାମାକାରୀମାନେ ଯଥାସମ୍ଭବ ଅଧିକରୁ ଅଧିକ ବିବାଦୀୟ ପ୍ରଶ୍ନଗୁଡ଼ିକର ସମାଧାନ କରିପାରିଛନ୍ତି। ତଥାପି ରହିଯାଇଛି ଭବିଷ୍ୟତରେ ନିର୍ଗମନ ହ୍ରାସ କରିବା ହେତୁ ଉତ୍ପନ୍ନ ଅର୍ଥନୈତିକ ସମସ୍ୟା ସମାଧାନ ପାଇଁ ଏକ କ୍ରିୟାବିଧିର ନିରୂପଣ, ଯାହାକି ବିଭିନ୍ନ ଦେଶ ନିୟୋଜିତ କରିପାରିବେ। ତେବେ ଏଭଳି ପ୍ରଶ୍ନଗୁଡ଼ିକୁ ୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା କୋପ୍–୨୫ ପାଇଁ ସ୍ଥଗିତ ରଖାଯାଇଛି ବୋଲି ସେ କହନ୍ତି। ଅତଏବ ତାଙ୍କ ଦୃଷ୍ଟିରେ କାଟେ୍ୱିସର କୋପ୍–୨୪ ବହୁମାତ୍ରାରେ ସଫଳ ହୋଇପାରିଛି।

ଉଷା ନିବାସ, ୧୨୪/୨୪୪ ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

# ଆଧୁନିକ ବେଣ୍ଟ



ଦ୍ୟୁତି ଚନ୍ଦ୍ର ସାହୁ

ଘର ସାମ୍ନା ଗେଟ୍ ଦେଇ ବଜାରକୁ ବାହାରିଲା ବେଳେ ନିକଟରେ ଥିବା କଲେଜକୁ ଯାଉଥିଲେ ପଞ୍ଚାଏ କଲେଜ ପଢୁଆ ପିଲା। ସମସ୍ତଙ୍କ ହାତରେ ମୋବାଇଲ। ମୋବାଇଲକୁ ଖେଳାଇ ଖେଳାଇ ଜଣେ କହିଲା ଆଜି ବେଣ୍ଟ (ଶିକାର) କରିବା। ପଛରୁ ଶୁଣି ଟିକେ ଚକିତ ହେଲି। ତା' ପରେ ସେମାନଙ୍କ ବାର୍ତ୍ତାଳାପରୁ ଯାହା ଜାଣିଲି ସେମାନେ କଲେଜର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦଳଗତ ଭାବେ ଠିଆ ହେବେ। କଲେଜ ଭିତରକୁ ପ୍ରବେଶ କରୁଥିବା ଝିଅମାନଙ୍କୁ ଚାହିଁବେ। ସେମାନଙ୍କୁ ପରଖିବେ। ସେଥିରୁ ସୁନ୍ଦରୀ ଲଳନାଙ୍କୁ ବାଛିବେ। ପରେ ବ୍ୟକ୍ତିଗତ ଭାବେ ତାକୁ କରାୟତ୍ତ କରିବା ଲାଗି ଉଦ୍ୟମ କରିବେ। ଅର୍ଥାତ୍ ମୋଟାମୋଟି ଭାବେ କଲେଜକୁ ଆସୁଥିବା ଝିଅମାନଙ୍କୁ ପ୍ରେମ ଜାଲରେ ଫସାଇବାର ଏକ ପ୍ରାକ୍ ପ୍ରସ୍ତୁତି। ଏମିତିରେ ଝିଅମାନେ ଫସିଲେ ଭଲ। ନ ହେଲେ ଆଉ ଏକ ଶିକାର ଖୋଜିବେ ଏଇ ବାଲୁଙ୍ଗାମାନେ। କିଛି କୁଳାଙ୍ଗାର କଲେଜ ଆସନ୍ତି କେବଳ ଏସବୁ ବାଜେ କଥା ଲାଗି। ଭଲ ପଢୁଥିବା ପିଲାଙ୍କୁ ବି ନିଜର ସଙ୍ଗ ଦୋଷରେ ପ୍ରଭାବିତ କରି ଖରାପ କରିପାରନ୍ତି ସହଜରେ। ଝିଅମାନଙ୍କୁ ତ ବେଣ୍ଟ କରିବା ସେମାନଙ୍କ ପ୍ରମୁଖ ଉଦ୍ଦେଶ୍ୟ। ଆଜିକାଲି ହାତରେ ଆଣ୍ଡ୍ରଏଡ ମୋବାଇଲ। ଯାବତୀୟ ଆପ୍ ତା'ରି ଭିତରେ। ଝିଅଙ୍କ ମୋବାଇଲ ନମ୍ବର ନେଇ ପୁଅମାନେ ଚାଟିଂଠାରୁ ଆରମ୍ଭକରି ଯାହା ସବୁ ବକ୍‌ବାସ କରନ୍ତି ସେ ସମ୍ପର୍କରେ କହିବା ଅନାବଶ୍ୟକ। ମୋବାଇଲର ବ୍ୟବହାର ଆଜିକା ଯୁବପିଢ଼ିଙ୍କୁ ଯେତିକି ସମୃଦ୍ଧ କରିଛି ସେତିକି ରସାତଳକୁ ନେଉଛି। ବହୁ ମାୟା ଖେଳରେ ଛନ୍ଦିହୋଇ ଆତ୍ମହତ୍ୟା କରୁଥିବାବେଳେ ଭିଡିଓ ଗେମ୍ ଗୋଟିଏ ପ୍ରକାର ନିଶା ହୋଇପଡ଼ିଛି। ସବୁଠାରୁ ବିପଜ୍ଜନକ ହୋଇପଡ଼ିଛି ସୋସିଆଲ ମିଡ଼ିଆ। କଲେଜ ପଢୁଆ ଝିଅ କାହିଁକି ହାଇସ୍କୁଲ ପଢୁଥିବା କିଶୋର କିଶୋରୀମାନେ ବି ଏଥିରେ ପୂରା ପାଗଳ। ଗ୍ରୁପ୍ ଚାଟିଂଠାରୁ ଆରମ୍ଭକରି ବହୁ ସୋସିଆଲ ମିଡିଆ ଆପ୍‌ରେ ସମୟ ବରବାଦ କରୁଛନ୍ତି। ମୋବାଇଲ ସରଳ ଭାବେ ଏବେ ବେଣ୍ଟ କରିପାରୁଛି ସମସ୍ତଙ୍କୁ। ବିଶେଷକରି ମୋବାଇଲ ବେଣ୍ଟରେ ଧରାଶାୟୀ ଆଜିର ଯୁବପିଢ଼ି।

ଏକଦା ରାଜା ଯାଉଥିଲେ ବେଣ୍ଟକୁ। ନିଜର ସଉକ ମେଣ୍ଟାଇବା ଲାଗି ପଟୁଆର ନେଇ ଜଙ୍ଗଲକୁ ଯାଉଥିଲେ। ନିଜର ବନ୍ଧୁକ ଓ ଧନୁତୀର ସାହାଯ୍ୟରେ ଜଙ୍ଗଲୀ ଜୀବଙ୍କୁ କରୁଥିଲେ ବେଣ୍ଟ। ତା'ରି ମାଂସରେ ଭୋଜି କରି ମଉଜ କରୁଥିଲେ। ଏମିତିରେ କୌଣସି ସୁନ୍ଦରୀକୁ ଦେଖିଲେ ଆସକ୍ତିରେ ରାଜା ବଶବର୍ତ୍ତୀ ହୋଇ ତାକୁ ବି ବେଣ୍ଟ କରିବାକୁ ପଛଉ ନ ଥିଲେ। ଆବଶ୍ୟକ ପଡ଼ିଲେ ଅନ୍ତଃପୁରକୁ ନେଇ ଆସୁଥିଲେ ଜୋର୍ କରି। ପରବର୍ତ୍ତୀ ସମୟରେ ଜମିଦାରମାନଙ୍କ କ୍ଷେତ୍ରରେ ବେଣ୍ଟର ପ୍ରଭାବ ଦେଖିବାକୁ ମିଳିଲା। ଏମାନେ ନିଜର ଲାଇସେନ୍ସ ବନ୍ଧୁକ ଧରି ଯାଉଥିଲେ ବଣକୁ। ଆଦିବାସୀ ଅଞ୍ଚଳରେ ବେଣ୍ଟ ଅଭିଯାନ ଗୋଟିଏ ମାମୁଲି ପ୍ରସଙ୍ଗ। କେତେବେଳେ ପାରମ୍ପରିକ ଫାଶ ଲଗାଇ ତ କେତେବେଳେ ତୀର ମୁନରେ ଚାଲେ ବେଣ୍ଟ। ଏମିତିକି ଚୈତ୍ର ମାସରେ ଅନେକ ଆଦିବାସୀ ପରମ୍ପରାରେ ବେଣ୍ଟ ପରବ ରହିଛି। ଏହାକୁ ପୁରୁଷାର୍ଥର ପ୍ରତୀକ ଭାବେ ବିବେଚନା କରାଯାଏ।

ଚଇତି ପରବ ଶେଷ ପୂର୍ବରୁ ଗାଁର ଧାଙ୍ଗିଡୀମାନେ ପୂଜାର୍ଚ୍ଚନା କରି ଗାଁର ଧାଙ୍ଗଡାମାନଙ୍କୁ ଜଙ୍ଗଲକୁ ପଠାନ୍ତି। ଆରମ୍ଭ ହୁଏ ସାନବେଣ୍ଟ ଓ ବଡ଼ବେଣ୍ଟ ଅଭିଯାନ। ଜଙ୍ଗଲୀ ଜୀବଜନ୍ତୁକୁ ବେଣ୍ଟ ନ କରିବା ଯାଏ ଗାଁକୁ ଫେରନ୍ତିନି ଧାଙ୍ଗଡାମାନେ। ବେଣ୍ଟ ହେଲା ପରେ ତାକୁ ଏକ ଠେଙ୍ଗାରେ ବୋହି ପଟୁଆର କରି ଆଣନ୍ତି ଗାଁକୁ। ଗାଁ ମୁଣ୍ଡରେ ଧାଙ୍ଗିଡୀଙ୍କ ଦ୍ୱାରା ପ୍ରସ୍ତୁତ ଛାମୁଣ୍ଡାରେ ରଖିବାକୁ ହୁଏ ବେଣ୍ଟ ଜୀବକୁ। ତା' ଭାରରେ ଛାମୁଣ୍ଡା ଭାଙ୍ଗିଗଲେ ଧାଙ୍ଗଡାମାନେ ବିଜୟୀ ହୁଅନ୍ତି। ଆଉ ଛାମୁଣ୍ଡା ନ ଭାଙ୍ଗିଲେ ଜାଣିବାକୁ ହୁଏ ଧାଙ୍ଗିଡୀମାନେ ଜିତିଗଲେ। ସେତେବେଳେ ପୁରୁଷାର୍ଥକୁ ନେଇ ଧାଙ୍ଗିଡୀମାନଙ୍କ ଟାହିଟାପରା ଶୁଣିବାକୁ ହୁଏ ଧାଙ୍ଗଡାମାନଙ୍କୁ। ଅତଏବ ବଡ଼ବେଣ୍ଟକୁ ପସନ୍ଦ କରନ୍ତି ଧାଙ୍ଗଡାମାନେ। ଏବେ ବି ଚାଲେ ପାରମ୍ପରିକ ବେଣ୍ଟ ପରବ। କିନ୍ତୁ ଜଙ୍ଗଲୀ ଜୀବ ଅଭାବରୁ ବହୁ କଷ୍ଟରେ କେବେକେବେ ମିଳେ ଠେକୁଆ କି ବାରିଆ ଅଥବା ଶମ୍ବର।

ଜଙ୍ଗଲରେ ବି ଚାଲେ ଆଉ ଏକ ପ୍ରକାର ମଣିଷ ବେଣ୍ଟ। କେତେବେଳେ ମାଓବାଦୀ ତ ପୁଣି କେତେବେଳେ ସୁରକ୍ଷାକର୍ମୀ ବେଣ୍ଟରେ ହୋଇଯାନ୍ତି ଶହୀଦ। ସୁପାରିକିଲର ଦ୍ୱାରା ବି ଚାଲେ ଅତ୍ୟାଧୁନିକ ବେଣ୍ଟ କାରବାର। ରାଜନୀତିରେ ବେଣ୍ଟର ଲୀଳାଖେଳା ପ୍ରବଳ। ନେତାଙ୍କ ବେଣ୍ଟ ହୁଅନ୍ତି ଜନତା। ପୁଣି ନିର୍ବାଚନ ବେଣ୍ଟରେ ଧରାଶାୟୀ ହୋଇଯାନ୍ତି ନେତା। ନିର୍ବାଚନୀ ଇସ୍ତାହାର ଓ ବ୍ୟାବସାୟିକ ବିଜ୍ଞାପନର ପରୋକ୍ଷ ବେଣ୍ଟରେ ପ୍ରଲୁବ୍ଧ ଏଠି ଜନତା।

ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ସବୁଠି ବେଣ୍ଟର ପ୍ରାବଲ୍ୟ। କୋଉ ଛଟକରେ କିଏ କାହାକୁ ବେଣ୍ଟ କରିବ ସେଥିଲାଗି ମଉକା ଉଣ୍ଡି ବସିଥାନ୍ତି ସଭିଏଁ। କର୍ପୋରେଟ ଜଗତଠାରୁ ଆରମ୍ଭ କରି ବ୍ୟବସାୟ, ବୃତ୍ତି, ପ୍ରବୃତ୍ତି ସର୍ବୋପରି ସମାଜ ଓ ପରିବାର ଭିତରେ ବି ଚାଲେ ବେଣ୍ଟ। ବେଣ୍ଟ ସବୁବେଳେ ହିଂସା ଜଗାଏ, କେବେ ଶାନ୍ତି ଦେଇ ନ ପାରେ! ନିଜ ଭିତରର ଅସୁମାରି ସ୍ୱାର୍ଥ, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା, ଲୋଭ, କାମନା ଭଳି ରିପୁଗୁଡ଼ିକୁ ବାଛି ବାଛି ବେଣ୍ଟ କରନ୍ତୁ ଓ ନିଜକୁ ସଜାଡି ନିଅନ୍ତୁ। କାରଣ ଅନ୍ୟକୁ ବେଣ୍ଟ କଲାବେଳେ ନିଜେ ବେଣ୍ଟ ହୋଇଯିବାର ସମ୍ଭାବନା ଏଠି ଅଧିକ!

ମୋ – ୯୫୫୬୨୮୭୭୭୫

## ଏଇ ଭାରତରେ

ଯୌତୁକ ନିରୋଧୀ ଆଇନ ୧୯୬୧ର ଧାରା ୩ ଅନୁସାରେ ଯୌତୁକ ନେବା କିମ୍ବା ଦେବା ଉଭୟ ଅପରାଧ। ସମ୍ପ୍ରତି ସମାଜରେ ଯୌତୁକ ଦାବିରେ ବହୁ ଅପରାଧ ଘଟୁଛି। ଏନେଇ ବହୁ ମାମଲା ମଧ୍ୟ ଅଦାଲତରେ ବିଚାରାଧୀନ ରହିଛି। ବିଶେଷକରି ଯୌତୁକ ଦାବି ବିରୋଧରେ ମହିଳାମାନେ ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୋଧରେ ମାମଲା ରୁଜୁ କରୁଥିବା ଦେଖିବାକୁ ମିଳେ। ଏବେ କିନ୍ତୁ ଛତିଶଗଡ଼ର ଭିଲାଇରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ଶ୍ୱଶୁରଙ୍କ ନାମରେ ଯୌତୁକ ଦେବା ଅଭିଯୋଗରେ ଏକ ମାମଲା ଅଦାଲତରେ ଦାଏର କରିଛନ୍ତି। ଆଉ ଅଦାଲତ ଏହାକୁ ଗ୍ରହଣ କରି ଉକ୍ତ ମହିଳା ଏବଂ ତାଙ୍କ ବାପାଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିଲାଇରେ ବାସକରୁଥିବା ନିମିଷ ଏସ୍. ଅଗ୍ରୱାଲ୍ ଏବଂ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଛନ୍ତି ବୋଲି ନିମିଷଙ୍କ ସ୍ତ୍ରୀ ରୁହି ଅଗ୍ରୱାଲ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ସମୟରେ ଅଦାଲତ ଉଭୟ ରୁହି ଏବଂ ତାଙ୍କ ପିତାଙ୍କ ବୟାନ ରେକର୍ଡ କରିଥିଲେ। ଯେଉଁଥିରେ କି ଉଭୟେ ବିବାହ ସମୟରେ ନିମିଷଙ୍କ ପରିବାରର ଦାବି ମୁତାବକ ଅଢ଼େଇ କୋଟି ଏବଂ ୫୦ଲକ୍ଷ କରି ୨ଟି ପର୍ଯ୍ୟାୟରେ ଯୌତୁକ ଦେଇଥିବା ସ୍ୱୀକାର କରିଥିଲେ। ଏ ସମ୍ପର୍କିତ କାଗଜାତ ମଧ୍ୟ ଅଦାଲତରେ ଦାଖଲ କରିଥିଲେ, ଯାହାକୁ ଭିତ୍ତିକରି ନିମିଷ ଏବେ ଦୁର୍ଗସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଯୌତୁକ ଦେବା ଅଭିଯୋଗରେ ସ୍ତ୍ରୀ ରୁହି ଏବଂ ତାଙ୍କ ବାପାଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜାନୁୟାରୀ ୧୯୯୪

- କାମ୍ବୋଡିଆର ଖେମରରୁଜ୍ ଗେରିଲା ସୈନ୍ୟଙ୍କ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ନେଇ ସରକାରଙ୍କ ଶାନ୍ତି ପ୍ରସ୍ତାବକୁ ଖେମରରୁଜ୍ ମୁଖ୍ୟ ଖିଭ ସମ୍ପାନ ପ୍ରତ୍ୟାଖ୍ୟାନ କରିଛନ୍ତି।
- ଖ୍ୟାତନାମା ଚିତ୍ର ନିର୍ମାତା ବୁଦ୍ଧଦେବ ଦାସଗୁପ୍ତାଙ୍କ ଚାରାଚର (ପକ୍ଷୀମାନଙ୍କ ବାସ ସ୍ଥାନ) ବର୍ଲିନ ଫିଲ୍ମୋତ୍ସବର ପ୍ରତିଯୋଗିତା ବିଭାଗ ନିମନ୍ତେ ମନୋନୀତ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଧ୍ୱଂସକାରୀ ବମ୍‌ର ମାତାପିତା

ମହାଶୟ,

ଧରିତ୍ରୀରେ ପ୍ରକାଶିତ ରିପୋର୍ଟ ଅନୁସାରେ ଚାଇନା ୫/୬ ମିଟର ଦୀର୍ଘ ବିଧ୍ୱଂସକାରୀ ଅଣଆଣବିକ ଯୁଦ୍ଧାସ୍ତ୍ର 'ମଦର ଅଫ୍ ଅଲ୍ ବମ୍‌ସ' ପ୍ରସ୍ତୁତ କରି ଆମେରିକାର ଏମ୍‌ଓଏବିକୁ ଟକ୍କର ଦେବା ପାଇଁ ଘୋଷଣା କରିଛି। ଆଣବିକ ନିରୋଧୀ ଚୁକ୍ତିରେ ପୃଥିବୀର ବହୁ ଦେଶ ସ୍ୱାକ୍ଷର କରିଥିଲେ ହେଁ ଏହି ଅଣଆଣବିକ ବମ୍ ଆଣବିକ ବମ୍‌ଠାରୁ ଆହୁରି ଶକ୍ତିଶାଳୀ ବୋଲି ପରୀକ୍ଷାରୁ ଜଣାପଡ଼ିବା ପରେ ପୃଥିବୀରେ ହଇଚଇ ସୃଷ୍ଟି ହୋଇଛି। ନିଜ ନିଜର ଆଧିପତ୍ୟ ବିସ୍ତାର ପାଇଁ ଏପରି ପ୍ରତିଯୋଗିତା ମାନବର ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟାନ୍ୟ ଦେଶ କେବଳ ଭକୁଆ ହୋଇ ଚାହିଁରହିଛନ୍ତି ଓ ଆଗାମୀ ଭବିଷ୍ୟତରେ ଅଘଟଣ ଆଶଙ୍କାରେ ଭୟଭୀତ ହୋଇପଡୁଛନ୍ତି। ଆମେରିକାର ମୁକାବିଲା ପାଇଁ ଚାଇନା, ଉତ୍ତର କୋରିଆ ଓ ରୁଷିଆ ନିଜର ଅସ୍ତ୍ରଭଣ୍ଡାରକୁ ନୂତନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରୁଛନ୍ତି। ଏମ୍‌ଓବମ୍‌ସ ତନ୍ମଧ୍ୟରୁ ଅନ୍ୟତମ। ସେହିପରି ରୁଷିଆ ମଧ୍ୟ ଏଫ୍‌ଓବି 'ଫାଦର ଅଫ୍ ଅଲ ବମ୍‌ସ' ତିଆରି କରିଛି। ତେବେ ଚାଇନା ଓ ରୁଷିଆକୁ ଏପରି ସର୍ବ ବିଧ୍ୱଂସକାରୀ ବୋମାର ମାତାପିତା ବୋଲି ଅଭିହିତ କରିବା ଅସମୀଚୀନ ନୁହେଁ।

– ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଅକ୍ଷମଣୀୟ ତ୍ରୁଟି

ଚଳିତବର୍ଷର ସରକାରୀ ଡାଏରୀରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅମର କୃତି 'ମାନବ ଜୀବନ ନୁହଁଇ କେବଳ...'କୁ କବିବର ରାଧାନାଥ ରାୟଙ୍କ ଲେଖା ବୋଲି ପ୍ରକାଶ ପାଇବା ଅକ୍ଷମଣୀୟ ତ୍ରୁଟି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗର ସ୍ପଷ୍ଟୀକରଣ ଗ୍ରହଣଯୋଗ୍ୟ ନୁହେଁ। ସାଧାରଣ ପ୍ରଶାସନ ବିଭାଗ ଏହାକୁ ଅନିଚ୍ଛାକୃତ ତ୍ରୁଟି ବୋଲି କହି ଦାୟିତ୍ୱ ଖସାଇପାରିବେ ନାହିଁ। ଏହା ସାଧାରଣ ପ୍ରଶାସନ ବିଭାଗର ସଂପୃକ୍ତ ଅଧିକାରୀଙ୍କ ଅଜ୍ଞତା ଓ ଦାୟିତ୍ୱହୀନତାର ଫଳ। ବିଭିନ୍ନ ସରକାରୀ ପଦପଦବୀରେ ଆବଶ୍ୟକତା ଅନୁସାରେ ଯୋଗ୍ୟତା ଓ ଅଭିଜ୍ଞତା ନ ଥିବା ଲୋକଙ୍କୁ ଅବସ୍ଥାପିତ କରିବାର ଏହା ଏକ ପରିଣାମ। ଦାୟୀ ଅଧିକାରୀମାନେ ଏହି ତ୍ରୁଟି ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ସହ ଦଣ୍ଡ ବିଧାନର ସମ୍ମୁଖୀନ ହେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲଙ୍କାଗଡ଼ ଜଙ୍ଗଲରେ ମାଈହାତୀ ଅସୁସ୍ଥ


ବୁଡେଲ ନାଳ ନିକଟରେ ପଡିଥିବା ମାଈହାତୀ।

**ତୁମୁଡିବନ୍ଧ,୧୭।୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବେଲଘର ବନାଞ୍ଚଳ ଲଙ୍କାଗଡ଼ ସଂରକ୍ଷିତ ଜଙ୍ଗଲରେ ଏକ ମାଈହାତୀ ଅସୁସ୍ଥ ହୋଇ ପଡିରହିଛି। ଗୁରୁବାର ସକାଳେ ଖବରପାଇ ସେଠାକୁ ଜଣେ ଫରେଷ୍ଟର ଯାଇଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ହାତୀଟିର କୌଣସି ଚିକିତ୍ସା ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି।

ସୂଚନା ଅନୁଯାୟୀ, କଳାହାଣ୍ଡି ଜଙ୍ଗଲରୁ ୪ ମାଈହାତୀ, ଗୋଟିଏ ଛୁଆ ହାତୀ ଏବଂ ଗୋଟିଏ ଦନ୍ତାହାତୀ ଥିବା ଏକ ହାତୀପଲ ୨ମାସ ହେବ ବେଲଘର ବନାଞ୍ଚଳକୁ ଆସି ଲଙ୍କାଗଡ଼ ସଂରକ୍ଷିତ ଜଙ୍ଗଲରେ ରହୁଥିଲେ। ଜଙ୍ଗଲର କେନ୍ଦୁପଡାପାଖ ବୁଡେଲ ନାଳ ନିକଟରେ ଗୁରୁବାର ଏକ ମାଈହାତୀ ପଡିଥିବା ଲୋକେ ଦେଖି ବନବିଭାଗକୁ ଜଣାଇଥିଲେ। ହାତୀଟି ଅସୁସ୍ଥ ହୋଇ ଚାଲିପାରୁ ନ ଥିବାରୁ ପଡି ରହିଥିବା ଅନୁମାନ କରାଯାଉଛି। ଲଙ୍କାଗଡ ଫରେଷ୍ଟର ଶିବ ସୁନ୍ଦର ସାହୁ, ଫରେଷ୍ଟଗାର୍ଡ ରୁପିଙ୍ଗା ମଲିକ ଓ ଲଙ୍କାଗଡ ଶିକାରୀ ନିରୋଧକ ଉମେଶ ଚନ୍ଦ୍ର ପାତ୍ର ଅସୁସ୍ଥ ହାତୀକୁ ଜଗି ରହିଛନ୍ତି। ଫରେଷ୍ଟର ସାହୁ ହାତୀଟିକୁ ୫୦ରୁ ଊର୍ଦ୍ଧ୍ୱ ବୟସ ହେବ ଓ ବୃଦ୍ଧାବସ୍ଥା ଯୋଗୁ ଅସୁସ୍ଥ ହୋଇ ଚାଲି ନ ପାରି ପଡିରହିଛି ବୋଲି କହିଥିଲେ। ଏନେଇ ଡିଏଫ୍‌ଓ ବିଶ୍ୱନାଥ ନିଳାମ୍ବରମଙ୍କ ସହ ଯୋଗାଯୋଗ କରିବାରୁ ଅସୁସ୍ଥ ନା କ୍ଷତାକ୍ତ କେଉଁ କାରଣରୁ ହାତୀଟି ପଡିରହିଛି ତଦନ୍ତ ନକଲା ପର୍ଯ୍ୟନ୍ତ କହିହେବନି ବୋଲି ମତ ପ୍ରକାଶ କରିଛନ୍ତି। ଖବର ଲେଖାହେବା ସୁଦ୍ଧା ହାତୀଟିର ଚିକିତ୍ସା ହୋଇ ନ ଥିବା ଜଣାପଡିଛି।

# ଯାତ୍ରୀଙ୍କଠାରୁ ଲୁଟ ଯୋଜନା ପଣ୍ଡ

**ଦିଗପହଣ୍ଡି/ପାଟପୁର,୧୭।୧(ଡି.ଏନ.ଏ.)**

## ମାରଣାସ୍ତ୍ର ଜବତ, ୪ ଗିରଫ

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଇଲାକାରେ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପୋଲିସ ପଣ୍ଡ କରିଛି । ବୁଧବାର ରାତି ପ୍ରାୟ ସାଢ଼େ ୨ଟାରେ ପାଟପୁର-ଆସିକା ମୁଖ୍ୟରାସ୍ତାରେ ଡକାୟତି ପାଇଁ ଯୋଜନା ଚଳାଇଥିବା ୪ ଜଣଙ୍କୁ ସାମନ୍ତରାୟପୁର ଯାତ୍ରୀ ବିଶ୍ରାମାଗାର ନିକଟରୁ ଗିରଫ କରାଯାଇଛି। ସେମାନେ ହେଲେ ଧରାକୋଟ ଥାନା ମୁଣ୍ଡମରେଇ ଗ୍ରାମର ରାମେଶ୍ୱର ରଥ ଓରଫ ଗୁନିଆ, କମାଶାସନ ଗ୍ରାମର କେ. ଧର୍ମା ରେଡ୍ଡୀ, ଏଲ. କୁଶ ରେଡ୍ଡୀ, ଏସ. କଇଁଚ ଓରଫ ସନ୍ତୋଷ ରେଡ୍ଡୀ। ଅନ୍ଧାରର ସୁଯୋଗ ନେଇ ଅନ୍ୟ ୩ ଅଭିଯୁକ୍ତ ୨ଟି ବାଇକରେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଦୁଇଟି ବୋମା, ଭୁଜାଲି, ଛୁରି ଜବତ କରିଛି। ଦିଗପହଣ୍ଡିଠାରୁ ଭାୟା ପାଟପୁର ଦେଇ ଶେରଗଡ଼ ଆସିକା ଅଭିମୁଖେ ଚଳାଚଳ କରୁଥିବା ବସ ଓ ବାଇକ ଚାଳକଙ୍କୁ ଲୁଟିବା ଏବଂ ନିକଟସ୍ଥ ଗ୍ରାମରେ ସଶସ୍ତ୍ର ଡକାୟତି ପାଇଁ ଅଭିଯୁକ୍ତମାନେ ଯାତ୍ରୀ ବିଶ୍ରାମାଗାରରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ । ବିଶେଷ ସୂତ୍ରରୁ ଖବର ପାଇ ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ ସଦଳବଳେ ଚଢ଼ାଉ କରିଥିଲେ। ଏଏସଆଇ ଗୋଲକ ଚନ୍ଦ୍ର ପଲାଇଙ୍କ ଏତଲାକ୍ରମେ ଏ ନେଇ ଥାନାରେ ନଂ.୧୦/୧୯ ମାମଲା ରୁଜୁ ହୋଇଛି। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା।

# କାର୍‌ରୁ ୭୨ କେଜି ଗଞ୍ଜେଇ ଜବତ


ଜବତ କାର।


ଜବତ ଗଞ୍ଜେଇ ପ୍ୟାକେଟ।

**ଦିଗପହଣ୍ଡି/ପାଟପୁର,୧୭।୧(ଡି.ଏନ.ଏ.)**

## ଚାଳକ ସମେତ ୪ ଗିରଫ


ସାନଖେମୁଣ୍ଡି ବ୍ଲକ ଡ଼େଙ୍ଗାଓସ୍ତା-ପଳାସପୁର ମୁଖ୍ୟରାସ୍ତାର ହରିଣା ଗ୍ରାମ ନିକଟରୁ ଗୁରୁବାର ପାଟପୁର ପୋଲିସ ଗଞ୍ଜେଇ ବୋଝେଇ ଏକ କାର ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। କାର (ନଂ.ଓଆର୦୨ବିଏଚ୧୮୧୯)ଟି ଦ୍ରୁତଗତିରେ ଆସୁଥିବା ଦେଖି ପୋଲିସ ଅଟକାଇ ଖାନତଲାସ କରିଥିଲା। ସେଥିରୁ ୪୦ଟି ପ୍ୟାକେଟରେ ୭୨ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ଗଜପତି ଜିଲା ମୋହନା ଥାନା ଶିକୁଲିପଦରର ଜହନ ରଇତ, କରନ ରଇତ ଏବଂ ବାଘମାରି ଗ୍ରାମର ରଶ୍ମିକାନ୍ତ ରଇତ ଓ ପାଟପୁର ଥାନା ପୋଡ଼ାମାରି ଗ୍ରାମର ଗାଡ଼ିଚାଳକ ରାଜେନ୍ଦ୍ର ପ୍ରଧାନଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୧୧/୧୯ ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଆସିକା କଲେଜରେ ଛାତ୍ର ଅଶାନ୍ତି

**ଆସିକା,୧୭।୧(ଡି.ଏନ୍.ଏ.):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନରେ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଛାତ୍ରମାନେ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଦୀର୍ଘ ସମୟ ଧରି ଅବରୋଧ କରି ରଖିଥିଲେ। ଅଧ୍ୟକ୍ଷଙ୍କ ଠାରୁ ଖବରପାଇ ପୋଲିସ ପହଞ୍ଚି ତାଲା ଭଙ୍ଗିଥିଲା। ଚଳିତ ବର୍ଷ ବିଭିନ୍ନ ଉତ୍ସବ କରିବା ଦାବିରେ ତାଲା ପକାଯାଇଥିବା ଜଣାଯାଇଛି। ପରେ ଆନ୍ଦୋଳନକାରୀ ଛାତ୍ର କଲେଜ ଅଧ୍ୟକ୍ଷଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଘଟଣା ସମ୍ପର୍କରେ କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ସୁବୁଦ୍ଧିଙ୍କୁ ପଚାରିବାରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହୋଇପାରି ନ ଥିବାରୁ ଏହି ଉତ୍ସବ ସବୁ ହୋଇପାରୁନାହିଁ। ଏ ସମ୍ପର୍କରେ ସେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅଧିକାରୀଙ୍କ ଠାରୁ ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଛାତ୍ରମାନଙ୍କ ସହ ଆଲୋଚନାବେଳେ ଏହି ବିଷୟ ସେମାନଙ୍କ ଦୃଷ୍ଟିକୁ ଆଣିଥିବା ଅଧ୍ୟକ୍ଷ ସୁବୁଦ୍ଧି ପ୍ରକାଶ କରିଛନ୍ତି।


## CLASSIFIED DISPLAY










## ସଂକ୍ଷେପରେ

### ବାର୍‌ହା ମାଂସ ଜବତ, ୨ ଗିରଫ



**ଭଞ୍ଜନଗର,୧୭।୧(ଡି.ଏନ.ଏ): ** ମୁଜାଗଡ଼ ରେଞ୍ଜ କର୍ମଚାରୀ ଗୁରୁବାର ଢ଼େପଗୁଡ଼ାରେ ବାର୍‌ହା ମାଂସ ବିକ୍ରି କରୁଥିବା ୨ଜଣଙ୍କୁ ଗିରଫ କରିଛନ୍ତି । ସେମାନେ ହେଲେ ଟାଙ୍ଗରାପଲ୍ଲୀର ବୁଢ଼ା ମଳିକ ଓ ମିନିଗାରିର ବନବାସୀ ମଳିକ। ସେମାନଙ୍କଠାରୁ ୪୦ କେଜି ମାଂସ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିଲା। ଢ଼େପଗୁଡ଼ା ଗ୍ରାମର ଏକ କୂଅରେ ଗୁରୁବାର ଭୋର୍‌ରେ ଏକ ବାର୍‌ହା ପଡ଼ିଯାଇଥିଲା। କେତେଜଣ ଯୁବକ ବାର୍‌ହାକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ ପାରି ନ ଥିଲେ। ପରେ ବାର୍‌ହାଟିର ମୃତ୍ୟୁ ହୋଇଥିଲା। ବୁଢ଼ା ଓ ବନବାସୀ ମୃତ ବାର୍‌ହାକୁ କୂଅରୁ ବାହାର କରି ମାଂସ ବିକ୍ରି ଯୋଜନା କରିଥିଲେ । ଖବରପାଇ ବନପାଳ କୈଳାସ ମଳିକ ଓ ବନରକ୍ଷୀ ସଙ୍ଗୀତା ମିଶ୍ର ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲେ।

### ଦୁର୍ଘଟଣାରେ ମହିଳା ମୃତ

**ବୁଗୁଡ଼ା,୧୭।୧(ଡି.ଏନ.ଏ.): ** ବୁଗୁଡ଼ା ଥାନା ମତାଝରି ମୁଖ୍ୟ ସଡ଼କରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ବାଇକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଗବାନପୁର ଗ୍ରାମର ପ୍ରମିଳା ଆଲଟିଆ (୪୮)। ପ୍ରକାଶ ଯେ, ବୁଗୁଡ଼ା ଥାନା ଭଗବାନପୁର ଗ୍ରାମର ଭିକାରୀ ଆଲଟିଆ ବାଇକରେ ସ୍ତ୍ରୀ ପ୍ରମିଳାଙ୍କୁ ନେଇ ଶ୍ୱଶୁର ଘର ଜଗନ୍ନାଥପ୍ରସାଦରୁ ଗ୍ରାମକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ୪ଟାରେ ମତାଝରି ନିକଟରେ ଗୋଟିଏ ମାଙ୍କଡ ବାଇକ ସହ ଧକ୍କା ହେବାରୁ ପ୍ରମିଳା ବାଇକରୁ ଖସି ପଡ଼ିଥିଲେ। ବୁଗୁଡା ଅଗ୍ନିଶମ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡା ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡିଛି।

### ଟାଙ୍କିରେ ପଡ଼ି ଆହତ ଯୁବକଙ୍କ ମୃତ୍ୟୁ

**ବେଗୁନିଆପଡ଼ା,୧୭।୧(ଡି.ଏନ.ଏ.): ** ବେଗୁନିଆପଡ଼ା ଫାଣ୍ଡି ତାଳସର ଗ୍ରାମର ଜଣେ ବ୍ୟକ୍ତି ସୋମବାର ଟାଙ୍କିରେ ପଡି ଗୁରୁତର ହୋଇଥିଲେ। ଗୁରୁବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ନୃସିଂହ ମହାରଣା (୪୩)। ନୃସିଂହ ବାରିପଟେ ଥିବା ଏକ ଟାଙ୍କି ମଧକୁ ଅସାବଧାନତାବଶତଃ ଖସିପଡିଥିଲେ। ତାଙ୍କୁ ପ୍ରଥମେ ବ୍ରହ୍ମପୁର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

■ ମଦ ବନ୍ଦ ଦାବିରେ ତାତିଲେ ମହିଳା

# ଜିଲାପାଳଙ୍କ ଅଫିସରେ ଧସେଇ ପଶିଲେ

**ଛତ୍ରପୁର,୧୭।୧(ଡି.ଏନ.ଏ)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ସମା ପଞ୍ଚାୟତ ଅଧୀନ ସମା ଓ ସିଙ୍ଗିପୁର ଗାଁରେ ଉଭୟ ବିଦେଶୀ ଓ ଦେଶୀ ମଦ ଦୋକାନ ବନ୍ଦ କରିବାକୁ ଗାଁର ମହିଳାମାନେ ଦାବି କରିଛନ୍ତି। ଏନେଇ ଉକ୍ତ ୨ ଗାଁର ଶତାଧିକ ମହିଳା ଜିଲାପାଳଙ୍କୁ ଭେଟିବାକୁ ଗୁରୁବାର ଛତ୍ରପୁର ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଜୟ ଦାଶଙ୍କୁ ଭେଟି ଦାବି ସମ୍ପର୍କରେ ଜଣାଇଥିଲେ। ୩ ଦିନ ମଧ୍ୟରେ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ମାତ୍ର ଏଥିରେ ରାଜି ନ ହୋଇ ଜିଲାପାଳ ଦାବି ଜଣାଇବେ ବୋଲି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ପରେ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୌଣସି ଅଧିକାରୀ ନ ଆସିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ମହିଳାମାନେ ଧସେଇ ପଶିଥିଲେ। ଏନେଇ ସେଠାରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ପୋଲିସ ଅଧିକାରୀମାନେ ପହଞ୍ଚିଥିଲେ ମଧ



ଆନ୍ଦୋଳନରେ ସାମିଲ ହୋଇଥିବା ମହିଳାମାନେ।

ମହିଳାମାନେ ରାଜି ନ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟର ୩ଟି ଫାଟକକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଅତିରିକ୍ତ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଅଟକ ରହିଥିଲେ। ଖବର ଲେଖାହେବାବେଳକୁ ଆନ୍ଦୋଳନ ଜାରି ରହିଥିଲା। ଏମାନଙ୍କ କହିବାନୁଯାୟୀ ପୁରୁଷୋତ୍ତମପୁର ବ୍ଲକ ସମା ପଞ୍ଚାୟତ ଅଧୀନ ସମା ଓ ସିଙ୍ଗିପୁର ଗାଁରେ ଦୀର୍ଘଦିନ ହେଲା ମଦ ଦୋକାନ ଚାଲିଛି। ଫଳରେ ମଦ୍ୟପାନ କରି ଝିଅବୋହୂମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏସମ୍ପର୍କରେ ପୁରୁଷୋତ୍ତମପୁର ବିଡିଓ, ତହସିଲଦାର, ଆଇଆଇସି, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ଏବଂ ଅବକାରୀ ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଦାବି ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନି। ଫଳରେ ଜିଲାପାଳଙ୍କୁ ଭେଟିବାକୁ ଛତ୍ରପୁର ଆସିଥିଲେ। ମହିଳା ସଶକ୍ତୀକରଣ ସଂଘର ସଭାପତି ରୀନା ବାରିକ, ସମ୍ପାଦିକା ଗାୟତ୍ରୀ ପ୍ରଧାନ, ରାଣୀ ପ୍ରଧାନ, ଗୀତାଞ୍ଜଳୀ ବିଷୋୟୀ, ଗୀତା ବେହେରାଙ୍କ ସମେତ ୨୨ ମହିଳା ସଂଘର ସଦସ୍ୟା ସାମିଲ ହୋଇଥିଲେ।

## ଫେବୃୟାରୀ ୩ରେ ପୋତାଗଡ଼ ମହୋତ୍ସବ

**ଗଞ୍ଜାମ,୧୭।୧(ଡି.ଏନ.ଏ.)**

ଗଞ୍ଜାମ ସହରର ଐତିହାସିକ ପୋତାଗଡ଼ଠାରେ ଫେବୃୟାରୀ ୩ରେ ପ୍ରଥମଥର ପାଇଁ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଓଡ଼ିଆ ଡାମଣା ସାହି ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଏନଏସି ପୂର୍ବତନ ନଗରପାଳ ବୃନ୍ଦାବନ ପଲାଇ ଅଧ୍ୟକ୍ଷତା କରିଥିଲେ। ବଡ଼ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ଏମପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ବିନୋଦ ମହାପାତ୍ର, ସରପଞ୍ଚ ଦିଲୀପ ଛଟରାଏ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ପୂର୍ବତନ କାଉନସିଲର ଅବିନାସ ବେହେରା, ସୂର୍ଯ୍ୟ ପାତ୍ର, ଗିରିଜା ଶଙ୍କର ମହାପାତ୍ର, ପୋଲିସ ସମିତି ଅଧକ୍ଷ ତଥା ଅବସରପ୍ରାପ୍ତ ଅଧାପକ ଭିକାରୀ ବେହେରା, ଦୁର୍ଗାଦେବୀ ଶିଳ୍ପ ତାଲିମ କେନ୍ଦ୍ର ସମ୍ପାଦକ ପ୍ରମୋଦ ପଣ୍ଡା,



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନସାଧାରଣ।

ସାମାଜିକ କର୍ମୀ ଉମାକାନ୍ତ ବେହେରା, ସନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୨ ଦିନିଆ ମହୋତ୍ସବ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ୪୫ ଜଣିଆ କମିଟି ଗଠନ କରାଯାଇଛି। ପୁଣି ଏହାକୁ ସମ୍ପାଦନା ପାଇଁ ୧୧ ଜଣିଆ କାର୍ଯ୍ୟକାରୀ କମିଟି ମଧ ଗଠନ କରାଯାଇଥିଲା। ଅଭିଭାବକ କମିଟି ସଭାପତିଶଙ୍କର ବାରିକିଙ୍କୁ ଆବାହକ ଭାବେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ନାଗରିକ ମଞ୍ଚର ଲିଙ୍ଗରାଜ ପଟ୍ଟନାୟକ ବୈଠକ ସଂଯୋଜନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚ, ଅଟୋ ମାଲିକ ସଂଘ, ପ୍ରେସ କ୍ଲବ, ବଣିକ ସଂଘ ଆଦିକୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ମହୋତ୍ସବ ପାଇଁ ରାଜ୍ୟ ପର୍ଯ୍ୟଟନ ସଂସ୍କୃତି ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ଆସିଥିବା ବେଳେ ମୋଟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆଲୋଚନା ହୋଇଛି।

## ବ୍ୟାଙ୍କ ଘେରିଲେ ତିତ୍‌ଲି କ୍ଷତିଗ୍ରସ୍ତ

**କବିସୂର୍ଯ୍ୟନଗର,୧୭।୧**

କବିସୂର୍ଯ୍ୟନଗର ଏନଏସି ମୁଖ୍ୟରାସ୍ତାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ତିତ୍‌ଲି କ୍ଷତିଗ୍ରସ୍ତ ଲୋକ ଘେରିଛନ୍ତି। ଫଳରେ ଅପରାହ୍ନରେ ବ୍ୟାଙ୍କ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଗଙ୍ଗାପୁର ଓ ଗୁଡ଼ିଆଲି ପଞ୍ଚାୟତର ଶତାଧିକ ତିତଲି କ୍ଷତିଗ୍ରସ୍ତ ଅପରାହ୍ନ ପ୍ରାୟ ୧ଟାରେ ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଆନ୍ଦୋଳନ କରିଥିଲେ। କୌଣସି ଉପଭୋକ୍ତାଙ୍କୁ ବ୍ୟାଙ୍କ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲେ। ଦିନ ଗୋଟାଏରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ବ୍ୟାଙ୍କ କାର୍ଯ୍ୟ ବ୍ୟାହତ ହୋଇଥିଲା। ଦୀର୍ଘ ୩ମାସ ଯାଏ ୨ ପଞ୍ଚାୟତର କ୍ଷତିଗ୍ରସ୍ତ ଲୋକଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ପାସ୍‌ବୁକକୁ ଟଙ୍କା ପଠାଇ ନ ଥିବା ଅଭିଯୋଗ କରିଛନ୍ତି। ବିଡିଓ ପ୍ରବୀଣ କୁମାର ପଣ୍ଡା ସମସ୍ତ କ୍ଷତିଗ୍ରସ୍ତଙ୍କ ତାଲିକା ବ୍ୟାଙ୍କକୁ ପଠାଇ ଦେଇଥିବା କହିଥିବା ବେଳେ ବ୍ୟାଙ୍କ ପରିଚାଳକ ପ୍ରଦୀପ ଚନ୍ଦ୍ର ନାହାକ ଛୁଟିରେ ଥିବା ଦର୍ଶାଇଛନ୍ତି। ଏଏସ୍‌ଆଇ ପ୍ରମୋଦ କୁମାର ଜେନା ଓ ରବୀନ୍ଦ୍ର ନାଥ ଗୌଡ଼ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ବ୍ୟାଙ୍କ ଫିଲ୍‌ଡ ଅଫିସର ତଥା ଭାରପ୍ରାପ୍ତ ବ୍ୟାଙ୍କ ପରିଚାଳକ ରଶ୍ମିରଞ୍ଜନ ପ୍ରଧାନ ସୋମବାର ବ୍ୟାଙ୍କ ପରିଚାଳକ ଆସିବା ପରେ ସମସ୍ୟା ବିଷୟରେ ଜଣାଇବେ ବୋଲି କହିଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳିତ

**ପାତ୍ରପୁର,୧୭।୧(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ତୁରୁବୁଡ଼ି ପଞ୍ଚାୟତ ବାଘଲଟି ଜଳ ପ୍ରକଳ୍ପ କାର୍ଯ୍ୟାଳୟ ଠାରେ ଗୁରୁବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ଦାସ ଶର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ଲଡ୍ଡୁ କିଶୋର ସାବତ ମୁଖ୍ୟଅତିଥି ଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ନୀଳାଞ୍ଚଳ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ପାଣି ପଞ୍ଚାୟତର ଗଠନର ଉପକାରିତା, ଜଳର ସଠିକ ବ୍ୟବହାର, କମ ଜଳ ବ୍ୟବହାର କରି ଅଧିକ ଅମଳ, ଚାଷୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ନେଇ ଅତିଥିମାନେ ସୂଚନା ଦେଇଥିଲେ। ଟିକିଟି ସ୍ଥିତ ଆର୍‌ଆର୍ ବିଦ୍ୟାପୀଠରେ ଚଳିତ ମାସ ୧୦ ତାରିଖରେ ଅନୁଷ୍ଠିତ ହୋଇଥିବା ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଅଞ୍ଚଳର ୫ ପାଣି ପଞ୍ଚାୟତର କର୍ମକର୍ତ୍ତା, ଚାଷୀଙ୍କ ସମେତ ବୃନ୍ଦାବନ ସାହୁ, ସହକାରୀ ଯନ୍ତ୍ରୀ ହଳଧର ପ୍ରଧାନ, ସସ୍ମିତା ସାହୁ, ସନ୍ତୋଷ କୁମାର ସୁବୁଦ୍ଧି, ବିଜୟ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ପାତ୍ର, ଶିବରାମ ବେହେରା, ସଞ୍ଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଯୁଧିଷ୍ଠିର ସାହୁ ପରିଚାଳନା କରିଥିଲେ।



ମଞ୍ଚାସୀନ ଅତିଥି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏମନ୍ତ ଭାବରେ କହି ଯାଉଥିବ,**
**କେହି ନ ବୋଲିବେ ଝୁଟ୍,**
**ଏମନ୍ତ ଭାବରେ ବସି ଯାଉଥିବ**
**କେହି ନ ବୋଲିବେ ଉଠ୍ ।**

କଥା କହିବାରେ ସଂଯମତା ତଥା ବସାଉଠା କରିବାରେ ଯଥାର୍ଥତା ଅବଲମ୍ବନ କରିବା ସର୍ବଦା ଉଚିତ। ସ୍ଥାନ କାଳ ପାତ୍ର ଅନୁସାରେ କହିବା ଏବଂ ବସିବା ଶୋଭନୀୟ ହୋଇଥାଏ। ସ୍ଥଳ ବିଶେଷରେ ଏହିଭଳି ସ୍ୱଭାବ ପ୍ରଶଂସନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଣୁ ମାଇଲେ ଗୋ-ହତ୍ୟା,**
**ତେଣୁ ମାଇଲେ ବ୍ରହ୍ମହତ୍ୟା ।**

ବେଳେ ବେଳେ ବ୍ୟକ୍ତି ଦୋ ସନ୍ଧିରେ ପଡ଼ିଯାଇଥାଏ। କେଉଁଟା କରିବ ବା କେଉଁଟା ଛାଡ଼ିବ ତା'ର କୂଳକିନରା ପାଇ ନ ଥାଏ କି ସମୟୋପଯୋଗୀ ନିଷ୍ପତ୍ତି ନେବାରେ ବୁଦ୍ଧିବାଟ ଦିଶି ନ ଥାଏ। ବିଷମ ସମସ୍ୟାର ସମ୍ମୁଖୀନ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଉପଜିଲାପାଳଙ୍କ ଏନ୍‌ଏସି ଉନ୍ନୟନ କାର୍ଯ୍ୟ ସମୀକ୍ଷା



ଉପଜିଲାପାଳଙ୍କ ସମୀକ୍ଷା।

**ଗଞ୍ଜାମ,୧୭।୧(ଡି.ଏନ.ଏ.): ** ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ଗୁରୁବାର ଗଞ୍ଜାମ ଏନ୍‌ଏସକୁ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଟିକସ ଆଦାୟ, ସାନିଟେଶନ, ପ୍ରକଳ୍ପ ନିର୍ମାଣ ଆଦି କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ୱାର୍ଡରେ ପାଇଖାନା ନିର୍ମାଣ ସରିଥିଲେ ମଧ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା କାହିଁକି ପଠାଯାଇନି ବୋଲି କନିଷ୍ଠ ଯନ୍ତ୍ରୀଙ୍କୁ ଉପଜିଲାପାଳ ସାହୁ ପ୍ରଶ୍ନ କରିଥିଲେ। ୭ ନଂ. ୱାର୍ଡର ରାସ୍ତା ଏବଂ ଡ୍ରେନ ଖରାପ ହୋଇଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ। ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ କନିଷ୍ଠ ଯନ୍ତ୍ରୀ ଇଂ. ବିଶ୍ୱରଞ୍ଜନ ଜେନାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବେଳେ ପୋତାଗଡ଼ ମହୋତ୍ସବ କମିଟି ପକ୍ଷରୁ ଫେବୃୟାରୀ ୩ରେ ପୋତାଗଡ଼ ମହୋତ୍ସବ କରାଯିବ ବୋଲି ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ସମସ୍ତ ସହଯୋଗ ଯୋଗାଇଦେବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ଗୁଡୁ, ସହକାରୀ ଯନ୍ତ୍ରୀ ଟି. ଲୋକେଶ, କିରାଣୀ ଲକ୍ଷ୍ମୀ ଚରଣ ପାଢ଼ୀ ପ୍ରମୁଖ ସମୀକ୍ଷା ବେଳେ ଉପସ୍ଥିତ ଥିଲେ। ଉପଜିଲାପାଳ ବ୍ଲକ କାର୍ଯ୍ୟାଳୟ ଯାଇ କାଳିଆ ଯୋଜନାର କମ୍ପ୍ୟୁଟର ଡ଼ାଟା ଏଣ୍ଟ୍ରିଙ୍କ ସହ ଆଲୋଚନା କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

1985ରୁ ସହସ୍ରାଧିକଙ୍କୁ ଲାଭ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
ହ୍ୱାଟ୍‌ସଆପ୍/Call: 09198771709
MAHAKALI TANTRA SADHANA KENDRA UTTRAKHAND
ସବୁଆଡ଼ୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ଫୁଲବାଣୀ ଅଫିସ,୧୭।୧:** ତୁମୁଡିବନ୍ଧ ଥାନା ଅଞ୍ଚଳରେ ଜଣେ ୯ବର୍ଷର ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ତୁମୁଡିବନ୍ଧ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ନଂ.୫/୨୦୧୯ରେ ମାମଲା ରୁଜୁ କରି ଜଣେ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଗୁରୁବାର ତାଙ୍କୁ ଫୁଲବାଣୀ ବାଳସୁଧାର ଗୃହକୁ ପଠାଯାଇଥିବା ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ଶରାଫ କହିଛନ୍ତି। ପ୍ରକାଶ ଯେ, ଗତ ୧୫ ତାରିଖ ଅପରାହ୍ନ ୨ଟାରେ ସେହିଗ୍ରାମର ଜଣେ ନାବାଳକ କୌଶଳକ୍ରମେ ନାବାଳିକାଙ୍କୁ ତାଙ୍କ ଘରକୁ ଡାକି ଭିତରପଟୁ କବାଟ ବନ୍ଦ କରି ଦେଇଥିଲେ। ଝିଅକୁ ଖୋଜୁଥିବାବେଳେ ମା' ନାବାଳକଙ୍କ ଘର ବାରଣ୍ଡାରେ ଚପଲ ଥିବା ଦେଖିଥିଲେ। ଝିଅକୁ ଡାକିବାରୁ ସେ ଘରୁ ବାହାରି ତାଙ୍କୁ ନାବାଳକ ଜଣକ ବଳାତ୍କାର କରିଥିବା କହିଥିଲେ। ଏନେଇ ପରିବାର ପକ୍ଷରୁ ତୁମୁଡିବନ୍ଧ ଥାନାରେ ଏତଲା ଦିଆଯାଇଥିଲା।

### ମହିଳାଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

**ଗୋପାଳପୁର,୧୭।୧:** ଜଣେ ମହିଳାଙ୍କୁ ଧମକ ଦେବା ସହ ଆକ୍ରମଣ ଅଭିଯୋଗରେ ଗୋପାଳପୁର ପୋଲିସ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ତୁରା ଗ୍ରାମର ଜଗା ନାୟକ (୪୨)। ଏହି ଥାନା ଅନ୍ତର୍ଗତ ତୁରା ଗ୍ରାମ ଡିମ୍ବିରା ସାହିରେ ଗତ ୧୩ ତାରିଖ ରାତିରେ ଜଗା ଭୋଗି ପାଇଁ ନିଆଁ ଲଗାଇଥିବା ବେଳେ ପଡ଼ୋଶୀ ଘରର କୁନି ନାୟକ ନିଆଁ ଲିଭାଇବାକୁ କହିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଜଗା କୁନିଙ୍କୁ ଗାଳିଗୁଲଜ କରିବା ସହ କାତିରେ ବେକକୁ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ କୁନି ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ନଂ.୬/୧୯ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଜଗା ଗ୍ରାମରେ ଥିବାବେଳେ ଖବର ପାଇ ପୋଲିସ ଚଢାଉ କରି କାବୁ କରିଥିଲା।

### ବୋଲେରୋ ଧକ୍କାରେ ଛାତ୍ରୀ ଆହତ

**ଛତ୍ରପୁର,୧୭।୧(ଡି.ଏନ.ଏ.):** ଛତ୍ରପୁର ବାଇପାସ ବାଟ ଛତ୍ରପୁର ନିକଟରେ ବୋଲେରୋ ଗୁରୁବାର ଏକ ସାଇକେଲକୁ ଧକ୍କା ଦେଇଥଲା। ଏଥିରେ କଲେଜ ଛାତ୍ରୀ ଜଣଙ୍କ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଛାତ୍ରୀ ଜଣଙ୍କ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟକୁ ସାଇକେଲ ଯୋଗେ ଯାଉଥିବାବେଳେ ଗୋପାଳପୁର ପୋର୍ଟରୁ ଛତ୍ରପୁର ଆସୁଥିବା ବୋଲେରୋ (ଆରଜେ୨୩ ଯୁବି-୧୧୪୦) ଧକ୍କା ଦେଇଥିଲା।

### ଜଳିଗଲା ଗାଡି



**ଛତ୍ରପୁର,୧୭।୧(ଡି.ଏନ.ଏ.):** ଛତ୍ରପୁର ବାଇପାସ ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ବ୍ରହ୍ମପୁରରୁ ନୋଳିଆନୂଆଗାଁ ଯାଉଥିବା ଏକ ଟାଟା ମ୍ୟାଜିକ ଗାଡିରେ ହଠାତ୍ ନିଆଁ ଲାଗିଯାଇଥିଲା। ଏସମ୍ପର୍କରେ ଖବର ପାଇ ଛତ୍ରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅପରପକ୍ଷରେ ଗାଡିଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି ସର୍ଟ୍‌ସର୍କିଟ ଯୋଗୁ ଗାଡିରେ ନିଆଁ ଲାଗିଯାଇଥିବା ଜଣାପଡିଛି।

### ଜଙ୍ଗଲରୁ ବନ୍ଧୁକ ଜବତ, ଶିକାରୀ ଫେରାର

**ଭଞ୍ଜନଗର,୧୭।୧(ଡି.ଏନ.ଏ)-** ମୁଜାଗଡ଼ ରେଞ୍ଜ କର୍ମଚାରୀ ଗୁରୁବାର ରାତିରେ ଲଙ୍ଗଳଖୋଲା ଜଙ୍ଗଲରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛନ୍ତି। ମାତ୍ର ଶିକାରୀମାନେ ଫେରାର ହୋଇଯାଇଛନ୍ତି। ଫେରାର ଶିକାରୀଙ୍କୁ ଚିହ୍ନଟ କରି ଗିରଫ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଯୋଜନା ଚାଲିଛି। ପ୍ରକାଶଯେ, ଶିକାରୀମାନେ ଜଙ୍ଗଲରେ ଶିକାର ପାଇଁ ବନ୍ଧୁକ ଧରି ଘୁରି ବୁଲୁଥିଲେ। ବନ ବିଭାଗ କର୍ମଚାରୀ ରାତ୍ର ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତଙ୍କ ପିଛା କରିଥିଲେ। କିନ୍ତୁ ଅଭିଯୁକ୍ତମାନେ ଅନ୍ଧାର ରାତିର ସୁଯୋଗ ନେଇ ବନ୍ଧୁକ ଫୋପାଡ଼ି ଖସିଯିବାରେ ସକ୍ଷମ ହୋଇଛନ୍ତି।

**ନବାଳିକା ଛାତ୍ରୀ ସନ୍ତାନ ଜନ୍ମ ଦେବା ଘଟଣା**



ଭାଜପା ପକ୍ଷରୁ ଦାରିଙ୍ଗବାଡ଼ି ଚାରିଛକଠାରେ ବନ୍ଦ ପାଳନ କରାଯାଉଛି।




ଫୁଲବାଣୀ

# ଭାଜପାର କନ୍ଧମାଳ ବନ୍ଦ

**ଦାରିଙ୍ଗବାଡ଼ି,୧୭।୧(ଡି.ଏନ୍.ଏ)**

ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଜଣେ ୮ମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ଓ କ୍ଷତିପୂରଣ ଦାବି ନେଇ ଗୁରୁବାର ଭାଜପା ପକ୍ଷରୁ ଦିଆଯାଇଥିବା କନ୍ଧମାଳ ଜିଲା ବନ୍ଦ ଡାକରାର ପ୍ରଭାବ ବିଭିନ୍ନ ବ୍ଲକରେ ପଡ଼ିଛି। ଦାରିଙ୍ଗବାଡିରେ କନ୍ଧମାଳ ସୁରକ୍ଷା ଅଭିଯାନ ମଧ୍ୟ ଏହି ବନ୍ଦରେ ସାମିଲ ହୋଇଥିଲା। ଦାରିଙ୍ଗବାଡି ଚାରିଛକଠାରେ ସକାଳ ୬ଟାରୁ ଆନ୍ଦୋଳନକାରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଦାରିଙ୍ଗବାଡ଼ିରୁ ଭୁବନେଶ୍ୱର, ବ୍ରହ୍ମପୁର, ବାଲିଗୁଡ଼ା, ଫୁଲବାଣୀ ଆଦି ଅଞ୍ଚଳକୁ ବସ୍ ଓ ଅନ୍ୟାନ୍ୟ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଭାଜପା ପକ୍ଷରୁ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ କମଳା ପାଣ୍ଡେ, ମହିଳା ମୋର୍ଚ୍ଚାର ସଂଘମିତ୍ରା ପ୍ରଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦାରିଙ୍ଗବାଡ଼ି ଭାଜପା ମଣ୍ଡଳ ସଭାପତି ଅରୁଣ ପ୍ରଧାନ, ସମ୍ପାଦକ ପ୍ରଭାକର ସାହୁ, ହରେନ କୁମାର ସାହୁ, ବିରଞ୍ଚି ନାରାୟଣ ସାହୁ, ଭାଲୁ ସାହୁଙ୍କ ସମେତ ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି କନ୍ଧମାଳ ସୁରକ୍ଷା ଅଭିଯାନର ଆବାହକ ପ୍ରତାପ କୁମାର ପ୍ରଧାନଙ୍କ ନେତୃତ୍ୱରେ ୧୦ନଂ. ଜୋନ କଂଗ୍ରେସ ସଭାପତି କାଳୀପ୍ରସାଦ ମଲ୍ଲିକ, ବରିଷ୍ଠ ନେତା ସୁରେନ୍ଦ୍ର ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। **ଫିରିଙ୍ଗିଆ:** ଫିରିଙ୍ଗିଆରେ ଦୋକାନ ବଜାର ବନ୍ଦ ରହିଥିବା ବ୍ଲକ କାର୍ଯ୍ୟାଳୟକୁ ଭାଜପା କର୍ମୀମାନେ ବନ୍ଦ କରିଥିଲେ । ବ୍ଲକ ସଭାପତି ଗୋଲକ ବିହାରୀ କହଁର, ଉପସଭାପତି ଅଂଗଦ ବେହେରା, ରାଜକିଶୋର ସାହୁ, ସୁଶାନ୍ତ କୁମାର ମହାପାତ୍ର, ରମେଶ ଚନ୍ଦ୍ର ପାଣି, ବିଶ୍ୱାମିତ୍ର କହଁର, ଯୋଗେଶ୍ୱର କହଁର, ବିଶ୍ୱାମିତ୍ର ପ୍ରଧାନ, ହରିସ୍ କହଁର, ଶଶିନ୍ଦ୍ର ଦିଗାଲଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ ହୋଇଥିଲା। **ଜି.ଉଦୟଗିରି:** ଜି.ଉଦୟଗିରି ଠାରେ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ଦୋକାନ ବଜାର ଓ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଜି.ଉଦୟଗିରି ଠାରେ ଭାଜପା ନେତା ଯାଯୁ ପ୍ରଧାନ, ଜ୍ଞାନଚନ୍ଦ୍ର ପ୍ରଧାନ, ମାନଗୋବିନ୍ଦ ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ଅଜିତ କୁମାର ସାହୁ, ପୂର୍ବତନ ଏନଏସି ଅଧ୍ୟକ୍ଷା ତଥା ଭାଜପା ନେତ୍ରୀ ସିଦ୍ଧେଶ୍ୱରୀ ନାୟକ ପ୍ରମୁଖ ପିକେଟିଂ କରିଥିଲେ। **ରାଇକିଆ:** ରାଇକିଆରେ ମଧ୍ୟ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ଭାଜପା ଓ କନ୍ଧମାଳ ସୁରକ୍ଷା ଅଭିଯାନ ତରଫରୁ ଦିଆଯାଇଥିବା ବନ୍ଦ ଡାକରା ପ୍ରଭାବରେ ରାଇକିଆ ଅଞ୍ଚଳର ସମସ୍ତ ଦୋକାନବଜାର ବନ୍ଦ ରହିବା ସହ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଭାଜପା କର୍ମୀ ପିକେଟିଂ କରି ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଥିଲେ। ଶରତ ପ୍ରଧାନ, ଗାୟକ ପ୍ରଧାନ, ସଞ୍ଜୀବ ବେହେରା,ନାରାୟଣ ମହାନ୍ତି, ଲକ୍ଷ୍ମଣ ପ୍ରଧାନ, ତାପସ ଦଳବେହେରା, ବିଜୟ ପ୍ରଧାନ, ସନକ ଦିଗାଳ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ କନ୍ଧମାଳ ସୁରକ୍ଷା ଅଭିଯାନ ପକ୍ଷରୁ ନାବାଳିକାଙ୍କୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ସହ ଜିଲା ମଙ୍ଗଳ ଅଧିକାରୀ ଓ ଦାୟିତ୍ୱରେ ଅବହେଳା କରିଥିବା ଅନ୍ୟ ଅଧିକାରୀଙ୍କୁ ବରଖାସ୍ତ କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେ ନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ ଦାବି କରିଛନ୍ତି। **କ.ନୂଆଗାଁ:** କ.ନୂଆଗାଁ ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଦୋକାନ ବଜାର ସହ ଗାଡି ଚଳାଚଳ ବନ୍ଦ ରହିଥିଲା। ବିଦ୍ୟାଳୟଗୁଡିକ ଖୋଲା ଥିବା ଦେଖିବାକୁ ମିଳିଥିଲା। ଭାଜପା ନେତା ବିପ୍ରଚରଣ ପ୍ରଧାନ, ବ୍ଲକ ସମ୍ପାଦକ ବିଜୟ କୁମାର ସାହୁ, ସରୋଜ କୁମାର ପଟ୍ଟନାୟକ, ଉଦ୍ଧବ କୁମାର ଦିଗାଳ ପ୍ରମୁଖ ପିକେଟିଂ କରି ବନ୍ଦ କରିଥିଲେ। **ଶଙ୍କରାଖୋଲ:** ଚକାପାଦ ଓ ଟିକାବାଲି ବ୍ଲକର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଭାଜପା ମଣ୍ଡଳ ସଭାପତି ସୁଧୀର ପ୍ରଧାନ ଓ ରାଜକିଶୋର ପ୍ରଧାନଙ୍କ ନେତୃତ୍ୱରେ କର୍ମୀ ଓ ନେତାମାନେ ପିକେଟିଂ କରି ବନ୍ଦ କରିଥିଲେ। ଦୋକାନବଜାର, ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସେହିପରି ଟିକାବାଲି ବ୍ଲକର ଟିକାବାଲି ସହର, ପାବୁରୁଆ, ପୁଟିଙ୍ଗିଆ ବଜାରରେ ବନ୍ଦର ପ୍ରଭାବ ପଡିଥିଲା। ଶତ୍ରୁଘ୍ନ ଦିଗାଳ, ଦେବାଶିଷ ପ୍ରିୟଦର୍ଶନୀ, ଘୋରବନ ଦିଗାଳ, ସର୍ବେଶ୍ୱର କହଁର ପ୍ରମୁଖ ବନ୍ଦର ନେତୃତ୍ୱ ନେଥିଲେ। କେବଳ ଦୁଇଚକିଆ ଯାନ ଚାଲୁଥିବା ଦେଖିବାକୁ ମିଳିଥିଲା। **ବାଲିଗୁଡା:** ବାଲିଗୁଡାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବନ୍ଦ ଯୋଗୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଫଳରେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇପଡିଥିଲା। ଭାଜପାର ବାଲିଗୁଡା ଶାଖା ପକ୍ଷରୁ ପିକେଟିଂ କରି ବନ୍ଦକୁ ଜୋର୍‌ଦାର କରାଯାଇଥିଲା। ଟାଉନର ପ୍ରତ୍ୟେକ ଛକ ଓ ପ୍ରବେଶ ପଥରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ବାଲିଗୁଡାରୁ ଫୁଲବାଣୀ, ଦାରିଙ୍ଗବାଡି, ବ୍ରହ୍ମପୁର, ରାଇକିଆ ଯିବାକୁ ଥିବା ଯାତ୍ରିବାହୀ ବସ୍‌ଗୁଡିକ ଅଟକି ରହିଥିଲା। ଅଞ୍ଚଳରେ ବହୁ ସ୍କୁଲ, କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାବେଳେ କାଁଭାଁ ଖୋଲାଥିବା ମଧ୍ୟ ଦେଖିବାକୁ ମିଳିଥିଲା। ବନ୍ଦ ଡାକରାରେ ସୁରକ୍ଷା ଅଭିଯାନର ଆବାହକ ପ୍ରତାପ ପ୍ରଧାନ, ସଭାପତି ଶାନ୍ତନୁ ପ୍ରଧାନଙ୍କ ସମେତ ବାଲିଗୁଡା ଭାଜପା ପକ୍ଷରୁ ଜଗନ୍ନାଥ ସାହୁ, ପଦ୍ମଚରଣ ଦାସ, ରଞ୍ଜିତ ସାହୁ, କରେନ୍ଦ୍ର ମାଝି ପ୍ରମୁଖ କର୍ମୀ ସାମିଲ ଥିଲେ।




ରାଇକିଆ

# ପାଣି ପଞ୍ଚାୟତ ପକ୍ଷ ପାଳନ

**ଫୁଲବାଣୀ ଅଫିସ,୧୭।୧**

ଗାନ୍ଧୀ ସ୍ମୃତିଭବନ ସଭାଗୃହରେ ବୁଧବାର ପାଣି ପଞ୍ଚାୟତ ପକ୍ଷ ପାଳନ ଆରମ୍ଭ ହୋଇଛି। ଉଠା ଜଳସେଚନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଦୁଗୁନି କହଁର, ସମ୍ମାନିତ ଅତିଥି ଭାବେ ଜିଲା କୃଷି ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ରଥ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର ନାରାୟଣ ନାୟକ, ମୁଖ୍ୟବକ୍ତାଭାବେ ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜମି, ଜଙ୍ଗଲ, ବିହନ, ସାର, ଔଷଧ ଏବଂ କୃଷି ଉତ୍ପାଦନର ବିକ୍ରିପାଇଁ ବିପଣନ ବ୍ୟବସ୍ଥା, ଜଳ ସଂରକ୍ଷଣ ଉପରେ ବିଶଦ୍ ଭାବେ ଆଲୋଚନା ହୋଇଥିଲା। ଆସନ୍ତା ୩୦ ପର୍ଯ୍ୟନ୍ତ ଜିଲାରେ ଥିବା ପାଣି ପଞ୍ଚାୟତରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରଯିବ। ପୂର୍ବରୁ ବିଦ୍ୟାଳୟସ୍ତରର ୮ରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ପାଣିପଞ୍ଚାୟତ ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷିରେ ଏକାଭିମୁଖତା' ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ। ଏହି ପକ୍ଷ ପାଳନ ଅବସରରେ ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୨୨ରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଏକ ପାଣି ପଞ୍ଚାୟତ ସମ୍ପର୍କିତ ସଚେତନତା ରଥ ଫୁଲବାଣୀରୁ ବାହାରି ସମଗ୍ର ଜିଲାରେ ସଚେତନତା କରିବ। ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ନେଇ ଆଉ ଏକ ପ୍ରତିଯୋଗିତା କରାଯିବ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀମାନେ ରାଜ୍ୟ ସ୍ତରର ପ୍ରତିଯୋଗୀତାରେ ଭାଗ ନେବେ। ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ରୁଦ୍ରପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚିନିଶିଳ୍ପରେ ଅଶାନ୍ତି

**ଆସିକା,୧୭।୧(ଡି.ଏନ୍.ଏ.)**

ଆସିକା ସମବାୟ ଚିନିଶିଳ୍ପର କର୍ମଚାରୀମାନେ ବିଭିନ୍ନ ଦାବି ପୂରଣ ଲାଗି ହୋଇଥିବା ଚୁକ୍ତିନାମାକୁ କାର୍ଯ୍ୟକାରି କରିବାକୁ ଗୁରୁବାର କାର୍ଯ୍ୟବନ୍ଦ କରିଥିଲେ। କର୍ମଚାରୀମାନେ କାରଖାନା ପରିଚାଳନା ପରିଷଦ ସଭାପତି ବିପିନ ବିହାରୀ ପାତ୍ରଙ୍କୁ ତାଙ୍କ ପ୍ରକୋଷ୍ଠରେ ଦୀର୍ଘସମୟ ଧରି ଘେରାଉ କରିଥିଲେ। ସଭାପତି ପାତ୍ର ପରିଚାଳନା ପରିଷଦର ବୈଠକ ଡକାଇ ନିଷ୍ପତ୍ତି ମୁତାବକ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡିଥିଲା। ଏ ନେଇ ସଭାପତି ପାତ୍ରଙ୍କୁ ପଚାରିବାରୁ କର୍ମଚାରୀମାନେ ସେମାନଙ୍କ ଏକ୍ସଗ୍ରାସିଆ (ପ୍ରୋତ୍ସାହନ ରାଶି) ଦେବା ଲାଗି ଦାବି କରି ଏହି କାର୍ଯ୍ୟବନ୍ଦ କରିଥିଲେ । ସମବାୟ ବିଭାଗର ସର୍ବୋଚ୍ଚ କର୍ମକର୍ତ୍ତାଙ୍କ ସୁପାରିଶ ବିନା ଏହା ଦେବା ପରିଚାଳନା ପରିଷଦ ପକ୍ଷରେ ସମ୍ଭବ ନ ଥିବାରୁ ସେ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ବୁଝାଇଥିବା ପ୍ରକାଶ କରିଛନ୍ତି।

## ଡେଙ୍ଗାପଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଉତ୍ସବରେ ମଞ୍ଚାସିନ ଅତିଥି।

**ଶେରଗଡ,୧୭।୧(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଡେଙ୍ଗାପଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗାପଦର ମହନ୍ତ ମହାରାଜ ପରମାନନ୍ଦ ଦାସ ଗୋସ୍ୱାମୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ଅନନ୍ତରାମ ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ତହସିଲଦାର ଡ.ଦୟାସିନ୍ଧୁ ପରିଡା ଯୋଗଦେଇ କବିତା ପାଠ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ପାତ୍ର, ସରପଞ୍ଚ ରାମକୃଷ୍ଣ ପଲେଇ, ସମିତିସଭ୍ୟ ବୁଦ୍ଧା ପ୍ରଧାନ, ଶ୍ୟାମ ସୁନ୍ଦର ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢି ଭଲ ମଣିଷ ହେବାକୁ କହିଥିଲେ। ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ବିଦ୍ୟାଳୟର ପତ୍ରିକା 'ପ୍ରତିଭା' ଉନ୍ମୋଚନ କରିଥିଲେ। ଛାତ୍ରୀଛାତ୍ରମାନେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଦ୍ୟାଳୟ ଏସଏମସି ଗଠନ

**ବେଗୁନିଆପଡ଼ା,୧୭।୧(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳସ୍ଥିତ ରବିଘୋଷ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏସଏମସି ଗଠନ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ ସନ୍ତୋଷିନି ସାହୁ ଯୋଗ ଦେଇଥିଲେ। ଉପସ୍ଥିତ ଅଭିଭାବକଙ୍କ ସର୍ବସମ୍ମତିକ୍ରମେ ଏସଏମସି ସଭ୍ୟ, ସଭାପତି ଓ ଉପସଭାପତି ଚୟନ କରାଯାଇଥିଲା ସଭ୍ୟ ଭାବେ ପିଙ୍କି ନାୟକ, କୃଷ୍ଣ ଜାନୀ, ଅଭିମନ୍ୟୁ ପରିଡ଼ା, ଶିବ ଶଙ୍କର ସ୍ୱାଇଁ, ସୁଦର୍ଶନ ନାୟକ, ପ୍ରତିମା ଡ଼ାକୁଆ, ପ୍ରମିଳା ସାହୁ, ନମିତା ବାରିକ, ରଶ୍ମିତା ପ୍ରଧାନ, ବସନ୍ତ କୁମାର ପାଣ୍ଡି, ବି. ଯୋଗି ଦୋରା, ସୁନିତା ବିଶ୍ୱାଳଙ୍କୁ ମନୋନିତ କରାଯିବା ପରେ ସଭାପତି ଭାବେ ବସନ୍ତ କୁମାର ପାଣ୍ଡି ଓ ସୁନିତା ବିଶ୍ୱାଳଙ୍କୁ ଉପସଭାପତି ଭାବେ ଚୟନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।



ପ୍ରଧାନ ଶିକ୍ଷକଙ୍କ ଗହଣରେ ସଭାପତି ଓ ଉପସଭାପତି ।

# ବି.କରଡ଼ାବାଡ଼ି ପଞ୍ଚାୟତ ଦାୟିତ୍ୱ ନେଲେ ନାଏବ ସରପଞ୍ଚ

**ବୁଗୁଡ଼ା,୧୭।୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ପଞ୍ଚାୟତରେ ନାଏବ ସରପଞ୍ଚ ସୁବାସିନୀ ନାୟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ନିର୍ବାଚନରେ ଏହି ପଞ୍ଚାୟତରେ ସୀମାଞ୍ଚଳ ପ୍ରଧାନ ସରପଞ୍ଚ ନିର୍ବାଚିତ ହୋଇଥିଲେ । ତେବେ ତାଙ୍କର ୨ ରୁ ଅଧିକ ସନ୍ତାନ ଥିବା ଯୋଗୁ ନିର୍ବାଚନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିବା ବିଷ୍ଣୁପ୍ରିୟା ନାୟକ ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ସରପଞ୍ଚ ପଦବୀ ଅସିଦ୍ଧ କରିବାକୁ ଅପିଲ କରିଥିଲେ। ପରେ ଏହାକୁ ସୀମାଞ୍ଚଳ ଚାଲେଞ୍ଜ କରି ଭଞ୍ଜନଗର ଏଡିଜେ କୋର୍ଟରୁ ରହିତାଦେଶ ଆଣିଥିଲେ । ଗତ ୪ ତାରିଖରେ ଭଞ୍ଜନଗର ଏଡିଜେ କୋର୍ଟ ତଳକୋର୍ଟ ରାୟକୁ କାଏମ ରଖିବା ସହ ଏହାକୁ ଭାଙ୍ଗି ପଞ୍ଚାୟତରେ ସାନି ନିର୍ବାଚନ କରିବାକୁ ଆଦେଶ ଦେଇଥିଲେ । ଏ ବିଷୟରେ ନିର୍ବାଚନ ଅଧିକାରୀଙ୍କୁ ବିଧି ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁବାର ଏଡିଜେଙ୍କ ରାୟ ପ୍ରକାରେ ଗଞ୍ଜାମ ଜିଲାପାଳ ତଥା ମାଜିଷ୍ଟ୍ରେଟ ତାଙ୍କ ଚିଠିରେ ନାଏବ ସରପଞ୍ଚ ସୁବାସିନୀଙ୍କୁ ଦାୟିତ୍ୱ ପ୍ରଦାନ ସହ ନିର୍ବାଚନ ତଥା ନୂତନ ସରପଞ୍ଚ ମନୋନୀତ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ବିଡିଓଙ୍କ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ନାଏବ ସରପଞ୍ଚ ବ୍ଲକର ଜିପିଇଓ କୃଷ୍ଣଚନ୍ଦ୍ର ସାହୁ ଓ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ାଙ୍କ ଉପସ୍ଥିତିରେ ବି.କରଡ଼ାବାଡ଼ି ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ମୁଁ ହିରୋ କାର୍ଯ୍ୟକ୍ରମ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ବୁଗୁଡା,୧୭।୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ସଙ୍କୁରୁ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍କୁରୁ ପଞ୍ଚାୟତର ସରପଞ୍ଚ ସୁମିତ୍ରା ନାୟକ, କନିଷ୍ଠ ଯନ୍ତ୍ରୀ ସୁକାନ୍ତ କୁମାର ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭଜରାମ ସାହୁ, ରବୀନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, ସିଡିପିଓ ରଞ୍ଜିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏଲ୍‌ଇଡି ବଲବ ଓ ସୁନେତ୍ର ଯୋଜନାରେ ଲୋକଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ସମ୍ପାଦକ ଶ୍ରୀକୃଷ୍ଣ ବେହେରା, କୋଷାଧ୍ୟକ୍ଷ ପୀତାମ୍ବର ଗୌଡ଼ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

## ଏନ୍‌କାଉଣ୍ଟରରେ ଆହତଙ୍କୁ କୋର୍ଟ ଚାଲାଣ

**ଆସିକା,୧୭।୧(ଡି.ଏନ୍.ଏ.)**

ବାହାନ ଲେଙ୍କା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଜେନାଙ୍କୁ ଆସିକା ଥାନା ପଲ୍ଲୀମାଳ ନିକଟରେ ଗତ ୭ ତାରିଖରେ ପୋଲିସ ଏନକାଉଣ୍ଟର କରିଥିଲା। ସେ ଗୁରୁତର ଆହତ ହୋଇଥିବାରୁ ବ୍ରହ୍ମପୁର ବଡମେଡିକାଲରେ ଚିକିତ୍ସାଧିନ ଥିଲେ। ଗୁରୁବାର କୃଷ୍ଣ ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରିବାପରେ ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଡିସେମ୍ବର ୩୧ ରାତିରେ ଖାରିଆ ସରପଞ୍ଚଙ୍କ ଭାଇ ବାହାନ ଲେଙ୍କାଙ୍କୁ ଅଭିଯୁକ୍ତମାନେ କଲେଜ ଛକ ରାସ୍ତାରେ ଗୁଳିକରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଅଭିଯୁକ୍ତଙ୍କୁ ଧରିବା ଲାଗି ଜାଲ ବିଛାଇଥିଲା। କୃଷ୍ଣ ଓ ତାଙ୍କ ଭାଇ ସୁନିଲ୍ ଏକ ବାଇକରେ ଯାଉଥିବାବେଳେ ପୋଲିସ ଏନକାଉଣ୍ଟର କରିଥିଲା। ଦୁଇ ଭାଇ ଆହତ ହୋଇ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ।

# ସ୍କୁଲ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର

**ପୋଲସରା,୧୭।୧(ଡି.ଏନ.ଏ.)**

ପୋଲସରା ବ୍ଲକ ରୁମାଗଡ଼ ଗ୍ରାମରେ ଥିବା ଶ୍ରୀ ଦଣ୍ଡେଶ୍ୱର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ର ଅଶାନ୍ତି ଦେଖାଦେଇଛି। ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟା ନେଇ ସ୍କୁଲ ଫାଟକରେ ତାଲା ପକାଇଥିଲେ। ବିଦ୍ୟାଳୟରେ ବାର୍ଷିକ ଉତ୍ସବ ହେଉନି, ଖେଳ ସାମଗ୍ରୀ ଦିଆଯାଉନି, ଲାଇବ୍ରେରୀରୁ ବହି ମିଳୁନି, ସ୍କୁଲରେ ପାଇଖାନା ବ୍ୟବହାର ଲାଗି ଦିଆଯାଉନି, ଶିକ୍ଷକମାନେ ନିୟମିତ ଠିକ୍ ସମୟରେ ଆସୁନାହାନ୍ତି, ଏସ/ଏସଟି ପିଲାମାନଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯାଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ। ସେହିପରି ସ୍କୁଲରେ ପାନୀୟ ଜଳ ଓ ସାଇକେଲ ଷ୍ଟାଣ୍ଡ ଆଦି ସମସ୍ୟା ସମାଧାନ ଦାବି ନେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକକୁ ବନ୍ଦ କରି ଦେଇଥିଲେ । ଫଳରେ ଶିକ୍ଷକମାନେ ବିଦ୍ୟାଳୟ ପରିସର ମଧ୍ୟରେ ରହିଥିଲେ । ଖବରପାଇ ସିଆରସିସି ଜଗନ୍ନାଥ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାଇ ପ୍ରମୁଖ ସମସ୍ୟାର ସମାଧାନ ତୁରନ୍ତ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ଫାଟକ ମଧ୍ୟ ଖୋଲିଥିଲେ । ସିଆରସିସି ଜଗନ୍ନାଥ ପଣ୍ଡା ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷକ, ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଖଟୁଆ, ସମିତିସଭ୍ୟ ପ୍ରତିନିଧି ଗୌରହରି ବିଶୋୟୀ, ଶିବରାମ ଡ଼ାକୁଆ, ପଦ୍ମନାଭ ସାହୁ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ବିଶୋୟୀ ପ୍ରମୁଖ ଅପରାହ୍ନ ୪.୩୦ମି.ରୁ ସନ୍ଧ୍ୟା ୭ଟା ମଧ୍ୟରେ ଆଲୋଚନା କରି ସମସ୍ୟାର ସମାଧାନ ହୋଇଥିଲା ।



ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ ମାମଲା

## ଅଭିଯୋଗକାରୀଙ୍କୁ କ୍ଷତିପୂରଣ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ୍,୧୭।୧:** ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ମାମଲାର ବିଚାର କରି ଦ୍ୱିତୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍ଏସ୍ସି) ପ୍ରଜ୍ଞାନ ପଣ୍ଡା ଗୁରୁବାର ଅଭିଯୋଗକାରୀଙ୍କୁ ୪ ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ନେଇ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି ।

ପ୍ରକାଶଯେ, ୨୦୧୨ ଅଗଷ୍ଟ ୧୨ ତାରିଖ ବିଳମ୍ବିତ ରାତିରେ ସଦରଥାନା ଅଧୀନ ବାଲିପଡା ଗ୍ରାମର ଅଭିଯୁକ୍ତ ଚିକୁ ପ୍ରସାଦ ବିଷୋୟୀ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ରବୀନ୍ଦ୍ର ମହାରଣା ରାସ୍ତାରେ ଯାଉଥିବା ସମୟରେ ଗାଡି ଅଟକାଇ ମାଡ ମାରିଥିଲେ । ଏନେଇ ରବୀନ୍ଦ୍ର ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଜଣକ ପରେ ଜାମିନରେ ଆସିଥିଲେ । ତଦନ୍ତକାରୀ ଅଧିକାରୀ ଏସ୍ଆଇ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଘଟଣାର ତଦନ୍ତ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ପରେ ବିଚାର ଆରମ୍ଭ ହୋଇଥିଲା । ୬ ଜଣ ସାକ୍ଷୀଙ୍କର ସାକ୍ଷ୍ୟ ଓ ବୟାନ୍‌କୁ ଆଧାର କରି ଅଭିଯୋଗକାରୀ ରବିନ୍ଦ୍ରଙ୍କୁ କ୍ଷତିପୂରଣ ସକାଶେ ୪ହଜାର ଟଙ୍କା ପ୍ରଦାନ କରିବାକୁ ଅଭିଯୁକ୍ତ ଚିକୁଙ୍କୁ ଅଦାଲତ ଚୂଡାନ୍ତ ରାୟ ପ୍ରକାଶ କରିଥିବା ଜଣାପଡିଛି । ସରକାରଙ୍କ ପକ୍ଷରୁ ଏପିପି ମନୋଜ କୁମାର ପାଢୀ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଭି.ଈଶ୍ୱର ଦୋରା ମକଦ୍ଦମା ପରିଚାଳନା କରୁଥିଲେ ।

## ଖଲ୍ଲିକୋଟ ଏଡିଜେ-୨ କୋର୍ଟ ଉଦ୍‌ଘାଟନ ୧୯ରେ

**ବ୍ରହ୍ମପୁର ଅଫିସ୍,୧୭।୧:** ଗଞ୍ଜାମ ଜିଲା ଖଲ୍ଲିକୋଟରେ ନୂତନ ଭାବେ ସ୍ଥାପିତ ଏଡିଜେ-୨ କୋର୍ଟ ଆସନ୍ତା ୧୯ତାରିଖରେ ଉଦ୍‌ଘାଟନ ହେବ ବୋଲି ସୂଚନା ମିଳିଛି। ପ୍ରୋଟକଲ୍ ଜଜ୍ ତଥା ହାଇକୋର୍ଟ ବିଚାରପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି। ଶୁକ୍ରବାର ରାତିରେ ପ୍ରୋଟକଲ୍ ଜଜ୍ ଚିଲିକାରେ ରାତ୍ରି ଯାପନ କରିବା ପରେ ୧୯ରେ ଖଲ୍ଲକୋଟ ଯାଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାଯାଇଛି । କାର୍ଯ୍ୟକ୍ରମରେ ଜିଲା ଜଜ୍ ବିଭୁପ୍ରସାଦ ରାଉତରାୟ ଅନ୍ୟତମ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ବେଞ୍ଚ୍ କ୍ଲର୍କ୍ ଭାବେ ବିନୋଦ କୁମାର ପଟ୍ଟନାୟକ ଓ ଗୌରୀଶଙ୍କର ସାହୁଙ୍କୁ ନିଯୁକ୍ତି କରାଯାଇଥିବା କୋର୍ଟ ସୂତ୍ରରୁ ପ୍ରକାଶ । ସେହିପରି ଛତ୍ରପୁର କୋର୍ଟରେ ପଡି ରହିଥିବା ୯୨୦ ମାମଲାରୁ ୫୦୦ରୁ ଊର୍ଦ୍ଧ୍ୱ ମାମଲା ଏହି ନୂତନ ଏଡିଜେ-୨ କୋର୍ଟକୁ ଫଇସଲା ପାଇଁ ପଠାଯାଇଥିବା ସୂଚନା ମିଳିଛି ।

### ବ୍ରହ୍ମପୁର ବଡ଼ ମେଡିକାଲ

# ବିକଶିତ ଭିତ୍ତିଭୂମି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା

**ସମୀରକାନ୍ତ ତ୍ରିପାଠୀ**
**ବ୍ରହ୍ମପୁର ଅଫିସ୍,୧୭।୧**

ଦକ୍ଷିଣ ଓଡ଼ିଶାର ଏକ ମାତ୍ର ପ୍ରମୁଖ ରେଫେରାଲ୍ ସରକାରୀ ମେଡିକାଲ କଲେଜ ହେଉଛି ବ୍ରହ୍ମପୁର ବଡ ମେଡିକାଲ । ଏଠାକୁ ଦକ୍ଷିଣ ଓଡିଶା ସମେତ ପଡୋଶୀ ରାଜ୍ୟ ଆନ୍ଧ୍ର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରୁ ଦୈନିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ସକାଶେ ଆସିଥାନ୍ତି । ହେଲେ ଏଠାକାର ଭିତ୍ତିଭୂମି ଠିକ୍ ଥିବା ବେଳେ ଉପଯୁକ୍ତ ବନ୍ଦୋବସ୍ତ ନ ଥିବା ଯୋଗୁ ରୋଗୀ ତଥା ସମ୍ପର୍କୀୟଙ୍କୁ ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ବିଶେଷ କରି ନିଦାନ କେନ୍ଦ୍ର ସମ୍ମୁଖରେ ବିଭିନ୍ନ ପ୍ରକାର ପରୀକ୍ଷା କରିବାକୁ ଆସିଥିବା ରୋଗୀ ଓ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ୨୦୧୮ ଜାନୁୟାରୀ ଆରମ୍ଭରୁ ରାଜ୍ୟ ସରକାର ନିଦାନ ଯୋଜନାର ଶୁଭାରମ୍ଭ କରିଥିଲେ । ସରକାରୀ ମେଡିକାଲ କଲେଜ ଗୁଡିକରେ ରୋଗ ଚିହ୍ନଟ ପାଇଁ ସମସ୍ତ ପ୍ରକାର ପରୀକ୍ଷା ମାଗଣାରେ ଉପଲବ୍ଧ କରାଯିବାର ଘୋଷଣା କଲେ । ଘୋଷଣା ପରେ ଲୋକେ ଖୁସି ଯେତିକି ତାଠାରୁ ଅଧିକା ଦୁର୍ଦ୍ଦଶା ଭୋଗ କରୁଥିବା ଅଭିଯୋଗ ହୋଇଛି । ପ୍ରକାଶଯେ, ବ୍ରହ୍ମପୁର ବଡ ମେଡିକାଲରେ ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର (ଆର୍.ଡି.ସି) ବା ଆଞ୍ଚଳିକ ନିଦାନ କେନ୍ଦ୍ର ରହିଛି । ସକାଳ ୯ ଟାରୁ ଅପରାହ୍ନ ୧ ଘଣ୍ଟ ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ ଟା ଯାଏ ଏଠାରେ ରୋଗୀଙ୍କ ରୋଗ ଚିହ୍ନଟ ଯାବତୀୟ ପରୀକ୍ଷା ନିରୀକ୍ଷା ଆଦି କରାଯାଇଥାଏ । ମଧ୍ୟାହ୍ନ ୧୨ଟା ପରେ ଏବଂ ରାତି ୮ଟା ପରେ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥାଏ । ମାଗଣାରେ ପରୀକ୍ଷା କରାଯାଉଥିବା ଘୋଷଣା ହେବା ପରେ ଦୈନିକ ଶତାଧିକ ରୋଗୀଙ୍କ ସୁଅ ଛୁଟୁଛି । ଏତଦ୍ ବ୍ୟତୀତ ବଡ ମେଡିକାଲର ଇନ୍‌ଡୋରରେ ରୋଗୀଙ୍କ ସମେତ ଆଉଟ୍ ଡୋର୍ ରୋଗୀଙ୍କ ରୋଗ ଚିହ୍ନଟ ପରୀକ୍ଷା କରାଯାଇଥାଏ । ଫଳରେ ରୋଗୀଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥାଏ ।

### ନିଦାନରେ ପରୀକ୍ଷା ପାଇଁ ଲମ୍ବା ଧାଡି ବାନ୍ଧୁଛନ୍ତି ଲୋକେ

ରୋଗୀ ବଡ ମେଡିକାଲକୁ ଆସିଲେ ପ୍ରଥମେ ଟିକଟ ପରେ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ଡାକ୍ତରଙ୍କ ପରାମର୍ଶ କରିଥାନ୍ତି । ରୋଗ ଚିହ୍ନଟ ପରୀକ୍ଷା ଲାଗି ଆର୍.ଡି.ସି.କୁ ଯାଇଥାନ୍ତି । ହେଲେ ସେଠାରେ କେବଳ ରକ୍ତ ପରୀକ୍ଷା ପାଇଁ ନମୁନା ଦେବାକୁ ରୋଗୀ ତଥା ରୋଗୀ ସମ୍ପର୍କୀୟମାନେ ଲମ୍ବା ଧାଡି ବାନ୍ଧୁଥିବା ଦେଖିବାକୁ ମିଳୁଛି । ରୋଗୀଙ୍କ ନମ୍ବର ଆସିବା ପରେ ପରୀକ୍ଷା ପାଇଁ ନମୁନା ପ୍ରଦାନ କରିବା ପରେ ପୁଣି ରିପୋର୍ଟ ପାଇବା ପାଇଁ ଘଣ୍ଟା ଘଣ୍ଟା ଧାଡି ବାନ୍ଧି ଅପେକ୍ଷା କରୁଥିବା ଦେଖିବାକୁ ମିଳିଥାଏ । ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ଆର୍.ଡି.ସିରେ ମାଗଣାରେ ରୋଗ ଚିହ୍ନଟ ପରୀକ୍ଷା କରିବାକୁ ହେଲେ ତାଙ୍କୁ ଅନ୍ୟୂନ ୪ରୁ ୫ ଘଣ୍ଟା ଅପେକ୍ଷା କରିବାକୁ ପଡିଥାଏ ବୋଲି ଜଣାପଡିଛି । ସେହିପରି ରିପୋର୍ଟ ପାଇବାକୁ ମଧ୍ୟ ସେହି ଏକା ସମୟ ଅପେକ୍ଷା କରିବାକୁ ପଡିଥାଏ ବୋଲି ଅଭିଯୋଗ ହୋଇଛି । ନିଦାନରେ ମାଗଣା ରୋଗ ଚିହ୍ନଟ ପାଇଁ ମାତ୍ର ଗୋଟିଏ ୟୁନିଟ୍ ଖୋଲା ଯାଇଥିବାରୁ ସମସ୍ୟା ଦେଖାଦେଉଛି । ରକ୍ତ,ମଳ,ମୂତ୍ର, ଧାତୁ, ଏଣ୍ଡୋସ୍କୋପି ପରି ବିଭିନ୍ନ ପରୀକ୍ଷା ନିରୀକ୍ଷା ନିଦାନ ଯୋଜନାରେ ବଡ ମେଡିକାଲରେ ମାଗଣା ହେଉଥିବାରୁ ଲୋକେ ସମୟ ସାପେକ୍ଷ ହେଲେ ମଧ୍ୟ ଲମ୍ବା ଧାଡି ବାନ୍ଧୁଛନ୍ତି । ଜରୁରିକାଳୀନ ସମୟରେ ଲୋକେ ଲମ୍ବା ଧାଡି ଦେଖି ଘରୋଇ ନିଦାନ କେନ୍ଦ୍ରଗୁଡିକରେ ପରୀକ୍ଷା କରି ଦେଉଥିବା ବେଳେ ଆର୍ଥିକ ସମ୍ବଳ ନ ଥିବା ରୋଗୀ ତଥା ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଇଛନ୍ତି । ଆବଶ୍ୟକତାକୁ ଅନୁଭବ କରି ଆଉ ଏକ ନିଦାନ କେନ୍ଦ୍ର ୟୁନିଟ୍ ଖୋଲାଗଲେ ଲୋକଙ୍କ ସମସ୍ୟାରେ ସୁଧାର ଆସିବ ବୋଲି ସାଧାରଣରେ ଦାବି ହୋଇଛି ।



ବ୍ରହ୍ମପୁର ବଡ ମେଡିକାଲରେ ଥିବା ଆଞ୍ଚଳିକ ନିଦାନ କେନ୍ଦ୍ରର ଭିତର ଦୃଶ୍ୟ ।

### ରୋଗୀଙ୍କ ମୁହଁରୁ



“ଶାରୀରିକ ଅସୁସ୍ଥତାରୁ ଡାକ୍ତରଖାନାକୁ ଯାଇଥିଲି । ସେଠାରେ ବଡ ମେଡିକାଲ ଯାଇ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ କହିବାରୁ ବ୍ରହ୍ମପୁର ଆସିଥିଲି। ବଡ ମେଡିକାଲ ଓପିଡିରେ ଟିକଟ କାଟି ଡାକ୍ତରଙ୍କ ପରାମର୍ଶ କ୍ରମେ ତିନିଟି ପରୀକ୍ଷା ପାଇଁ ଏଠାକୁ ଆସିଥିଲି । ହେଲେ କେବଳ ଦୁଇଟିର ପରୀକ୍ଷା ହୋଇପାରିବ ଅନ୍ୟଟି ଘରୋଇ ନିଦାନ କେନ୍ଦ୍ରରେ କରିବାକୁ କହିଥିଲେ । ରକ୍ତ ନମୁନା ସଂଗ୍ରହ ପରେ ପରୀକ୍ଷା ପାଇଁ ଦେବା ସକାଶେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୨ ଘଣ୍ଟା ଯାଏ ଧାଡି ବାନ୍ଧି ରହିଥିଲେ ହେଁ ନିଦାନ କେନ୍ଦ୍ରରେ ପୈଠ କରିବା ଲାଗି ନମ୍ବର ଆସିନାହିଁ ।

**-ଧୋବଣୀ ବାରିକ୍, ଚମ୍ପେଇତପୁର**



“ସମ୍ପର୍କୀୟ ପୁତୁରାଙ୍କର କିଡ୍‌ନୀ ଓ ଯକୃତ ଜନିତ ସମସ୍ୟା ଥିବାରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବଡ ମେଡିକାଲକୁ ଆସିଥିଲୁ । ଡାକ୍ତର କହିଲେ ନିଦାନ କେନ୍ଦ୍ରରେ ପରୀକ୍ଷା କରି ଖୁବ୍ ଶୀଘ୍ର ରିପୋର୍ଟ ଆଣିବାକୁ। ସକାଳ ୯ ଟାରୁ ଆସି ଧାଡି ବାନ୍ଧି ରହିଛୁ। ଅପରାହ୍ନ ୨ ଟା ଯାଏ ଧାଡିରେ ହିଁ ରହିଛୁ। ଗୁରୁବାର ପରୀକ୍ଷା ପାଇଁ ନମୁନା ଦେଲେ ଶୁକ୍ରବାର ରିପୋର୍ଟ ମିଳିବ ବୋଲି ଅନୁଭବ କରୁଛି। ଜରୁରିକାଳୀନ ହୋଇଥିଲେ ହେଁ ଏଠାରେ ତାହା ଉପଲବ୍ଧି ହୋଇପାରୁନି। ରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ରହିଥିବା ବେଳେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ହେତୁ ଏଠାରେ ହିଁ ଧାଡି ବାନ୍ଧି ଅଛୁ ।

**-ଭୀମା ରାଓ, ମାର୍କଣ୍ଡି, ରଙ୍ଗେଇଲୁଣ୍ଡା ବ୍ଲକ**



“ବାପାଙ୍କର ମଧୁମେହ ଏବଂ ରକ୍ତ ପରୀକ୍ଷା ପାଇଁ ନିଦାନ କେନ୍ଦ୍ରକୁ ଆସିଛି । ଏହା ଖୋଲାଯିବା ସମୟରୁ ପ୍ରାୟ ୧ଘଣ୍ଟା ହେଲା ଧାଡିରେ ଅପେକ୍ଷା କରିଛି । ଭୋକ ଲାଗିଲେ ବି ଖାଇବାକୁ ଯାଇପାରୁନି । ଦୀର୍ଘ ସମୟ ଧରି ଛିଡା ହୋଇରହିବାରୁ ନିଜେ ଅସୁସ୍ଥତା ଅନୁଭବ କରୁଛି । ମାଗଣାରେ ପରୀକ୍ଷା ହେଉଛି ବୋଲି ଆସି, ଏଠାରେ ହଇରାଣ ହରକତ ହେବାକୁ ପଡୁଛି ।

**-ରବୀନ୍ଦ୍ର ପ୍ରଧାନ, ବେଲଗୁଣ୍ଠା**



“ଖୁବ୍ ଶୀଘ୍ର ନିଦାନ କେନ୍ଦ୍ରର ଅତିରିକ୍ତ ୟୁନିଟ୍ ଖୋଲିବ । ଲମ୍ବା ଧାଡି ବାନ୍ଧି ରହିବା ସମସ୍ୟାକୁ ଦୃଷ୍ଟିରେ ରଖି ତା'ର ସମାଧାନ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇସାରିଛି । ଆଉ ୟୁନିଟ୍ ଖୋଲାଗଲେ ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ଫାର୍ମାସିଷ୍ଟ, କର୍ମଚାରୀ ଓ ଲ୍ୟାବ୍ ଟେକ୍ନିସିୟାନ୍ ଆଦି ନିୟୋଜିତ ହେବେ । ଆବଶ୍ୟକ ସଂଖ୍ୟକ ମାନବ ସମ୍ବଳ ହୋଇଗଲେ ଲମ୍ବା ଧାଡି ବନ୍ଧା ସମସ୍ୟାର ଅନ୍ତ ଘଟିବ ।

**-ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, ଅଧକ୍ଷ, ବ୍ରହ୍ମପୁର ବଡମେଡିକାଲ**

### ଡା.ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ସେମିଫାଇନାଲ୍‌ରେ ଆଲ୍‌ଫା ସ୍ପୋର୍ଟିଂ

**ବ୍ରହ୍ମପୁର ଅଫିସ୍,୧୭।୧**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ଡା. ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ୍‌ରେ ଗ୍ରୁପ୍-ଏ'ର ଦ୍ୱିତୀୟ ଦଳ ଭାବେ ପ୍ରବେଶ କରିଛି ଆଲ୍‌ଫା ସ୍ପୋର୍ଟିଂ କ୍ଲବ। ଗୁରୁବାର ଆଲ୍‌ଫା ଏବଂ ଲିଡ୍‌ସ କ୍ଲୁ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆଲ୍‌ଫା ନିର୍ଦ୍ଧାରିତ ୩୦ ଓଭର୍‌ରେ ୮ ଉଇକେଟ୍ ହରାଇ ୨୧୧ରନ୍ କରିଥିଲା। ଦଳ ତରଫରୁ ଅଜୟ ଗୋଏଲ୍ ସର୍ବାଧିକ ୯୧ ବଲ୍‌ରେ ୧୦୮ରନ୍ କରିଥିଲେ। ଲିଡ୍‌ସ କ୍ଲୁ ତରଫରୁ ବି.କେ. ମାରାଣ୍ଡି ୩ ଏବଂ ସତ୍ୟ ନାରାୟଣ ରବି ପୁହାଣ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଆବଶ୍ୟକ ରନ୍‌ର ପିଛାକରି ଲିଡ୍‌ସ କ୍ଲୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୮ଓଭର୍ ୫ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୩୪ରନ୍ କରିଥିଲା। ଦଳ ୭୭ରନ୍‌ରେ ପରାସ୍ତ ହୋଇଥିଲା। ଲିଡ୍‌ସର ବିଜୟାନନ୍ଦ ଦାସ ସର୍ବାଧିକ ୨୫ରନ୍ କରିଥିଲେ । ଆଲ୍‌ଫା ତରଫରୁ ଡି. ସାଇ ସଂଗ୍ରାମ ଏବଂ ଶାନ୍ତନୁ ପାଣିଗ୍ରାହୀ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଶତକୀୟ ଇନିଂସ ଖେଳିଥିବା ଅଜୟ ଗୋଏଲ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ପୁରସ୍କୃତ କରାଯାଇଥିଲା । ଅମ୍ପାୟର୍ ଭାବେ ପ୍ରସନ୍ନ ପାଢୀ ଏବଂ ଜେ.କେ. ରଣସିଂହ ମ୍ୟାଚ ପରିଚାଳନା କରିଥିଲେ । ଶୁଭ୍ର କୁଜୁର ସ୍କୋରର ଦାୟିତ୍ୱରେ ଥିଲେ ।

ଏହି ମ୍ୟାଚ୍ ସହ ଟୁର୍ନାମେଣ୍ଟର ସେମିଫାଇନାଲ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି । ୧୮ତାରିଖରେ ପ୍ରଥମ ସେମିଫାଇନାଲ୍ ଲିଡ୍‌ସ ସ୍ପୋର୍ଟିଂ କ୍ଲବ ଏବଂ ଜୁନିୟର୍ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯିବ। ୧୯ ତାରିଖରେ ଦ୍ୱିତୀୟ ସେମିଫାଇନାଲ୍ ଅକ୍ସଫୋର୍ଡ଼ କ୍ରିକେଟ କ୍ଲବ ଏବଂ ଖଲ୍ଲିକୋଟ ଲିଡ୍‌ସ କ୍ଲୁ ମଧ୍ୟରେ ଅନୁଷ୍ଠିତ ହେବ । ୨୦ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ।





ଅଜୟ ଗୋଏଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି ।

# ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ



ଦସ୍ତଖତ ଅଭିଯାନରେ ଛାତ୍ରୀଛାତ୍ର ଓ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୧୭।୧**

ଭାଜପା ସରକାରଙ୍କ ଅନୁସୂଚିତ ଜାତି ଛାତ୍ରୀଛାତ୍ର ବିରୋଧୀ ନୀତି ବିରୋଧରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ 'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ' ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱାକ୍ଷର କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳର ସଂଗ୍ରାମକୁ ସମର୍ଥନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ପ୍ରମୋଦ ପାତ୍ର, ଜୋନାଲ ସେକ୍ରେଟେରି ରାଜେଶ ଦୋରା, ରାଜ୍ୟ ଉପସଭାପତି ସୁଦୀତ କୁମାର ପାଢୀ, ଛାତ୍ର ନେତା ବୁନୁ ମିଶ୍ର, ରାଜ୍ୟ ସମ୍ପାଦକ ଭବାନୀ କାନ୍ତ ସାହୁ, ନଗର ସଭାପତି ସଞ୍ଜୟ ଜେନା, ଗଞ୍ଜାମ ଜିଲା ଉପସଭାପତି ରତନ କୁମାର ସେଠୀ ଓ ଦକ୍ଷିଣ ଜୋନ ଜୋନାଲ ସେକ୍ରେଟେରୀ ଲଲାଟ ଗୌଡ ପ୍ରମୁଖ ସହଯୋଗ କରିଥିଲେ ।

### ମେଡ଼ିକାଲ ଫାଣ୍ଡି ପୋଲିସର ବଦାନ୍ୟତା

# ରୋଗୀଙ୍କୁ ଫେରାଇଲା ମନିପର୍ସ

**ବ୍ରହ୍ମପୁର ଅଫିସ୍,୧୭।୧**

ବ୍ରହ୍ମପୁର ବଡ ମେଡିକାଲ ପରିସରରେ ହଜିଯାଇଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କର ମନିପର୍ସକୁ ପାଇବା ପରେ ବଡ ମେଡିକାଲ ଫାଣ୍ଡି ପୋଲିସ ତାକୁ ସମ୍ପୃକ୍ତା ମହିଳାଙ୍କୁ ଫେରାଇଥିବା ଜଣାପଡିଛି ।

ପ୍ରକାଶଯେ, କୋଦଳା ଥାନା ଅନ୍ତର୍ଗତ ଧନଞ୍ଜୟପୁର ଗ୍ରାମର ସୁଲତା ବିଶ୍ୱାଳ ତାଙ୍କ ମା' ଆଶା ବାରିକ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଗୁରୁବାର ବଡ ମେଡିକାଲକୁ ଆସିଥିଲେ । ମଧୁମେହ ଏବଂ ରକ୍ତ ଚାପ ପରୀକ୍ଷା କରିବା ପାଇଁ ଓପିଡିରେ ଟିକେଟ୍ କାଟି ନିଦାନ କେନ୍ଦ୍ରକୁ ପୂର୍ବାହ୍ନ ୧୦ଟାରେ ଯାଇଥିଲେ । ଅସାବଧାନତାରୁ ରାସ୍ତାରେ କେଉଁଠି ତାଙ୍କ ମନିପର୍ସ ହଜାଇ ଦେଇଥିଲେ । ଏଥିରେ ୨୨୬୭ ଟଙ୍କା ଏବଂ କେତେକ ମେଡିକାଲ ରିପୋର୍ଟ ଥିଲା । ନିହାତି ଗରୀବ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସି ମନିପର୍ସ ହଜାଇ ଦେଇ ଥିବାରୁ ଏଣେତେଣେ ଖୋଜି ବୁଲିଥିଲେ । ଖାଇବା ଏବଂ ଘରକୁ ଯିବା ପାଇଁ ଅର୍ଥ ନ ଥିବାରୁ ବଡ ମେଡିକାଲ ପରିସରରେ ରହିଥିଲେ । ହେଲେ ଉକ୍ତ ମନିପର୍ସଟିକୁ ବଡ ମେଡିକାଲର ମହିଳା ସୁରକ୍ଷା କର୍ମୀ ଅନୁରାଧା ନାୟକ ପାଇବା ପରେ ଫାଣ୍ଡିରେ ଜିମା ଦେଇଥିଲେ । ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲ୍ଲିକ ତାହାକୁ ପାଇ ଯାଞ୍ଚ କରିଥିଲେ । ସେଥିରେ ମେଡିକାଲ ରିପୋର୍ଟ ଥିବା ଦେଖି କୌଣସି ରୋଗୀ ନତୁବା ତାଙ୍କ ସମ୍ପର୍କୀୟ ସମସ୍ୟା ରହିଥିବା ଦେଖି ଖୋଜାଖୋଜି କରିଥିଲେ । ପରେ ରୋଗୀ ସୁଲତାଙ୍କ ମନିପର୍ସ ହଜିଯାଇଥିବା ଜଣାପଡିବା ପରେ ତାଙ୍କୁ ବଡ ମେଡିକାଲ ଫାଣ୍ଡିରୁ ନେବା ପାଇଁ ଖବର ଦିଆଯାଇଥିଲା। ସୁଲତା ଉକ୍ତ ଫାଣ୍ଡିରେ ଅପରାହ୍ନ ୨ ଟାରେ ପହଞ୍ଚି ମନିପର୍ସ ଫେରିପାଇଥିଲେ । ମହିଳାଙ୍କୁ ଖୋଜି ମନିପର୍ସ ଫେରାଇବାରେ ଏସ୍ଆଇ ବି.ପ୍ରଧାନ ଓ ଏଏସ୍ଆଇ ରଜନୀକାନ୍ତ ଚୌଧୁରୀ ପ୍ରମୁଖଙ୍କ ସମେତ ପୋଲିସ କର୍ମଚାରୀ ଏବଂ ସୁରକ୍ଷା କର୍ମୀ ମାନେ ସହାୟତା କରିଥିଲେ ।



ବଡ ମେଡିକାଲ ଫାଣ୍ଡି ପୋଲିସ ସୁଲତାଙ୍କୁ ମନିପର୍ସ ଫେରାଉଛନ୍ତି ।

### ଓଡ଼ିଶାରେ ପ୍ରଥମଥର ବ୍ରହ୍ମପୁରରେ ଆରମ୍ଭ

# ଗୋଲାପୀ ବଲ୍‌ରେ କ୍ରିକେଟ ମ୍ୟାଚ୍

**ବ୍ରହ୍ମପୁର ଅଫିସ୍,୧୭।୧**

ପ୍ରାୟ ଦେଢ଼ ଶହ ବର୍ଷର କ୍ରିକେଟ ଇତିହାସ । ଏହା ଲମ୍ବା ଇତିହାସ ଭିତରେ ବିଶ୍ୱ କ୍ରିକେଟ୍ ଜଗତ ଅନେକ ପରିବର୍ତ୍ତନ ଦେଇ ଗତି କରିଛି। ଗୋଟିଏ ପରେ ଗୋଟିଏ ପରୀକ୍ଷାମୂଳକ ପଦକ୍ଷେପ ନିଆଯାଇଛି। ପ୍ରଥମେ ୫ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳାଯାଉଥିଲା । ଖେଳାଳିମାନେ ଧଳା ପୋଷାକ ପିନ୍ଧୁଥିବା ବେଳେ ବଲ୍‌ର ରଙ୍ଗ ଥିଲା ନାଲି । ୧୯୭୧ରେ ପ୍ରଥମ ଥର ପାଇଁ ଦିନିକିଆ ମ୍ୟାଚ୍ ଖେଳାଗଲା । ପ୍ରଥମେ ୬୦ ଏବଂ ପରେ ୫୦ଓଭର୍‌ର ମ୍ୟାଚ୍ ହେଲା। ଖେଳାଳିମାନେ ରଙ୍ଗିନ୍ ପୋଷାକ ପିନ୍ଧିବା ବେଳେ ବଲ୍‌ର ରଙ୍ଗ ହେଲା ଧଳା। ଏବେ ଚାଲିଛି ଫଟାଫଟ୍ କ୍ରିକେଟ୍ ବା ୨୦ଓଭର୍ ବିଶିଷ୍ଟ ଟି-୨୦ର ଯୁଗ। ଦେଖିବାକୁ ଗଲେ ଅନେକ ନିୟମ ବଦଳିଛି। ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର ହୋଇଛି। ପୂର୍ବରୁ ଟେଷ୍ଟମ୍ୟାଚ୍ କେବଳ ଦିନରେ ଖେଳାଯାଉଥିଲା। ଏବେ ଟେଷ୍ଟ ମ୍ୟାଚ୍ ଦିବା-ରାତ୍ର ଖେଳାଗଲାଣି । ତେବେ ଦିବା-ରାତ୍ର ଟେଷ୍ଟ ମ୍ୟାଚ୍‌ରେ ଗୋଲାପୀ(ପିଙ୍କ) ବଲ୍‌ର ବ୍ୟବହାର ଆରମ୍ଭ ହୋଇଯାଇଛି । ଏଯାଏ କେବଳ ଟେଷ୍ଟ ମ୍ୟାଚ୍‌ରେ ହିଁ ଏହା ଦେଖିବାକୁ ମିଳିଛି। କିନ୍ତୁ ଦିନିକିଆ(୫୦ଓଭର୍) କିମ୍ବା ଟି-୨୦ ମ୍ୟାଚ୍‌ରେ ଗୋଲାପୀ ବଲ୍‌ର ବ୍ୟବହାର କରାଯାଇନି। ହେଲେ ବ୍ରହ୍ମପୁର ସହରରେ ଆରମ୍ଭ ହୋଇଛି ଗୋଲାପୀ ବଲ୍‌ର ବ୍ୟବହାର । ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ଡା. ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଗୋଲାପି ବଲ୍‌ରେ ମ୍ୟାଚ୍ ଖେଳାଯାଉଛି। ମ୍ୟାଚ୍ ୩୦ଓଭର୍‌ର ହୋଇଥିଲେ ମଧ୍ୟ ଗୋଲାପି ବଲ୍‌କୁ ନେଇ ଖେଳାଳିମାନେ ବେଶ୍ ଉତ୍ସାହିତ ଅଛନ୍ତି । ଓଡ଼ିଶାରେ ପ୍ରଥମ ଥର ପାଇଁ ଗୋଲାପୀ ବଲ୍‌ରେ କ୍ରିକେଟ୍ ଖେଳାଯାଉଛି ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି ।

ଟେଷ୍ଟ କ୍ରିକେଟ୍‌ର ପରମ୍ପରା ବହୁ ପୁରୁଣା। ମାତ୍ର ଗତ କିଛି ବର୍ଷ ହେଲା ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ସଂଖ୍ୟା କମୁଥିବା ଆନ୍ତର୍ଜାତିକ କ୍ରିକେଟ କାଉନସିଲ୍ (ଆଇସିସି) ଅନୁମାନ କରିଥିଲା । ପାଞ୍ଚ ଦିନ ଯାଏ ଖେଳାଯାଉଥିବା ଟେଷ୍ଟମ୍ୟାଚ୍ ଅତ୍ୟନ୍ତ ଧିମା ହୋଇଥିବା ଯୋଗୁ ଦର୍ଶକ ପଡ଼ିଆକୁ ଆସୁ ନ ଥିଲେ। ଏଣୁ ଟେଷ୍ଟମ୍ୟାଚ୍‌ରେ ବିଭିନ୍ନ ପ୍ରକାର ନୂତନ ପ୍ରୟୋଗ କଥା ଚିନ୍ତା କରିଥିଲା ଆଇସିସି । ପାରମ୍ପରିକ ନାଲି ବଲ୍‌କୁ ବଦଳାଇବା ପାଇଁ ଆଲୋଚନା ହୋଇଥିଲା। ଅଷ୍ଟ୍ରେଲିଆର କ୍ରିକେଟ ସରଞ୍ଜାମ ପ୍ରସ୍ତୁତକାରୀ କମ୍ପାନୀ କୋକାବୁରା ତରଫରୁ ଗୋଲାପି ବଲ୍ ବ୍ୟବହାରର ପ୍ରସ୍ତାବ ଦିଆଯାଇଥିଲା। ଆଇସିସି ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଥିଲା। ଫଳରେ ୨୦୧୫ ନଭେମ୍ବରରେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା । ଏହା ପରେ ୨୦୧୬ ଅକ୍ଟୋବରରେ ପାକିସ୍ତାନ ଏବଂ ୱେଷ୍ଟଇଣ୍ଡିଜ୍, ୨୦୧୬ ନଭେମ୍ବରରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା, ୨୦୧୬ ଡିସେମ୍ବରରେ ଅଷ୍ଟ୍ରେଲିଆ ଏବଂ ପାକିସ୍ତାନ ମଧ୍ୟରେ ଟେଷ୍ଟ ସିରିଜ୍ ଦିବାରାତ୍ର ସହ ଗୋଲାପୀ ବଲ୍‌ରେ ଖେଳାଯାଇଥିଲା। ଭାରତରେ ମଧ୍ୟ ଟେଷ୍ଟରେ ଗୋଲାପୀ ବଲ୍‌ର ବ୍ୟବହାର ହୋଇଛି । କିନ୍ତୁ ଏହା ସୀମିତି । ତେବେ ଓଡ଼ିଶାରେ ଗୋଲାପି ବଲ୍‌ର ବ୍ୟବହାର ହୋଇ ନ ଥିଲା । ଏଣୁ ବ୍ରହ୍ମପୁରର କ୍ରିକେଟପ୍ରେମୀ ଏବଂ ଖେଳାଳିଙ୍କୁ ଏକ ନୂଆ ଅନୁଭୂତି ଦେବା ପାଇଁ ଗୋଲାପୀ ବଲ୍‌ର ବ୍ୟବହାର କରାଯାଇଛି ବୋଲି ଆୟୋଜକ ଲିଡ୍‌ସ କ୍ଲବ ସମ୍ପାଦକ ଦଣ୍ଡପାଟ କହିଛନ୍ତି । ତାଙ୍କ କହିବାନୁଯାୟୀ, ଖେଳାଳିମାନେ ଏହାକୁ ଏକ ସକରାତ୍ମକ ପରିବର୍ତ୍ତନ ଭାବେ ଗ୍ରହଣ କରିଛନ୍ତି। ଗୋଲାପୀ ବଲ୍‌ରେ ଖେଳିବାକୁ ସେମାନେ ମଧ୍ୟ ପସନ୍ଦ କରିଛନ୍ତି । ପୂର୍ବରୁ ବ୍ୟବହାର ହେଉଥିବା ନାଲି ରଙ୍ଗର ଏସ୍‌ଜି ବଲ୍‌ର ଦାମ୍ ୬୭୦ଟଙ୍କା ରହିଥିଲା । ହେଲେ ଗୋଲାପୀ ବଲ୍‌ର ଦାମ ମାତ୍ର ୪୫୦ଟଙ୍କା। ଗୋଟିଏ ମ୍ୟାଚ୍‌ରେ ଦୁଇଟି ଇନିଂସ ପାଇଁ ଦୁଇଟି ବଲ୍ ବ୍ୟବହାର ହେଉଛି । ଆୟୋଜକଙ୍କୁ ମଧ୍ୟ ଦର କମ୍ ସୁହାଉଛି । ଚାହିଦାକୁ ଦେଖି ଆଗାମୀ ଦିନରେ ମଧ୍ୟ ଗୋଲାପି ବଲ୍‌ର ବ୍ୟବହାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

ତେବେ ଗୋଲାପୀ ବଲ୍‌କୁ ନେଇ ଖେଳାଳିଙ୍କ ମଧ୍ୟରେ ଭିନ୍ନମତ ରହିଛି । କେତେକ ବ୍ୟାଟ୍‌ସମ୍ୟାନ୍‌ଙ୍କ କହିବାନୁଯାୟୀ, ଗୋଲାପି ବଲ୍‌ରେ ସିମ୍ ପଢ଼ିବାରେ ଅସୁବିଧା ହେଉଛି । ବୋଲର୍ ଏବଂ ଆମ୍ପାୟାର୍ ଧଳା ପୋଷାକରେ ଥିବା ଯୋଗୁ ଗୋଲାପି ବଲ୍‌କୁ ପ୍ରଥମେ ପ୍ରଥମେ ଦେଖିବାରେ ଅସୁବିଧା ହେଉଛି । ସେହିଭଳି ଗୋଲାପି ବଲ୍‌ରେ ସ୍ୱିନ୍ ମଧ୍ୟ ଜଣାପଡୁନି । ଅନ୍ୟ କେତେକ ଖେଳାଳି ଗୋଲାପି ବଲ୍‌କୁ ସ୍ୱାଗତ କରିଛନ୍ତି। ବିଶେଷକରି ବଲିଂ କରିବାରେ ସୁବିଧା ହେଉଛି ବୋଲି ଖେଳାଳିମାନେ କହିଛନ୍ତି ।



ଗୋଲାପି ବଲ୍‌ରେ ମ୍ୟାଚ୍ ଖେଳାଯାଉଛି ।

## ସଂକ୍ଷେପରେ

### ଶେଖର-ବିକ୍ରମଙ୍କୁ ଯୁବ ବିଜେଡିର ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧୭।୧:** ରାଜ୍ୟ ବିଜେଡିର ନୂଆ ଉପସଭାପତି ଚନ୍ଦ୍ର ଶେଖର ସାହୁ ଓ ସାଧାରଣ ସମ୍ପାଦକ ବିକ୍ରମ ପଣ୍ଡାଙ୍କୁ ଗଞ୍ଜାମ ଜିଲା ଯୁବ ବିଜେଡି ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲା ସଭାପତି ଏନ. ଧନଞ୍ଜୟ ରାଓଙ୍କ ନେତୃତ୍ୱରେ ବହୁସଂଖ୍ୟକ ଯୁବକର୍ମୀ ଶେଖର ଓ ବିକ୍ରମଙ୍କ ବାସଭବନକୁ ଯାଇ ଅଭିନନ୍ଦନ ଜଣାଇଥିଲେ । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟଙ୍କୁ ନିଯୁକ୍ତି ଦେଇଥିବାରୁ ଦଳର ସଂଗଠନ ଅଧିକ ମଜଭୁତ ହେବାର ଯୁବ ସଂଗଠନ ପକ୍ଷରୁ ଗଭୀର ଆଶା ପ୍ରକଟ କରାଯାଇଛି । ସେହିପରି ଆଇନଜୀବୀ କେଦାର ତ୍ରିପାଠୀ, ସଚ୍ଚିନ ଦାସ, ପିଣ୍ଟୁ ସାବତ, ବିଭୁ ପ୍ରସାଦ ତ୍ରିପାଠୀ, କିଶୋର ପଟ୍ଟନାୟକ, ଶ୍ରୀକାନ୍ତ ପଟ୍ଟନାୟକ, ପ୍ରଦୀପ ଦାସ, ଅଶ୍ୱନୀ ପାଣିଗ୍ରାହୀ ଓ ବ୍ରଜ ମୋହନ ବିଶୋୟୀ ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, କଂଗ୍ରେସରୁ ଇସ୍ତଫା ଦେଇ ଜିଲାର ଏହି ୨ ବରିଷ୍ଠ ରାଜନେତା ଗତ ଏପ୍ରିଲ ୪ରେ ବ୍ରହ୍ମପୁରରେ ଅନୁଷ୍ଠିତ ବିଜେଡିର ମହାମିଶ୍ରଣ ପର୍ବରେ ଓ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ ।

### ଶିକ୍ଷକ ପରିଷଦର କର୍ତ୍ତବ୍ୟବୋଧ ଦିବସ

**ବ୍ରହ୍ମପୁର ଅଫିସ,୧୭।୧:** ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ ଗଞ୍ଜାମ ଜିଲା ଶାଖା ପକ୍ଷରୁ କର୍ତ୍ତବ୍ୟବୋଧ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ସମାବେଶରେ ସଭାପତି ପ୍ରଫେସର ରବି ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସିଟି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ପି. ଶଙ୍କର ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ପ୍ରଦୀପ କୁମାର ପଟ୍ଟନାୟକ ବିଶିଷ୍ଟ ଅତିଥି ଏବଂ ଡ଼. ନିରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଥିଲେ। ଶିକ୍ଷକମାନେ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ସହ ନିଜ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଡ଼. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଚିତ୍ତରଞ୍ଜନ ପଣ୍ଡା, ଅଜିତ କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ବିନାୟକ ତ୍ରିପାଠୀ, ଏସ୍. ରାଧାକୃଷ୍ଣ ପାତ୍ର, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଦେବୀ ପ୍ରସାଦ ମହାପାତ୍ର, ଡ଼. ଶଙ୍କର ନାରାୟଣ ବେଜ, ମନୋରଞ୍ଜନ ସାହୁ, ହାଡ଼ିବନ୍ଧୁ ମାଳୀ, କବିରାଜ ସାହୁ ଓ ଅର୍ଜୁନ ଜେନା ଉଦ୍‌ବୋଧନ ଦେଇଥିଲେ। ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦର ଆଭିମୁଖ୍ୟ ନେଇ ଆଲୋକପାତ କରାଯାଇଥିଲା । ପ୍ରାରମ୍ଭରେ ଗୋପାଳକୃଷ୍ଣ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଷଦ ସମ୍ପାଦକ ପ୍ରମୋଦ ବାଜୁବନ୍ଧ ବିବରଣୀ ପାଠ କରିଥିଲେ। ଶିକ୍ଷକ ସଂଘ ନେତା ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ସଞ୍ଜୟ ପାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶୋକସଭା

**ବ୍ରହ୍ମପୁର ଅଫିସ,୧୭।୧:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏମ୍.କ୍ୟୁ. ଖାନଙ୍କ ବୁଧବାର କଟକସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଖାନଙ୍କ ବିୟୋଗରେ ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ଉପକୁଳସଚିବ ଡ. ବାବୁଜୀ ସାମଲ, ସହକୁଳସଚିବ ଡ. ସରୋଜ କୁମାର ଦାଶ, ସିଡିସି ଡାଇରେକ୍ଟର ପ୍ରଫେସର ଅରୁନ୍ଧତୀ ରଥ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ରହି ସ୍ୱର୍ଗତ ଖାନଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ଭାବେ ୧୯୯୫ ଅଗଷ୍ଟ ୨୫ରୁ ୧୯୯୮ ଅଗଷ୍ଟ ୨୪ ପର୍ଯ୍ୟନ୍ତ ତିନିବର୍ଷର କାର୍ଯ୍ୟକାଳ ମଧ୍ୟରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସୁ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଥିବା କୁଳପତି କହିଥିଲେ । ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନିଷ୍ଟ ପାଠ୍ୟକ୍ରମ ବିଶ୍ୱବିଦ୍ୟାଳୟ ପାଇଁ ଅନନ୍ୟ ଅବଦାନ ବୋଲି ସେ କହିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ନାବାଳକଙ୍କୁ ଅପହରଣ, ହତ୍ୟା ମାମଲା

# ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ରିମାଣ୍ଡରେ ନେବ ପୋଲିସ

**ବ୍ରହ୍ମପୁର ଅଫିସ୍,୧୭।୧**

ବ୍ରହ୍ମପୁର ସହର ଗୋଷାଣୀନୂଆଗାଁ ଥାନା ଅଧୀନ ସଦାନନ୍ଦ ବିହାର ସପ୍ତମ ଲେନ୍‌ରେ ଜଣେ ୭ ବର୍ଷର ନାବାଳକଙ୍କୁ ଅପହରଣ ଓ ହତ୍ୟା ମାମଲାରେ ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ପୋଲିସ ରିମାଣ୍ଡରେ ନେବ ବୋଲି ଜଣାପଡିଛି । ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ତେବେ ଘଟଣାର ଅଧିକ ତଦନ୍ତ ନେଇ ପୋଲିସ ପକ୍ଷରୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ରିମାଣ୍ଡ ପ୍ରାର୍ଥନା କରାଯାଇଥିଲା । ଏସ୍‌ଡିଜେଏମ୍ ଆଲୋକାମୟୀ ପ୍ରଧାନ ରିମାଣ୍ଡ ପ୍ରାର୍ଥନା ମଞ୍ଜୁର କରିଥିଲେ । ଜାନୁୟାରୀ ୧୮ ଓ ୧୯ତାରିଖରେ ଦୁଇଦିନିଆ ରିମାଣ୍ଡରେ ନେବା ପାଇଁ ପୋଲିସକୁ ଅଦାଲତ ଅନୁମତି ପ୍ରଦାନ କରିଥିବା ଆଇଆଇସି କୁଳମଣି ସେଠୀ ସୂଚନା ଦେଇଛନ୍ତି। ହତ୍ୟାକାରୀ ଦେବାଶିଷ ପଣ୍ଡାଙ୍କୁ ରିମାଣ୍ଡରେ ନେଇ ପୋଲିସ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ପଚରା ଉଚୁରା କରି ବୋଲି ଜଣାପଡିଛି। ସେହିପରି ହତ୍ୟା ପରେ ପ୍ରମାଣ ଲୁଚାଇବା ପାଇଁ ଦେବାଶିଷ ସମସ୍ତ ପ୍ରକାର ଉଦ୍ୟମ କରିଥିବା ବେଳେ ସେସବୁ ପୋଲିସ ଖୋଳତାଡ କରିବ ବୋଲି ସୂଚନା ମିଳିଛି। ପ୍ରକାଶଯେ, ଗତ ୧୨ତାରିଖରେ ସଦାନନ୍ଦ ବିହାର ସପ୍ତମଲେନ୍‌ର ନିରୂପା ରାଣୀ ଆଚାର୍ଯ୍ୟଙ୍କ ପ୍ରଥମ ଶ୍ରେଣୀରେ ପଢୁଥିବା ପୁଅ ଅଂଶୁମାନ(୭)ଙ୍କୁ ସମ୍ପର୍କୀୟ ମାମୁ ଦେବାଶିଷ ସ୍କୁଟି ନଂ ଓଡି୦୭ବି ୪୯୪୬ରେ ସ୍କୁଲରେ ଛାଡିବାକୁ ଯାଇ ଆଉ ଫେରିନଥିଲେ । ବହୁ ଖୋଜାଖୋଜି କରିବା ପରେ ନିରୂପା ଗୋଷଣୀନୂଆଗାଁ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ ୩/୧୯ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଗତ ୧୫ତାରିଖରେ ଦେବାଶିଷଙ୍କ ମୋବାଇଲ ଫୋନକୁ ଟ୍ରାକ୍ କରି ସୋନପୁର ଜିଲା ଡୁଙ୍ଗିରିପାଲୀ ଗ୍ରାମରୁ ପୋଲିସ ତାଙ୍କୁ କାବୁ କରିଥିଲା। ଅଂଶୁମାନଙ୍କୁ ଧାରୁଆ ପଥରରେ ଛେଚି ହତ୍ୟା କରିଥିବା ନେଇ ଦେବାଶିଷ ସ୍ୱୀକାର କରିବା ପରେ ଗତ ୧୬ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।



ଅଭିଯୁକ୍ତ ଦେବାଶିଷ ପଣ୍ଡା।

## ସିଟି କଲେଜ ରାଜନୀତି ବିଜ୍ଞାନର ଆଲୋଚନାଚକ୍ର



ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି ।

**ବ୍ରହ୍ମପୁର ଅଫିସ,୧୭।୧**

ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ସୁଶାସନ ବ୍ୟବସ୍ଥା ଓ ଚାପ ଗୋଷ୍ଠୀର ଭୂମିକା' ଶୀର୍ଷକ ଏକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଭି. ସର୍ବେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କମ୍ବୁପାଣି ସାହୁ, ଡ. ଅମୂଲ୍ୟ ତ୍ରିପାଠୀ, ଡ. କିଶୋର କୁମାର ବେହେରା ଓ ଏସ୍. ରାମରାଓ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସୁଶାସନ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ସୁରେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ ପ୍ରମୁଖ ଜେନା ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟାପିକା ମମତା ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ରେଶ୍ମା ସାହୁ, ସ୍ୱରୂପ କୁମାର ଦାଶ ଓ ଲିଲି ସାହୁ ପ୍ରମୁଖ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଦିବ୍ୟକାନ୍ତ ସାମଲ, ବୁଲୁ ସେଠୀ, ସୁଧାଂଶୁ କୁମାର ପାଣିଗ୍ରାହୀ, କୃଷ୍ଣ ଜେନା, ଏସ. ବିନୋଦ ଦାଶ ଓ କାହ୍ନୁ କୁମାର ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ସହଯାଗ କରିଥିଲେ ।



ବଡ଼ ମେଡିକାଲ ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର ରିସେପ୍ସନ୍ କକ୍ଷ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । (ଫଟୋ-ସମୀର)

## ଗାଡ଼ି ଧକ୍କାରେ ଶିଶୁ ମୃତ

**ବ୍ରହ୍ମପୁର ଅଫିସ୍,୧୭।୧**

ଅଜଣା ଗାଡ଼ି ଧକ୍କାରେ ଜଣେ ୬ ବର୍ଷ ଶିଶୁର ମୃତ୍ୟୁ ଘଟିଛି । ମୃତ ଶିଶୁ ଜଣକ ହେଲେ କନ୍ଧମାଳ ଜିଲା ରାଇକିଆ ଥାନା ବାକିଙ୍ଗିଆ ଗ୍ରାମ କଲୋନୀ ସାହିର ଅଜିତ କୁମାର ପ୍ରଧାନଙ୍କ ପୁଅ ଗ୍ଲାଡ୍‌ସନ । ପ୍ରକାଶଯେ, ଗ୍ଲାଡ୍‌ସନ୍ ବୁଧବାର ଅପରାହ୍ନରେ ସ୍କୁଲରୁ ଫେରୁଥିବା ସମୟରେ ଟାର୍କାମାହାରେ ତାଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ଗ୍ଲାଡ୍‌ସନ୍‌ଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବୈଦ୍ୟନାଥପୁର ପୋଲିସ ନଂ. ୨୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଗଞ୍ଜାମ ଓକିଲ ସଂଘ ବୈଠକ

**ବ୍ରହ୍ମପୁର ଅଫିସ୍,୧୭।୧**

ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ମୋହନ ସିଂଘାରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅପରାହ୍ନରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୧୯-୨୦ରେ ସଂଘର ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା । ପୁରୁଣା ବର୍ଷର ସମସ୍ତ ଆୟ ବ୍ୟୟର ହିସାବ ତଦାରଖ ପାଇଁ ବରିଷ୍ଠ ଆଇନଜଜୀବୀ ନୟନ ଚନ୍ଦ୍ର ମହାପାତ୍ର ଓ ପ୍ରଫୁଲ୍ଲ ଗୌଡଙ୍କୁ ମନୋନୀତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଉପସଭାପତି ରବିନ୍ଦ୍ର ଦେଓ, ସହସମ୍ପାଦକ ବାବୁଜୀ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଶିଶିର ପାଢୀ, ନିର୍ମଳ ସାହୁ, ପୀତବାସ ପଣ୍ଡା, ମନୋଜ ପଟ୍ଟନାୟକ, କରୁଣାକର ପାଣିଗ୍ରାହୀ, ସୁଧୀର ପାତ୍ର, ଜଗନ୍ନାଥ ମିଶ୍ର, ଅରୁଣ ବିଶ୍ୱାଳ ଓ ଶତ୍ରୁଘ୍ନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନରେ


→ ସିପୁନ


→ ମିଛି

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଖଲ୍ଲିକୋଟ କଲେଜରେ ନିଯୁକ୍ତି ଶିବିର

**ବ୍ରହ୍ମପୁର ଅଫିସ୍,୧୭।୧**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଏକ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବିବିଏ, ଇଟିସି ଏବଂ ଏମ୍‌ଏଫ୍‌ସି ବିଭାଗର ପ୍ରାୟ ୩୨୪ଶହ ଛାତ୍ରୀଛାତ୍ର ଏଥିରେ ଭାଗନେଇଥିଲେ। କ୍ୟାରିୟର୍‌କାଉନ୍‌ସେଲିଂ ସେଲ୍ ତରଫରୁ ଆୟୋଜିତ ଶିବିରରେ ଟେକ୍ ମହିନ୍ଦ୍ରା କମ୍ପାନୀ ଯୋଗଦେଇଥିଲା। ପ୍ରଥମେ ବ୍ୟକ୍ତିଗତ ସାକ୍ଷାତ୍‌କାର ଏବଂ ପରେ ଦଳଗତ ଆଲୋଚନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ଟେକ ମହିନ୍ଦ୍ରାର ଅଧିକାରୀମାନେ ଛାତ୍ରୀଛାତ୍ରଙ୍କ ସାକ୍ଷାତକାର ନେଇଥିଲେ। ସମସ୍ତ ପର୍ଯ୍ୟାୟ ପରେ ମୋଟ ୮୮ ଛାତ୍ରୀଛାତ୍ରଙ୍କୁ କମ୍ପାନୀରେ ନିଯୁକ୍ତି ପାଇଁ ଚୂଡ଼ାନ୍ତ କରାଯାଇଥିଲା। ବିଭାଗୀୟ କୋଅର୍ଡିନେଟ୍‌ର ରଶ୍ମିରାଜ ପାଳ, କ୍ୟାରିୟର୍ କାଉନସେଲିଂ ସେଲ୍ ନୋଡ଼ାଲ୍ ଅଫିସର ପ୍ରଭାତ କୁମାର ସାହୁ ଓ ରସାୟନ ବିଜ୍ଞାନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁନାଶିରା ମିଶ୍ର ଏହାକୁ ପରିଚାଳନା କରିଥିଲେ। ସରସ ପଣ୍ଡା, ଆଦିତ୍ୟ ଜେନା, ବିଶ୍ୱଜିତ ସାହୁ, ଅକ୍ଷୟ ସ୍ୱାଇଁ, ରାକେଶ ଚ୍ୟାଉପଟ୍ଟନାୟକ, ରାମଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟ ପାଣିଗ୍ରାହୀ ଓ ଲୋକନାଥ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ ।


ନିଯୁକ୍ତି ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର

## ସମାବର୍ତ୍ତନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୧୭।୧**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୩ତମ ସମାବର୍ତ୍ତନ ଉତ୍ସବ ଫେବୃୟାରୀ ୭ରେ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପୁରୁଣା ସିଣ୍ଡିକେଟ ହଲରେ ଆୟୋଜିତ ବୈଠକରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ । ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଧ୍ୟକ୍ଷତା କରିବାକୁ ଥିବା ବେଳେ ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ୮୩ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ୫ ଜଣଙ୍କୁ ଡି.ଲିଟ, ଜଣଙ୍କୁ ଡିଏସ୍‌ସି, ୩୨ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ ବୋଲି କୁଳପତି ସୂଚାଇଥିଲେ। ବୈଠକରେ ସମାବର୍ତ୍ତନ ଉତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଏଥିରେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ଉପକୁଳ ସଚିବ ଡ. ବାପୁଜୀ ସାମଲଙ୍କ ସହ କୁଳସଚିବ ଡ. ସରୋଜ କୁମାର ଦାଶ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡ. ରାଧାଗୋବିନ୍ଦ ପାଢୀ, ବିତ୍ତ ନିୟନ୍ତ୍ରକ ପ୍ରଫେସର ବିଭୂତି ଭୂଷଣ ମହାପାତ୍ର, ଡ. ଶଙ୍କର ମାଝି, ଡ. ସତ୍ୟବ୍ରତ ପାତ୍ର, ଡ. ମିହିର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ କୁଳପତି ଓ ଅନ୍ୟମାନେ ।


## ସ୍ୱଚ୍ଛ ଭାରତ ମିଶନ ଉଲ୍ଲଂଘନ କରୁଛନ୍ତି ଦୋକାନୀ

# ଦୋକାନ କାନ୍ଥରେ ବିଏମ୍‌ସିର ନୋଟିସ

**ବ୍ରହ୍ମପୁର ଅଫିସ,୧୭।୧**

ବ୍ରହ୍ମପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ନେଇ ବ୍ରହ୍ମପୁର ମହନଗର ନିଗମ(ବିଏମ୍‌ସି) ପକ୍ଷରୁ ୨୦୧୭ରେ ଆରମ୍ଭ ହୋଇଥିଲା ଶ୍ରେଷ୍ଠ ବ୍ରହ୍ମପୁର ଅଭିଯାନ । ଏହି ଅଭିଯାନର ସଫଳ ରୂପାୟନ ତଥା ସହରର ରାସ୍ତା ଘାଟ ସ୍ୱଚ୍ଛତା ଉପରେ ବିଏମ୍‌ସି ଗୁରୁତ୍ୱ ଦେଇଛି। ଡଷ୍ଟବିନ ବ୍ୟବହାର ଉପରେ ବାରମ୍ବାର କୁହାଯାଉଥିବା ସତ୍ତ୍ୱେ ଅନେକ ଦୋକାନୀ ଓ ବ୍ୟବସାୟୀ ରାତିରେ ଡଷ୍ଟିବିନ ପରିବର୍ତ୍ତେ ରାସ୍ତା ଓ ଡ୍ରେନରେ ଆବର୍ଜନା ପକାଉଥିବା ଦୃଷ୍ଟିକୁ ଆସିଛି । ଯାହା ସ୍ୱଚ୍ଛ ଭାରତ ମିଶନକୁ ଖୋଲା ଉଲ୍ଲଂଘନ ଏଥିପାଇଁ ପୁନଃ ଏ ଦିଗରେ ସଚେତନ ସୃଷ୍ଟି କରିବା ନେଇ ରାସ୍ତା ସହରର ଦୋକାନୀ ତଥା ବ୍ୟବସାୟୀଙ୍କୁ ବିଏମ୍‌ସି ପକ୍ଷରୁ ସଚେତନାତ୍ମକ ନୋଟିସ ଜାରି କରାଯାଇଛି । ବିଏମ୍‌ସି ପକ୍ଷରୁ ଏହି ନୋଟିସକୁ ଆବର୍ଜନାକୁ ରାସ୍ତା ଉପରେ ପକାଉଥିବା ବ୍ୟବସାୟୀଙ୍କ ଦୋକାନରେ ପୋଷ୍ଟର ଭାବେ ଛପା ଯାଇଥିବା ସୂଚନା ମିଳିଛି ।

ସହରକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଣତ କରିବା ନେଇ ୨୦୧୭ରେ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଶ୍ରେଷ୍ଠ ବ୍ରହ୍ମପୁର ଅଭିଯାନ ମାଧ୍ୟମରେ ଡଷ୍ଟବିନ ବ୍ୟବହାର କରିବାକୁ ସହରବାସୀଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ସହରରେ ଡୋର ଟୁ ଡୋର ଆବର୍ଜନା ସଂଗ୍ରହ ଆରମ୍ଭ ହେବା ସହ ପ୍ରତି ଘରକୁ ଆବର୍ଜନା ସଂଗ୍ରହ କରିବା ନେଇ ଡଷ୍ଟବିନ ପ୍ରଦାନ କରାଯାଇଥିଲା । କିନ୍ତୁ ସହରରେ ଥିବା ଦୋକାନୀ ତଥା ବ୍ୟବସାୟୀମାନେ ଡଷ୍ଟବିନ ବ୍ୟବହାର ପରିବର୍ତ୍ତେ ରାତ୍ରି ସମୟରେ ଆବର୍ଜନାକୁ ରାସ୍ତା ଓ ଡ୍ରେନରେ ପକାଉଥିବା ଜଣାପଡିଥିଲା । ଏହାପରେ ଉକ୍ତ ବ୍ୟବସାୟୀ ଓ ଦୋକାନୀଙ୍କୁ ସଚେତନତା କରିବା ନେଇ ବିଏମସି ପକ୍ଷରୁ ବିଭିନ୍ନ ବ୍ୟବସାୟୀ ଅଞ୍ଚଳର ଦୋକାନଗୁଡିକରେ ନୋଟିସ ଲଗାଯାଇଛି । ଏହି ନୋଟିସ ଅନୁଯାୟୀ ଯଦି ନୋଟିସ ଲଗାଯିବା ପରେ ମଧ୍ୟ ଉକ୍ତ ବ୍ୟବସାୟୀ ପୁନଃ ସହରର ରାସ୍ତା ଓ ଡ୍ରେନରେ ଆବର୍ଜନା ଜମା କରନ୍ତି, ତେବେ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । ତେଣୁ ଏଥିରୁ ନିବୃତ୍ତ ରହି ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଦିଗରେ ସହଯୋଗ କରିବାକୁ ନୋଟିସ ମାଧ୍ୟମରେ କୁହାଯାଇଛି। ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ବର୍ତ୍ତମାନ ସୁଦ୍ଧା ଅର୍ନପୂର୍ଣ୍ଣା ମାର୍କେଟ, ଆସ୍କାରୋଡ ଓ ଗେଟବଜାର ଆଦି ଅଞ୍ଚଳରେ ୧୨୫ ଦୋକାନରେ ଏହି ନୋଟିସକୁ ଲଗାଯାଇଛି । ଏହା ପରେ ନୋଟିସକୁ ଉଲ୍ଲଂଘନ କଲେ ଜରିମାନା ଆଦାୟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚାଯାଇଛି ।


ବ୍ରହ୍ମପୁର ମହାନଗର ନିଗମ
ସୂଚନା
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ବହୁବାର ଅନୁରୋଧ ସତ୍ତ୍ୱେ ଆପଣ ଆପଣଙ୍କ ଦୋକାନ / ଅନୁଷ୍ଠାନରୁ ବାହାରୁଥିବା ଅଳିଆ ଜାଣିଶୁଣି ରାସ୍ତାକଡ଼ରେ କିମ୍ବା ନାଳରେ ପକାଉଥିବା ଆମ ନଜରକୁ ଆସିଅଛି । ଏହା ସ୍ୱଚ୍ଛଭାରତ ମିଶନର ଖୋଲା ଉଲଘଂନ ଅଟେ । ଏହାଦ୍ୱାରା ନିଗମର କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଚାପ ବୃଦ୍ଧି ହେଉଛି ଓ ଜନସାଧାରଣ ଅକଥନୀୟ ଯନ୍ତ୍ରଣା ଭୋଗ କରୁଛନ୍ତି ।
ତେଣୁ ଆପଣଙ୍କୁ ପୁନଃ ସଚେତନ କରିବା ସହ ଅଳିଆ ଆବର୍ଜନା ରାସ୍ତାରେ ନଫିଙ୍ଗିବା ପାଇଁ ଅନୁରୋଧ କରାଯାଉଛି ।
ପ୍ରଥମ ଥର ପାଇଁ ଖିଲାପକାରୀଙ୍କ ଦୋକାନରେ ଅନୁଷ୍ଠାନରେ ଏହି ସୂଚନା ଲଗାଯାଉଛି । କିନ୍ତୁ ଦ୍ୱିତୀୟ ଥର ପାଇଁ ଖିଲାପ କଲେ ସ୍ୱଚ୍ଛ ଭାରତ ମିଶନ ନିର୍ଦ୍ଦେଶାବଳୀ ପ୍ରକାରେ ଟ.୫୦୦୦/-(ପାଞ୍ଚ ହଜାର)କା ଜୋରିମାନା ଭାବରେ ଆଦାୟ କରାଯିବ ।
ଆଦେଶ ପ୍ରକାରେ
କମିଶନର
ବ୍ରହ୍ମପୁର ମହାନଗର ନିଗମ

ବିଏମସି ପକ୍ଷରୁ ଦୋକାନ କାନ୍ଥରେ ମରାଯାଉଥିବା ନୋଟିସ ।

### ରାସ୍ତା, ଡ୍ରେନରେ ଆବର୍ଜନା ପକାଇଲେ ଦେବେ ଜରିମାନା

## ସଂକ୍ଷେପରେ



### ନବନିର୍ମାଣ କୃଷକ ସଂଗଠନ ବୈଠକ

**ଜୟପୁର, ୧୭।୧ (ଡି.ଏନ୍.ଏ.):** ଜୟପୁର ସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପରେ ନବ ନିର୍ମାଣ କୃଷକ ସଂଗଠନ ଜୟପୁର ଶାଖାର ଏକ ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ସଂଗଠନର ବରିଷ୍ଠ ସଦସ୍ୟ ମନୋଜ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଗଠନର ସଦସ୍ୟ ବିଚିତ୍ରାନନ୍ଦ ପଣ୍ଡା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ କରିଥିଲେ । ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଏକ ପ୍ରହସନ ଏବଂ ଆଗାମୀ ନିର୍ବାଚନ ପାଇଁ ଡ୍ରାମା କରାଯାଉଛି ବୋଲି ଆଲୋଚନା ହୋଇଥିଲା । ସେହିପରି ଆଗାମୀ ୨୪ ତାରିଖରେ କୋରାପୁଟରେ ଜିଲାସ୍ତରୀୟ ସଂଗଠନର କର୍ମକର୍ତ୍ତାଙ୍କ ବୈଠକରେ ରାଜ୍ୟ ଆବାହକ ଅକ୍ଷୟ କୁମାର ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

### ୨୮ ଯାଏ କୋରାପୁଟ କୋର୍ଟ କାର୍ଯ୍ୟ ବନ୍ଦ

**କୋରାପୁଟ, ୧୭।୧ (ସ୍ୱ.ପ୍ର.):** ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ବାର ସଂଘର କାର୍ଯ୍ୟବନ୍ଦ ଡାକରା ଯୋଗୁ ଗୁରୁବାରଠାରୁ କୋରାପୁଟ କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ଏହା ଆସନ୍ତା ୨୮ ତାରିଖ ଯାଏ ବନ୍ଦ ରହିବ ବୋଲି ବାର ସଂଘ ଉପସଭାପତି ଚନ୍ଦ୍ରଶେଖର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୂଚନା ଦିଆଯାଇଛି। ରାଜ୍ୟ ଆଇନଜୀବୀଙ୍କ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ କୋରାପୁଟ ବାର ସଂଘ ବୈଠକ ଡାକିଥିଲା। ସଂଘ ସମ୍ପାଦକ ସୁନୀଲ କୁମାର ଜେନା ଉପସ୍ଥିତ ରହି ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସଂଘର ନିଷ୍ପତ୍ତିକୁ ସମର୍ଥନ ଜଣାଇ ଏହି ବନ୍ଦ ନିଷ୍ପତ୍ତି ହୋଇଥିବା ପ୍ରକାଶ କରିଥିଲେ। ବୈଠକରେ ସଂଘର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### କୂଅରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା
### ଜଣଙ୍କୁ କୋର୍ଟ ଚାଲାଣ କଲା ପୋଲିସ

**ପଟ୍ଟାଙ୍ଗି, ୧୭।୧ (ଡି.ଏନ୍.ଏ.):** ପଟ୍ଟାଙ୍ଗି ଥାନା ମାଳିସାହି ସ୍ଥିତ ଏକ କୂଅରୁ ଜଣେ ନାବାଳିକା ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା ପୋଲିସ । ଏହା ଏକ ହତ୍ୟାକାଣ୍ଡ ଘଟଣା ବୋଲି ଜଣାପଡ଼ିବା ପରେ ଏଥିରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ୧୨ ତାରିଖ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ମୃତ ନାବାଳିକାଙ୍କ ପିତାଙ୍କ ଅଭିଯୋଗ ପାଇବା ପରେ ପୋଲିସ ଗତ ୯ ତାରିଖ ବିଳମ୍ବିତ ରାତିରେ ପୁକାଲି ପଞ୍ଚାୟତରୁ ଜଣେ ଯୁବକଙ୍କୁ ଉଠାଇ ଆଣି ପଚରା ଉଚରା କରୁଥିଲେ। ତାଙ୍କ ତଥ୍ୟକୁ ଆଧାର କରି ପୋଲିସ ପୁଣି ୧୦ ତାରିଖ ପୁକାଲି ପଞ୍ଚାୟତ ଓ ସେମିଳିଗୁଡ଼ାରୁ ଅନ୍ୟ ଦୁଇ ଜଣ ଯୁବକଙ୍କୁ ଉଠାଇଆଣି ଜେରା କରିଥିଲା। ଏଥିରେ ଅନନ୍ତ ପଡାଲଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଦୁଇ ଜଣଙ୍କୁ ଛାଡ଼ି ଦିଆଯାଇଥିବା ସେମିଳିଗୁଡା ଥାନା ଏସ୍ଆଇ ଭଗବାନ ମିଶ୍ର କହିଛନ୍ତି।

# ମୌର୍ଯ୍ୟ, କୁଶାଣ ସାମ୍ରାଜ୍ୟର ସମସାମୟିକ 'ଅସୁରଗଡ଼'


## ୫ମ ଶତାବ୍ଦୀର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଥିଲା

**ଭୁବନେଶ୍ୱର, ୧୭।୧ (ବ୍ୟୁରୋ)**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ପକ୍ଷରୁ କଳାହାଣ୍ଡି ଜିଲା ନର୍ଲା ତହସିଲ ଅନ୍ତର୍ଗତ ଅସୁରଗଡ଼ ଦୁର୍ଗ ଅଞ୍ଚଳରେ ଚାଲିଥିବା ଉତ୍ଖନନରୁ ଏଏସ୍ଆଇକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ମୌର୍ଯ୍ୟ ସାମ୍ରାଜ୍ୟରୁ କୁଶାଣ ସାମ୍ରାଜ୍ୟ ପର୍ଯ୍ୟନ୍ତ ସମସାମୟିକ ବହୁ ସାମଗ୍ରୀ ଏଠାରୁ ମିଳିଛି। ଅସୁରଗଡ଼ ଦୁର୍ଗର ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ସମ୍ପର୍କରେ ଅବଗତ ହେବା ପାଇଁ ଏଏସ୍ଆଇ ଭୁବନେଶ୍ୱର ଶାଖା-୪ ପକ୍ଷରୁ କରାଯାଉଥିବା ଏହି ଉତ୍ଖନନ ଅସୁରଗଡ଼ର ପ୍ରାଚୀନ ସଭ୍ୟତା ସମ୍ପର୍କରେ କେତେକ ଅଜଣା ଓ ଅନାଲୋଚିତ ତଥ୍ୟ ପ୍ରଦାନ କରିଛି।

ଏଏସ୍ଆଇ ଭୁବନେଶ୍ୱର ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଡି.ବି. ଗଡ଼ନାୟକଙ୍କ ନେତୃତ୍ୱରେ ହେଉଥିବା ଏହି ପ୍ରତ୍ନତାତ୍ତ୍ୱିକ ଖନନରୁ ସମ୍ପୃକ୍ତ ଅଞ୍ଚଳ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀର ବୋଲି ଆକଳନ କରାଯାଉଛି। ମହାକାନ୍ତାରକୁ କଳିଙ୍ଗ ସହ ସଂଯୋଗ କରୁଥିବା ରାଜପଥରେ ଅସୁରଗଡ଼ ସେତେବେଳେ ଏକ ପ୍ରମୁଖ ରାଜନୈତିକ ଏବଂ ବାଣିଜ୍ୟିକ କେନ୍ଦ୍ର ଥିଲା। ସମୁଦ୍ରଗୁପ୍ତଙ୍କ ଉଲ୍ଲିଖିତ ରାଜା ବ୍ୟାଘ୍ରରାଜଙ୍କ ମହାକାନ୍ତାର ଆଧୁନିକ କଳାହାଣ୍ଡି ସହ ସାମଞ୍ଜସ୍ୟ ବହନ କରୁଥିବା ବେଳେ ଅସୁରଗଡ଼ର ପୁରାତନ ସଭ୍ୟତା ନିଖୁଣ କାରୁକାର୍ଯ୍ୟ କରିବାରେ ମଧ ବେଶ୍ ପ୍ରବୀଣ ଥିଲେ।



୨୦୦୦ରୁ ୨୩୦୦ ବର୍ଷ ପୂର୍ବେ ଉଭୟ ସ୍ଥଳଭାଗ ଏବଂ ଜଳଭାଗରେ ସେମାନେ ବାଣିଜ୍ୟ କାରବାର କରୁଥିଲେ। ଅସୁରଗଡ଼ ଦୁର୍ଗ ଆୟତାକାର ହୋଇଥିବା ବେଳେ ଏହା ଏକ ବିଶାଳ ଅଞ୍ଚଳ ଅଧିକାର କରି ରହିଥିଲା। ଶତ୍ରୁ ଆକ୍ରମଣ ଏବଂ ବନ୍ୟାଜଳରୁ ରକ୍ଷା ପାଇବା ପାଇଁ ଦୁର୍ଗ ଚାରିପଟେ ମାଟି ଓ ପଥର ଟୁକୁଡ଼ାରେ ବୃହତ୍ ପ୍ରାଚୀର ନିର୍ମାଣ କରାଯାଇଥିଲା। ପ୍ରାଚୀରକୁ ଲାଗି ଦକ୍ଷିଣ, ଉତ୍ତର ଏବଂ ପୂର୍ବ ଦିଗରେ ଗଡ଼ଖାଇ ବା ମୋଟ୍ ତିଆରି ହୋଇଥିଲା। ଦୁର୍ଗର ପଶ୍ଚିମ ଦିଗରେ ସାଣ୍ଡୁଲ ନଦୀ ରହିଥିବା ବେଳେ ଏହା ପ୍ରାକୃତିକ ଭାବେ ସୁରକ୍ଷା କବଚ ସାଜିଥିଲା। ସେହିଭଳି ପୂର୍ବଭାଗରେ ମଧ ୨୦୦ ଏକର ବିଶିଷ୍ଟ ଏକ ବିରାଟ ହ୍ରଦ ରହିଥିଲା। ଦୁର୍ଗ ଚାରିଦିଗରେ ୪ଟି ଦ୍ୱାର ରହିଥିବା ବେଳେ ଏଠାରେ ଚତୁଃଦେବୀଙ୍କୁ ପୂଜା କରାଯାଉଥିଲା। ପୂର୍ବରେ ଗଙ୍ଗା, ପଶ୍ଚିମରେ କଳାପାଟ, ଉତ୍ତରରେ ବୈଷ୍ଣବୀ ଓ ଦକ୍ଷିଣରେ ଡାକୁଡ଼ି ଦେବୀ ରକ୍ଷାକର୍ତ୍ତା ଭାବେ ପୂଜା ପାଉଥିଲେ। ଏବେ ମଧ ଏହି ଦେବୀମାନେ ଏଠାରେ ପୂଜା ପାଉଥିବା ଦେଖିବାକୁ ମିଳୁଛି।

ମିଳିଥିବା ଅବଶେଷରୁ ପ୍ରାଚୀନ ଅସୁରଗଡ଼ରେ ଲୋକେ ବୃତ୍ତାକାର, ଅର୍ଦ୍ଧବୃତ୍ତାକାର ଓ ଆୟତାକାର ଗୃହରେ ବସବାସ କରୁଥିବା ପ୍ରମାଣିତ ହୋଇଛି। ଘରର କାନ୍ଥଗୁଡ଼ିକ ଇଟାରେ ତିଆରି ହୋଇଥିବା ବେଳେ ଉପର ଛପର ମାଟି ଟାଇଲରେ ତିଆରି ହେଉଥିଲା। ଇଟାଗୁଡ଼ିକର ଦୈର୍ଘ୍ୟ ୪୪, ୪୨ ଓ ୩୮ ସେଣ୍ଟିମିଟର ଥିବାବେଳେ ପ୍ରସ୍ଥ ୨୪, ୨୨ ସେମି ଏବଂ ୬ରୁ ୭ ସେଣ୍ଟିମିଟର ମୋଟେଇ ବିଶିଷ୍ଟ ଇଟା ବ୍ୟବହୃତ ହେଉଥିଲା। ଏହାବ୍ୟତୀତ କୋଣାକାର ଆକୃତିର ଇଟାର ଅବଶେଷ ମଧ ଏଠାରୁ ମିଳିଛି। ସେ ସମୟରେ ବିଭିନ୍ନ ରତ୍ନ ପଥରରେ ମାଳି ପ୍ରସ୍ତୁତ କରି ଲୋକମାନେ ବାହାରକୁ ରପ୍ତାନି କରୁଥିଲେ। ସେହିଭଳି ମିଳିଥିବା ରେଡ୍ କୋରାଲ୍‌ରୁ ସମୁଦ୍ର ସହ ସେମାନଙ୍କର ଗଭୀର ସମ୍ପର୍କ ଥିବା ଜଣାପଡୁଛି। ଏହାସହ ରୌପ୍ୟମୁଦ୍ରା, ବିଭିନ୍ନ ପ୍ରକାରର ମୂଲ୍ୟବାନ ରତ୍ନପଥର, ଧନୁତୀର, ବର୍ଚ୍ଛା, କଣ୍ଟା ଭଳି ଲୁହା ନିର୍ମିତ ସାମଗ୍ରୀ, ତାମ୍ର ଓ ରୌପ୍ୟ ନିର୍ମିତ କାନଫୁଲ, ଗୋଡ଼ମୁଦି ଆଦି ଏଠାରୁ ମିଳିଛି। ବର୍ତ୍ତମାନ ଏଏସ୍ଆଇ ପକ୍ଷରୁ ଏଠାରେ ଉତ୍ଖନନ ଜାରି ରହିଥିବା ବେଳେ ଆଗକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବା ଆଶା ରହିଛି ବୋଲି ଗଡ଼ନାୟକ କହିଛନ୍ତି। ନିକଟରେ ବଲାଙ୍ଗୀର ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ଘୋଷଣା କରିଥିଲେ।

## ନାଲ୍‌କୋ ଆନ୍ତଃବିଭାଗୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ



ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

**ଦାମନଯୋଡି, ୧୭।୧ (ସ୍ୱ.ପ୍ର.)**

ଦାମନଯୋଡି ନାଲକୋ ସ୍ପୋର୍ଟସ ସେଲ ପକ୍ଷରୁ ଆନ୍ତଃବିଭାଗୀୟ ଭଲିବଲ ଟୁର୍ନାମେଣ୍ଟ ସେକ୍ଟର-୨ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଉକ୍ତ ଟୁର୍ନାମେଣ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅପରେଶନ, ମେକାନିକାଲ, ଏସ୍‌ପିପି, ଇଲେକଟ୍ରୋନିକ୍ ଓ ସିଆଇ ଏବଂ ମାଇନ୍ସ ପ୍ରମୁଖ ୫ଟି ଦଳ ଅଂଶଗ୍ରହଣ କରିବେ। ୧୦ଟି ଲିଗ୍ ମ୍ୟାଚ୍ ଖେଳାଯିବ। ତନ୍ମଧ୍ୟରୁ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ଖେଳିବେ ବୋଲି ସ୍ପୋର୍ଟ ସେଲ ପକ୍ଷରୁ ସୂଚନା ମିଳିଛି। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ନାଲକୋ ମହାପ୍ରବନ୍ଧକ ରାଜୀବ ମିଶ୍ର, ଉପମହାପ୍ରବନ୍ଧକ (ମାଇନ୍ସ) ଆର୍.ଏନ୍ ଉପାଧ୍ୟାୟ, ସ୍ପୋର୍ଟସ ସେଲ ଚେୟାରମ୍ୟାନ୍ ମଳୟ ଆଚାର୍ଯ୍ୟ, ସୂର୍ଯ୍ୟନାରାୟଣ ନାୟକ, ଅରୁଣ ପାଢ଼ି, ଏମ୍. କ୍ରିଷ୍ଣା ମନୋଜ ଗନ୍ତାୟତ, ଆର୍. କୁମାର, କମ୍ୟୁନିଟି ସେଣ୍ଟର ସଭାପତି ଦାମୋଦର ସାହୁ, ସାଧାରଣ ସମ୍ପାଦକ ମନୋଜ ପୃଷ୍ଟି, ନାଲକୋ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ସଭାପତି ଭଗତ ଟାକ୍ରି, ସୋମନାଥ ମହାପାତ୍ର, ଅଭିରାମ ରାଉତ, ଉପେନ୍ଦ୍ର ପାତ୍ର, ଜନାର୍ଦ୍ଦନ ପଟ୍ଟନାୟକ, ରବି ବେହେରା, ସନ୍ତୋଷ ପାତ୍ର, ସନ୍ତୋଷ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚ ରେଫରି ବିପିନ ବିହାରୀ ନନ୍ଦ, ଚିତ୍ତରଞ୍ଜନ ଦାସ ଓ ବାରିକ ନିମାଲୁ ଦାୟିତ୍ୱ ତୁଲାଇଥିବାବେଳେ ବସନ୍ତ କୁମାର ପଣ୍ଡା ସ୍କୋରର ଦାୟିତ୍ୱ ଏବଂ ନିର୍ମଳ ରାଉତ ସଂଯୋଜନା କରିଥିଲେ। ସ୍ପୋର୍ଟସ ସେଲ ପକ୍ଷରୁ ପୂର୍ଣ୍ଣ ଗୌଡ, କିରନ କୁଲଦୀପ, ଆଶାନନ୍ଦ ଖୋସଲା, ମହେଶ୍ୱର ସେଠୀ, ବଳରାମ ବେହେରା, ଶଙ୍କର ଲାକ୍ରା, ପ୍ରତାପ ଟାକ୍ରି, ପି.କେ. ବହିଦାର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରୁଛନ୍ତି।

## ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ଚିକିଟି, ୧୭।୧ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟିପେଣ୍ଠ ସ୍ଥିତ ସେଣ୍ଟ୍ ଜାଭିୟର୍ ସ୍କୁଲ୍ ପରିସରରେ ଗୁରୁବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦ୍ ସ୍ଥିତ ଏକ କମ୍ପାନୀର ଇଞ୍ଜିନିୟର ଶ୍ରୀନିବାସ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ରହ୍ମପୁର ସ୍ଥିତ ସେଣ୍ଟଜାଭିୟର ସ୍କୁଲ୍‌ର ପରିଚାଳକ ଉମା ପାଢ଼ୀ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ମୋଟ ୨୦ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୨ ପ୍ରକଳ୍ପ ଜୋନାଲସ୍ତରକୁ ମନୋନିତ ହୋଇଛି। ସେଣ୍ଟ ଜାଭିୟର୍ ସ୍କୁଲ୍‌ର ପରିଚାଳକ କୃଷ୍ଣ ଚନ୍ଦ୍ର ସାହୁ ମେଳା ପରିଚାଳନା କରିଥିଲେ।



## ଭିଭିପାଟ୍ ବ୍ୟବହାର ସଚେତନତା



ଭିଭିପାଟ୍ ମେଶିନ ବ୍ୟବହାର ଉପରେ ସଚେତନତା କରାଯାଉଛି ।

**ଭଞ୍ଜନଗର, ୧୭।୧ (ଡି.ଏନ.ଏ)**

ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ଭିଭିପାଟ୍ ମେଶିନ୍ ବ୍ୟବହାର କରାଯିବ। ପ୍ରଥମ ଥର ପାଇଁ ଏହି ମେଶିନ ବ୍ୟବହାର ହେବାକୁ ଥିବାରୁ ଭୋଟରମାନଙ୍କୁ ସଚେତନ କରାଯାଉଛି । ଗତ ୭ ତାରିଖରୁ ଜିଲାରେ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଭଞ୍ଜନଗର ବ୍ଲକରେ ୪ଟି ଟିମ୍ ପ୍ରତ୍ୟେକ ବୁଥ୍‌କୁ ଯାଇ ଭୋଟରଙ୍କୁ ସଚେତନ କରାଉଛନ୍ତି। ଗୁରୁବାର ଲାଲସିଂ ହାଇସ୍କୁଲରେ ଏକ ଟିମ ଭୋଟରଙ୍କୁ ସଚେତନ କରାଇଥିଲେ । ଭୋଟରମାନେ ମତଦାନ କରିବାର ୭ ସେକେଣ୍ଡ ମଧ୍ୟରେ କାହାକୁ ମତଦାନ କଲେ ଭିଭିପାଟ୍ ମେଶିନରେ ପ୍ରଦର୍ଶିତ ହେବ। ପରେ ଏକ ସ୍ଲିପ୍ ବାହାରିବ। ଉକ୍ତ ସ୍ଲିପ୍‌ଟି ଜଉମୁଦ ହୋଇଥିବା ଭିଭିପାଟ୍ ବକ୍ସ ଭିତରେ ରହିବ ।

## ବାପା-ମା' ଛେଉଣ୍ଡ ୪ ସନ୍ତାନଙ୍କ ସୁରକ୍ଷା ଦାୟିତ୍ୱ ନେଲା ପ୍ରଶାସନ

**ଜୟପୁର, ୧୭।୧ (ନି.ପ୍ର.)**

ଜୟପୁର କୁମ୍ଭାର ସାହିରେ ରହୁଥିବା ବାପା ମା' ଛେଉଣ୍ଡ ୪ ଜଣ ସନ୍ତାନଙ୍କୁ ଗ୍ରହଣ କରିଛି ପ୍ରଶାସନ। ଗୁରୁବାର ଚାଇଲ୍ଡ ଲାଇନ ଓ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପହଞ୍ଚି ସେମାନଙ୍କୁ ଗ୍ରହଣ କରିଛନ୍ତି । ୩ ମାସ ତଳେ ଏମାନଙ୍କ ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଦିନ ହେବ ବାପା ଲିଙ୍ଗରାଜ ଓଡାରିଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ସନ୍ତାନମାନଙ୍କ ଦେଖାରଖା କରିବାକୁ କେହି ନ ଥିବାରୁ ଗୁରୁବାର ପ୍ରଶାସନ କୁମ୍ଭାର ସାହିରେ ପହଞ୍ଚିଥିଲା। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ବି. ଗାୟତ୍ରୀ, ସଦସ୍ୟ ରମେଶ ଚନ୍ଦ୍ର ରଥ, ଧର୍ମେନ୍ଦ୍ର କୁମାର ଜେନା, ଚାଇଲ୍ଡ ଲାଇନ ତରଫରୁ ମନୋଜ ପାତ୍ର, ପୂର୍ଣ୍ଣା ଦାସ ପହଞ୍ଚିଥିଲେ । ଅସହାୟ ୨ ଭାଇ ଓ ୨ ଭଉଣୀଙ୍କ ପାଖରେ ପହଞ୍ଚିବା ବେଳେ ସେମାନଙ୍କ ମଧ୍ୟରୁ ବଡ଼ ଭଉଣୀ ବାହାରେ ରୋଷେଇ କରୁଥିବା ଦେଖିବାକୁ ମିଳିଥିଲା। ସେ ଅନ୍ୟର ଘରେ କାମକରି ଭାଇ ଓ ଭଉଣୀଙ୍କୁ ଚଳାଉଥିବା ପ୍ରକାଶ କରିଥିଲେ। ଏମାନଙ୍କୁ ପୋଷ୍ୟ ଭାବେ ନେବା ପରେ ପ୍ରଶାସନ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇ ଥଇଥାନ କରାଯିବ ବୋଲି ସମିତି ଅଧ୍ୟକ୍ଷା ବି. ଗାୟତ୍ରୀ ସୂଚନା ଦେଇଛନ୍ତି।

## ନକଲି ମସଲା ଗୋଦାମ, କାରଖାନାରେ ଚଢ଼ାଉ: ଜଣେ ଅଟକ


**ଜୟପୁର, ୧୭।୧ (ନି.ପ୍ର.)**

ଜୟପୁର ଟାଉନ ପୋଲିସ ଜୟପୁର ପ୍ରସାଦରାଓପେଟା ୪ର୍ଥ ଗଳିରେ ଭଡ଼ାଘରେ ଚାଲିଥିବା ନକଲି ମସଲା ଗୋଦାମ ଓ କାରଖାନା ଉପରେ ଚଢ଼ାଉ କରିଛି। ଏଭରେଷ୍ଟ ଓ ଏମ୍‌ଡିଏଚ୍ ମସଲା ବ୍ରାଣ୍ଡ ଜରି ପ୍ୟାକେଟ୍‌ରେ ଏଠାରେ ନକଲି ମସଲା ପ୍ରସ୍ତୁତି ହେଉଥିବା ଚଢ଼ାଉ ସମୟରେ ପୋଲିସ ଜାଣିବାକୁ ପାଇଛି। ବ୍ରାଣ୍ଡ କମ୍ପାନୀଙ୍କ ମସଲା ଜରି ବ୍ରହ୍ମପୁରରୁ ଅଣାଯାଇ ଏଠାରେ ନକଲି ମାଂସ, ଚିକେନ୍ ମସଲା ପ୍ୟାକେଟ୍ ପ୍ରସ୍ତୁତି କରାଯାଇ ବଜାରକୁ ଛଡ଼ା ଯାଉଥିଲା। ମସଲାରେ କାଠଗୁଣ୍ଡ ଥିବା ଜଣାପଡ଼ିଛି। ଖୋଲା ମସଲା ପ୍ୟାକେଟରେ ପୋକ ସାଲୁବାଲୁ ଥିବା ପୋଲିସ କହିଛି। ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗଧିଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗୋଦାମ ଏବଂ କାରଖାନାରେ ଚଢ଼ାଉ କରିଥିଲା। ଜବତ ହୋଇଥିବା ମସଲା ପ୍ୟାକେଟ ଏବଂ ଖୋଲା ମସଲାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଉକ୍ତ ଘଟଣାରେ ହରିହର ପାତ୍ରଙ୍କୁ ପୋଲିସ ଅଟକ ରଖିଥିବାବେଳେ ଅବିଭକ୍ତ କୋରାପୁଟ ଜିଲା ବଜାରରେ ଏହି ନକଲି ମସଲା ବିକ୍ରି ହେଉଥିବା ଜଣାପଡ଼ିଛି। ବ୍ରହ୍ମପୁରରୁ ଉକ୍ତ ନକଲି ବ୍ୟବସାୟ ପରିଚାଳନା ହେଉଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଥିବା ସୂଚନା ଦେଇଛି।

## ପଲିଥିନମୁକ୍ତ ପାଇଁ ଏନ୍‌ସିସିର ଶୋଭାଯାତ୍ରା

**ଦାମନଯୋଡ଼ି, ୧୭।୧ (ସ୍ୱ.ପ୍ର.)**

ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟ୍‌ଙ୍କ ପକ୍ଷରୁ ଦାମନଯୋଡ଼ି ପଲିଥିନ ମୁକ୍ତ ଅଭିଯାନକୁ ଜୋରଦାର କରାଯାଇଛି। ଗୁରୁବାର ସନ୍ଧ୍ୟାରେ କ୍ୟାଡେଟ୍ ଓ ଛାତ୍ରୀଛାତ୍ରମାନେ ସାଇକେଲ ଶୋଭାଯାତ୍ରାରେ ବାହାରି ପଲିଥିନ୍ ମୁକ୍ତ ସ୍ଲୋଗାନ ପ୍ଲାକାର୍ଡ ଧରି ଟାଉନଶିପ୍ ପରିକ୍ରମା କରିଥିଲେ। ପରେ ସେକ୍ଟର-୨ ସୁପର ମାର୍କେଟ ଓ ମଲ୍‌ରେ ଗ୍ରାହକ ଏବଂ ବ୍ୟବସାୟୀମାନଙ୍କୁ କପଡ଼ା ବ୍ୟାଗ୍ ପ୍ରଦାନ କରି ପଲିଥିନ ମୁକ୍ତ ସହର ବାର୍ତ୍ତା ଦେଇଥିଲେ। ୨୧ଶହ କପଡ଼ା ବ୍ୟାଗ ବଣ୍ଟନ କରାଯାଇଛି। ଏନ୍‌ସିସି ସେକେଣ୍ଡ ଅଫିସର ଅନୀଲ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହିଅଭିଯାନ ଚାଲୁ ରହିଛି। ଡିପିଏସ୍ ଅଧ୍ୟକ୍ଷା ଦୀପାନ୍ୱିତା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଭିଯାନରେ କ୍ୟାଡେଟମାନଙ୍କ ପକ୍ଷରୁ ସର୍ଜେଣ୍ଟ ଆଶିଷ ସାହୁ, ପୁରହାନ ମହାଲ୍କୁଡ଼, ଅରୁଣ ବେହେରା, ସନ୍ଦୀପ ପଟ୍ଟନାୟକ, ରୂପେଶ ପଟ୍ଟନାୟକ, ଗୌରୀଭବାନୀ ସିଂ, ସାୟମ୍ ହବିବ୍ ପ୍ରମୁଖ ଦଳର ନେତୃତ୍ୱ ନେଇଥିଲା।



ଦାମନଯୋଡ଼ି ପଲିଥିନ୍ ମୁକ୍ତ ଅଭିଯାନରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ପ୍ଲାକାର୍ଡ ପ୍ରଦର୍ଶନ ।

## ମା' କଣ୍ଟାବାଉଁଶୁଣୀଙ୍କ ପୌଷ ପର୍ବ

**ଦାମନଯୋଡ଼ି, ୧୭।୧ (ଡି.ଏନ.ଏ./ସ୍ୱ.ପ୍ର.)**

ଦାମନଯୋଡ଼ିର ପ୍ରସିଦ୍ଧ ମା' କଣ୍ଟାବାଉଁଶୁଣୀଙ୍କ ପୌଷପର୍ବ ଧୁମ୍‌ଧାମ୍‌ରେ ମଙ୍ଗଳବାର ପାଳିତ ହୋଇଛି। ଏଥିପାଇଁ ସକାଳୁ ବିଳମ୍ବିତ ରାତିଯାଏ ମା'ଙ୍କ ପୀଠ ଚଳଚଞ୍ଚଳ ହୋଇଥିଲା। ବିଭିନ୍ନ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ମା'ଙ୍କ ପୀଠ ସଫେଇ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୈତୃକ ଘର ଓ ଶାଶୁଘର ସିନ୍ଧିପାରରୁ ସେବାୟତମାନେ ଆସି ସମସ୍ତ କାର୍ଯ୍ୟକ୍ରମ ସମ୍ପାଦାନ କରିଥିଲେ। ବାପଘରୁ ସନ୍ଧ୍ୟାରେ ପାଟଖଣ୍ଡା ପଟୁଆରରେ ଆସିଥିଲା। ଗୋପନୀଭାବେ ପିତୁଳାକୁ ସ୍ନାନ କର୍ମ କରାଯାଇଥିଲା। ପରେ ଜଡ଼ାତେଲ, ହଳଦି, ଚନ୍ଦନ ସହିତ କାଙ୍ଗୁ, ସୁଆଁ, ଚାଉଳ ଓ ମାଣ୍ଡିଆରୁ ପ୍ରସ୍ତୁତ ଚୂନା ଦେଇ ଶିମ୍ବଫୁଲ, ଗେଣ୍ଡୁଫୁଲ ପୂଜା କରାଯାଥିଲା। ମା'ଙ୍କଠାରେ ଶ୍ରଦ୍ଧାଳୁଙ୍କ ଅର୍ପିତ ଭୋଗ ଲାଗି କରାଯାଇଥିଲା। ସାଂସ୍କୃତିକ ନାଚଗୀତ ମଧ ଅନୁଷ୍ଠିତ ହୋଇଥିଲା। ମୁଦୁଲି ପରିବାରର ଧନୁର୍ଜୟ, ମଦନ, ଦୀନବନ୍ଧୁ, କୃଷ୍ଣ, ଅବିନାଶ, ଗୋପୀନାଥ ଏବଂ ଦାମି ପରିବାର ପୂଜକ ଅର୍ଜୁନ, ହରି, ବାସୁ, ଟଙ୍କ, ପୂର୍ଣ୍ଣ, ଗାଦବା ପରିବାରର ଉଦ୍ଧବ, ଦଳପତି, ବନମାଳି, ଡମ୍ବରୁ, ଗୌରୀ ମାଳି, ପ୍ରତାପ ମାଳି, ବିଶ୍ୱନାଥ ନାୟକ, ବାହାଦୂର, କାହ୍ନୁ ମହାରଣା, କୃତିବାସ ରାଜୁ ପ୍ରମୁଖ ନୀତିକାନ୍ତି କରିଥିଲେ। ମା'ଙ୍କ ସେବାୟତ ମଣ୍ଡଳୀ ସଭାପତି ସୁକାନ୍ତ ଦାସ, ସମ୍ପାଦକ ତିଳକରାମ ନିଆଲ, କୋଷାଧ୍ୟକ୍ଷ ଆର୍.ଏନ୍ ମୁଦୁଲି, ଖଦାଳ ନାୟକ, ମନୋଜ ଖଟୁଆ, ଦଳପତି ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ମା' କଣ୍ଟାବାଉଁଶୁଣୀ ପୀଠ ଆଲୋକମାଳାରେ ଝଲସୁଛି ।

## ସଂକ୍ଷେପରେ

### ଥାନାରୁ ଚମ୍ପଟ ମାରିଥିବା ଅଭିଯୁକ୍ତ ଗିରଫ


**ଆମ୍ବାଦୋଳା, ୧୭।୧(ଡ଼ି.ଏନ.ଏ):** ଗତ ୧୫ ତାରିଖରେ ଆମ୍ବାଦୋଳା ଥାନାରୁ ଚମ୍ପଟ ମାରିଥିବା ଅଭିଯୁକ୍ତ ବିନାୟକ ନାୟକଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ତାଙ୍କୁ ବିଷମକଟକ ଜେଲକୁ ପଠାଯାଇଛି । ପରେ ତାଙ୍କୁ ଗୁଣପୁର ଜେଲକୁ ପଠାଇ ଦିଆଯିବ ବୋଲି ଏସଡ଼ିପିଓ ଚନ୍ଦ୍ରଶେଖର ହୋତା ପ୍ରକାଶ କରିଛନ୍ତି । ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଥିଲା । ସେ ଚତୁରତାର ସହ ଥାନାରୁ ଖସି ପଳାଇଥିଲେ । ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲା । ପରେ ସେ ତାଙ୍କ ବାପା ଓ ଦାଦାଙ୍କ ସହ ନିଜ ପ୍ରେମିକାଙ୍କୁ ଭେଟିବାକୁ ଯାଇଥିବା ପୋଲିସ ଖବର ଦାଇ ତାଙ୍କୁ ଗିରଫ କରିଥିଲା ।

### ମୁନିଗୁଡ଼ା କଲେଜରେ ବାର୍ଷିକ କ୍ରୀଡ଼ା

**ମୁନିଗୁଡ଼ା,୧୭।୧(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ଘାଟିତ ହୋଇଯାଇଛି। କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନଛରଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ଥାନୀୟ ଗ୍ରାମଦେବୀ ମା' ଠାକୁରାଣୀଙ୍କ ମନ୍ଦିର ପରିସରରୁ ମଶାଲକୁ ପୂଜାର୍ଚ୍ଚନା କରାଯାଇ ସହର ପରିକ୍ରମା କରି ମହାବିଦ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଦେବାନନ୍ଦ ମିଶ୍ର, ଅଧ୍ୟାପକ ଦେବବ୍ରତ ରାଜଗୁରୁ, ବିରାଟ କିଶୋର ପଣ୍ଡା, ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମଶାଲକୁ ସ୍ୱାଗତ କରିଥିଲେ । ପରେ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଉଦ୍ଘାଟନ କରିଥିଲେ । ଏଥିରେ ଦୌଡ଼, ଲମ୍ଫଡ଼ିଆଁ, ଉଚ୍ଚ ଡ଼ିଆଁ, ଶଟ୍‌ପୁଟ, ମ୍ୟୁଜିକ ଚେୟାର, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ାକୁ ଅଧ୍ୟାପିକା କଲ୍ୟାଣୀ ପାଢ଼ୀ, ନିବେଦିତା ନାୟକ, ରୋଜାଲିନ ମଲ୍ଲ, ଅଧ୍ୟାପକ ଅସିତ୍ ମହାନ୍ତି, ଶରତ ରତ୍ନାଲୁ, ବାଳକୃଷ୍ଣ ବାଣୁଆ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ । ଏହା ୩ ଦିନ ଧରି ଚାଲିବ ।

### କ୍ରିକେଟ୍ ଟୁର୍ନାମେଣ୍ଟ ଆଲଫା କମ୍ପାନୀ ଚାମ୍ପିୟନ

**ରାୟଗଡା ଅଫିସ୍, ୧୭।୧:** ରାୟଗଡାସ୍ଥିତ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍ ତରଫରୁ ଇଣ୍ଟର ବାଟାଲିୟନ୍ ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିସିଡି ପଡିଆଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍ ଆଲଫା କମ୍ପାନି ଓ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲଫା କମ୍ପାନୀ ୩ ଉଇକେଟ୍ ବିନିମୟରେ ସିଆର୍‌ପିଏଫ୍ ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଚାମ୍ପିୟନ ଓ ରନର୍ସଅପ୍ ଦଳକୁ କମାଣ୍ଡାଣ୍ଟ ୱାଇ.କେ ରାଜପୁତ ପୁରସ୍କୃତ କରିଥିଲେ । ଏହି ଅବସରରେ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ଏସ୍.କେ ଠାକୁର, ମିଟୁ ରୟ, ଡେପୁଟି କମାଣ୍ଡାଣ୍ଟ ଅଶୋକ, ଏସ୍.ଏଲ୍ ମିନା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜି.ସି ସ୍ୱାଇଁ ଉପସ୍ଥିତ ଥିଲେ । ଉକ୍ତ ଟୁର୍ନାମେଣ୍ଟରେ ସିଆର୍‌ପିଏଫ୍‌ର ଯବାନମାନେ ୮ଟି ଦଳରେ ବିଭକ୍ତ ହୋଇ ମ୍ୟାଚ୍ ଖେଳିଥିଲେ ।


ଉତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି ।


ଭଙ୍ଗାରୁଜା କରାଯାଇଥିବା ଜିନିଷପତ୍ର

# କମେଣ୍ଟମରାକୁ ନେଇ ଗୋଷ୍ଠୀ ସଂଘର୍ଷ

## ୪ ଆହତ, ବ୍ୟାପକ ଭଙ୍ଗାରୁଜା

**ରାୟଗଡା ଅଫିସ୍, ୧୭।୧**

କମେଣ୍ଟ ମରାକୁ କେନ୍ଦ୍ରକରି ଗୁରୁବାର ରାୟଗଡା ଜିଲା ଜେକେପୁରରେ ଗୋଷ୍ଠୀ ସଂଘର୍ଷ ହୋଇଛି । ଫଳରେ ୪ ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ବସନ୍ତ ତାଣ୍ଡି, ଭବାନୀ ତାଣ୍ଡି, ହରିରାମ ତାଣ୍ଡି ଓ ଚିତ୍ର ବାଗ । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

ଜେକେପୁରସ୍ଥିତ କଳାହାଣ୍ଡିପଡାର କେତେ ଜଣ ଯୁବକ ଅରବିନ୍ଦ ନଗର ଅଞ୍ଚଳର ଜଣେ ମହିଳାଙ୍କୁ କମେଣ୍ଟ ମାରିଥିଲେ । ଏହାକୁ ନେଇ ବୁଧବାର ସନ୍ଧ୍ୟାରେ ଅରବିନ୍ଦନଗର ଓ କଳାହାଣ୍ଡିପଡା ଗ୍ରାମବାସୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା । ଏଥିରେ ୨ଜଣ ଆହତ ହୋଇଥିଲେ । ସେମାନଙ୍କୁ ଇଏସ୍‌ଆଇ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା । ତେବେ ସେଥିମଧ୍ୟରୁ କଳାହାଣ୍ଡିପଡାର ବସନ୍ତ ତାଣ୍ଡିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏହି ଘଟଣାକୁ ଚାନ୍ଦିଲି ପୋଲିସ ଗୁରୁତ୍ୱ ଦେଇ ନ ଥିଲା । ଫଳରେ ଗୁରୁବାର ଅପରାହ୍ନରେ କଳାହାଣ୍ଡିପଡାର ଯୁବକମାନେ ସଂଘବଦ୍ଧ ଭାବେ ଅରବିନ୍ଦନଗର ଓ ଭାଟିପଡା ଉପରେ ଆକ୍ରମଣ କରିଥିଲେ । ବିଭିନ୍ନ ଲୋକଙ୍କ ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ । କଳାହାଣ୍ଡିପଡ଼ାର ଯୁବକମାନେ ପ୍ରଥମେ ଭାଟିପଡାର ଏକ ମଦ ଦୋକାନ ନିକଟରେ ଥିବା ବାଇକ୍‌ଗୁଡିକୁ ଭଙ୍ଗାରୁଜା କରିଥିଲେ । ପରେ ସାହି ବାସିନ୍ଦାଙ୍କୁ ଆକ୍ରମଣ କରିବା ସହ ବ୍ୟାପକ ଭଙ୍ଗାରୁଜା ଓ ବିଭିନ୍ନ ସାମଗ୍ରୀ ଫିଙ୍ଗି ଦେଇଥିଲେ । ପ୍ରାୟ ୧୦ଟି ବାଇକ୍ ଭଙ୍ଗାରୁଜା କରିଥିବା ଜଣାପଡିଛି । ଏହି ମାରପିଟରେ ୪ ଜଣ ଆହତ ହୋଇଛନ୍ତି । ସେହିଭଳି ଭାଟିପଡାର ସି.ଏଚ୍ ମାଙ୍ଗା ଓ ଅରବିନ୍ଦନଗରର ଶାନ୍ତି ସୁନାଙ୍କ ଘରେ ବ୍ୟାପକ ଭଙ୍ଗାରୁଜା କରିଥିବା ସେମାନେ ଅଭିଯୋଗ କରିଛନ୍ତି । ଏଭଳିକି ଅରବିନ୍ଦ ନଗରର କିଛି ମହିଳାଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ଶାନ୍ତି ସୁନା କହିଛନ୍ତି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ପରେ ଅପରାହ୍ନରେ ଉତ୍ତେଜନା ବଢ଼ିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଚାନ୍ଦିଲିସ୍ଥିତ ପୋଲିସ ରିଜର୍ଭ କାର୍ଯ୍ୟାଳୟରୁ ଫୋର୍ସଙ୍କୁ ଅଣାଯାଇ ମୁତୟନ କରାଯାଇଛି । ଏଥିସହ ଏସ୍‌ଡିପିଓ ରାଜକିଶୋର ଦାସ ଓ ଡିଏସ୍‌ପି ସତ୍ୟବିକାଶ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି । ଉଭୟପକ୍ଷରୁ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଏନେଇ ଏସ୍‌ଡିପିଓ ରାଜକିଶୋର ଦାସଙ୍କୁ ପଚାରିବାରୁ, ଉଭୟପକ୍ଷର ୪ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଛି । ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଶୁକ୍ରବାର ଏକ ଶାନ୍ତି କମିଟି ଡକାଯାଇଛି ବୋଲି କହିଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାରମ୍ବାର ଜେକେପୁର ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟିଚାଲିଛି । ପୂର୍ବରୁ ଗଣ୍ଡଗୋଳ ଘଟି ମାରିପିଟ ଓ ଗୃହଦାହ ଭଳି ଘଟଣା ଘଟିଥିଲା ।


ଘଟଣାସ୍ଥଳରେ ମୁତୟନ କରାଯାଇଥିବା ଫୋର୍ସ

■ପୁଣି ଧାରଣାରେ ବସିଲେ ଛାତ୍ରୀଛାତ୍ର

# ବିଦ୍ୟାଳୟକୁ ଦିଆଗଲା ୨ ଶିକ୍ଷକ

**ରାମନାଗୁଡ଼ା,୧୭।୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ନିଲାମଗୁଡ଼ା ପଞ୍ଚାୟତ ଅଧୀନ ଓମଡ଼ିଙ୍ଗ ବିଦ୍ୟାଳୟରେ ଗୁରୁବାର ମଧ୍ୟ ପିଲାମାନେ ଫାଟକରେ ବହି ବସ୍ତାନି ରଖି ଧାରଣରେ ବସିଥିଲେ । ପିଲାମାନେ ଦୁଇ ଦିନ ଧରି ଧାରଣା ଦେଇଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ କିମ୍ବା ତାଙ୍କର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ । ଗୁରୁବାର ରାମନାଗୁଡ଼ା ବିଡ଼ିଓ ସୁଧାକର ରଇତ ପହଞ୍ଚି ଛାତ୍ରୀଛାତ୍ର ଏବଂ କମିଟି ସହିତ ଆଲୋଚନା କରିଥିଲେ । ହେଲେ କିଛି ସୁଫଳ ମିଳି ନ ଥିଲା । ବିଇଓ ସୁଜନ ମଲ୍ଲିକ ବାରମ୍ବାର ଶିକ୍ଷକଙ୍କୁ ଡ଼ାକିଥିଲେ । ମାତ୍ର ଗ୍ରାମବାସୀ ଏବଂ କମିଟି ମନା କରିବାରୁ ସେମାନେ ଯାଇ ନ ଥିଲେ । କିନ୍ତୁ ଅପରାହ୍ନ ୪ଟା ପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଟଙ୍କଧର ଗମାଙ୍ଗ ଗ୍ରାମବାସୀଙ୍କୁ ବୁଝାଇ ବିଇଓ ଅଫିସରେ ପହଞ୍ଚିଥିଲେ । ବିଇଓ ଶେଷରେ ୨ ଜଣ ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟକୁ ଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଅରମଡ଼ା ଏବଂ ଗୁଲୁମୁଣ୍ଡାରେ ଅଧିକ ଶିକ୍ଷକ ଥିବାରୁ ସେମାନଙ୍କୁ ଏହି ବିଦ୍ୟାଳୟକୁ ପଠାଯାଇଛି । ଅରମଡ଼ାର ଶିକ୍ଷୟିତ୍ରୀ ବିଜ୍ଞାନ ପଢାଇବେ ଏବହ ଗୁଲୁମୁଣ୍ଡା ଶିକ୍ଷକ ହିନ୍ଦି ଏବଂ ଅନ୍ୟାନ୍ୟ ବିଷୟ ପଢାଇବେ ।

# ଇଭିଏମ୍, ଭିଭିପାଟ ନେଇ ସଚେତନତା

**ଗୁଣପୁର,୧୭।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ଅଙ୍ଗନୱାଡି କେନ୍ଦ୍ରଠାରେ ଇଭିଏମ୍ ଏବଂ ଭିଭିପାଟକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଭୋଟ ଦେବା ପରେ ଭିଭିପାଟ ମାଧ୍ୟମରେ ଭୋଟର କାହାକୁ ଭୋଟ ଦେଇଛନ୍ତି ତାହା ଜାଣି ପାରିବେ । ଏହି ବିଷୟକୁ ନେଇ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଏଥିସହ ବାଇନାପୁର, କରମା ଏବଂ ସିତାପୁରଠାରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ କରାଯାଇ ଭୋଟରଙ୍କୁ ସଚେତନ କରାଯାଇଥିଲା । ଭେଙ୍କେଟି ମିଶ୍ର, ଜ୍ଞାନ ରଞ୍ଜନ କୋରା ପ୍ରମୁଖ ଉପସ୍ଥିତ ରହି ସଚେତନତା ପ୍ରଦାନ କରିଥିଲେ । ସେହିପରି କିନ୍ତାଡା, କୁଲୁସିଂ, ଡେଙ୍ଗିନିଗର୍ଜାରେ ମଧ୍ୟ ଏନେଇ ଭୋଟରଙ୍କୁ ସଚେତନ କରାଯାଇଥିଲା। ଏହି ସମୟରେ ଶିବ ପ୍ରସାଦ ମହାପାତ୍ର, ପ୍ରସାଦ ପାଇଟାଳ ପ୍ରମୁଖ ଲୋକଙ୍କୁ ସଚେତନ କରିଥିଲେ ।


ଭୋଟରଙ୍କୁ ଇଭିଏମ୍ ଏବଂ ଭିଭିପାଟ ଉପରେ ସଚେତନ କରାଯାଉଛି ।

# ପାଣି ପାଇଁ ଲୋକେ ଢ଼ହଳବିକଳ

## ଶଙ୍କରଡ଼ା ପଞ୍ଚାୟତ

**ଟିକିରି, ୧୭।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶିପୁର ବ୍ଲକ ଶଙ୍କରଡା ପଞ୍ଚାୟତର ଅଧିକାଂଶ ଗ୍ରାମରେ ରାସ୍ତାଘାଟ ଓ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି । ପଞ୍ଚାୟତ ସଦରଠାରୁ ପ୍ରାୟ ଦୁଇ କିଲୋମିଟରରେ ରହିଛି ବାହାର କୁଟମି ଗ୍ରାମ । ଏହି ଗ୍ରାମରେ ୭୦ ପରିବାର ବସବାସ କରୁଛନ୍ତି । ଏହି ଗ୍ରାମକୁ ରାସ୍ତା ଖଣ୍ଡିଏ ନାହିଁ । ଏଠାକାର ଲୋକେ ଖାଲଖମା ରାସ୍ତାରେ ଯାଆସ କରିଥାନ୍ତି । ସେହିପରି ଏହି ଗାଁରେ ରହିଛି ଗୋଟିଏ ନଳକୂପ । ଏଥିରୁ ବାହାରୁଥିବା ପାଣି ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହାନ୍ତି । ତେଣୁ ଲୋକେ ଗାଁ ନିକଟରେ ଥିବା ଝରଣା ପାଣି ଉପରେ ନିର୍ଭର କରୁଥିଲେ । ଏବେ ଏହି ପାଣି ମଧ ଶୁଖିବାକୁ ଲାଗିଲାଣି । ଫଳରେ ଶୀତ ଦିନେ ମଧ୍ୟ ଲୋକେ ପାଣି ପାଇଁ ଲୋକେ ହଇରାଣ ହେଉଥିବା ସାଲୁ ମାଝି, ସାଲୁପ ମାଝି, ପରମ ମାଝି ଅଭିଯୋଗ କରିଛନ୍ତି । ସେହିପରି ବାହାର କୁଟମିଠାରୁ ଅଳ୍ପ କିଛି ଦୂରରେ ଭିତର କୁଟମି ଗ୍ରାମରେ ମଧ ସମାନ ସମସ୍ୟା । ଏହି ଗାଁରେ ମଧ ଲୋକେ ପିଇବା ପାଣି ପାଇଁ ଢ଼ହଳବିକଳ ହେଉଛନ୍ତି । ଶଙ୍କରଡା ପଞ୍ଚାୟତର ଭିତର କୁଟମି, ବାହାର କୁଟମି ତଳଅତସି ଉପରଅତସି ଭଳି ଅଧିକାଂଶ ଗ୍ରାମକୁ ନିତିଦିନିଆ ରାସ୍ତା ନ ଥିବାବେଳେ ପିଇବା ପାଣିର ସମସ୍ୟା ରହିଛି । ତେଣୁ ତୁରନ୍ତ ଉକ୍ତ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।


ଗ୍ରାମରେ ଥିବା ଏକମାତ୍ର ନଳକୂପ ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ


**ରାୟଗଡା ଅଫିସ୍, ୧୭।୧**

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଅଧ୍ୟକ୍ଷ ଡା. କୃପାସିନ୍ଧୁ ପାଣିଗ୍ରାହୀ ଏବଂ ନିରୋଜ ସାସମଲ ଯୋଗ ଦେଇଥିଲେ । କଲେଜ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ ଏବଂ ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଖେଳ ପ୍ରଦର୍ଶନ କରାଯାଇଥିଲା । ଅନ୍ୟାନ୍ୟ ଉପଦେଷ୍ଟା, କଲେଜର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ସୁଧୀର କୁମାର ସ୍ୱାଇଁ, ଗୌରୀପ୍ରସାଦ ସାହୁ, ବି.ରାମୁ, ପ୍ରମୋଦ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ନାୟକ ଏବଂ ଆଶିଷ କୁମାର ପୂଜାରିଙ୍କ ଯୋଗଦେଇ ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ । ପ୍ରଥମ ଭାଗରେ ଦୌଡ, ଡିସ୍କସ୍ ଥ୍ରୋ, ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

# ଭୀମଭୋଇ ସାମର୍ଥ୍ୟ ଶିବିର

**ମୁନିଗୁଡ଼ା,୧୭।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ରୂପେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ବ୍ଲକ ଅଧକ୍ଷ ଶ୍ରୀଧର କରଡା, ଉପାଧକ୍ଷା ଧର୍ମିଷ୍ଠା ସାମନ୍ତ, ବିଡିଓ ଦିଲୀପ କୁମାର ବେହେରା ଓ ଜିଲା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଉଦ୍ଘାଟନ କରିଥିଲେ । ଏଥିରେ ମୁନିଗୁଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ଓ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା ସଂଯୋଜନା କରିଥିଲେ । ଏହି ଅବସରରେ ୧୦ଟି ଷ୍ଟଲରେ ମୋଟ ୮୨୨ ଜଣ ପଞ୍ଜୀକରଣ କରିଥିଲେ । ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଡା. ଏମ୍ ସୁରେଶ କୁମାର, ଡା. ତ୍ରିଲୋଚନ ବାରିକ, ସଂଘମିତ୍ରା ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଡାକ୍ତରୀ ଦଳ ଉପସ୍ଥିତ ରହି ଚିକିତ୍ସା କରିଥିଲେ । ଏହି ଅବସରରେ ଭିନ୍ନକ୍ଷମ ଏବଂ ସହାୟକ ଉପକରଣ, ପ୍ରମାଣପତ୍ର, ଦିବ୍ୟାଙ୍ଗ ଭତ୍ତା, ବସ୍‌ପାସ୍ ଆଦି ସହ ଅନ୍ୟାନ୍ୟ ମୋଟ ୩୧୧ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସାମଗ୍ରୀ ଓ ପରିଚୟପତ୍ର ବଣ୍ଟନ କରାଯାଇଥିଲା । ଡାକ୍ତରମାନେ ଶିବିରକୁ ବିଳମ୍ବରେ ଆସିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା । ଆଗାମୀ ଦିନରେ ଏପରି ଅବ୍ୟବସ୍ଥା ମଧ୍ୟରେ ଶିବିର ଅନୁଷ୍ଠିତ ନ କରିବାକୁ ଦିବ୍ୟାଙ୍ଗମାନେ ଦାବି କରିଥିଲେ । ଉକ୍ତ ଶିବିରକୁ ବ୍ଲକର କନିଷ୍ଠ ଯନ୍ତ୍ରୀ ଜୟ ପ୍ରକାଶ ନାରାୟଣ ଭଞ୍ଜରାୟ, ନିରଞ୍ଜନ ବେହେରା, ଏପିଓ ମାନସୀ ପାତ୍ରଙ୍କ ସମେତ ପଞ୍ଚାୟତ ପିଇଓମାନେ ପରିଚାଳନା ଓ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଶିକ୍ଷକ ଗିରଫ

**ଗୁଡାରୀ, ୧୭।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡାରୀ ବ୍ଲକ ସାନହୁମା ଅଞ୍ଚଳର ଏକ ସ୍କୁଲର ଜନୈକା ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଜଣେ ଶିକ୍ଷକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ରବିତ୍ କୁମାର ବିଡ଼ିକା । ପୋଲିସ ଏ ନେଇ ଏକ ମାମଲା(୫/୧୯) ରୁଜୁ କରିଛି । ଗତ ବୁଧବାର ଏନେଇ ପୀଡିତାଙ୍କ ବାପା ଗୁଡାରୀ ଥାନାରେ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତିକରି ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି ।


ଛାତ୍ରୀମାନେ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି ।

# ରାୟଗଡ଼ା ମହିଳା କଲେଜରେ ବାର୍ଷିକ କ୍ରୀଡା ଉଦ୍ଘାଟିତ

**ରାୟଗଡା ଅଫିସ୍, ୧୭।୧**

ରାୟଗଡା ମହିଳା ମହାବିଦ୍ୟାଳୟରେ ଗୁରୁବାର ୩୬ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଘାଟିତ ହୋଇଯାଇଛି । କଲେଜ ଅଧକ୍ଷା ସୁଷମା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏସ୍.କେ ଠାକୁର ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଡା. ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ଛାତ୍ରୀମାନଙ୍କୁ ଭବିଷ୍ୟତରେ କ୍ରୀଡାକୁ ଏକ ପେସା ଭାବେ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ । କ୍ରୀଡା ସଂସଦର ଉପସଭାପତି ସରୋଜା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ପ୍ରତିମା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ରଘୁନାଥ ଭୁୟାଁ ଧନ୍ୟବାଦ ଦେଇଥିଲେ । ଲ୍ୟୁଟ୍‌ନାଣ୍ଟ ରୀତାରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହେବ । ଛାତ୍ରୀମାନେ ୧୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

# ଦୁଡୁକାବାହାଲ ଚେକ୍‌ଡ୍ୟାମକୁ ବିରୋଧ

**ଟିକିରି,୧୭।୧(ଡ଼ି.ଏନ.ଏ)**

କାଶୀପୁର ବ୍ଲକ ଦୁଡୁକାବାହାଲ ପଞ୍ଚାୟତ ଠାରୁ କିଛି ଦୂରରେ ନିର୍ମାଣାଧୀନ ଚେକ୍‌ଡ୍ୟାମକୁ ଚାଷୀମାନେ ବିରୋଧ କରିଛନ୍ତି । ଜିଲା ଖଣିଜ ପାଣ୍ଠିରୁ ଦଶଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ ଚାଲିଛି । ଏହି ଡ୍ୟାମଟି ଯେଉଁ ସ୍ଥାନରେ ନିର୍ମାଣ କରାଯାଉଛି ତାହାଦ୍ୱାରା ଅନ୍ୟ ଜମିକୁ ପାଣି ମାଡିବ ନାହିଁ । ଏହି ଚେକ୍‌ଡ୍ୟାମଟି ଉପରମୁଣ୍ଡରେ ନିର୍ମାଣ କରାଯିବା କଥା, କିନ୍ତୁ ଠିକାଦାର ଓ ଜେଇ ନିଜ ଇଚ୍ଛାରେ ତଳମୁଣ୍ଡରେ ଏହା ନିର୍ମାଣ କରୁଛନ୍ତି । କିଛିବର୍ଷ ତଳେ ଏହାର ପ୍ରାୟ ପଚାଶ ମିଟର ଉପରେ ଏକ ଚେକ୍‌ଡ୍ୟାମ ନିର୍ମାଣ କରାଯାଇଥିଲା । ତାହା କାର୍ଯ୍ୟକାରୀ ହେଉ ନ ଥିବାବେଳେ ବର୍ତ୍ତମାନ ପୁଣି ଏକ ଚେକ୍‌ଡ୍ୟାମ କାହା ସ୍ୱାର୍ଥରେ ବୋଲି ଡୁଡୁକାବାହାଲ ଗ୍ରାମର ଅଟାରି ନାଏକ, ଶଙ୍କର ନାଏକ, ଚାଟି ନାଏକ, ନରସିଂହ ପାଢ଼ି, ବିଜୟ ନାଏକ, ରାମେଶ୍ୱର ପ୍ରଧାନି, ହର ପ୍ରଧାନି, ପୀତବାସୀ ପ୍ରଧାନୀ ପ୍ରମୁଖ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଉପରମୁଣ୍ଡରେ ଏହା ନିର୍ମାଣ ହୋଇଥିଲେ ଅନେକ ଗରିବ ଚାଷୀ ଉପକୃତ ହୋଇପାରିଥାନ୍ତେ । ଏହି କାମ ନିମ୍ନମାନର କରାଯିବା ସହ ବିନା ଟେଣ୍ଡରରେ କରାଯାଉଥିବା ମଧ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାକୁ ବନ୍ଦ କରାଯାଇ ଉପରମୁଣ୍ଡରେ ନିର୍ମାଣ କରାଯାଉ ବୋଲି ସେ ଦାବି କରିଛନ୍ତି । ଏ ନେଇ କାଶୀପୁର ବିଡିଓ ଦେବଧର ପ୍ରଧାନଙ୍କୁ ପଚାରିବାରୁ, ଏହି କାର୍ଯ୍ୟ ସରିଲା ପରେ ପରବର୍ତ୍ତୀ ସମୟରେ ଉପରମୁଣ୍ଡରେ ଆଉ ଏକ ଚେକ୍ ଡ୍ୟାମ ନିର୍ମାଣ କରାଯିବ ବୋଲି କହିଛନ୍ତି । ସେହିପରି ଜେଇ ଦେହୁରିବାବୁଙ୍କୁ ପଚାରିବାରୁ ବର୍ତ୍ତମାନ କାମ ବନ୍ଦ ଥିବା କହିଛନ୍ତି ।


ଚେକ୍‌ଡ୍ୟାମ ନିର୍ମାଣ କାର୍ଯ୍ୟ ଚାଲିଛି ।

## ସଂକ୍ଷେପରେ

### ୭୦୦ କୋଟି ନିବେଶ ଲାଗି ଗୋୟଲଙ୍କ ସର୍ତ୍ତ



**ନୂଆଦିଲ୍ଲୀ,୧୭।୧:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ଅଂଶଧନ କିଣିବା ଲାଗି ଏଟିହାଦ ଏୟାରଲାଇନ୍ସ କଡ଼ା ସର୍ତ୍ତାରୋପ କରିଛି। ଏଥିରେ କ୍ଷୁବ୍ଧ ଏହାର ପ୍ରମୋଟର ତଥା ଅଧକ୍ଷ ନରେଶ ଗୋୟଲ କମ୍ପାନୀରେ ୭୦୦ କୋଟି ଟଙ୍କା ନିବେଶ କରିବାକୁ ରାଜି ଥିବା ଦର୍ଶାଇଛନ୍ତି। ତେବେ କମ୍ପାନୀରେ ତାଙ୍କର ଅଂଶଧନ ୨୫%ରୁ କମ୍ ହେବ ନାହିଁ ବୋଲି ସେ ସର୍ତ୍ତାରୋପ କରିଛନ୍ତି। ପ୍ରମୁଖ ଋଣପ୍ରଦାନକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଧକ୍ଷ ରଜନୀଶ କୁମାରଙ୍କୁ ପତ୍ର ଲେଖି ଗୋୟଲ ନିଜର ପ୍ରସ୍ତାବ ଦେଇଛନ୍ତି। ସୂଚନାଥାଉ କି, ଜେଟ୍‌ର ରଣନୈତିକ ସହଯୋଗୀ ଏଟିହାଦ କହିଛି ଯେ, ଗୋୟଲ ନିୟନ୍ତ୍ରଣ ଛାଡ଼ି ଦେଲେ ଋଣଗ୍ରସ୍ତ ଭାରତୀୟ କମ୍ପାନୀରେ ନିବେଶ ବଢ଼ାଇବାକୁ ରାଜି। ଜେଟ୍‌କୁ ଋଣ ଦେଇଥିବା ବ୍ୟାଙ୍କ ସମୂହ ସମାଧାନ ଯୋଜନା ନେଇ ଏଟିହାଦର ସର୍ତ୍ତ ଉପରେ ବିଚାରବିମର୍ଶ ଚଳାଇଥିବା ବେଳେ ଗୋୟଲଙ୍କ ପତ୍ର ବିଶେଷ ଗୁରୁତ୍ୱ ବହନ କରୁଛି। ତାଙ୍କର ଅଂଶଧନ ୨୫%ରୁ କମିବ ନାହିଁ ଏହା ଧାର୍ଯ୍ୟ ହେବା ପରେ ହିଁ ସେ କମ୍ପାନୀରେ ନିବେଶ ବଢ଼ାଇବେ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି। ଯଦି ତାଙ୍କର ପ୍ରସ୍ତାବ ଗ୍ରହଣୀୟ ନ ହୁଏ, ତେବେ ସେ ନିବେଶ ବଢ଼ାଇ ପାରିବେ ନାହିଁ କି, କମ୍ପାନୀ ଶେୟାରକୁ ବନ୍ଧକ ରଖିପାରିବେ ନାହିଁ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।

ପିପିଲି ଗଣବଳାତ୍କାର, ହତ୍ୟା ମାମଲା

### ତଳକୋର୍ଟଙ୍କ ରାୟ ବିରୋଧରେ କ୍ରାଇମବ୍ରାଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ

**କଟକ ଅଫିସ, ୧୭।୧:** ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି। ଭୁବନେଶ୍ୱର ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ରାୟ ବିରୋଧରେ କ୍ରାଇମବ୍ରାଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତଳ କୋର୍ଟଙ୍କ ରାୟକୁ ରଦ୍ଦ କରିବା ସହିତ ନିର୍ଦ୍ଦୋଷରେ କୋର୍ଟରୁ ମୁକୁଳିଥିବା ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ ପାଇଁ କ୍ରାଇମବ୍ରାଞ୍ଚ ଆବେଦନ କରିଛି। ଗତ ଡିସେମ୍ବର ୨୪ରେ ଭୁବନେଶ୍ୱର ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଉକ୍ତ ଘଟଣାର ଦୁଇ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ ଓ ଭାଇ ସୁକାନ୍ତ ପ୍ରଧାନଙ୍କୁ ଆବଶ୍ୟକ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। କୋର୍ଟଙ୍କ ଏହି ରାୟ ପରେ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କ୍ରାଇମବ୍ରାଞ୍ଚ ଠିକ୍ ଢଙ୍ଗରେ ତଦନ୍ତ କରି ନ ଥିବାରୁ ଦୋଷୀ ଖସି ଯାଇଥିବା ବିରୋଧୀଦଳଗୁଡ଼ିକ ପକ୍ଷରୁ ଅଭିଯୋଗ ହୋଇଥିଲା। ସୂଚନାଥାଉକି, ୨୦୧୧ ନଭେମ୍ବର ୨୮ରେ ପିପିଲି ଥାନା ଅନ୍ତର୍ଗତ ଅର୍ଜୁନଗୋଦା ଗାଁ ନିକଟ ଏକ ବିଲ ଭିତରୁ ଜଣେ ୧୯ ବର୍ଷୀୟା ଅନୁସୂଚିତ ଜାତି ବର୍ଗର ଯୁବତୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୨୦୧୨ ଜୁନ ୨୧ରେ ତାଙ୍କର ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ମଧ କରାଯାଇଥିଲା।

### କେନାଲକୁ ଖସିଲା ବାଇକ୍: ୨ ମୃତ

**ଢେଙ୍କାନାଳ ଅଫିସ, ୧୭।୧:** ଢେଙ୍କାନାଳ ସଦର ଥାନା ପଦ୍ମନାଭପୁର ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। କେନାଲକୁ ଖସିପଡ଼ି ବାଇକ୍‌ରେ ଆସୁଥିବା ୨ ରାଜମିସ୍ତ୍ରି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଇନ୍ଦିପୁର ଗ୍ରାମର ବେଣୁଧର ପ୍ରଧାନ (୪୫) ଏବଂ ଲୁଣି ଗ୍ରାମର ସଦାନନ୍ଦ ବେହେରା (୪୨)। ସୂଚନାଯୋଗ୍ୟ, ଭୁବନେଶ୍ୱରରୁ କାମ ସାରି ଉଭୟେ ଶଙ୍କରପୁର-ସପ୍ତଶଯ୍ୟା ରାସ୍ତାରେ ଘରକୁ ଫେରୁଥିଲେ। ଭାରସାମ୍ୟ ହରାଇ ବାଇକ୍‌ଟି ନିର୍ମାଣାଧୀନ ପୋଲ ତଳେ ପ୍ରବାହିତ କେନାଲକୁ ଖସିପଡ଼ିଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି କେନାଲରେ ଭାସୁଥିବା ମୃତଦେହ ଉଦ୍ଧାର କରିଥିଲେ। ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ନଂ. ୩୭/୧୯, ଦଫା ୨୭୯, ୩୦୪ (ଏ)ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ମଳୟ ନାୟକ କହିଛନ୍ତି।

■ ନବ ଦାସଙ୍କ ବିଜେଡିରେ ମିଶ୍ରଣ ପ୍ରସଙ୍ଗ

# ସ୍ଥିତି ସମ୍ଭାଳିଲେ ପ୍ରଣବ, ସଞ୍ଜୀୟ

**ଝାରସୁଗୁଡ଼ା ଅଫିସ,୧୭।୧**

ଝାରସୁଗୁଡ଼ା ଜିଲା ରାଜନୀତି ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। କଂଗ୍ରେସରୁ ଇସ୍ତଫା ଦେଇ ବିଧାୟକ ନବ କିଶୋର ଦାସ ବିଜେଡିରେ ମିଶିବା ଘୋଷଣା କରିବା ପରେ ସମସ୍ତଙ୍କ ନଜର ଝାରସୁଗୁଡ଼ା ରାଜନୀତି ଉପରେ ରହିଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ କିଶୋର ମହାନ୍ତି ଏବଂ ନବ ଦାସ ଏହି ପ୍ରସଙ୍ଗକୁ କିପରି ଗ୍ରହଣ କରୁଛନ୍ତି ତାହା ସମସ୍ତେ ଅବଲୋକନ କରୁଛନ୍ତି। ତେଣୁ ବିଜେଡି ମାପିଚୁପି କାମ କରୁଛି। ୨୪ ତାରିଖରେ ମିଶ୍ରଣ ପର୍ବ ରହିଥିବାରୁ ଗୁରୁବାର ଝାରସୁଗୁଡ଼ା ବିଧାୟକ ଦାସ ଅଘୋଷିତ ଭାବେ ବିଜେଡିରେ ମିଶିଯାଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଝାରସୁଗୁଡ଼ା ଜିଲା ବିଜେଡି କାର୍ଯ୍ୟକାରିଣୀର ଗୁରୁତ୍ୱପୂର୍ଣ୍ଣ ଏବଂ ଗୁପ୍ତ ବୈଠକ ବସିଥିଲା। ଏଥିରେ ବିଧାୟକ ଦାସ ଏବଂ ଜିଲା ସଭାପତି କିଶୋର ମହାନ୍ତି ପ୍ରଥମ ଥର ଲାଗି ଏକାଠି ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ୨୪ ତାରିଖ ଗସ୍ତକୁ ସଫଳ କରିବା ସହ ଆଗାମୀ ନିର୍ବାଚନରେ ବିଜେଡିକୁ ଶକ୍ତ ଏବଂ ସଙ୍ଗଠିତ କରିବା ଦିଗରେ କାମ କରିବାକୁ ଉଭୟେ ମତ ଦେଇଥିଲେ। ଅସମ୍ଭବ କୁହାଯାଉଥିବା ନବ ଏବଂ କିଶୋରଙ୍କ ମିଳନକୁ ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୟ ଦାସବର୍ମା ସଫଳ ଏବଂ ଚତୁରତାର ସହ ଆଗେଇ ନେଇଥିଲେ।

ବୁଧବାର ଭୁବନେଶ୍ୱରରେ ଇସ୍ତଫା ଦେଇଥିଲେ ବିଧାୟକ ଦାସ। ୨୪ରେ ସେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେବେ। ଏଥିପାଇଁ ଜିଲାରେ ବିଭ୍ରାଟ ସୃଷ୍ଟି ହେବା ଆଶଙ୍କା କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସ୍ଥିତି ସମ୍ଭାଳିବାକୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ନେଇ ଗୁରୁବାର ଏଠାକୁ ଆସିଥିଲେ ବିଧାୟକ ସଞ୍ଜୟ ଦାସବର୍ମା ଏବଂ ପ୍ରଣବ ପ୍ରକାଶ ଦାସ। ମଧାହ୍ନରେ ଆୟୋଜନ ହୋଇଥିଲା ଜିଲା କାର୍ଯ୍ୟକାରିଣୀ ବୈଠକ। ଏହି ଗୁପ୍ତ ବୈଠକରେ ହେବାକୁ ଥିବା ମନ୍ତ୍ରଣା କାଳେ

■ ଭାଇରାଲ ଭୟରେ ମୋବାଇଲ ମନା

■ ପ୍ରଥମ ଥର ଲାଗି କିଶୋର, ନବ ଏକାଠି

ବାହାରେ ପ୍ରଘଟ ହୋଇଯିବ, ସେଥିପାଇଁ ସମସ୍ତ ବରିଷ୍ଠ ଏବଂ କନିଷ୍ଠ କର୍ମକର୍ତ୍ତାଙ୍କ ମୋବାଇଲକୁ ଏକାଠି ସଂଗ୍ରହ କରାଯାଇ ଦୂରରେ ରଖାଯାଇଥିଲା। ଭୁବନେଶ୍ୱରରୁ ଆସିଥିବା ଦୁଇ ବିଧାୟକ ଜିଲା ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣାଇଥିଲେ। ବିଧାୟକ ଦାସଙ୍କ ମିଶ୍ରଣ କଥା କହିବା ସହ ଆଗାମୀ ନିର୍ବାଚନରେ ସମନ୍ୱୟ ରକ୍ଷାକରି ଦଳକୁ ବିଜୟ ଦିଗରେ ଆଗେଇ ନେବାକୁ କହିଥିଲେ। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ଯାହା ନିର୍ଦ୍ଦେଶ ଦେବେ ତାକୁ ପାଳନ କରାଯିବ ବୋଲି ବିଧାୟକ ଦାସବର୍ମା କହିଥିଲେ।

ପରେ ଡକାଯାଇଥିଲା ବିଧାୟକ ନବ ଦାସଙ୍କୁ। ସେ ଏହି ବୈଠକକୁ ଆସିଥିଲେ। ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ କିଶୋର ମହାନ୍ତି। ବିଧାୟକ ଦାସଙ୍କୁ ସ୍ୱାଗତ କରିଥିଲେ ବରିଷ୍ଠ ବିଜେଡି ନେତା ତାପସ ରାୟ ଚୌଧୁରୀ। ବୈଠକରେ ଯୋଗଦେଇ ବିଧାୟକ ଦାସ କହିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ନିର୍ବାଚନ ମିଳିମିଶି ଲଢ଼ିବା ଏବଂ ଦଳକୁ ବିଜୟୀ କରାଇବା। ଏହା ପୂର୍ବରୁ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଜିଲା ସଭାପତି ବୈଠକ ଡାକନ୍ତୁ। ମିଳିମିଶି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ହାତ ବଢ଼ାଇଥିଲେ ବିଧାୟକ ଦାସ। ଜିଲା ବିଜେଡି ସଭାପତି ମହାନ୍ତି ମଧ ବୈଠକ ଡକାଯିବାକୁ ନେଇ ସହମତି ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ସିଂ, ମତାଦିନ ମୁଦ୍ରା, ଟିକେଶ୍ୱର ମହାନ୍ତିଙ୍କ ସମେତ ବ୍ଲକ ସଭାପତି, ଜିଲା ସମ୍ପାଦକ, କାର୍ଯ୍ୟକାରୀ ସଭାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ଘର ନ ପାଇ ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

**ଖୋର୍ଦ୍ଧା ଅଫିସ/ ନିରାକାରପୁର,୧୭।୧(ଡି.ଏନ.ଏ.)**

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇ ବୁଧବାର ଆତ୍ମହତ୍ୟା କରିଥିଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନିରାକାରପୁର ସାହିର ଲକ୍ଷ୍ମୀଧର ବେହେରା ଓରଫ ଲକ୍ଷୀ (୩୫)। ଗୁରୁବାର ଏହି ସ୍ପର୍ଶକାତର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର। ଲକ୍ଷ୍ମୀଧରଙ୍କ ମୃତ୍ୟୁର କାରଣ, ମୃତ୍ୟୁ ପୂର୍ବରୁ ଭିଡିଓ ଭାଇରାଲ୍ ଓ ଲାଞ୍ଚ ମଗାଯିବା ଘଟଣା ସମ୍ପର୍କରେ ଉପଜିଲାପାଳ ତଦନ୍ତ କରିବେ ବୋଲି ସେ କହିଛନ୍ତି। ଏପଟେ ନିରାକାରପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଗୁରୁବାର ରାତିରେ ମୃତ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣାକୁ ଭିନ୍ନ ରୂପ ଦେବାକୁ ଚକ୍ରାନ୍ତ ଚାଲିଥିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ପରଠାରୁ ପରିବାରରେ ଚୁଲି ଜଳୁନି। ଗାଁରେ ଶୋକର ଛାୟା ଖେଳିଯାଇଥିବାବେଳେ ସମସ୍ତେ ଲକ୍ଷ୍ମୀଧରଙ୍କୁ ଝୁରି ହେଉଛନ୍ତି। ମୃତ ଲକ୍ଷ୍ମୀଧରଙ୍କ ସ୍ତ୍ରୀ କୁମାରୀ ବେହେରା କହିଛନ୍ତି, ସ୍ୱାମୀ ବିଏ ପାସ୍ କରିଥିଲେ ମଧ ଚାକିରି ନ ପାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବାଲି ସିମେଣ୍ଟ କାର୍ଯ୍ୟରେ ହେଲ୍‌ପର କାମ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳିବା କଷ୍ଟକର ହୁଏ। ବଡଝିଅ ନବମ ଓ ଅନ୍ୟ ଦୁଇ ଜଣ ପିଲାଙ୍କ ପାଠପଢ଼ା, ଖାଇବା ଖର୍ଚ୍ଚକୁ ଟଙ୍କା ପାଏନି। ଗୋଟିଏ ଓଳି ଖାଇଲେ ଓଳିଏ ଉପବାସ କରିବାକୁ ପଡେ। ଦେଢ଼ ଲକ୍ଷ ଟଙ୍କା କରଜ ମଧ କରି ସାରିଛନ୍ତି। କରଜ ଟଙ୍କା ଓ ପରିବାର ବୋଝ ସମ୍ଭାଳିବା ଚିନ୍ତାରେ ସେ ସବୁବେଳେ ରହୁଥିଲେ। ହେଲେ ସ୍ୱାମୀ ଆତ୍ମହତ୍ୟା କ'ଣ ପାଇଁ କଲେ ତାଙ୍କୁ କହି ନ ଥିବା ସେ କହିଛନ୍ତି। କିନ୍ତୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳିବ ବୋଲି ୧୫ ଦିନ ତଳେ ଲକ୍ଷ୍ମୀଧର ଜାଣିଥିଲେ। କେହି ତାଙ୍କ ସ୍ୱାମୀଙ୍କୁ ମଦ ଦେଇ ଭିଡିଓ ଭାଇରାଲ କରାଇ ମାରି ଦେଇଛନ୍ତି

■ ଥାନାରେ ଅଭିଯୋଗ କଲେ ଲକ୍ଷ୍ମୀଧରଙ୍କ ସ୍ତ୍ରୀ

■ କରଜ ଓ ପରିବାର ଚଳାଇବା ଚିନ୍ତାରେ ଥିଲେ

■ ମାମଲା ବଦଳାଇବାକୁ ଚାଲିଛି ଚକ୍ରାନ୍ତ

ବୋଲି କୁମାରୀ କହିଛନ୍ତି। ମାତ୍ର କୁମାରୀ ଅପରାହ୍ନରେ ଗଣମାଧ୍ୟମକୁ ଏକଥା କହିଥିବାବେଳେ ରାତିରେ ଥାନାରେ ଭିନ୍ନ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସ୍ୱାମୀ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ନିଜ ଜମି ସହ ଅନ୍ୟଲୋକଙ୍କ ଜମି ଆଣି ଭାଗ ଚାଷ କରନ୍ତି। ଏଥିପାଇଁ ଧାର କରଜ କରିଥିଲେ। ବିଭିନ୍ନ କାରଣରୁ ଫସଲ ନଷ୍ଟ ହେବାରୁ କରଜ ଶୁଝି ପାରୁ ନ ଥିଲେ। ୧୬ ତାରିଖରେ ନିଜ ବିଲରେ ବିଷ ପିଇ ପଡିଥିବା ଜାଣିବା ପରେ ପୋଲିସକୁ ଖବର ଦେବା ସହ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନେଇଥିଲୁ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଣୁ ଋଣ ଚାପରେ ସେ ଆତ୍ମହତ୍ୟା କରିଛନ୍ତି। ଏହାର ତଦନ୍ତ କରାଯାଇ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

ନିରାକାରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାଶରଥି ପ୍ରତିହାରୀ କୁହନ୍ତି, ୧୮ ତାରିଖ ପିଠା କାର୍ଯ୍ୟକ୍ରମରେ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ଦିଆଯିବ ବୋଲି ଲକ୍ଷ୍ମୀଧରଙ୍କୁ କୁହାଯାଇଥିଲା। ତେବେ ସେ ଆତ୍ମହତ୍ୟା କାହିଁକି କଲେ ତାହା ମୁଁ କହିପାରିବିନି। ସରପଞ୍ଚ ହୃଷୀକେଶ ରାଉତରାୟ କୁହନ୍ତି, ଲକ୍ଷ୍ମୀଧରଙ୍କ ମୃତ୍ୟୁର କାରଣ ଘର ହୋଇ ନ ପାରେ। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ କୁହନ୍ତି, ତେବେ ଥଟ୍ଟା ମଜାରେ ଲକ୍ଷ୍ମୀଧର ମରିବାର ଭୟ ଦେଖାଇ ମରିଥାଇ ପାରନ୍ତି। ନଚେତ ମଦଦେଇ ଭିଡିଓ ଭାଇରାଲ କରି କେହି ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଷଡ଼ଯନ୍ତ୍ର କରି ହତ୍ୟା କରିଛନ୍ତି। ଭିଡିଓ ଭାଇରାଲ କରିଥିବା ଲୋକଙ୍କୁ ତଦନ୍ତ କରି ଧରାଯାଉ ବୋଲି ବିଧାୟକ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବିଭାଗରେ ପଡ଼ିରହିଛି ଓଡ଼ିଆଙ୍କ 'ସ୍ୱାଭିମାନର ପ୍ରତୀକ'

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

'ବନ୍ଦେ ଉତ୍କଳ ଜନନୀ'କୁ ପ୍ରାଦେଶିକ ସଙ୍ଗୀତ ମାନ୍ୟତା ପ୍ରସଙ୍ଗ

ଦେଶର ଅନ୍ୟ ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ପ୍ରାଦେଶିକ ସଙ୍ଗୀତ ରହିଛି। ହେଲେ ଓଡ଼ିଶା ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ହୋଇଥିଲେ ସୁଦ୍ଧା ନିଜର ସ୍ୱତନ୍ତ୍ର ସଙ୍ଗୀତ ତିଆରି କରିପାରିନାହିଁ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ପ୍ରାଦେଶିକ ସଙ୍ଗୀତର ମାନ୍ୟତା ଦେବାକୁ ପ୍ରଚେଷ୍ଟା କରାଯାଇଛି। ମାତ୍ର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଇଚ୍ଛାଶକ୍ତି ଅଭାବରୁ ତାହା ପ୍ରାଦେଶିକ ସଙ୍ଗୀତର ମାନ୍ୟତା ପାଇପାରୁନାହିଁ। ଫଳରେ ଯିଏ ଯେମିତି ଯେଉଁଠି ପାଉଛନ୍ତି ଏହାକୁ ପରିବେଷଣ କରୁଛନ୍ତି। ପରିବେଷଣ ସମୟରେ ନା ସଙ୍ଗୀତର ସ୍ୱର, ତାଳ ଠିକ୍ ରହୁଛି ନା ଉପଯୁକ୍ତ ଧୁନ୍ ବାଜୁଛି। ସେହିଭଳି ପରିବେଷଣ ସମୟରେ ଲୋକେ ଏହାକୁ ସମ୍ମାନ ଦେଇ ଛିଡ଼ାହେବେ କି ନାହିଁ, ସେ ନେଇ ମଧ ଦ୍ୱନ୍ଦ୍ୱ ଲାଗିରହୁଛି।

ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବାକୁ ୧୯୯୪ ମସିହାରେ ଦାବି ଉଠିଥିଲା। ତତ୍କାଳୀନ ସଂସ୍କୃତି ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇ ପୋଲିସ ବ୍ୟାଣ୍ଡ୍ ଦ୍ୱାରା ଗୀତର ଧୁନ୍ ପ୍ରସ୍ତୁତ କରାଯାଇଥିଲା। ଏହାପରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହାୟତାରେ ମୂଳଗୀତର କିଛି ପଂକ୍ତିକୁ ନେଇ ୮୫ ସେକେଣ୍ଡର ଗୀତ ରେକର୍ଡିଂ କରାଯାଇଥିଲା। ୨୦୧୩ ଜାନୁୟାରୀ ୨୨ରେ ଏହାକୁ ପ୍ରାଦେଶିକ ସଙ୍ଗୀତର ମାନ୍ୟତା ଦେବାକୁ ସଂସ୍କୃତି ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୨୫ରେ ଗୃହ ବିଭାଗକୁ ଚିଠି ଲେଖାଯାଇଥିଲା। ଚିଠି ପଠାଯିବାର ଏହାମଧ୍ୟରେ ପ୍ରାୟ ୬ବର୍ଷ ବିତିଗଲାଣି। ହେଲେ ଗୃହ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପଟେ ଗତ ୧୪ ତାରିଖରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବନ୍ଦେ ଉତ୍କଳ ଜନନୀ'କୁ ୪ କୋଟି ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ବୋଲି କହିଛନ୍ତି। ଏହା ସବୁ ଓଡ଼ିଆଙ୍କ ପ୍ରିୟ ସଙ୍ଗୀତ। ଏଥିରେ ଉତ୍କଳ ମାତା ପ୍ରତି ଭକ୍ତି ଓ ଏହାର ବିକାଶ ପାଇଁ ଶକ୍ତି ଭରି ରହିଛି। ଏହା କେବଳ ମାତ୍ର ସଙ୍ଗୀତ ନୁହେଁ, ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ବିଭାଗ ହୋଇଥିବା ବେଳେ ଏହି ସଙ୍ଗୀତ ୪ କୋଟି ଓଡ଼ିଆଙ୍କ ଅସ୍ତିତ୍ୱର ପ୍ରତୀକ ବୋଲି ସ୍ୱୀକାର କରିଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ବିଭାଗ ଅଧୀନରେ ଓଡ଼ିଆଙ୍କ ଏହି 'ସ୍ୱାଭିମାନର ପ୍ରତୀକ' ପଡ଼ିରହିଛି।

ପ୍ରତିବର୍ଷ ଓଡ଼ିଆ ନବବର୍ଷ ଆସିଲେ ବିଭିନ୍ନ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇ ବନ୍ଦେ ଉତ୍କଳ ଜନନୀକୁ ପ୍ରାଦେଶିକ ସଙ୍ଗୀତର ମାନ୍ୟତା ଦେବାକୁ ଦାବି କରିବା ପରେ ରାଜ୍ୟ ସରକାର ତତ୍ପର ହୋଇଉଠୁଛନ୍ତି। ଗଠିତ କମିଟିକୁ ରିପୋର୍ଟ ତଲବ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ଉକ୍ତ ରିପୋର୍ଟ କୁଆଡ଼େ ଯାଉଛି, ତାହାର କୌଣସି ତଥ୍ୟ କାହା ପାଖରେ ରହୁନି। ଅନ୍ୟପକ୍ଷରେ ଏହି ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବାକୁ ସରକାର ପଛଘୁଞ୍ଚା ଦେଉଥିବା ଉତ୍କଳ ସମ୍ମିଳନୀ ଅଭିଯୋଗ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଯଦି ହୃଦୟଙ୍ଗମ କରିଛନ୍ତି, ତା' ହେଲେ ତୁରନ୍ତ ପଦକ୍ଷେପ ନେବାକୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି।

ପ୍ରଥମ ପୃଷ୍ଠାରୁ

## ଧାନ ବିକ୍ରି ପରେ...

ହୋଇଥିବାବେଳେ ସଂଗ୍ରହ ହୋଇଥିଲା ୧,୭୦,୨୭୪.୫୧କୁଇଣ୍ଟାଲ। ସେହିପରି ୨୦୧୪-୧୫ରେ ୨,୫୦,୦୦୦ରୁ ୧,୭୪,୦୫୭.୨୮ କୁଇଣ୍ଟାଲ, ୨୦୧୫-୧୬ରେ ୯୫,୫୮୮.୨୪ରୁ ୮୬,୪୧୭.୩୧ କୁଇଣ୍ଟାଲ, ୨୦୧୬-୧୭ରେ ୧,୦୨,୯୪୧.୧୮ କୁଇଣ୍ଟାଲରୁ ୮୫,୩୧୯.୭୩ କୁଇଣ୍ଟାଲ, ୨୦୧୭-୧୮ରେ ୮୫,୨୯୪.୧୨ କୁଇଣ୍ଟାଲରୁ ୫୬,୪୧୦.୮୫ କୁଇଣ୍ଟାଲ ଧାନ ମଣ୍ଡି ମାଧ୍ୟମରେ ସଂଗ୍ରହ ହୋଇଥିବା ଆର୍‌ଟିଆଇ ସୂତ୍ରରୁ ଜଣାଯାଇଛି। ୨୦୧୮-୧୯ ବର୍ଷ ପାଇଁ ଜିଲାରେ ଅଦ୍ୟାବଧି ମଣ୍ଡି ଖୋଲି ନାହିଁ। ପ୍ରଶାସନ ମଧ ଏବିଷୟରେ କୌଣସି ସ୍ପଷ୍ଟ ଉତ୍ତର ଦେଉ ନାହିଁ। ଜିଲା କୃଷି ଉପନିର୍ଦ୍ଦେଶକ ପ୍ରଦୀପ କୁମାର ରଥଙ୍କ କହିବା ହେଲା କନ୍ଧମାଳ ଜିଲାରେ ଧାନ ଫସଲ କମ୍ ହୋଇଥାଏ। ବାକି ମକା, ହଳଦୀ, ଅଦା, ଲଙ୍କା, ତନ୍ତୁଜାତୀୟ ଶସ୍ୟ, ପନିପରିବା, ତୈଳ ଓ ଡାଲି ଜାତୀୟ ଚାଷ ଅଧିକ ହୋଇଥାଏ। ଗତ ୬ ମାସ ମଧ୍ୟରେ ଜିଲାର ସମସ୍ତ ୧୨ ବ୍ଲକକୁ ପରିଦର୍ଶନ କରିଛି। ଚାଷୀମାନଙ୍କ ମୁଖ୍ୟତଃ ବିହନ, ସାର ସମସ୍ୟା ଥିଲା, ଯାହାକୁ ଚଳିତ ଖରିଫ ଋତୁରେ ଜୁନ୍ ୧୫ ତାରିଖ ମଧ୍ୟରେ ଲ୍ୟାମ୍ପ୍ସ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଗତବର୍ଷ ଗୁଡ଼ିକରେ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ପରିମାଣର ଧାନ କ୍ରୟ ହେଉଥିବା ଜଣାପଡ଼ିଛି। ଚଳିତ ବର୍ଷ ଏହାକୁ ଠିକ୍ ଭାବେ ପୂରଣ କରିବାକୁ ଚେଷ୍ଟା କରାଯାଉଛି। ଏବର୍ଷ ୨୦୦୦ କୁଇଣ୍ଟାଲ ସରକାର ମଣ୍ଡି ମାଧ୍ୟମରେ କିଣିବେ। କୁଇଣ୍ଟାଲକୁ ୨୮୮୭ ଟଙ୍କା ଧାର୍ଯ୍ୟ କରାଯାଇଛି। ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ ସୋସାଇଟି(ଟିଡିସିଏସ୍) ମାଧ୍ୟମରେ ୧୨ଟି ଲ୍ୟାମ୍ପ୍ସରେ ମଣ୍ଡି ଖୋଲା ସରିଛି ବୋଲି ଜିଲା କୃଷି ଉପ ନିର୍ଦ୍ଦେଶକ ରଥ କହିଛନ୍ତି।

ଉପନିବନ୍ଧକ ସମବାୟ ସମିତି ସମୂହ(ଡିଆରସିଏସ୍)ଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୪ ଖରିଫ ଋତୁରେ ଚାଷୀଙ୍କୁ ୪୯କୋଟି ଋଣ ଦିଆଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୪୩କୋଟି ୭୦ଲକ୍ଷ ଟଙ୍କା ଚାଷୀମାନେ ଋଣ ନେଇଥିଲେ, ଯାହା ଧାର୍ଯ୍ୟଲକ୍ଷ୍ୟର ୮୯ପ୍ରତିଶତ। ସେହିପରି କ୍ରମାନ୍ୱୟରେ ରବି ଋତୁ ୨୦୧୪-୧୫ରେ ୫୧କୋଟି ୬୦ ଲକ୍ଷରୁ ୩୯କୋଟି ୮୯ଲକ୍ଷ(୭୭%) ଋଣ ପ୍ରଦାନ କରାଯାଇଥିଲା। ୨୦୧୫ ଖରିଫରେ ୬୧ କୋଟିରୁ ୪୨ କୋଟି ୨୧ ଲକ୍ଷ(୭୪%), ୨୦୧୫-୧୬ ରବି ଋତୁରେ ୫୦ କୋଟିରୁ ୩୯ କୋଟି ୯୯ ଲକ୍ଷ(୮୦%), ୨୦୧୬ ଖରିଫ ଋତୁରେ ୫୩ କୋଟିରୁ ୩୯କୋଟି ୪୪ ଲକ୍ଷ(୭୪%), ୨୦୧୬-୧୭ ରବି ଋତୁରେ ୫୨ କୋଟିରୁ ୩୭ କୋଟି ୬୫ ଲକ୍ଷ(୭୨%), ୨୦୧୭ ଖରିଫ ଋତୁରେ ୫୨ କୋଟିରୁ ୫୨ କୋଟି ୬୨ଲକ୍ଷ(୧୦୧%), ୨୦୧୭-୧୮ ରବି ଋତୁରେ ୪୫ କୋଟିରୁ ୪୨ କୋଟି ୧ ଲକ୍ଷ(୯୩%), ୨୦୧୮ ଖରିଫ ଋତୁରେ ୫୪ କୋଟିରୁ ୫୬ କୋଟି ୧୮ ଲକ୍ଷ(୧୦୪%) ଋଣ ଚାଷୀଙ୍କୁ ପ୍ରଦାନ କରାଯାଇଛି। ୨୦୧୮-୧୯ ରବି ଋତୁ ପାଇଁ ୪୫ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୫ କୋଟି ୯୨ ଲକ୍ଷ ଟଙ୍କା ଋଣ ଦିଆଯାଇଛି। ପ୍ରତିବର୍ଷ ୭୦ରୁ ୮୦ ପ୍ରତିଶତ ଋଣ ପରିଶୋଧ ହେଉଥିବା ଡିଆରସିଏସ୍ ପ୍ରମୋଦ କୁମାର ସାହୁ ସୁଚନା ଦେଇଛନ୍ତି।

ଜିଲାରେ ଦୀର୍ଘ ୪ବର୍ଷ ଧରି ଶୀତଳ ଭଣ୍ଡାର ବନ୍ଦ ପଡ଼ି ରହିବା ସମ୍ପର୍କରେ ଜିଲାପାଳ ବୃନ୍ଦା ଡିଙ୍କୁ ପଚାରିବାରେ ଫୁଲବାଣୀ ଓ ବାଲିଗୁଡ଼ା ଆଇଟିଡିଏ ପକ୍ଷରୁ ୫ଟି ଶୀତଳ ଭଣ୍ଡାର ରହିଛି ବୋଲି କହିଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଇବାକୁ ଦାୟିତ୍ୱରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ସୁବିଧା ପାଇଁ କ'ଣ କରାଯାଇପାରିବ ତାହା ଉପରେ ମଧ ଯୋଜନା କରାଯାଉଛି। ଡେରିରେ ହେଲେ ସୁଦ୍ଧା ଜିଲାରେ ସମସ୍ତ ମଣ୍ଡି ଖୋଲିଲାଣି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ, ୪ବର୍ଷ ଧରି ଶୀତଳ ଭଣ୍ଡାର ବନ୍ଦ ପଡ଼ିଥିଲେ ସୁଦ୍ଧା ଜିଲା ପ୍ରଶାସନ ଏହାକୁ ଖୋଲିବା ନେଇ ପୂର୍ବରୁ କାହିଁକି ତତ୍ପରତା ପ୍ରକାଶ କରୁ ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟଯେ, ନିକଟରେ ଚାଷୀଙ୍କ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି।

ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ଦାସଙ୍କ କହିବା ହେଲା ଫିରିଙ୍ଗିଆ ଏବଂ ଖଜୁରିପଡାରେ ଦୁଇଟି ଶୀତଳ ଭଣ୍ଡାର କାର୍ଯ୍ୟ ସରିଛି । ଏସ୍‌ଟି କୃଷକ କ୍ଲବ ଏହାକୁ ପରିଚାଳନା କରିବ। ଏଯାବତ୍ କ୍ଲବ ଗଠନ ହୋଇପାରୁ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି ଦାସ ସୂଚନା ଦେଇଛନ୍ତି। ଅପରପକ୍ଷରେ ବାଲିଗୁଡା ଆଇଟିଡିଏ ଅଧୀନରେ ୩ଟି ଶୀତଳ ଭଣ୍ଡାର ରହିଛି। ସେଥିମଧ୍ୟରୁ ଜି.ଉଦୟଗିରିରେ ଏବେ ନୂତନ ଭାବେ ଗୋଟିଏ ତିଆରି ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ଦାରିଙ୍ଗବାଡି ଏବଂ ବାଲିଗୁଡାରେ ଥିବା ଶୀତଳଭଣ୍ଡାର ୨୦୧୩-୧୪ରୁ ଅକାମୀ ହୋଇପଡିଛି। ଦାରିଙ୍ଗବାଡି ଶୀତଳଭଣ୍ଡାର ଗୋଟିଏ କୋଅପରେଟିଭ ସୋସାଇଟି ଓ ବାଲିଗୁଡାର ୨ଟି କୃଷକ ସଂଘକୁ ଦିଆଯାଇଥିଲା। ମାତ୍ର ସେମାନେ ଏହାକୁ ଠିକ୍ ଭାବେ ପରିଚାଳନା କରି ନ ପାରିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ସମସ୍ୟା ତୁରନ୍ତ ସମାଧାନ କରାଯିବାକୁ ଚେଷ୍ଟା କରାଯାଉଛି ବୋଲି ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାଜେନ୍ଦ୍ର ରଣଜିତ ପ୍ରକାଶ କରିଛନ୍ତି।

## ଚାଷୀଙ୍କ ମତାମତ

### ଅବ୍ୟବସ୍ଥା ଅଡୁଆରେ ପକାଇବ



ଜିଲାରେ ଚାଷୀଙ୍କୁ ଅଣଦେଖା କରାଯାଇଛି। ଯୋଜନା ହେଉଛି କିନ୍ତୁ ଚାଷୀଙ୍କ ପାଖରେ ପହଞ୍ଚୁ ନାହିଁ। କୃଷି ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ ନ ଥିବାରୁ ଚାଷୀ ବୈଷୟିକ ଜ୍ଞାନରୁ ବଞ୍ଚିତ ହେଉଛି। ଠିକ୍ ସମୟରେ ବିହନ ମିଳୁନି । ଅବ୍ୟବସ୍ଥା ଯୋଗୁ ସରକାର ଚାଷୀ ଭୋଟ ହରାଇବାର ସମ୍ଭାବନା ରହିଛି। ଠିକ୍ ସମୟରେ ଧାନମଣ୍ଡି ଖୋଲୁ ନ ଥିବାରୁ ମଧ୍ୟସ୍ଥଙ୍କ ଜାଲରେ ଚାଷୀ ପଡିବାକୁ ବାଧ ହେଉଛି।

– କିନାରୀ ପାତ୍ର , ମୁଣ୍ଡିଗଡ, ଡୁମୁଡିବନ୍ଧ

### ଆଖିଦୃଶିଆ କାମ ହୋଇନି



ରାଜ୍ୟରେ ସରକାର ଗତ ୨ଦଶନ୍ଧିରେ ଚାଷୀଙ୍କ ପାଇଁ କୌଣସି ଆଖିଦୃଶିଆ କାମ କରି ନାହାନ୍ତି। ଗତ ବର୍ଷ ଧାନ ମଣ୍ଡିରେ ମିଲରମାନେ କୁଇଣ୍ଟାଲ ପିଛା ୫କେଜି କାଟି ନେଇଥିଲେ। ସହାୟକ ରାଶି ମଧ ଠିକ୍ ସମୟରେ ମିଳିଲା ନାହିଁ। ଚାଷୀ ଏକ ପ୍ରକାର ହତାଶା ମଧ୍ୟରେ ଦିନ କାଟୁଛି।

– ଶିବଶଙ୍କର କହଁର, ଅଡାବାଡି, ଚକାପାଦ

### ଅଭାବୀ ବିକ୍ରିର ଶିକାର ଚାଷୀ



ସରକାର କ୍ରମାଗତ ଭାବେ ଚାଷୀଙ୍କୁ ଅଣଦେଖା କରି ଆସୁଛନ୍ତି। ଗତ ୫ ବର୍ଷ ମଧ୍ୟରେ ବହୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛନ୍ତି। ଜିଲାରେ ମୁଖ୍ୟତଃ ଧାନ କମ୍ ହୋଇଥାଏ। ହେଲେ ପନିପରିବା ଓ ହଳଦୀ ଚାଷ ବହୁଳ ଭାବେ ହୁଏ । ବଜାର ଅଭାବ ସାଙ୍ଗକୁ ହଳଦୀ ପାଇଁ ମଣ୍ଡି ଖୋଲୁ ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛୁ।

– ଟାମିଆ ବିନ୍ଧାଣି, ପାଡ଼ନକେତା, ଦାରିଙ୍ଗବାଡି

### ପ୍ରଶାସନିକ ଅବହେଳା ଜାରି ରହିଛି



ଚାଷୀଙ୍କ ପ୍ରତି ପ୍ରଶାସନିକ ଅବହେଳା ଜାରି ରହିଛି। ଏହାର ପ୍ରଭାବ ଆସନ୍ତା ନିର୍ବାଚନରେ ପଡ଼ିପାରେ। ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଆଜି ପର୍ଯ୍ୟନ୍ତ ସହାୟତା ମିଳିନାହିଁ। ୧୯ବର୍ଷର ଶାସନ କାଳରେ ଜିଲାରେ ଜଳସେଚନ ସୁବିଧା କରାଯାଇ ନାହିଁ। ଫସଲ ବିକ୍ରି ପାଇଁ ବଜାର ବ୍ୟବସ୍ଥା ନାହିଁ କି ମଣ୍ଡି ମଧ ଠିକ୍‌ରେ ଖୋଲି ନାହିଁ। ପ୍ରଶାସନିକ ଅବହେଳାରୁ ଏସବୁ ଅବ୍ୟବସ୍ଥା ଲାଗି ରହିଛି।

– ବିବେକାନନ୍ଦ ପ୍ରଧାନ, ସୁଜେଲି, ଜି.ଉଦୟଗିରି

### ଜଳସେଚନ ବ୍ୟବସ୍ଥା ନାହିଁ



କିଛି ମାସ ଧରି ରାଜ୍ୟରେ ଚାଷୀ ଆନ୍ଦୋଳନ ଯେପରି ଭାବେ ମୁଣ୍ଡ ଟେକିଛି, ତାହା ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି । ଜିଲାରେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷୀ ସବୁବେଳେ ପାଣି ପାଇଁ ହତାଶ ହେଉଛି। ତେଣୁ ପ୍ରଶାସନ ଚାଷୀଙ୍କ ମୌଳିକ ସମସ୍ୟା ଉପରେ ପ୍ରଥମେ ଦୃଷ୍ଟିଦେବା ଆବଶ୍ୟକ।

– ଚାଣକ୍ୟ କହଁର, ଗୁମାଗଡ଼, ଫୁଲବାଣୀ

### ଯୋଜନା ଘୋଷଣାରେ ଲୋକେ ବିରକ୍ତ



ଜିଲାର ଚାଷୀଙ୍କ କିଛି ଉନ୍ନତି ହୋଇପାରି ନାହିଁ। ଏବେ ନିର୍ବାଚନ ଆସୁଥିବାରୁ ସରକାର ଯୋଜନା ଉପରେ ଯୋଜନା ଘୋଷଣା କରୁଛନ୍ତି। ମଣ୍ଡି ଠିକ୍ ସମୟରେ ଖୋଲୁ ନ ଥିବାରୁ ଚାଷୀ ଧାନ କୁଇଣ୍ଟାଲ ପିଛା ୧୦୦୦ରୁ ୧୧୦୦ ଟଙ୍କାରେ ବାହାରେ ବିକ୍ରି କରିବାକୁ ବାଧ ହେଉଛି।

– ବାବୁଲା ପ୍ରଧାନ, କଟଡ଼ି, ଟିକାବାଲି

### ମଣ୍ଡି ଠିକ୍ ସମୟରେ ଖୋଲୁନାହିଁ



ସରକାର କୃଷି ଓ କୃଷକଙ୍କୁ ଅବହେଳା କରିଆସୁଛନ୍ତି। କାଳିଆ ଯୋଜନାରେ କିସ୍ତିରେ ୫ ହଜାର ଲେଖାଏ ଦେବାକୁ ଘୋଷଣା କରିଛନ୍ତି। ମାତ୍ର ୫ହଜାରରେ ଜଣେ ଚାଷୀ କ'ଣ କରିବ। କେବଳ ଭୋଟ ପାଇଁ ଏସବୁ ନାଟକ । ଚାଷୀ ଋଣ ଛାଡ କଲେ ନାହିଁ। ଏପରି କି ମଣ୍ଡି ମଧ ଠିକ୍ ସମୟରେ ଖୋଲାଯାଉ ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି।

– ପୀତବାସ କହଁର, ଟେଲାପାଲି, ଫିରିଙ୍ଗିଆ

### ଯୋଜନାର ସଫଳ ରୂପାୟନ ହେଉନି



ସରକାର ଚାଷୀ ଭୋଟ ହରାଇବାର ଆଶଙ୍କା ନାହିଁ। କାରଣ ଅନ୍ୟ ସରକାର ବି ଚାଷୀଙ୍କ ପାଇଁ କିଛି କରି ନାହାନ୍ତି। ଏହି ସରକାର ଅମଳରେ ଭଲ ଯୋଜନା ହୋଇଛି। ମାତ୍ର ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଚାଷୀଙ୍କ ଯେଉଁ ସମସ୍ୟା ରହିଛି କୃଷକ ସେଲ୍ ଏହାକୁ ସମାଧାନ କରି ଆଗାମୀ ଦିନରେ ଆଉ କିଛି ନୂଆ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଫସଲ ଅମଳଠାରୁ ବିକ୍ରି ଯାଏ ଚାଷୀ କିପରି ଉଚିତ ମୂଲ୍ୟ ପାଇବ ସେ ନେଇ ସରକାର ଚିନ୍ତା କଲେ ଉଦ୍ଦେଶ୍ୟ ସଫଳ ହେବ।

–କରୁଣାକର ପଟ୍ଟନାୟକ, ଫୁଲବାଣୀ

### ସରକାର ତତ୍ପରତା ଦେଖାନ୍ତୁ



ବିଜୁ କୃଷକ ଜନତା ଦଳ ଗଠନ ଦ୍ୱାରା ଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେତାଙ୍କ ନିକଟରେ ସହଜରେ ଦାବି କରିପାରିବେ। ଫଳରେ ସମାଧାନର ଆଶା ମଧ ରହିବ। ଅଭାବୀ ଧାନ କିଣା ନିଶ୍ଚିତ ଭାବେ ଏକ ସମସ୍ୟା, ଯାହା ବହୁତ ଦିନ ଧରି ଲାଗି ରହିଛି। ଚାଷୀ ତାର ପ୍ରକୃତ ଦର ପାଇ ପାରୁନାହାନ୍ତି। ପରିଶ୍ରମ ତୁଳନାରେ ବହୁତ କମ୍ ଦରରେ ବିକ୍ରି କରୁଛନ୍ତି। ଏଥିପ୍ରତି ସରକାର ତତ୍ପରତା ଦେଖାଇବା ଜରୁରୀ।

– ବେଲେଶ୍ୱର ପ୍ରଧାନ, ଟାହ୍ଲୁପାଙ୍ଗା, ରାଇକିଆ

### ଚାଷୀ ବୋକା ନୁହନ୍ତି



ଚାଷୀଙ୍କ ଭୋଟ ହାତେଇବା ପାଇଁ ଏବେ ତରବରିଆ ଭାବେ ବିଭିନ୍ନ ଯୋଜନା ଘୋଷଣା କରାଯାଉଛି। ମାତ୍ର ଏହା ଚାଷୀଙ୍କୁ ପ୍ରଭାବିତ କରିପାରିବ ନାହିଁ। ଧାନ କିଣାବିକାରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାକି ଆଗାମୀ ନିର୍ବାଚନରେ ପ୍ରତିଫଳିତ ହୋଇପାରେ।

–ଦେବରାଜ ପ୍ରଧାନ, ଟଟମାହା, ମଣ୍ଡାକିଆ, ରାଇକିଆ

### ଧାନମଣ୍ଡିରେ ଅନିୟମିତା ଅଭିଯୋଗରେ ପ୍ରତିବାଦ

# ସଚିବାଳୟରେ ପଶିବାକୁ ଉଦ୍ୟମ

## ■ ଭାଜପା କୃଷକ ମୋର୍ଚ୍ଚା କର୍ମୀଙ୍କୁ ଉଠାଇନେଲା ପୋଲିସ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ଧାନମଣ୍ଡିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁବାର ସଚିବାଳୟର ୪ନମ୍ବର ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୋର୍ଚ୍ଚାର ୩୦ରୁ ୪୦ କର୍ମୀ ଗେଟ ସମ୍ମୁଖରେ ପ୍ରତିବାଦ ଜଣାଇଥିଲେ। ତେବେ ହଠାତ୍ ମଧ୍ୟାହ୍ନ ୧୨ଟା ବେଳେ ମୋର୍ଚ୍ଚାର କର୍ମୀମାନେ ସଚିବାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା।

ଅନ୍ୟପଟେ ପୋଲିସ କୃଷକମାନଙ୍କୁ ବଳପୂର୍ବକ ଅଗଣତାନ୍ତ୍ରିକ ଉପାୟରେ ଉଠାଇ ନେଇଛି ବୋଲି ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ଅଭିଯୋଗ କରିଛନ୍ତି। ସେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ଧାନମଣ୍ଡି ଖୋଲିବାରେ ବିଳମ୍ବ କରିଛନ୍ତି। ଚାଷୀ ପରିବାର ହତାଶ ହୋଇ ନିଜ ଧାନକୁ ଶଗ ମାଛ ଦରରେ ଦଲାଲଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଧାନ ମଣ୍ଡିରେ ଅବ୍ୟବସ୍ଥାର ପ୍ରମାଣ ଦେଖାଇଲେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ରାଜନୀତି ଛାଡିବା କଥା କହିଥିଲେ। ମନ୍ତ୍ରୀଙ୍କର ଏହି ଆହ୍ୱାନକୁ ସ୍ୱୀକାର କରି ଚାଷୀମାନେ ସଚିବାଳୟ ଯାଇଥିଲେ। ସେମାନେ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଥିବାର ପ୍ରମାଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସଚିବାଳୟ ନିକଟରେ ପାସ ପାଇଁ ଅଭ୍ୟର୍ଥନା କକ୍ଷ ନିକଟରେ ଠିଆ ହୋଇଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେଇଥିବା ମହାନ୍ତି କହିଛନ୍ତି।

ଏ ସମ୍ପର୍କରେ କ୍ୟାପିଟାଲ ଥାନା ଅଧିକାରୀ ମାନସ ରଞ୍ଜନ ଗଡନାୟକ କହିଛନ୍ତି, କୃଷକମାନଙ୍କ ଉପରେ କୌଣସି ଅତ୍ୟାଚାର କରାଯାଇ ନାହିଁ। ଭାଜପା କୃଷକ ମୋର୍ଚ୍ଚାର ୩୦ରୁ ୪୦ ସଦସ୍ୟ ଜୋର ଜବରଦସ୍ତ ସଚିବାଳୟ ଗେଟ୍‌କୁ ଠେଲାପେଲା କରି ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ସେମାନେ ଆଇନକୁ ହାତକୁ ନେବାରୁ ପୋଲିସ ବାଧ୍ୟହୋଇ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା।

## ଆମେରିକାରେ ଦୁର୍ଦ୍ଦଶା ଭୋଗୁଛନ୍ତି ଏଚ୍-୧ବି ଭିଜାଧାରକ

ୱାଶିଂଟନ, ୧୭।୧

ଏଚ୍-୧ବି ଭିଜା ମାଧ୍ୟମରେ ଆମେରିକାରେ କାମ କରିବା ଲାଗି ସ୍ୱପ୍ନ ଦେଖୁଥିବା ଯୁବତୀଯୁବକମାନେ ଆମେରିକାର ଥିଙ୍କଟ୍ୟାଙ୍କ ସାଉଥ ଏସିଆ ସେଣ୍ଟର ଅଫ୍ ଦ ଆଟ୍‌ଲାଣ୍ଟିକ କାଉନସିଲ୍‌ର ରିପୋର୍ଟ ଥରେ ପଢ଼ି ନେବା ଉଚିତ୍ ହେବ। ଆମେରିକାରେ ଏଚ୍-୧ବି ଭିଜାଧାରକମାନେ ଅତ୍ୟନ୍ତ ଦୁର୍ଦ୍ଦଶାଭିତରେ କାମ କରୁଛନ୍ତି ଏବଂ ଦୟନୀୟ ଜୀବନଯାପନ କରୁଛନ୍ତି ବୋଲି ଥିଙ୍କଟ୍ୟାଙ୍କ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଏଚ୍-୧ବି ଭିଜାଧାରକଙ୍କୁ ଆମେରିକାର ଚଳଣି ହିସାବରେ କମ ଦରମା ଦିଆଯାଉଛି। ସେମାନଙ୍କୁ ସର୍ବଦା ଉତ୍ପୀଡନ କରାଯିବାର ଆଶଙ୍କା ରହିଥାଏ। ସେମାନଙ୍କ ଲାଗି କର୍ମସ୍ଥଳୀରେ ପରିସ୍ଥିତି ଠିକ୍ ନଥାଏ। ଏଭଳି ଭିଜାଧାରକଙ୍କ ଲାଗି ବେତନ ବୃଦ୍ଧି କରିବାକୁ କାଉନସିଲ୍ ପକ୍ଷରୁ ଦାବି କରାଯାଇଛି। ଏହାଛଡ଼ା ସେମାନଙ୍କୁ ଆବଶ୍ୟକୀୟ ରୋଜଗାର ଅଧିକାର ଦେବା ଲାଗି ମଧ୍ୟ କୁହାଯାଇଛି। ଏହି ରିପୋର୍ଟକୁ ହାର୍ବାର୍ଡ ବିଶ୍ୱବିଦ୍ୟାଳୟର ରୋନ ହିରା ଓ ସାଉଥ ଏସିଆ ସେଣ୍ଟର ଅଫ୍ ଦ ଆଟଲାଣ୍ଟିକ କାଉନସିଲର ମୁଖ୍ୟ ଭରତ ଗୋପାଳସ୍ୱାମୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନର ବ୍ୟବସ୍ଥା ଯୋଗୁ ଆମେରିକୀୟଙ୍କ କ୍ଷତି ହେବା ସହିତ ଉକ୍ତ ଭିଜାଧାରକଙ୍କ ପ୍ରତି ଦୁର୍ବ୍ୟବହାର ହେବାର ଆଶଙ୍କା ସର୍ବଦା ରହିଥାଏ। ସେମାନଙ୍କୁ ଅଧିକାର ମିଳିଲେ ଜୀବନରେ ପରିବର୍ତ୍ତନ ହେବା ସହିତ ଆମେରିକୀୟ କର୍ମଚାରୀଙ୍କୁ ମଧ୍ୟ ଭଲ ସୁରକ୍ଷା ମିଳିବ।

**ପ୍ରଥମ ପୃଷ୍ଠାରୁ...**

## ୧୨ ଘଣ୍ଟା...

ପୂର୍ବାହ୍ନ ପ୍ରାୟ ୧୦ଟାରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅଫିସକୁ ଯାଇ ବନ୍ଦ କରିଥିଲେ । ସେହିପରି ସହର ସଂଲଗ୍ନ ବିଦ୍ୟାଳୟଗୁଡିକ ମଧ୍ୟ ବନ୍ଦ ରହିଥିଲା । ଜିଲାର ପ୍ରାୟ ସମସ୍ତ ବ୍ଲକରେ ଏହି ବନ୍ଦର ପ୍ରଭାବ ପଡ଼ିଥିବା ଜଣାପଡ଼ିଛି। ପ୍ରଶାସନର ଦାୟିତ୍ୱହୀନ କାର୍ଯ୍ୟ ଏବଂ ଅପାରଗତାରୁ ଜିଲାରେ ବାରମ୍ବାର ଏଭଳି ଅପ୍ରୀତିକର ଘଟଣା ଘଟୁଛି। ଦାରିଙ୍ଗବାଡି ସେବାଶ୍ରମରେ ରବିବାର ଘଟିଥିବା ଘଟଣାରେ ତୁରନ୍ତ ପଦକ୍ଷେପ ନିଆଯାଇନି। ତେଣୁ ଜିଲାପାଳଙ୍କ ତୁରନ୍ତ ବଦଳି ସହ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ବିଭିନ୍ନ ଛକରେ ଭାଜପା ପକ୍ଷରୁ ନାରାବାଜି କରାଯାଇଥିଲା। ଏଥିସହ ଘଟଣାର ବିଚାର ବିଭାଗୀୟ ତଦନ୍ତ, ପୀଡିତାଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ବିଭାଗୀୟ ମନ୍ତ୍ରୀ ରମେଶ ମାଝି ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଥିଲା। ଏସ୍‌ସି ସେଲର ନେତ୍ର ମାନସେଟ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ, ଜିଲା ଭାଜପା ସଭାପତି ଲିଙ୍ଗରାଜ ଦଳବେହେରା, ସାଧାରଣ ସମ୍ପାଦକ ଭଗବାନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବନାରାୟଣ ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସ୍ମୃତିରାଣୀ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ବନ୍ଦରେ ସାମିଲ ହୋଇଥିଲେ ।


**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Executive Engineer, Mechanical Division, Ambaguda-764055, Dist.- Koraput**
**Email Address- eemda2013@gmail.com**

**CORRIGENDUM TO TENDER CALL NOTICE**

No. 1137-A: The time period of availability of tender online, submission of bid, Opening of bid etc. in respect of this office tender call notice no.- EE/MDA-10/2018-19 dated 09.01.2019 may be read as follows:
1. Availability of bid documents in the portal: from dt.21.01.2019(10.00AM) to dt.31.01.2019(5.00PM)
2. Last date and time of receipt of bid in the portal: dt.31.01.2019(5.00PM)
3. Opening of bid: dt.01.02.2019(12.00Noon onwards)

Other details in the above tender call notice remains unaltered.

**Executive Engineer**
**Mechanical Division, Ambaguda**

32241/11/0007/1819

**OFFICE OF THE**
**DIVISIONAL FOREST OFFICER: BARGARH FOREST DIVISION**
AT / PO / DIST:- Bargarh, ODISHA
Phone & Fax – 06646-234135 (O), Email– dfo.bgh@gmail.com
Memo No. 296 (1F)
Dated, Bargarh the 15th January, 2019

**Corrigendum to Tender Call Notice**
**No.5121, Date.29.12.2018**

139-MM

Due to Administrative reasons, the Tender Call Notice No.5121 dated.29.12.2018 published in Odia dailies are modified as follows:-
1. The last date of sale / receipt of Tender Call Notice is upto 4.00PM on 25.01.2019 instead of 4.00PM on date15.01.2019.
2. The date of opening of tender paper is 4.30 PM on 25.01.2019 instead of 4.30PM on 15.01.2019.

Other terms and conditions remain unchanged.

*Divisional Forest Officer*
*Bargarh Forest Division*

08057/11/0007/1819

**OFFICE OF THE EXECUTIVE ENGINEER**
**CHHELIGADA HEADWORKS DIVISION, AT/PO: MAHENDRAGADA, VIA: CHANDRAGIRI, DIST: GAJAPATI. PIN - 761017.**
**e-mail: eechwd@gmail.com**

**E-PROCUREMENT NOTICE NO. EE-CHWD-03/2018-19**

No. 1138-A: Bid document consisting of work, estimated cost, cost of tender paper, EMD., time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in

| | | |
|---|---|---|
| 1 | Type of the work | Construction of Civil works |
| 2 | No. of works. | 05 |
| 3 | Class of contractor | D', 'C' & 'B' Class |
| 4 | Bid Identification No. | EE-CHWD-03/2018-19 |
| 5 | Estimated cost | Varies from Rs.8.93 lakhs to 39.80 lakhs |
| 6 | Period of completion | Varies from 4 (four) to 6 (six) calendar months |
| 7 | Date & time of availability of bid documents in the portal | 18.01.2019 to 29.01.2019 upto 5.00PM |
| 8 | Last date / time for receipt of bids in the portal | 29.01.2019 upto 5.00PM |
| 9 | Name of the office inviting bid | Executive Engineer, Chheligada Head Works Division, Mahendragada, Dist: Gajapati |
| 10 | Date of opening of bid | 30.01.2019 at 11.30 AM., in the e-procurement cell, Office of the Chief Engineer & Basin Manager, RVN Basin, Berhampur, Dist: Ganjam. |

N.B:-
1) Any addendum / corrigendum / cancellation of tender can also be seen in the said website.
2) Further details can be seen from Government website: http://tenderodisha.gov.in

**Sd./- Executive Engineer,**
**Chheligada Head Works Division,**
**Mahendragada (Gajapati).**

32109/11/0005/1819

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA, BASIN**
**At/Po : Laxmiposi, Dist : Mayurbhanj**
**GOVERNMENT OF ODISHA**
**'e' Procurement Notice**
**Bid Identification No. 04/18-19 of CEBM, SBB, Laxmiposi**

No. 1137-A

| | | | |
|---|---|---|---|
| i | Name of Work | : | Construction of Baisinga Branch Canal from RD 26.200 KM to RD 28.100Km including all Minors and Sub-Minors with its Structures, Cement Concrete Lining and Service road, Package- XVIII. |
| ii | Estimated Cost (Lakh) | : | Rs. 1246.50 Lakh |
| iii | Period of Completion | : | 11 (Eleven) Calendar Months |
| iv | Date & Time of availability of bid document in the portal | : | 24.01.2019 at 10 A.M. |
| v | Last date / time for receipt of bid in the portal | : | 11.02.2019 upto 5.00 P.M. |
| vi | Name & Address of the O.I.T. | : | Chief Engineer & Basin Manager, O/O the CE & BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

**Sd./- Chief Engineer**
**& Basin Manager, Subarnarekha &**
**Budhabalanga Basin, Laxmiposi**
**bid_cebmbsbb@rediff.com**

32074/11/0004/1819

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☏ (0663) 2460661,
Email-hpschiplima@yahoo.in, Fax No. (0663) 2460505

No. CAD-1275

**No.-CHEP/TW-41 (Vol.-IV)/207** **Date: 16.01.2019**

**TENDER CALL NOTICE NO.-CHEP-34/2018-19**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible Contractors for the following works as mentioned below.

| Sl. No. | Description | Cost of Tender Paper (Non-refundable) | Estimated Cost / EMD (Refundable) | Eligible Class of Contractor |
|---|---|---|---|---|
| 1 | Lifting & distributing of water to OHPC Colony of CHEP, Chiplima | Rs.4720/- (Rs.4000/- + GST @18%) | Rs.617895/- EMD= Rs.6200/- | Electrical (MV) |
| 2 | Repair & Replacement of Filter Bed of Water Supply System of CHEP, Chiplima | Rs.708/- (Rs.600/- + GST @18%) | Rs.100405/- EMD= Rs.1010/- | Civil (D & C) |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com.

**Sd/- Unit Head, CHEP, Chiplima**

04006/11/0056/1819

**GOVERNMENT OF ODISHA**
**STEEL & MINES DEPARTMENT**
**DIRECTORATE OF GEOLOGY, ODISHA**
**BHU-BIGYAN BHAWAN, BHUBANESWAR-751001**

**TENDER CALL NOTICE**

**No. GVIII(g)-03/2018-DG(Establishment)-**
**Report Cell & Record Room articles**

No. 16-G: The Director of Geology, Odisha, Bhu-Bigyan Bhawan, Unit-V, Bhubaneswar- 751001, invites Sealed Tender on behalf of the Governor of Odisha, in two bid system (Technical Bid and Price Bid) for purchase of Report Cell & Record Room articles (Such as Glass door Storwel, Officers' Table, Officers' Movable Chair, Visitors' Chair, Steel Rack etc.) from manufacturers or their authorized Distributors/ Importers /C&F agents/reputed Dealers/ Suppliers/ DGSD/ EPM rate contract holders in conformity with terms and conditions laid down in tender document.

The Tender document shall be available in the Departmental Website http://www.orissaminerals.gov.in. The prospective bidders can download the tender paper from the above website and deposit a non-refundable tender fee of Rs. 590.00 (Rupees five hundred ninety) only, inclusive of GST @18% in shape of Bank Draft drawn in favour of Director of Geology, Odisha, payable at Bhubaneswar, along with the tender paper. Tender document can also be obtained from the Directorate of Geology, Odisha, Bhubaneswar on payment of a non-refundable tender fee of Rs.590/-(Rupees five hundred ninety) only, inclusive of GST @18% by cash on any working days from 18.01.2019 to 07.02.2019/ 4.00PM.

**Last date of receipt of the Tender : 07th February 2019 up to 5.00PM**
**The date of opening of the Tender : 08th February 2019 at 11.30AM.**

30003/11/0007/1819 **DIRECTOR OF GEOLOGY, ODISHA**


See
**CAREER APPOINTMENT**
on every
**Wednesday &**
**Saturday**


**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

ନଂ୬୯୩/**IM(TR)-50/18** ଭୁବନେଶ୍ୱର ତା. ୧୬।୦୧।୨୦୧୯

**ବିଜ୍ଞାପନ**

ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବାର ବିଜ୍ଞପ୍ତି ତଥା ଦରଖାସ୍ତ ଗ୍ରହଣ କରିବାର ଅବଧିକୁ ତା୧୭।୦୧।୧୯ ପରିବର୍ତ୍ତେ ତା୨୮।୦୧।୨୦୧୯କୁ ବର୍ଦ୍ଧିତ କରାଗଲା।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ପୂର୍ବ ବିଜ୍ଞାପନ ଅନୁଯାୟୀ ଅପରିବର୍ତ୍ତିତ ରହିବ।

ଟେଣ୍ଡର ଖୋଲାଯିବାର ସ୍ଥାନ, ତାରିଖ ଓ ସମୟ ନିମ୍ନରେ ପ୍ରଦତ୍ତ କରାଗଲା।

୧. ବ୍ରହ୍ମପୁର ଡିଭିଜନ: ତା୨୯।୦୧।୨୦୧୯ ରିଖ ସକାଳ ୧୧.୦୦ ଘଟିକା, ପରିବହନ ଭବନ, ଭୁବନେଶ୍ୱର
୨. ଭୁବନେଶ୍ୱର ଡିଭିଜନ: ତା୩୦।୦୧।୨୦୧୯ରିଖ ସକାଳ ୧୧.୦୦ ଘଟିକା, ପରିବହନ ଭବନ, ଭୁବନେଶ୍ୱର
୩. ସମ୍ବଲପୁର ଡିଭିଜନ: ତା୩୧।୦୧।୨୦୧୯ରିଖ ସକାଳ ୧୧.୦୦ ଘଟିକା, ପରିବହନ ଭବନ, ଭୁବନେଶ୍ୱର

**ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ,**
**ସାଧାରଣ ପରିଚାଳନା (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

**STATE POLLUTION CONTROL BOARD, ODISHA**
**(DEPARTMENT OF FOREST & ENVIRONMENT, GOVERNMENT OF ODISHA)**
**Paribesh Bhawan, A/118, Nilakantha Nagar, Unit-VIII, Bhubaneswar-751012, INDIA**
**EPABX: 2561909/2562847, Tel: 2562822/2560955, E-mail: paribesh1@ospcboard.org, Website: www.ospcboard.org**

**No. 575/ IND-IV-PCP-PWM-53(P 2018-19 Dt. 15.01.2019**

**QUOTATION CALL NOTICE FOR PRINTING MATERIAL**

Sealed quotations are invited from the registered Firms/ Manufactures/ Dealers for printing and supply of leaflets on restricted plastic materials as per the following specifications and requirement quantity.

| Sl. No. | Description of the item | Specification | Quantity required | Rate per thousand including taxes if any, (in Rs.) |
|---|---|---|---|---|
| 1. | Leaflet | Size-1/4 Demi Paper-130 imported art paper | 3,00,000 | |

The interested bidders should enclose their firm's registration certificate, copy of the PAN and GST registration certificate alongwith the offer. The quotationers shall be deemed to have studied the subject matter, specifications and details of the supplies to be made within the time schedule. The bidder shall quote rates inclusive of all taxes etc. as applicable, whatsoever. The rate quoted should include DTP, composing, transportation, freight and taxes. Incomplete/ conditional tenders are liable to be summarily rejected. The rates quoted by the bidder shall be valid up to 1 year from the date of finalization of the quotation call notice. The printing should be in bi-colour. The rates have to be for at State Pollution Control Board, Odisha, Bhubaneswar (SPCB) with proper packing in suitable packets. The bidders/quotationers/their representatives are permitted to be present at the time of opening of the quotation. However, the undersigned reserves the right to decide on such a matter in the interest of the S.P.C. Board, if felt necessary. No amendment in the rate except increase in the rate of GST during the period of execution of the contract will be accepted. The sample of the paper to be used is required to be submitted with quotation duly stampted with SEAL of the firm.

The offer should be sent in a sealed cover superscribing the Quotation Call Notice No. through SPEED POST within 15 days from the date of publication of Advertisement. Further, all future communication relating to Tender Call Notice, If any will be available in the Board's website.

**Sd./- Member Secretary**

**BERHAMPUR MUNICIPAL CORPORATION**

L. No. 638 Date: 15.01.19

**Corrigendum to Tender Call Notice BMC (BAM) 186/2018-19**

**No. 417-C:-** The Technical specification of the aforesaid Tender Call Notice is hereby modified as detailed below:

**In Page No. 29 of DTCN**

| S.N. | Existing of clause | Changes made |
|---|---|---|
| 1 | The bidder should have been validly registered as a Contractor L.T. / H.T. electrical Contractor in the required Class under Govt. of Odisha through any Appropriate Public Authority to suit the respective work / package. | The bidder should have been validly registered as a Contractor L.T. / H.T. electrical Contractor in the required Class under Govt. of Odisha through any Appropriate Public Authority to suit the respective Work / Package. **OR** The bidder should have been validly Registered in equivalent Grade / Class / Category under the Central Government / any other State Government / MES / Railways / Public Sector Undertakings to suit the respective Work. |

All other terms and conditions remain unchaged.

13035/11/0189/1819 *Sd./- Commissioner, Berhampur Municipal Corporation*

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**

No. RDM-OEB-MEET-0001-2015 **1558** / R&DM Dated 14.01.2019

**QUOTATION CALL NOTICE**

**No. 98-F:-** Sealed quotation in plain paper / letter pad accompanied with E.M.D. of Rs. 5000/- (Rupees Five Thousand) only in shape of Bank Draft in favour of the Deputy Secretary to Government (DDO), Revenue & D.M. Department, Government of Odisha, Bhubaneswar at any Nationalized Bank are invited from the intending Authorized Dealers / Suppliers located in Bhubaneswar having valid GST Registration Number / Tax Clearance Certificate / PAN Card for supply of Computer Consumables for Revenue & D.M. Department. Details of the required specification of the Computer Consumables are given in Annexure-I (Copy enclosed). The quotation should reach the undersigned on or before 31.01.2019 by 2PM. The same will be opened on the same day at 4PM in the Office chamber of F.A.-cum-Additional Secretary in presence of other members of the Purchase Committee of this Department and the Quotationers or their representatives.

The price of the above articles should be mentioned clearly indicating the Taxes, If any. The authority reserves the right to accept or reject any Quotations at any stage without assigning any reason thereof. The quotations received incomplete or received after the scheduled date and time shall be rejected.

The agencies shall have to quote the price of the Computer Consumables and GST separately as per the format given below.

| Sl. No. | Name of the Articles | Make / Brand | Unit Price | GST | Total Price |
|---|---|---|---|---|---|

24001/11/0569/1819 *Deputy Secretary to Government*

**GOVERNMENT OF ODISHA**
**HOME (ELECTIONS) DEPARTMENT**

**TENDER CALL NOTICE**

**VE(A)-07/2019- 911 /Elec. dated.16th January, 2019**

No. 343-D: Sealed tenders are invited from Registered and reputed organizations / agencies / suppliers who fulfil the eligibility criteria and having sufficient infrastructure in the field of Recording and Web Streaming of Video for parliamentary election / State assembly election in India. For details please visit CEO website www.ceoorissa.nic.in and Govt. of Odisha website www.odisha.gov.in.

Last date for submission of bids -31.01.2019.

**Sd./- Office of the Chief Electoral Officer,**
**Odisha Unit-V, Behind Odisha Secretariat,**
**Bhubaneswar.**



12001/11/0027/1819

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି**
**ପାରଳାଖେମୁଣ୍ଡି**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**

**ବିଜ୍ଞପ୍ତି**

ପତ୍ରସଂଖ୍ୟା: ତାରିଖ:

**No. 63-g:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁମାନଙ୍କର ପିତାଙ୍କ ମୃତ୍ୟୁ ପରେ ମାଆ ଅନ୍ୟତ୍ର ଚାଲିଯାଇଥିବା ହେତୁ ଶିଶୁ କଲ୍ୟାଣ ସମିତି, ଗଜପତି ଉକ୍ତ ଶିଶୁମାନଙ୍କୁ ପରିତ୍ୟକ୍ତ ବୋଲି ଦର୍ଶାଯାଇ ଶିଶୁ ଯତ୍ନ ଏବଂ ସୁରକ୍ଷା ନେଉଥିବା ଅନୁଷ୍ଠାନ 'ଡେଷ୍ଟାର ହୋମ୍ ଫର ଡେଷ୍ଟିଚୁଟ୍ କିଡ୍ସ', ଜରଉ, ମୋହନା ଓ 'ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର', ପାରଳାଖେମୁଣ୍ଡି ଶିଶୁ ଗୃହମାନଙ୍କରେ ରଖିଛନ୍ତି। ଯଦି ଏହି ଶିଶୁମାନଙ୍କର ପିତା, ମାତା, ଅଭିଭାବକ କିମ୍ବା କେହି ଆଇନତଃ ଦାବିଦାର ଥାଆନ୍ତି, ଉକ୍ତ ଖବର ପ୍ରକାଶନର ୩୦ ଦିନ ମଧ୍ୟରେ ଆବଶ୍ୟକ ପ୍ରମାଣପତ୍ର ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି, ବାର୍ତ୍ତାଳାପ ସଂଖ୍ୟା: ୦୬୮୧୫-୨୨୨୫୮୬ରେ ଯୋଗାଯୋଗ କରି ଦାବି ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଉଅଛି। ଦିଆଯାଇଥିବା ସମୟ ଅବଧି ପରେ ଏହି ଶିଶୁମାନଙ୍କ ଉପରେ କୌଣସି ଦାବି ଗ୍ରହଣ ହେବ ନାହିଁ ଏବଂ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଧାରା ୩୮(୪) ଓ ପୋଷ୍ୟ ନିୟନ୍ତ୍ରଣ ୨୦୧୭ ଅନୁଯାୟୀ ଶିଶୁଟିକୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| ନାମ | ଲିଙ୍ଗ | ବୟସ | ଫଟୋ |
|---|---|---|---|
| ମାନୁଆଲ ମଣ୍ଡଳ | ପୁଅ | ୦୪ |  |
| ମାଥୁଆଲ ମଣ୍ଡଳ | ପୁଅ | ୦୬ |  |
| ସମୁଆଲ ମଣ୍ଡଳ | ପୁଅ | ୦୮ |  |

33024/11/0007/1819 **ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗଜପତି**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)**

**ବିଜ୍ଞପ୍ତି**

**ପତ୍ର ସଂଖ୍ୟା** **ତାରିଖ**

**No.62-g:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ଶିଶୁମାନଙ୍କୁ ଶିଶୁ କଲ୍ୟାଣ ସମିତି, ଗଜପତି ଅନାଥ/ପରିତ୍ୟକ୍ତ ବୋଲି ଦର୍ଶାଯାଇ ଶିଶୁ ଯତ୍ନ ଓ ସୁରକ୍ଷା ନେଉଥିବା ଅନୁଷ୍ଠାନ "ଡେଷ୍ଟାର ହୋମ ଫର ଡେଷ୍ଟିଚ୍ୟୁଟ କିଡ୍ସ", ଜରଉ, ଶ୍ରୀ ଜଗନ୍ନାଥ ନିକେତନ", ରା. ସିତାପୁର ଓ "ନବଜୀବନ ବ୍ଲାଇଣ୍ଡ ଓ ରିଲିଫ ସେଣ୍ଟର", ପାରଳାଖେମୁଣ୍ଡି ଶିଶୁ ଗୃହମାନଙ୍କରେ ରଖାଯାଇଅଛି। ଯଦି ଏହି ଶିଶୁ ମାନଙ୍କର ପିତା ଓ ମାତା କିମ୍ବା କେହି ଆଇନତଃ ଦାବିଦାର ଥାଆନ୍ତି, ଉକ୍ତ ଖବର ପ୍ରକାଶନର ୩୦ ଦିନ ମଧ୍ୟରେ ଆବଶ୍ୟକ ପ୍ରମାଣପତ୍ର ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି, ବାର୍ତ୍ତାଳାପ ସଂଖ୍ୟା: ୦୬୮୧୫-୨୨୨୫୮୬ରେ ଯୋଗାଯୋଗ କରି ଦାବି ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଉଅଛି। ଦିଆଯାଇଥିବା ସମୟ ଅବଧି ପରେ ଏହି ଶିଶୁ ଉପରେ କୌଣସି ଦାବି ଗ୍ରହଣ ହେବ ନାହିଁ ଏବଂ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଧାରା ୩୮(୪) ଓ ପୋଷ୍ୟ ନିୟନ୍ତ୍ରଣ ୨୦୧୭ ଅନୁଯାୟୀ ଶିଶୁଟିକୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| ନାମ | ଲିଙ୍ଗ | ବୟସ | ଫଟୋ |
|---|---|---|---|
| ଦିବ୍ୟ କାର୍ଜୀ | ପୁଅ | ୦୬ |  |
| ବ୍ଲିକ କ୍ଲିଣ୍ଟୋନ ଭୂୟାଁ | ପୁଅ | ୦୯ |  |
| ଆଲୋକ କନ୍ଧ | ପୁଅ | ୧୨ |  |

| ନାମ | ଲିଙ୍ଗ | ବୟସ | ଫଟୋ |
|---|---|---|---|
| ସୁକାନ୍ତ ମଲ୍ଲିକ | ପୁଅ | ୦୮ |  |
| କୈଳାସ ମଣ୍ଡଳ | ପୁଅ | ୧୭ |  |
| ବିଜୟ ଲକ୍ଷ୍ମୀ ଲୋହରା | ଝିଅ | ୦୮ |  |

33024/11/0006/1819 **ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଗଜପତି**

# ଓଡ଼ିଆ ଭାବେ ପରିଚିତ ହେବାକୁ ଚାହେଁ



ସଫଳତା ପାଇଁ ବ୍ୟଗ୍ରଥିବା ଯୁବ ସ୍ପିନର ପପୁ ରାୟ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଶ୍ରେୟ ମଣନ୍ତି। ଜଣେ ବିହାର ଦମ୍ପତିଙ୍କଠାରୁ ଜନ୍ମ ନେଇଥିଲେ ପପୁ। କାମ ସନ୍ଧାନରେ ତାଙ୍କ ପିତାମାତା ପଶ୍ଚିମବଙ୍ଗ ଚାଲିଯାଇଥିଲେ। ଶିଶୁ ଅବସ୍ଥାରେ ମାତାପିତାଙ୍କୁ ହରାଇଥିବା ପପୁଙ୍କ ସଂଘର୍ଷର କାହାଣୀ ନିଶ୍ଚିତ ଭାବେ ଦୃଷ୍ଟାନ୍ତମୂଳକ। ପିତା ଜାମଦର ରାଏ ଜଣେ ଟ୍ରକ ଡ୍ରାଇଭର ଥିଲେ ଓ ହୃଦ୍‌ଘାତରେ ପରଲୋକ ଗମନ କରିଥିଲେ। ସେହିପରି ଦୀର୍ଘଦିନ ଅସୁସ୍ଥ ରହିବା ପରେ ମା ପାର୍ବତୀ ଦେବୀଙ୍କର ବି ଦେହାନ୍ତ ହୋଇଥିଲା। ବିହାରର ସରଣ ଜିଲାର ଛପାରାଠାରୁ ୪୧ କି.ମି. ଦୂରରେ ଥିବା ଖାଜୁରୀ ଗାଁରେ ପପୁ ଜନ୍ମ ଗ୍ରହଣ କରିଥିଲେ। କାମ ସନ୍ଧାନରେ ପିତା କୋଲକାତା ଚାଲିଯାଇଥିଲେ। ହେତୁ ଆସିବା ପରେ ବାପା ଓ ମାଙ୍କୁ କେବେ ଦେଖି ନ ଥିବା ପପୁ ନିଜ ପୈତୃକ ଗାଁକୁ କେବେ ଯାଇନାହାନ୍ତି। କେବଳ ମାତାପିତାଙ୍କ ବିଷୟରେ ବହୁ କଥା ଶୁଣିଛି ବୋଲି ସେ କୁହନ୍ତି। ଦାଦା ଖୁଡ଼ୀଙ୍କ ପାଖରେ ରହୁଥିବା ପପୁଙ୍କ ଦୁଃଖ ସେତିକିରେ ସରି ନ ଥିଲା। ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ତାଙ୍କ ଦାଦା ମଧ୍ୟ ଅସମୟରେ ମୃତ୍ୟୁ ବରଣ କରିଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ପୁଣି ଅନାଥ ହୋଇଯାଇଥିଲେ ଓ ଖାଇବା ପାଇଁ ମଧ୍ୟ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏହି ଅବସ୍ଥାରେ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଜଣେ ଦ୍ରୁତ ବୋଲରଭାବେ ଖେଳିବାକୁ ଆରମ୍ଭ କରିଥିବା ପପୁ କିନ୍ତୁ ହାଓଡ଼ା ୟୁନିୟନ କ୍ରିକେଟ ଏକାଡେମୀ କୋଚ୍ ସୁଜିତ୍ ଶାହାଙ୍କ ପରାମର୍ଶ କ୍ରମେ ସ୍ପିନ୍ ବୋଲିଂ କରିବା ଆରମ୍ଭ କରିଥିଲେ। ଏହା ପରେ ଖାଇବା ଓ ରହିବା ପାଇଁ ସଂଘର୍ଷ ଜାରି ରଖିଥିବା ପପୁଙ୍କ ନୂଆ ରହଣି ସ୍ଥାନ ହୋଇଥିଲା ଯାଜପୁର। ସେଠାରେ ତାଙ୍କର ଦୁଇ ଜଣ ବନ୍ଧୁ ତାଙ୍କୁ ବହୁତ ସାହାଯ୍ୟ କରିଥିଲେ। ଏହାପରେ ଓଡ଼ିଶା ତାଙ୍କର ଘର ବନିଯାଇଥିଲା। ଖରାପ୍ ସମୟରେ ସେ ନିଜ ବନ୍ଧୁମାନଙ୍କୁ ଶ୍ରେୟ ଦେବାକୁ ଓ ନିଜକୁ ଓଡ଼ିଆ ଭାବେ ପରିଚୟ ଦେବାକୁ ଆଦୌ କୁଣ୍ଠାବୋଧ କରିନାହାନ୍ତି।

## ସଂକ୍ଷେପରେ...

- ପୂରା ନାମ: ପପୁ ରାୟ
- ଜନ୍ମ: ଫେବୃୟାରୀ ୨୩, ୧୯୯୫
- ବୟସ: ୨୩
- ମେଜର ଟିମ: ଓଡ଼ିଶା
- ବ୍ୟାଟିଂ ଶୈଳୀ: ବାମହାତୀ
- ବୋଲିଂ ଶୈଳୀ: ସ୍ଲୋ ବାମହାତୀ ଅର୍ଥୋଡକ୍ସ (ସ୍ପିନର)

**କ୍ୟାରିୟର**

- ପ୍ରଥମ ଶ୍ରେଣୀ- ୨ ମ୍ୟାଚ୍
- ଲିଷ୍ଟ ଏ - ୧୦ ମ୍ୟାଚ୍

୨୦୧୫ରେ ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ପାଇଁ ଖେଳିବାକୁ ସେ ବ୍ରେକ୍ ପାଇଥିଲେ। ଏହାର ୩ ବର୍ଷ ମଧ୍ୟରେ ସେ ଲିଷ୍ଟ ଏ, କ୍ରିକେଟରେ ଡେବ୍ୟୁ କରିଥିଲେ ଓ ବେଶ୍ ସଫଳତା ହାସଲ କରିଥିଲେ। ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସେ କ୍ରମାଗତ ଦୁଇଟି ବଲ୍‌ରେ ଟେଷ୍ଟ କ୍ରିକେଟର ହନୁମା ବିହାରୀ ଓ ୧୯ ବର୍ଷରୁ କମ୍ ଭାରତୀୟ ଅଧିନାୟକ ରିକି ଭୁଇଙ୍କୁ ଆଉଟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଥିରୁଭାନନ୍ତପୁରମ୍‌ରେ ଆସନ୍ତା ୧୮ ଓ ୨୦ ତାରିଖରେ ଇଂଲଣ୍ଡ ଲାୟନ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ୨ଟି ୱାର୍ମଅପ ମ୍ୟାଚ୍ ନିମନ୍ତେ ପପୁ ଚୂଡ଼ାନ୍ତ ୧୫ଜଣିଆ ଦଳରେ ସାମିଲ ହୋଇଛନ୍ତି। ଇଶାନ କିଶାନ ବୋର୍ଡ ଏକାଦଶ ଦଳର ଅଧିନାୟକ ରହିଛନ୍ତି। ଏଥିରେ ଭଲ ପ୍ରଦର୍ଶନ କରିବା ପାଇଁ ପପୁ ଏବେ ଅଭ୍ୟାସ ଜାରି ରଖିଛନ୍ତି। ଭାରତ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଥିବା ଏହି ବାମହାତୀ ସ୍ପିନରଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର..

**ପ୍ରସ୍ତୁତି: ରଞ୍ଜନ କୁମାର ରାୟ**

**ପ୍ର:** ଆପଣ ନିଜକୁ ଜଣେ ବିହାରୀ, ବେଙ୍ଗଲୀ ନା ଓଡ଼ିଆ ଭାବେ ପରିଚୟ ଦେବାକୁ ଚାହାନ୍ତି ?

**ଉ:** ନିଶ୍ଚିତ ଭାବେ ଓଡ଼ିଆ। କାରଣ ମୁଁ ଓଡ଼ିଶା ତରଫରୁ ଖେଳୁଛି ଓ ଖେଳିବାର ସୁଯୋଗ ହାସଲ କରିଛି। ଓଡ଼ିଶାରେ ହିଁ ମୋତେ ଜଣେ କ୍ରିକେଟର ହିସାବରେ ପରିଚୟ ମିଳିଛି।

**ପ୍ର:** ବୋର୍ଡ ଏକାଦଶର ଅନ୍ତିମ ଦଳରେ ସାମିଲ ହେବା ନେଇ କ'ଣ କହିବେ ?

**ଉ:** ବିଜୟ ହଜାରେ, ଦେଓଧର ଟ୍ରଫି ସହିତ ଏପର୍ଯ୍ୟନ୍ତ ଖେଳିଥିବା ଲିଷ୍ଟ ଏ' ମ୍ୟାଚ୍‌ଗୁଡିକରେ ଭଲ ପ୍ରଦର୍ଶନ କରିଥିବାରୁ ଚୟନକର୍ତ୍ତାମାନେ ମୋ ଉପରେ ଭରସା କରିଛନ୍ତି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଭରସାକୁ ସାର୍ଥକ କରିବାକୁ ଚେଷ୍ଟା କରିବି।

**ପ୍ର:** ଲିଷ୍ଟ ଏ ମ୍ୟାଚ୍‌ଗୁଡିକରେ ବେଶ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ପ୍ରଥମ ଶ୍ରେଣୀ ଅର୍ଥାତ୍ ରଣଜୀରେ ଆପଣ ସଫଳ ହୋଇନାହାନ୍ତି କାହିଁକି ?

**ଉ:** ନା ମୋର ବୋଲିଂ ବେଶ୍ ଭଲ ହୋଇଥିଲା। ତେବେ ଉଇକେଟ ନେଇ ପାରି ନ ଥିଲି। ଅବଶ୍ୟ ଏଥିପାଇଁ ଅନୁକୂଳ ପରିସ୍ଥିତି ନ ଥିଲା। ଗତ ରଣଜୀ ସେସନରେ ହରିୟାଣା ଓ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିବାର ସୁଯୋଗ ପାଇଥିଲି। କେବଳ ଗୋଟିଏ କିମ୍ବା ଦୁଇଟି ମ୍ୟାଚରେ ଜଣେ ବୋଲରଙ୍କୁ ସଫଳ ବା ବିଫଳ ବୋଲି କହି ହେବ ନାହିଁ। ପୁଣି ସମୟ ଅନୁସାରେ ଜଣେ ଖେଳାଳି ଯେତେ ଖେଳିବ ସେତେ ପରିପକ୍ୱ ହେବ। ଧୀରେ ଧୀରେ ସଫଳତା ମିଳିଥାଏ। ରାତାରାତି କେହି ଖେଳାଳି ସଫଳ ହୋଇ ନ ଥାନ୍ତି। ତେଣୁ ଆଗକୁ ମୁଁ ଭଲ ପ୍ରଦର୍ଶନ କରି ଅଧିକରୁ ଅଧିକ ସଫଳତା ହାସଲ କରିବା ଲକ୍ଷ୍ୟରେ ରହିଛି।

**ପ୍ର:** କେଉଁ କ୍ରିକେଟର ଆପଣଙ୍କ ରୋଲ ମଡେଲ ?

**ଉ:** ରବୀନ୍ଦ୍ର ଜାଡେଜାଙ୍କୁ ମୁଁ ଅନୁସରଣ କରିଥାଏ। ୩ଟି ଯାକ ଫର୍ମାଟରେ ଜାଡେଜା ବେଶ୍ ସକ୍ରିୟ ଅଛନ୍ତି ଓ ବେଶ୍ ସଫଳ ପ୍ରଦର୍ଶନ କରୁଛନ୍ତି। ଜଣେ ସ୍ପିନର ହିସାବରେ ସେ ମିଳିଥିବା ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରୁଛନ୍ତି। ଚଳିତ ଅଷ୍ଟ୍ରେଲିଆ ଗସ୍ତରେ ସେ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି।

**ପ୍ର:** କିନ୍ତୁ ଜାଡେଜା ଭଲ ସ୍ପିନର ହେବା ସଙ୍ଗେ ସଙ୍ଗେ ଭଲ ବ୍ୟାଟ୍ସମ୍ୟାନ ଓ ଫିଲ୍ଡର ମଧ୍ୟ। ତେଣୁ ତାଙ୍କ ଭଳି ଜଣେ ଅଲରାଉଣ୍ଡର ହେବାକୁ ଲକ୍ଷ୍ୟ ରଖଛନ୍ତି କି ?

**ଉ:** ହଁ, କାହିଁକି ନୁହଁ। ବୋଲିଂ ସହିତ ବ୍ୟାଟିଂ ଓ ଫିଲ୍ଡିଂରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। ତେବେ ସମୟ ଅନୁସାରେ ଧୀରେ ଧୀରେ ଏହା ସମ୍ଭବ ହେବ। ଏଥିପାଇଁ ପ୍ରୟାସ ଜାରି ରଖିଛି। ସବୁଠାରୁ ବଡ଼ କଥା ହେଉଛି, ନିଜ ପାଇଁ ନିଜେ ଏକ ପରିଚୟ ସୃଷ୍ଟି କରିବା ନିହାତି ଦରକାର। ଅନ୍ୟକୁ ଅନୁକରଣ କରିବା ଅପେକ୍ଷା ନିଜର ପ୍ରଦର୍ଶନ କିପରି ଭଲ କରିବି ସେ ପ୍ରତି ଧ୍ୟାନ ଦେବାକୁ ଲକ୍ଷ୍ୟ ରଖିଛି।

**ପ୍ର:** ୩ କିମ୍ବା ୪ ଦିନିଆ କ୍ରିକେଟ ଅପେକ୍ଷା ସୀମିତ ଓଭରରେ ଆପଣ ବେଶି ସଫଳ ବୋଲି କୁହାଯିବା ନେଇ ମତ କ'ଣ ?

**ଉ:** ଏଥିରେ ମୁଁ ଏକମତ ନୁହଁ। ସୀମିତ ଓଭର ଓ ୪ ଦିନିଆ ଫର୍ମାଟରେ ଫରକ ରହିଛି। ଭିନ୍ନ ପରିସ୍ଥିତିରେ ଜଣେ ବୋଲରଙ୍କ ପ୍ରଦର୍ଶନ ସମାନ ରହି ନ ଥାଏ। ଲମ୍ବା ଫର୍ମାଟରେ ଭଲ ପ୍ରଦର୍ଶନ କରିବାକୁ ସମୟ ଆବଶ୍ୟକ। ଧିରେ ଧିରେ ସବୁ ସମ୍ଭବ ହେବ। କିନ୍ତୁ ଏଥିପାଇଁ ପ୍ରୟାସ ଜାରି ରଖିବା ଜରୁରୀ ବୋଲି ମୁଁ ଭାବୁଛି।

**ପ୍ର:** ଆପଣଙ୍କ ପାଇଁ ସଫଳତାର ମନ୍ତ୍ର କ'ଣ ?

**ଉ:** କଠିନ ପରିଶ୍ରମ କରିବା ସହ ଆତ୍ମ ବିଶ୍ୱାସ ଜଣେ ଖେଳାଳିଙ୍କ ପାଖରେ ରହିବା ଉଚିତ। ପ୍ରତିଭାର ବିକାଶ ପାଇଁ ଅଭ୍ୟାସ ସହିତ ଫିଟନେସ୍‌କୁ ମଧ୍ୟ ସମାନ ଗୁରୁତ୍ୱ ରହିଛି। ଖେଳ ଉପରେ ମୁଁ ଅଧିକ ଧ୍ୟାନ ଦେଇଥାଏ।

**ପ୍ର:** ବିଶ୍ୱର କେଉଁ ବ୍ୟାଟ୍ସମ୍ୟାନଙ୍କୁ ସ୍ପିନର ହିସାବରେ ବୋଲିଂ କରିବା କଷ୍ଟକର ?

**ଉ:** ମହେନ୍ଦ୍ର ସିଂ ଧୋନୀଙ୍କୁ ବୋଲିଂ କରିବା କଷ୍ଟକର ବୋଲି ମୁଁ ଭାବୁଛି। ଧୋନୀ ବିଶ୍ୱର ସବୁଠାରୁ ବିପଜ୍ଜନକ ବ୍ୟାଟ୍ସମ୍ୟାନ।

**ପ୍ର:** ଏପର୍ଯ୍ୟନ୍ତ କେଉଁ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ?

**ଉ:** ଇଣ୍ଡିଆ ସି' ତରଫରୁ ଡେବ୍ୟୁ ମ୍ୟାଚ୍‌ର ପ୍ରଦର୍ଶନ ମୋତେ ଆତ୍ମ ସନ୍ତୁଷ୍ଟି ଦେଇଛି। ୧୦ ଓଭର ବୋଲିଂ କରି ୧୨ ରନ ଦେଇ ୨ ଉଇକେଟ ହାସଲ କରିଥିଲି। ଏହି ମ୍ୟାଚ୍‌ରେ ମୋର ଆତ୍ମବିଶ୍ୱାସରେ ଯଥେଷ୍ଟ ବୃଦ୍ଧି ହୋଇଥିଲା।

**ପ୍ର:** କ୍ୟାରିୟରର ସବୁଠାରୁ ବଡ଼ ଲକ୍ଷ୍ୟ କ'ଣ ?

**ଉ:** ଭାରତ ପାଇଁ ଖେଳିବା ମୋର ସବୁଠାରୁ ବଡ଼ ଲକ୍ଷ୍ୟ। କିନ୍ତୁ ଏତେ ଦୂରକୁ ଚିନ୍ତା ନ କରି ବର୍ତ୍ତମାନ ଖେଳିଥିବା ମ୍ୟାଚ୍ ଉପରେ ମୁଁ ଧ୍ୟାନ ଦେଇଥାଏ। ପରିଶ୍ରମ କଲେ ଓ ଭଗବାନଙ୍କ ଇଚ୍ଛାଥିଲେ ଏହି ଆଶା ବି ପୂରଣ ହେବ ବୋଲି ଭାବୁଛି।

**ପ୍ର:** ଯାଜପୁର ଟିମ୍ ପାଇଁ ଆପଣ ଖେଳିଛନ୍ତି। ଏହି ଦଳର ବ୍ୟାଟ୍ସମ୍ୟାନ ଅଭିଲାଷ ରାଉତରାୟ ସମ୍ପର୍କରେ କିଛି କହିବେ ?

**ଉ:** ଅଭିଲାଷ ମୋର ସିନିୟର ଥିଲେ। ତାଙ୍କ ସହ ଯାଜପୁର ଜିଲା ପାଇଁ ମୁଁ ବିଭିନ୍ନ ଟୁର୍ନାମେଣ୍ଟ ଖେଳିଛି। ସେ ଜଣେ ଭଲ ଖେଳାଳି। କିନ୍ତୁ ଭଲ ଖେଳାଳି ହେବା ସଙ୍ଗେ ସଙ୍ଗେ ଫିଟ୍‌ନେସ ବଜାୟ ରଖିବା ଜରୁରୀ। ଭାଗ୍ୟ ସହାୟ ହୋଇଥିଲେ ସେ ଆଗକୁ ବଢ଼ିପାରି ଥାନ୍ତେ। ସେ ମୋତେ ଆବଶ୍ୟକ ବେଳେ ସାହାଯ୍ୟ କରିଛନ୍ତି। ସେହିପରି ଯାଜପୁରର ମୁଜାକିର ଅଲୀ ଖାଁ ଓ ଆସିଫ୍ ଇକବାଲ ମଧ୍ୟ ମୋର ଦୁର୍ଦ୍ଦିନରେ ମୋତେ ସାହାଯ୍ୟର ହାତ ବଢ଼ାଇଛନ୍ତି।

**ପ୍ର:** ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିବା ସହ ଲମ୍ବା ଶଟ୍ ଖେଳିବା ଯୋଗୁ ଅଭିଲାଷ ଆଗକୁ ବଢ଼ିପାରି ନ ଥିଲେ ବୋଲି ଭାବୁଛନ୍ତି ?

**ଉ:** ନା, ଆଦୌ ନୁହଁ। ସବୁ ଖେଳାଳିଙ୍କର ନିଜସ୍ୱ ଶୈଳୀ ରହିଛି। ଅଭିଲାଷଙ୍କର ବି ଖେଳିବାର ନିଜର ଷ୍ଟାଇଲ ରହିଛି। ତେବେ ସଫଳ ହେବା ନ ହେବା କଥା ଅଲଗା। ସେ ଫିଟ୍‌ନେସ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

**ପ୍ର:** ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱରେ ଭାରତ ସି' ଦଳର ତରଫରୁ ଖେଳିବାର ଅଭିଜ୍ଞତା ସମ୍ପର୍କରେ କିଛି କହିବେ ?

**ଉ:** ରାହାନେଙ୍କ ନେତୃତ୍ୱରେ ଦୁଇଟି ମ୍ୟାଚ୍ ଖେଳିଛି ଓ ସେ ଅଭିଜ୍ଞତା ବେଶ୍ ଚମତ୍କାର। ତାଙ୍କଠାରୁ ବହୁତ କିଛି ଶିକ୍ଷା କରିବାର ସୁଯୋଗ ମିଳିଥିଲା। କାନ୍ଧ ଉପରେ ହାତ ରଖି ସେ ମୋତେ ବହୁତ ପରାମର୍ଶ ଦେଇଥିଲେ।



---



## ନାଫ୍ରୀ

ନାରୀ ସମ୍ପର୍କରେ ଆପତ୍ତିଜନକ
ମନ୍ତବ୍ୟ ଦେଇକି ଦୁଇ
କ୍ରିକେଟର ବିଦା ଟିମ୍ ଇଣ୍ଡିଆରୁ
ହାର୍ଦ୍ଦିକ ରାହୁଲ ଭାଇ
କହୁ କହୁ ଦେଲେ କହି
ଯୌନ ଅଭିଜ୍ଞତା 'କରନ'କୁ ଖୋଲି
ନାରୀ ଶାପ ଦେଲା ଖାଇ।।୧

ଭାରତୀୟ ଲେଡି ବକ୍ସର ମେରିକମ୍
ପୁଣି ନୂଆ ସଫଳତା
ଛଅ ଥର ବିଶ୍ୱବିଜୟିନୀ ଏବେ
ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ଲତା
କାଜଲ ଶତକ କଥା
ତେଇଶି ବର୍ଷରୁ କମ୍ ଲେଡି ଟି.ଟି.
ଉଚ୍ଚା କଲା ରାଜ୍ୟ ମଥା।।୨

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଆମ
ରାଇଜର ସ୍ନେହା ସୁନା
ପଦକ ଜିତିଛି ଭାରୋତ୍ତୋଳନରେ
ନେଶନାଲ କୁମ୍ଫୁ ଅନା
ଉଡେ ଝିଅଙ୍କର ବାନା
ହାଣ୍ଡିଶାଳରୁ ଏୟାରୱିଙ୍ଗ ଯାଏ
ନାରୀଙ୍କର ରାଜ ସିନା।।୩

–ସୁବାସ ଚନ୍ଦ୍ର ପ୍ରଧାନ

# ଅଷ୍ଟ୍ରେଲିଆନ ଓପନ୍ ଟେନିସ୍

ଇତିମଧ୍ୟରେ ଆରମ୍ଭ ହୋଇଛି ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍। ୧୦୭ତମ ସଂସ୍କରଣରେ ପହଞ୍ଚିଥିବା ଏହି ହାଇପ୍ରୋଫାଇଲ ଇଭେଣ୍ଟରେ ବିଶ୍ୱର ନାମୀଦାମୀ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଗତଥରର ଚାମ୍ପିୟନ ରୋଜର ଫେଡରର ଓ କାରୋଲିନ୍ ଓଜନିଆକି ପୁଣି ଥରେ ବାଜି ମାରିବା ଲକ୍ଷ୍ୟରେ ରହିଛନ୍ତି...

ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମେଲବୋର୍ନ ପାର୍କରେ ଚଳିତ ମାସ ୧୪ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟରେ ଇଣ୍ଟରନ୍ୟାଶନାଲ୍ ଟେନିସ୍ ଫେଡେରେଶନ୍ (ଆଇ.ଟି.ଏଫ୍)ର ମହିଳା ଏବଂ ପୁରୁଷ ବର୍ଗର ସମସ୍ତ ନାମୀଦାମୀ ଖେଳାଳିମାନେ ଅଂଶଗ୍ରହଣ କରୁଥିବାରୁ ଅଷ୍ଟ୍ରେଲିଆନ୍ ଟେନିସ୍ ଫେଡେରେଶନ୍ ବେଶ୍ ଉତ୍ସାହିତ ରହିଛି। ଏଟିପି ଏବଂ ଡବ୍ଲ୍ୟୁଟିଏ ଟୁରର ଅଂଶବିଶେଷ ଏବଂ ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍‌ର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ସମସ୍ତ ଟେନିସ୍ ଖେଳାଳିଙ୍କ ସ୍ୱପ୍ନର ଟୁର୍ନାମେଣ୍ଟ ରହିଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଳିତ ବର୍ଷ ପୁରୁଷ ଏବଂ ମହିଳା ବିଭାଗର କୌଣସି ସିଡେଡ୍ ଖେଳାଳି ଆଘାତ ଜନିତ ସମସ୍ୟା ଯୋଗୁଁ ଏହି ଟୁର୍ନାମେଣ୍ଟରୁ ଶେଷ ମୁହୂର୍ତ୍ତରେ ଓହରି ଯାଇନାହାନ୍ତି। ୧୦୭ତମ ସଂସ୍କରଣରେ ପଦାର୍ପଣ କରିଥିବା ଏବଂ ଓପନ୍ ଏରାର ଏହି ୫୧ତମ ସଂସ୍କରଣ ନିଜର ସ୍ୱତନ୍ତ୍ରତା ପାଇଁ ସମଗ୍ର ବିଶ୍ୱରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ଅନେକ ନାମୀଦାମୀ ଖେଳାଳିଙ୍କ ଅଂଶଗ୍ରହଣ, ଆକର୍ଷଣୀୟ ପୁରସ୍କାର ରାଶି, ଗ୍ଲାମର ତଥା ଅନୁଶାସନ ଓ ବହୁ ସଂଖ୍ୟାରେ ଦର୍ଶକମାନଙ୍କ ଉପସ୍ଥିତି ପାଇଁ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ୍ ହୋଇପାରିଛି। ମେଲବୋର୍ନ ପାର୍କର ୨୫ଟି କୋର୍ଟ ମଧ୍ୟରୁ ମୁଖ୍ୟତଃ ୩ଟି କୋର୍ଟ ଯଥା ଲର୍ଡ ଲିଭର କୋର୍ଟ, ମେଲବୋର୍ନ ଆରେନା ଏବଂ ମାର୍ଗାରେଟ କୋର୍ଟ ଆରେନା ଖେଳାଯିବାକୁ ଥିବା ସମସ୍ତ ମ୍ୟାଚ୍ ଗୁଡିକରେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନିଜ ନିଜର ପ୍ରିୟ ଟେନିସ୍ ତାରକାମାନଙ୍କ ଖେଳକୁ ଉପଭୋଗ କରିବା ସହିତ ଉତ୍ସାହିତ କରିବେ। ସମସ୍ତ ଟେନିସ୍ ପ୍ରଫେସନାଲ ଖେଳାଳିମାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟର ପୁରୁଷ ଏବଂ ମହିଳା ବିଭାଗର ସିଙ୍ଗଲ୍ସ, ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସ ମ୍ୟାଚ ଗୁଡିକର ବେଶ ସ୍ୱତନ୍ତ୍ରତା ରହିଛି। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ ଗୁଡିକ ହାର୍ଡ କୋର୍ଟରେ ଖେଳାଯିବାକୁ ରହିଥିବାବେଳେ ଚଳିତ ସଂସ୍କରଣରେ ଆୟୋଜକ ଅଷ୍ଟ୍ରେଲିଆନ୍ ଟେନିସ୍ ଫେଡେରେଶନ୍ ତାର ସମସ୍ତ ବର୍ଗର ଖେଳାଳିମାନଙ୍କ ପାଇଁ ମୋଟ ପୁରସ୍କାର ରାଶିରେ ଶତକଡା ୧୪ଭାଗ ବୃଦ୍ଧି କରିଛି। ୧୯୦୫ ମସିହାରେ ସ୍ଥାପିତ ଏବଂ ୧୧୪ ବର୍ଷରେ ପଦାର୍ପଣ କରିଥିବା ଏହି ଟେନିସ୍ ଆସୋସିଏଶନ୍ ୧୯୮୭ ପର୍ଯ୍ୟନ୍ତ ଗ୍ରାସ୍‌କୋର୍ଟରେ ମ୍ୟାଚ୍ ଅନୁଷ୍ଠିତ କରିଆସୁଥିଲା। ତେବେ ୧୯୮୮ ମସିହାରୁ ହାର୍ଡକୋର୍ଟରେ ମ୍ୟାଚ୍ ଖେଳା ଯାଇଆସୁଛି। ଆଜି ପର୍ଯ୍ୟନ୍ତ ପୁରୁଷ ବିଭାଗରେ ରୟ ଇମରସନ୍, ନୋଭାକ୍ ଜୋକୋଭିଚ୍ ଏବଂ ରୋଜର ଫେଡରର ସର୍ବାଧିକ ୬ଥର ଲେଖାଏଁ ପୁରୁଷ ସିଙ୍ଗଲ୍ସ ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ମହିଳା ବିଭାଗର ମାର୍ଗାରେଟ୍ କୋର୍ଟ ସର୍ବାଧିକ ୧୧ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ୍, ୱିମ୍ବେଲଡନ୍ ଓପନ୍ ଏବଂ ୟୁଏସ୍ ଓପନ୍‌ଠାରୁ ଏହି ଟୁର୍ନାମେଣ୍ଟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଓ ଅଷ୍ଟ୍ରେଲିଆର ସର୍ବଶ୍ରେଷ୍ଠ କ୍ରୀଡ଼ା ଇଭେଣ୍ଟର ମାନ୍ୟତା ହାସଲ କରିଛି। ୨୦୧୮ ସଂସ୍କରଣରେ ସର୍ବାଧିକ ଦର୍ଶକ ମ୍ୟାଚ୍ ଉପଭୋଗ କରିଥିବାର ରେକର୍ଡ ରହିଛି।

ଚଳିତ ଟୁର୍ନାମେଣ୍ଟ ପାଇଁ ଏଟିପି ର୍‍ୟାଙ୍କିଙ୍ଗ ଅନୁସାରେ ମୁଖ୍ୟ ଡ୍ର' ସମୟରେ ପୁରୁଷ ବିଭାଗରୁ ୩୨ଜଣ ଏବଂ ମହିଳା ବିଭାଗରୁ ୩୨ଜଣ ସିଡେଡ୍ ଖେଳାଳି ଭାଗ ନେଉଛନ୍ତି। ସେମାନଙ୍କ ମଧ୍ୟରେ ରାଫାଲ୍ ନାଡାଲ୍, ରୋଜର ଫେଡରର, କେଭିନ୍ ଆଣ୍ଡରସନ୍, ନୋଭାକ୍ ଜୋକୋଭିଚ୍, ଡେଭିଡ ଗୋଫିନ୍, ଜନ୍ ଇସ୍‌ନର, ବୋର୍ଣ୍ଣା କୋରିକ୍, ଆଞ୍ଜେଲିକ୍ କର୍ବର, ଡାନ୍ ଇଭାନ୍ସ, କ୍ରିଷ୍ଟିନା ମ୍ଲାଡେନୋଭିକ୍, ଗାର୍ବାଇନ୍ ମୁଗୁରୁଜା, ନାମିଓ ଓସାକା, ସିମୋନା ହାଲେପ୍, ଡୋମିନିକ୍ ଥିମ, ସେରେନା ୱିଲିୟମସ୍, କାରୋଲିନା ପ୍ଲିସ୍କୋଭା, ଏଲିନା ଭିଟୋଲିନା, ଭେନସ୍ ୱିଲିୟମ୍ସ ପରି ବହୁ ଖେଳାଳି ସାମିଲ ରହିଛନ୍ତି।

ଉପସ୍ଥାପନା: **ନିର୍ମଳ କୁମାର ମିଶ୍ର**

## ଅଷ୍ଟ୍ରେଲିଆନ୍ ଓପନ୍

- ତାରିଖ- ୧୪ରୁ ଜାନୁୟାରୀ ୨୭
- ଭେନ୍ୟୁ- ମେଲବୋର୍ନ ପାର୍କ
- କାଟାଗୋରୀ- ଗ୍ରାଣ୍ଡସ୍ଲାମ
- ସର୍ଫେସ- ହାର୍ଡ
- ସଂସ୍କରଣ- ୧୦୭ (ଓପନ ଏରା- ୫୧)
- ଡିଫେଣ୍ଡିଂ ପୁରୁଷ ଚାମ୍ପିୟନ- ରୋଜର ଫେଡରର
- ମହିଳା ଚାମ୍ପିୟନ- କାରୋଲିନ୍ ଓଜନିଆକି
- ପୁରୁଷ ଡବଲ୍ସ ଚାମ୍ପିୟନ- ଓଲିଭର ମାରାକ/ ମେଟା ପାକଭିକ
- ମହିଳା ଡବଲ୍ସ ଚାମ୍ପିୟନ- ତିମିଆ ବାବୋସ/କ୍ରିଷ୍ଟିନା ମ୍ଲଡେନୋଭିକ
- ମିକ୍ସଡ ଡବଲ୍ସ ଚାମ୍ପିୟନ- ମେଟା ପାଭିକ/ ଗାବ୍ରିଏଲା ଡାବ୍ରୋୱ୍ସ୍କି



"ନୂଆ ପିଢ଼ିର ଗ୍ରାହକ ବାଣିଜ୍ୟ ଦ୍ୱାରା ରିଟେଲ ଏବଂ ଜିଓ ପ୍ଲାଟଫର୍ମରେ ଉନ୍ନତ ଅଭିବୃଦ୍ଧି ସହ କମ୍ପାନୀର ମୋଟ ଲାଭରେ କଞ୍ଜୁମର ବିଜନେସର ଯୋଗଦାନ ବଢ଼ୁଛି।
– ମୁକେଶ ଅମ୍ବାନୀ, ଅଧ୍ୟକ୍ଷ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ



"କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଅସୁବିଧାକୁ ନଜରରେ ରଖି ଆସନ୍ତା ସପ୍ତାହରେ ସରକାର ସେମାନଙ୍କ ଲାଗି ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିବେ।
– ରାଧା ମୋହନ ସିଂ, କେନ୍ଦ୍ର କୃଷି ମନ୍ତ୍ରୀ



## ସଂକ୍ଷେପରେ

### ଆୟୁଷ୍ମାନ୍ ଭାରତ ଯୋଜନାକୁ ବିଲ୍ ଗେଟ୍ସଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୧୭-୧:** ବିଶ୍ୱର ଶୀର୍ଷ ଟେକ୍ନୋଲୋଜି କମ୍ପାନୀ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ତଥା ଗେଟ୍ସ ଫାଉଣ୍ଡେଶନର ସହଅଧ୍ୟକ୍ଷ ବିଲ୍ ଗେଟ୍ସ କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଆୟୁଷ୍ମାନ୍ ଭାରତ ଯୋଜନାକୁ ପ୍ରଶଂସା କରିଛନ୍ତି। ଯୋଜନା ଆରମ୍ଭର ମାତ୍ର ୧୦୦ ଦିନ ଭିତରେ ୬ ଲକ୍ଷରୁ ଅଧିକ ରୋଗୀ ଏହାର ଫାଇଦା ଉଠାଇଥିବାରୁ ସେ ଏହାକୁ ନେଇ ଚକିତ ବୋଲି କହିଛନ୍ତି। ଏ ସମ୍ପର୍କରେ ସେ ଟୁଇଟ୍ କରି କେନ୍ଦ୍ର ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଥାଉ କି, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଚଳିତ ମାସ ୨ରେ ଟୁଇଟ୍ କରି ଏ ସମ୍ପର୍କରେ କହିଥିଲେ ଯେ, ୧୦୦ ଦିନ ଭିତରେ ୬ ଲକ୍ଷ ୮୫ ହଜାର ରୋଗୀ ଆୟୁଷ୍ମାନ୍ ଯୋଜନାର ଲାଭ ଉଠାଇଛନ୍ତି। ଲାଭାର୍ଥୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ୁଛି ବୋଲି ସେ ଜଣାଇଥିଲେ। ବିଲ୍ ଗେଟ୍ସ ସ୍ୱାସ୍ଥ୍ୟ ମନ୍ତ୍ରୀ ନଡ୍ଡାଙ୍କ ଟୁଇଟ୍‌କୁ ରିଟୁଇଟ୍ କରି ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ସୂଚନାଥାଉ କି, ମୋଦି ସରକାର ଗତ ବର୍ଷ ବଜେଟ୍‌ରେ ଉକ୍ତ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ।

### ଜିଡିପି ବଢ଼ୁଛି, ଅଧିକ ନଗଦର ଆବଶ୍ୟକତା ରହିଛି: ଆର୍‌ବିଆଇ

**କୋଲକାତା,୧୭-୧:** ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଆକାର ବଢ଼ୁଛି। ଏଭଳି ସ୍ଥିତିରେ ଅର୍ଥନୀତିରେ ଅଧିକ ନଗଦର ଆବଶ୍ୟକତା ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଜଣେ ଅଧିକାରୀ ଗୁରୁବାର ଏଠାରେ କହିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ୨୦୧୬ ନଭେମ୍ବରରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ, ଯାହାକୁ ବିମୁଦ୍ରୀକରଣ କୁହାଯାଉଛି। ତେବେ ଏହା ପରେ ଆର୍‌ବିଆଇ ନୂଆ ୫୦୦, ୨୦୦୦ ଟଙ୍କିଆ ନୋଟ୍ ଜାରି କରିଛନ୍ତି। କିନ୍ତୁ ଆର୍ଥିକ ବ୍ୟବସ୍ଥାରେ ଏବେ ଜାଲ୍ ନୋଟ୍ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କାରେ ଅଧିକ ସୁରକ୍ଷା ବ୍ୟବସ୍ଥା ଜାରି କରିବ। ଏଥିଲାଗି ନିଲାମ ଆହ୍ୱାନ କରାଯାଇଛି। ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଆର୍‌ବିଆଇ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏହାର ସୁପାରିସ ଭିତ୍ତିରେ ପଦକ୍ଷେପ ନିଆଯିବ, ଯାହା ଦ୍ୱାରା ସେମାନେ ସହଜରେ ଋଣ ପାଇପାରିବେ ବୋଲି ସେ କହିଛନ୍ତି।

### ଗୁଗଲକୁ ଅମୂଲର ନୋଟିସ

**ନୂଆଦିଲ୍ଲୀ,୧୭-୧:** ଡେଏରୀ ବ୍ରାଣ୍ଡ୍ ଅମୂଲ ଶୀର୍ଷ ଆଇଟି କମ୍ପାନୀ ଗୁଗଲକୁ ଆଇନଗତ ନୋଟିସ ପଠାଇଛି। ଗୁଗଲ ମାଧ୍ୟମରେ ଅମୂଲର ଜାଲ୍ ବିଜ୍ଞାପନ ଦିଆଯାଇ ଲୋକଙ୍କୁ ଠକାଯାଉଛି ବୋଲି କମ୍ପାନୀ ପକ୍ଷରୁ ଅଭିଯୋଗ କରାଯାଇଛି। ଅମୂଲର ଅଭିଯୋଗ ଅନୁଯାୟୀ ଗୁଗଲରେ ଅମୂଲର ଫ୍ରାଞ୍ଚାଇଜି, ପାର୍ଲର ଓ ଡିଷ୍ଟ୍ରିବ୍ୟୁଟରଶିପ୍ ଲାଗି ଜାଲ୍ ଲିଙ୍କ୍ ଦିଆଯାଇଛି। ଏଭଳି ଲିଙ୍କ୍ ଜରିଆରେ ଲୋକଙ୍କୁ ଭୁଆଁ ବୁଲାଯାଉଛି। ଏହା ଜରିଆରେ ପଞ୍ଜୀକରଣ ଫିସ୍ ବାବଦରେ ଲୋକଙ୍କଠାରୁ ୨୫ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଗାଯାଉଛି। ଲୋକଙ୍କଠାରୁ ଟଙ୍କା ପାଇବା ମାତ୍ରେ ସେମାନଙ୍କ ସହ ସମସ୍ତ ସମ୍ପର୍କ ସ୍ୱତଃ ବନ୍ଦ ହୋଇଯାଉଛି। ଅମୂଲ ଏମ୍‌ଡି ଆର୍.ଏସ୍. ସୋଢ଼ି କହିଛନ୍ତି ଯେ, ଜାଲ୍ ବିଜ୍ଞାପନର ଶିକାର ହୋଇ ବହୁ ଲୋକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

### ଶୁଭ୍ରକାନ୍ତ ପଣ୍ଡା ଫିକି ଓଡ଼ିଶା ପରିଷଦର ଚେୟାରମ୍ୟାନ

**ଭୁବନେଶ୍ୱର,୧୭-୧:** ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଓଡ଼ିଶା ପରିଷଦର ଚେୟାରମ୍ୟାନ ଏବଂ କୋ ଚେୟାରମ୍ୟାନ ମନୋନୟନ କରାଯାଇଛି। ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପରିଷଦର ଚେୟାରମ୍ୟାନ ଭାବେ ପୁନଃ ମନୋନୀତ ହୋଇଛନ୍ତି। ଫିକିର ଜାତୀୟ ସଭାପତି ସନ୍ଦିପ ସୋମାନି ପଣ୍ଡାଙ୍କୁ ଏହି ଅବସରରେ ସ୍ୱାଗତ ଜଣାଇଛନ୍ତି। ସେହିଭଳି ବେଦାନ୍ତ ଲିମିଟେଡ ଝାରସୁଗୁଡ଼ାର ସିଇଓ ଅଭିଜିତ ପତି, ସମ୍ବାଦ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ମୋନିକା ନାୟାର ପଟ୍ଟନାୟକ ପରିଷଦର କୋ-ଚେୟାରପର୍ସନ ଭାବେ ମନୋନୀତ ହୋଇଛନ୍ତି। ପରିଷଦର ଚେୟାରମ୍ୟାନ ଶୁଭ୍ରକାନ୍ତ ପଣ୍ଡା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଫୋରମରେ ଫିକି ପକ୍ଷରୁ ରାଜ୍ୟକୁ ପ୍ରତିନିଧିତ୍ୱ କରିଛନ୍ତି। ସେ ବୋଷ୍ଟନ ବିଶ୍ୱବିଦ୍ୟାଳୟରୁ ବିଜନେସ ଆଡମିନିଷ୍ଟ୍ରେଶନରେ ଡିଗ୍ରୀ ହାସଲ କରିଥିବା ବେଳେ ଫାଇନାନ୍ସ ଏବଂ ଅପରେଶନ ମ୍ୟାନେଜମେଣ୍ଟ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ସେହିଭଳି ବେଦାନ୍ତ ସିଇଓ ଅଭିଜିତ ପତି ଆଲୁମିନିୟମ କ୍ଷେତ୍ରରେ ଦୀର୍ଘ ୨୭ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ସେ କଲିକତା ବିଶ୍ୱବିଦ୍ୟାଳୟରୁ କେମିକାଲ ଇଞ୍ଜିନିୟରିଂରେ ସ୍ନାତକ ଏବଂ ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟରୁ ବିଜନେସ ଆଡମିନିଷ୍ଟ୍ରେଶନରେ ଡିଗ୍ରୀ ହାସଲ କରିଛନ୍ତି।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଭବିଷ୍ୟନିଧି, ପେନ୍‌ସନ ପାଣ୍ଠି

# ବୁଡ଼ିଯିବାକୁ ବସିଛି ୨୦ହଜାର କୋଟି

ନୂଆଦିଲ୍ଲୀ,୧୭-୧

- ୪୦% ବଣ୍ଡରେ ନିବେଶ ସହ ଦିଆଯାଇଛି ଋଣ
- 'ଏଏଏ' ରେଟିଂ ହୋଇଛି କାଳ
- ୧୧,୩୦୦କୋଟିରୁ ୨୮,୫୦୦ କୋଟି କ୍ଷତି ହୋଇସାରିଛି
- ବେଶି କ୍ଷତି ସହିବେ ଘରୋଇ ଭବିଷ୍ୟନିଧି, ପେନ୍‌ସନ ପାଣ୍ଠି



ମଧ୍ୟବିତ୍ତ ବେତନଭୋଗୀଙ୍କ ଭବିଷ୍ୟନିଧି ଓ ପେନ୍‌ସନ ପାଣ୍ଠିର କୋଟି କୋଟି ଟଙ୍କା ଏବେ ବୁଡ଼ିଯିବାକୁ ବସିଛି। ବିଶେଷଜ୍ଞଙ୍କ ଅନୁମାନ ଅନୁଯାୟୀ, ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍) ଏବଂ ଏହାର ଗ୍ରୁପ୍ କମ୍ପାନୀରେ ନିବେଶ ହୋଇଥିବା ପ୍ରାୟ ୧୫ରୁ ୨୦ ହଜାର କୋଟିର ଭବିଷ୍ୟନିଧି ଓ ପେନ୍‌ସନ ପାଣ୍ଠି ଟଙ୍କା ଫସିଯାଇଛି। ଏହି ଟଙ୍କା ଫେରସ୍ତ ମିଳିବାର ଆଶା କ୍ଷୀଣ। କାରଣ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଏବେ ଋଣ ପରିଶୋଧ କରିବାକୁ ଅକ୍ଷମ। ଏହା ବର୍ତ୍ତମାନ ଦେବାଳିଆ ସ୍ଥିତିରେ ରହିଛି। ପେନସନ ଓ ଭବିଷ୍ୟନିଧି ପାଣ୍ଠିଗୁଡ଼ିକ ପ୍ରକୃତପକ୍ଷେ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ କେତେ ଟଙ୍କା ନିବେଶ କରିଛନ୍ତି, ତାହା ଜାଣିବା କାଠିକର ପାଠ। କାରଣ ସେମାନେ ଏନେଇ ପାରଦର୍ଶିତା ପ୍ରଦର୍ଶନ କରିନାହାନ୍ତି।

ସୂଚନାଥାଉ କି, ଭବିଷ୍ୟନିଧି, ପେନ୍‌ସନ ପାଣ୍ଠି ସହ ବିଭିନ୍ନ ବ୍ୟାଙ୍କ, ମ୍ୟୁଚୁଆଲ ଫଣ୍ଡ ଓ ଅନ୍ୟ ସମ୍ପତ୍ତି ପରିଚାଳନା କରାଯାଉଥିବା ସ୍କିମ୍‌ର ଅର୍ଥକୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ନିବେଶ କରାଯାଇଛି। ୟୁବିଏସ୍‌ର ଆକଳନ ଅନୁଯାୟୀ, ବିଭିନ୍ନ ଦିଗକୁ ଧ୍ୟାନରେ ରଖି ଏତିକି କୁହାଯାଇପାରେ ଯେ, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌କୁ ଋଣ ଦେଇଥିବା ସଂସ୍ଥାଗୁଡ଼ିକର ପ୍ରାୟ ୧୧,୩୦୦ କୋଟିରୁ ୨୮,୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ହୋଇସାରିଲାଣି। ଏହି ଗ୍ରୁପ୍ କମ୍ପାନୀ ଉପରେ ଏବେ ୯୧ହଜାର କୋଟି ଟଙ୍କାର ଋଣବୋଝ ରହିଛି। ଏଥିମଧ୍ୟରୁ ୬୧% ବ୍ୟାଙ୍କରୁ, ୩୩% ଡିବେଞ୍ଚର ଓ କମର୍ସିଆଲ ପେପର ଜରିଆରେ ନିଆଯାଇଥିବା ଋଣ ରହିଛି। ଏ ଦିଗରେ ସବୁଠୁ ବିପଦରେ ପଡ଼ିବେ ଘରୋଇ ମ୍ୟାନେଜମେଣ୍ଟରେ ଚାଲୁଥିବା ଭବିଷ୍ୟନିଧି ଓ ପେନ୍‌ସନ ପାଣ୍ଠି। ସେମାନଙ୍କ ବିପଦ ଅଧିକ, କାରଣ କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ)ର ସର୍ତ୍ତ ଅନୁଯାୟୀ ଏଭଳି ପାଣ୍ଠିକୁ ପରିଚାଳନା କରୁଥିବା କମ୍ପାନୀମାନେ କ୍ଷତିପୂରଣ ଦେବାକୁ ବାଧ୍ୟ ରହିବେ। ଇଣ୍ଡିଆ ଲାଇଫ୍ କ୍ୟାପିଟାଲର ସିନିୟର ଭାଇସ ପ୍ରେସିଡେଣ୍ଟ ଅମିତ ଗୋପାଳ କହିଛନ୍ତି ଯେ, ଭବିଷ୍ୟନିଧି ପାଣ୍ଠିଗୁଡ଼ିକ ପକ୍ଷରୁ ନିବେଶ ଉପରେ ହେଉଥିବା କ୍ଷତି ସମ୍ପର୍କରେ ପ୍ରତି ତ୍ରୈମାସରେ ସୂଚନା ଦେବାକୁ ପଡେ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ରେ ୟେସ୍ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଇଣ୍ଡସଇଣ୍ଡ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦାର ବଡ଼ଧରଣର ଟଙ୍କା ଫସିଯାଇଛି। ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ମୋଟ୍ ବଣ୍ଡର ୪୦% ଏହି ପାଣ୍ଠିଗୁଡ଼ିକ ନିକଟରେ ରହିଛି। ତେବେ ଏ ସମ୍ପର୍କରେ ଗ୍ରୁପ୍ କମ୍ପାନୀ ପକ୍ଷରୁ କୌଣସି ମତାମତ ଦିଆଯାଇନାହିଁ। 'ଏଏଏ' ରେଟିଂ ଚକ୍କରରେ ପାଣ୍ଠିଗୁଡ଼ିକର ଅର୍ଥ ଏବେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ରେ ଫଶିଯାଇଛି। କେତେକ କମ୍ପାନୀଙ୍କ ପାଣ୍ଠି ନିକଟରେ ଗ୍ରୁପ୍‌ର ବଣ୍ଡ୍ ରହିଥିବା ବେଳେ ଆଉ କେତେକ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌କୁ ଋଣ ଦେଇଛନ୍ତି। ରେଟିଂ ଏଜେନ୍ସିଗୁଡ଼ିକ ପକ୍ଷରୁ ଏହି ଗ୍ରୁପ୍‌କୁ 'ଏଏଏ' ରେଟିଂ ଦିଆଯାଇଛି। ନିବେଶ ଲାଗି ଅତି ସୁରକ୍ଷିତ ମନେକରାଯାଉଥିବାରୁ ତଥା ଭଲ ରିଟର୍ନ ମିଳୁଥିବାରୁ ଟ୍ରିପଲ୍ 'ଏ' କମ୍ପାନୀରେ ନିବେଶକୁ ଅଧିକ ପସନ୍ଦ କରାଯାଏ। ସେମାନେ ରେଟିଂ ଦେଖି ନିବେଶ କରିବା ପରେ ଏବେ ବିପଦରେ ପଡିଯାଇଛନ୍ତି।



## ନେଟ୍‌ୱର୍କ ଦୃଢ଼ କରିବ ଆର୍‌ଆର୍ ଗ୍ଲୋବାଲ

ଭୁବନେଶ୍ୱର,୧୭-୧

ଆର୍‌ଆର୍ ଗ୍ଲୋବାଲ ଓଡ଼ିଶାରେ ଏହାର ନୂଆ ପ୍ରଡକ୍ଟ ଶୃଙ୍ଖଳାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀର ଅଧ୍ୟକ୍ଷ ତ୍ରିଭୁବନ କାବ୍ରା ସ୍ଥାନୀୟ ଏକ ହୋଟେଲରେ ଉତ୍ପାଦଗୁଡ଼ିକୁ ବଜାର ପ୍ରବେଶ କରାଇଥିଲେ। ନୂଆ ପ୍ରଡକ୍ଟଗୁଡ଼ିକ ମଧ୍ୟରେ ଫ୍ୟାନ, କୁଲର, ଆଇରନ, ଗିଜର, ଏଲଇଡି ଲାଇଟ ସାମିଲ ରହିଛି। କମ୍ପାନୀ ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ସେ କହିଛନ୍ତି। ଓଡ଼ିଶାରେ ନେଟ୍‌ୱର୍କ ବୃଦ୍ଧିକୁ କମ୍ପାନୀ ପ୍ରାଥମିକତା ଦେଉଛି। ଅଧିକ ଡିଲର ତଥା ଚାନେଲ ପାର୍ଟନରଙ୍କୁ କମ୍ପାନୀ ନିଯୁକ୍ତ କରିବାକୁ ଯୋଜନା ରଖିଛି। ବର୍ତ୍ତମାନ ରାଜ୍ୟରେ ୨୪ କୋଟି ଟଙ୍କାର ବ୍ୟବସାୟ କରୁଥିବା ବେଳେ ୨୦୨୧ ବେଳକୁ ୧୦୦ କୋଟି ଟଙ୍କାର କାରବାର କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା କାବ୍ରା ପ୍ରକାଶ କରିଛନ୍ତି।

## ଏମ୍‌ଟେକ୍ ଆଣିଲା ନୂଆ ସ୍ମାର୍ଟଫୋନ

ଭୁବନେଶ୍ୱର,୧୭-୧




ସ୍ମାର୍ଟଫୋନ ନିର୍ମାତା ଏମ୍‌ଟେକ୍ ମୋବାଇଲ ପକ୍ଷରୁ ନୂଆ 'ଇରୋସ ସ୍ମାର୍ଟ ୨୦୧୮' ମଡ଼େଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହି ସ୍ମାର୍ଟଫୋନରେ ଗ୍ରାହକମାନେ ୧.୩ ଗିଗାହର୍ଜ ବିଶିଷ୍ଟ କ୍ୱାର୍ଡକୋର ପ୍ରୋସେସର, ଆଣ୍ଡ୍ରଏଡ ୮.୧ ଓରିଓ, ଡୁଆଲ ସିମ୍ ଡୁଆଲ ଷ୍ଟାଣ୍ଡବାଏ, ୧୨.୭ ସେମିର ଏଚ୍‌ଡି ଆଇପିଏସ୍ ଏଲ୍‌ସିଡି ଡିସ୍‌ପ୍ଲେ, ୫.୦ ମେଗା ପିକ୍ସେଲର ରିୟର ଏବଂ ୨.୦ ମେଗା ପିକ୍ସେଲର ଫ୍ରଣ୍ଟ କ୍ୟାମେରା ପାଇପାରିବେ। ସେହିଭଳି ଭିଡିଓ ପ୍ଲେବ୍ୟାକ ଆଣ୍ଡ ରେକର୍ଡିଂ, ୩.୫ ଏମ୍‌ଏମ୍ ଅଡିଓ ଜ୍ୟାକ, ଏଫ୍‌ଏମ୍ ରେଡିଓ ସହ ରେକର୍ଡିଂ ସୁବିଧା, ୧୬ ଜିବି ରମ୍, ୨ଜିବି ରାମ୍, ୩୨ ଜିବି ମେମୋରୀ ଏକ୍ସପାଣ୍ଡେବଲ, ୨୪୦୦ ଏମ୍‌ଏଏଚ୍‌ର ଲିଥିୟନ ବ୍ୟାଟେରି, ୪ଜି କନେକ୍ଟିଭିଟି ଭଳି ଅତ୍ୟାଧୁନିକ ଫିଚର ଏଥିରେ ରହିଛି। ଏହି ମଡେଲ ଦ୍ୱାରା ଗ୍ରାହକ କମ୍ ମୂଲ୍ୟରେ ଅତ୍ୟାଧୁନିକ ଫିଚର ଲାଭ କରିପାରିବେ ବୋଲି କମ୍ପାନୀର ଓଡ଼ିଶା ମୁଖ୍ୟ ଶିବ ପାତ୍ର ସୂଚନା ଦେଇଛନ୍ତି। ମଡେଲଟିର ବଜାର ଦର ୫୪୯୯ ଟଙ୍କା ରହିଥିବା ପାତ୍ର କହିଛନ୍ତି।

## ଓଡ଼ିଶାରେ ବଢୁଛି ମେକାନାଇଜ୍‌ଡ ହାର୍ଭେଷ୍ଟିଂ

ଭୁବନେଶ୍ୱର,୧୭-୧


ମୃତ୍ୟୁଞ୍ଜୟ ସିଂ

ରାଜ୍ୟରେ ମେକାନାଇଜ୍‌ଡ ହାର୍ଭେଷ୍ଟିଂ (ଯାନ୍ତ୍ରିକ ଫସଲ ଅମଳ) ହାର ଏବେ ବଢ଼ୁଛି। ଏଭଳି ହାର୍ଭେଷ୍ଟିଂ ପାଇଁ ସାଧାରଣତଃ ମେଶିନ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଧାରାରେ ପରିବର୍ତ୍ତନ ଆସୁଥିବାରୁ ଉକ୍ତ ମେଶିନ ବଜାରରେ ମଧ୍ୟ ବିକ୍ରି ଅଭିବୃଦ୍ଧି ପରିଲକ୍ଷିତ ହେଉଛି। ତାମିଲନାଡୁ ତଥା ଦେଶର ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକରେ କୃଷକଙ୍କ ମଧ୍ୟରେ ହାର୍ଭେଷ୍ଟିଂ ମେଶିନର ବେଶ ଆଦୃତି ରହିଛି। ତାମିଲନାଡୁରେ ଅର୍ଗାନାଇଜଡ ତଥା ମେକାନାଇଜଡ ହାର୍ଭେଷ୍ଟିଂର ଅଂଶ ୮୫% ରହିଛି। ଓଡିଶାରେ ଏହା ୪୫% ଥିବାବେଳେ ଉକ୍ତ ଧାରାରେ ଏବେ ପରିବର୍ତ୍ତନ ଆସିଛି। ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା କୃଷି ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ପ୍ରମୁଖ କୃଷି ଯନ୍ତ୍ରପାତି ନିର୍ମାଣକାରୀ କମ୍ପାନୀ କ୍ଲାସ ଏଗ୍ରିକଲଚରାଲ ମେଶିନାରୀ ପ୍ରାଇଭେଟ ଲିମିଟେଡର ଏମ୍‌ଡି ମୃତ୍ୟୁଞ୍ଜୟ ସିଂ ଏହି ସୂଚନା ଦେଇଛନ୍ତି। ସିଂ କହିଛନ୍ତି ଯେ, ଏକ୍ଷେତ୍ରରେ ବର୍ତ୍ତମାନ ୧୨ରୁ ଊର୍ଦ୍ଧ୍ୱ କମ୍ପାନୀ କାର୍ଯ୍ୟ କରୁଛନ୍ତି। କ୍ଲାସ ଇଣ୍ଡିଆର ୫୦% ବଜାର ଅଂଶ ରହିଛି। କମ୍ପାନୀ ଓଡିଶାରେ ସ୍ଥିତି ଦୃଢ କରିବା ସହ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୦୦ ମେଶିନ ଯୋଗାଣ କରିଛି। ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ହାରଭେଷ୍ଟର ଚାଳକଙ୍କୁ କୌଶଳ ତାଲିମ ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏଥିରେ ୪୦୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। କୃଷି ଓଡ଼ିଶାରେ କ୍ରପ୍ ଟାଇଗର ୩୦ ଟେରା ଟ୍ରାକ ଏବଂ ଡୋମିନେଟର ୪୦ ଭଳି ପ୍ରଡକ୍ଟ ପ୍ରଦର୍ଶନ କରାଇଥିବା ସେ ସୂଚନା ଦେଇଛନ୍ତି। ସେହିଭଳି କମ୍ପାନୀର ପ୍ରଡକ୍ଟ ଲାଇନରେ କ୍ଲାସ ଜାଗୁଆର ୮୫୦ ଏବଂ ଜାଗୁଆର ୨୫ ଭଳି ଅନ୍ୟାନ୍ୟ ପ୍ରଡକ୍ଟ ସାମିଲ ରହିଥିବା ସେ କହିଛନ୍ତି।

## ୭୭.୩ କୋଟି ଇମେଲ୍ ହ୍ୟାକ୍

ସାନ୍‌ଫ୍ରାନ୍ସିସ୍‌କୋ,୧୭-୧

ଚଳିତବର୍ଷ ଆରମ୍ଭରେ ସବୁଠାରୁ ବଡ଼ ଡାଟା ଲିକ୍ ସାମ୍ନାକୁ ଆସିଛି। ଗବେଷକ ଟ୍ରୟ ହଣ୍ଟ ଡାଟା ଲିକ୍ ସମ୍ପର୍କରେ ଜାଣିପାରି ନିଜର ୱେବସାଇଟ ଟ୍ରୟହଣ୍ଟ ଡଟ୍ କମ୍‌ରେ ଏହାକୁ ଉଲ୍ଲେଖ କରିଛନ୍ତି। ପ୍ରାୟ ୭୭ କୋଟି ୩୦ ଲକ୍ଷ ଇମେଲ୍ ଆଇଡି ଓ ୨କୋଟି ୧୦ ଲକ୍ଷ ପାସୱାର୍ଡ ହ୍ୟାକ୍ ହୋଇଯାଇଛି ବୋଲି ସେ ଦର୍ଶାଇଛନ୍ତି। ଗବେଷକ ଟ୍ରୟ ହଣ୍ଟ ଏହାକୁ କଲେକ୍ସନ #୧ ଭାବେ ଉପସ୍ଥାପନ କରିଛନ୍ତି। ୱେବସାଇଟ୍‌ରେ ଦର୍ଶାଯାଇଛି ଯେ, କଲେକ୍ସନ #୧ରେ ମୋଟ୍ ୨,୬୯୨, ୮୧୮,୨୩୮ ପାସୱାର୍ଡ ଓ ଇମେଲ୍ ଆଡ୍ରେସ ରହିଛି। ଏହା ଭିନ୍ନ ଭିନ୍ନ ପଦ୍ଧତିରେ ସାରା ବିଶ୍ୱରୁ ୟୁଜରଙ୍କଠାରୁ ଚୋରାଇ ନିଆଯାଇଛି। ଅତୀତରେ ଏ ସମ୍ପର୍କରେ ୟୁଜରମାନେ ତାଙ୍କୁ ଜଣାଇବା ସହ ଗବେଷଣାରେ ସହାୟତା କରିଥିଲେ ବୋଲି ଟ୍ରୟ କହିଛନ୍ତି। କଲେକ୍ସନରେ ମୋଟ୍ ୮୭ଜିବି ଡାଟାର ୧୨ ହଜାର ଫାଇଲ ରହିଛି। ଏତେ ବିଶାଳ ତଥ୍ୟକୁ କ୍ଲାଉଡ୍ ସର୍ଭିସ ମେଗାରେ ରଖାଯାଇଛି। ତାଙ୍କର ଇମେଲ୍ ଓ ପାସୱାର୍ଡ ମଧ୍ୟ ଚୋରାଇ ନିଆଯାଇଥିବା ଡାଟାରେ ଥିଲା ଏବଂ ସମ୍ପୂର୍ଣ୍ଣ ଠିକ୍ ଥିଲା। ତେବେ ତାଙ୍କର ପାସୱାର୍ଡ ପୁରୁଣା ଥିଲା, ଯାହାକୁ ସେ ଅତୀତରେ ବ୍ୟବହାର କରୁଥିଲେ। ପରେ ସେ ଏହାକୁ ବଦଳାଇ ଦେଇଥିଲେ ବୋଲି ଟ୍ରୟ ଉଲ୍ଲେଖ କରିଛନ୍ତି। ନିଜର ଇମେଲ ଆଇଡି ଓ ପାସୱାର୍ଡ ସୁରକ୍ଷିତ ବୋଲି ଜାଣିବା ଲାଗି ସେ ଏକ ୱେବ୍‌ସାଇଟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି।

## ୧୦% ବଢ଼ିବ କର୍ମଚାରୀଙ୍କ ବେତନ

ନୂଆଦିଲ୍ଲୀ,୧୭-୧

ଚଳିତବର୍ଷ ଅର୍ଥାତ୍ ୨୦୧୯ରେ ଦେଶରେ କର୍ମଚାରୀଙ୍କ ବେତନ ୧୦% ବଢ଼ିବ। ତେବେ ମୁଦ୍ରାସ୍ଫୀତି କାରଣରୁ ଦରମାର ବାସ୍ତବିକ ବୃଦ୍ଧି ୫%ରେ ସୀମିତ ରହିବ। ଏହା ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ବାଧିକ ହେବ ବୋଲି ବିଶ୍ୱର ଅଗ୍ରଣୀ କନ୍‌ସଲ୍‌ଟିଂ କମ୍ପାନୀ କର୍ନ ଫେରୀ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି। କର୍ନ ଫେରୀ ଇଣ୍ଡିଆ ଅଧ୍ୟକ୍ଷ ତଥା ଆଞ୍ଚଳିକ ଏମ୍‌ଡି ନବନୀତ ସିଂହ କହିଛନ୍ତି ଯେ, ଆର୍ଥିକ ଅଭିବୃଦ୍ଧି ଦ୍ରୁତହେବା କାରଣରୁ ଏସିଆରେ ମୋଟ ବେତନ ଓ ବାସ୍ତବିକ ବେତନ ବୃଦ୍ଧି ମାମଲାରେ ଭାରତ ଶୀର୍ଷରେ ରହିବ। ଚଳିତବର୍ଷ ଏସିଆରେ ୫.୬% ଦରମା ବୃଦ୍ଧି ପାଇବାକୁ ଯାଉଥିବା ବେଳେ ମୁଦ୍ରାସ୍ଫୀତି କାରଣରୁ ଏହା ବାସ୍ତବରେ ୨.୬% ରହିବ। ଏସିଆର ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଚାଇନାରେ ୩.୨ପ୍ରତିଶତ, ଜାପାନରେ ୦.୧୦ ପ୍ରତିଶତ, ଭିଏତନାମରେ ୪.୮ପ୍ରତିଶତ, ସିଙ୍ଗାପୁରରେ ୩ ପ୍ରତିଶତ ଓ ଇଣ୍ଡୋନେସିଆରେ ୩.୭୦ ପ୍ରତିଶତ ବେତନ ବଢ଼ିବାକୁ ଯାଉଛି ବୋଲି ରିପୋର୍ଟରେ କୁହାଯାଇଛି।

**PARADIP PORT TRUST**
**E-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **G.I. Gratings.** The last date and time of submission of the tender is 17.15 Hours on Dt. 06.02.2019. For details, log on to website https://eprocure.gov.in/eprocure/app.
PPT/PR/592/18-19
Dated : 17.01.2019 Sr. Dy. Mtls. Manager

**MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ :www.mahanadicoal.in
**ଜନଔଷଧି କେନ୍ଦ୍ର ସ୍ଥାପନ ପାଇଁ ଆମନ୍ତ୍ରଣ ସୂଚନା (ଇଓଆଇ)**
କେନ୍ଦ୍ରୀୟ ହସ୍ପିଟାଲ, ଇବ୍ ଭ୍ୟାଲି ଏବଂ ନେହରୁ ଶତାବ୍ଦୀ କେନ୍ଦ୍ରୀୟ ହସ୍ପିଟାଲ, ତାଲଚେର ଠାରେ ଜନ ଔଷଧି କେନ୍ଦ୍ର ସ୍ଥାପନ ପାଇଁ ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍ (ଇଓଆଇ) ଆମନ୍ତ୍ରଣ କରୁଛନ୍ତି । ପାତ୍ରତା, ଚୟନ ପ୍ରକ୍ରିୟା, ଆବଶ୍ୟକ କାଗଜପତ୍ରର ବିବରଣୀ କୋଲ୍ ଇଣ୍ଡିଆ ଇ-ଟେଣ୍ଡର ସାଇଟ୍ www.coalindiatenders.nic.inରେ ଉପଲବ୍ଧ ଅଛି । ଜମା କରିବାର ଶେଷ ତାରିଖ 28.01.2019 ଅଟେ । ଇଓଆଇ ଅନଲାଇନ୍ ମାଧ୍ୟମରେ ଜମା କରିବାକୁ ହେବ।
R-4878
ଆମର ଆପ୍ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରୀ ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।

**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
cmpdi A Mini Ratna Company
**CENTRAL MINE PLANNING & DESIGN INSTITUTE LTD.**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, INDIA
Phone- +91-0651-2232637, FAX No. +91-0651-2230875
Web site: http://www.cmpdi.co.in & http://eprocure.gov.in/cppp
**GLOBAL NOTICE INVITING TENDER:**
**(i) KALYANPUR BADALPARA BLOCK, (ii) BRAHMANI BLOCK**
CMPDIL intends to offer outsourcing through **CIL Portal** the: Detailed Exploration in the (i) Kalyanpur Badalpara Block, Rajmahal Coalfield of Dumka District in State of Jharkhand; (ii) Brahmani Block, Talchar Coalfield of Dhenkanal District in State of Odisha. The complete NIT, General Terms & Condition, Letter of Bid and Bill of Quantity can be seen and downloaded from http://www.coalindiatenders.nic.in from 18/01/2019 onwards. Office of the General Manager (Exploration) may be contacted for details/ clarification on Phone on any working day between 10.00 Hrs. to 17.30 Hrs. (IST) or through mail (gmexpl.cmpdi@coalindia.in) or Fax.
Ranchi
14/01/2019
On and behalf of CMPDIL
General Manager (Exploration)

**CENTRAL ELECTRICITY SUPPLY UTILITY OF ODISHA**
IDCO TOWERS (2nd Floor), Janapath, Bhubaneswar-751022, Odisha
Phone : 0674-2541575, Fax : 0674 - 2543125
Website : www.cescoorissa.com / www.cesuodisha.com
**TENDER NOTICE**
No. : CESU/P&S/Metering Materials/689/2018-19/Vol-I/1229 Date : 17.01.2019
For and on behalf of the CESU, the undersigned invites sealed tenders in duplicate on two part bidding system from the eligible bidders, who comply to the terms and conditions for the supply of different materials of metering units and seal sticker under **M/R head** superscribing the Tender Specification No., Name of the material & date of opening (as mentioned in the specifications).
**TIME SCHEDULES :** Sale and downloading of tender document start from **: Dt.18.01.2019,** Last Date & Time for selling of tender papers **: Dt.08.02.2019 for Sl-1&2 & Dt.11.02.2019 for Sl.3 & 4 up to 05:00 PM,** Last Date & Time for submission of tender papers **: Dt.11.02.2019 for Sl-1&2 & Dt.12.02.2019 for Sl.3 & 4 upto 01:00 PM.** Date & Time for opening of tender : **Dt.11.02.2019 for Sl-1&2 & Dt.12.02.2019 for Sl.3 & 4 from 03:30 PM onwards.**
For detail Tender Specification & Terms and Conditions, updates & modifications to these specifications if any, please keep visiting our website **www.cescoorissa.com / www.cesuodisha.com.**
**NB : As per above tender, the bidders may participate in any one or all of the above items tendered. However bidders who wish to participate in any one or all of the items as mention above, they have to furnish item wise. Tender Paper Cost (Money receipt if purchase by cash & DD if downloaded) & EMD amount (in DD) for respective items in separate envelope mentioning Tender Specification No. & Name of the Material.**
**Chief General Manager (Tech.)**

**BHUBANESWAR MUNICIPAL CORPORATION**
**No.2407 TENDER CALL NOTICE Dt.16/01/2019**
Sealed Tenders, in conformity to tender schedule, are invited from intending authorised registered firms, Suppliers & Manufactures having eligibility criteria as noted below, for supply of Cartridge for Computer Printer & Xerox Machine for Bhubaneswar Municipal Corporation, so as to reach the undersigned through registered post/speed post only up to 3.30 PM on 5.02.2019. The Tender documents to be obtained from the Cashier on deposit of the non-refundable cost of the tender paper, in shape of cash by 2.02.2019 subject to the fulfillment of eligibility criteria. The tenders will be opened at 5.00 PM on 5.02.2019 in presence of the bidders/their authorised representatives in Mini Conference Hall of BMC. BMC will in no way, be responsible for any delay in receipt of the tender documents. The tender envelope should superscribed as **"Tender for supply of Cartridges".**

| Name of the Work | Cost of Tender Documents | E.M.D |
|---|---|---|
| Supply of Cartridge for Computer Printer & Xerox Machine | Rs. 2000/- | Rs. 20,000/- |

The tender must be accompanied with the required EMD in shape of Bank Draft / Pay Order / Bankers Cheque from any Nationalized Bank drawn in favour of Commissioner, BMC, failing which the tender shall be rejected out-rightly. The tender should also be accompanied with xerox copy of valid and up-to date ITCC or PAN Card and GST clearance certificate Issued by the Taxing Officer, without which the tender are liable for outright rejection. Mere procurement of Tender Document does not guarantee for fulfillment of the eligibility criteria.
The authority reserves the right to accept or reject any or all tender without assigning any reason thereof.
By order,
Deputy Commissioner
Bhubaneswar Municipal Corporation
Progress Through Partnership for a Better Bhubaneswar

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ଉପ ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ,
ଅତ୍ୟୁଚ୍ଚ ଶକ୍ତି ପରିବହନ ନିର୍ମାଣ ବିଭାଗ, କଟକ
**ଘୋଷଣା**
ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେଶନ୍ ଲିମିଟେଡ୍‌ର ଯୋଜନା ଅନୁଯାୟୀ ୧୩୨ କେ.ଭି. ଡବଲ ସର୍କିଟ୍ ୧୩୨/୩୩ କେ.ଭି. ଗ୍ରୀଡ୍-ସବ୍‌ଷ୍ଟେସନ୍ ଓଳାଭର ଠାରୁ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେସନ ଚାନ୍ଦବାଲି ପର୍ଯ୍ୟନ୍ତ ନୂତନ ଲାଇନ୍‌ର କାର୍ଯ୍ୟ ସଂପୂର୍ଣ୍ଣ ହୋଇଅଛି । ଉକ୍ତ ନୂତନ ଲାଇନ୍ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ତହସିଲ ଅନ୍ତର୍ଗତ ବଳରାମପୁର, ସାଂପିଙ୍ଗ, ନୂଆଗାଁ, ଜାଗୁଲେଇପଡା, ବଡତଳିଆ, ବରଦା, ଓଣ୍ଡିଆ, ତରସ, ଗୁଆଳିଗାଁ, ବାରଙ୍ଗ, ବାଙ୍କୁଆ ଓ ଚାନ୍ଦବାଲି ତହସିଲ ଅନ୍ତର୍ଗତ ସାନ ହରିପୁର, ପାଳିରାପୁର ପ୍ରଭୃତ ଗ୍ରାମପାର୍ଶ୍ୱ ଦେଇଯାଇଅଛି । ଉକ୍ତ ଲାଇନ୍‌ରେ ଆସନ୍ତା **୨୫.୦୧.୨୦୧୯ରିଖ** ଠାରୁ ଯେକୌଣସି ମୁହୂର୍ତ୍ତରେ ୧୩୨,୦୦୦ ଭୋଲ୍ଟବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି । ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନ୍‌ର ୭୯, ୮୦ ଏବଂ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ୍ ତଳେ ଘର ତିଆରି କରିବା, ଗଛଲଗାଇବା, ଉଚ୍ଚ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟତ କରିବା କିମ୍ବା ଟାୱାରରେ ଗୋରୁ ଗାଈ, ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଦଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ । ଏଣୁ ଏଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବେ । ଯଦି ଏଥିରେ ବ୍ୟତିକ୍ରମ କରିବାହେତୁ କାହାର କିଛି ଅସୁବିଧା ହୁଏ, ସେଥିପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ୍ ଲିମିଟେଡ୍ ଉତ୍ତରଦାୟୀ ହେବେନାହିଁ।
ସ୍ୱା/-**ପ୍ରଦିପ୍ କୁମାର ଦାଶ**
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ ନିର୍ମାଣ ବିଭାଗ, କଟକ
Please connect us: optcl.odisha optcl_odisha energyodisha

**idco ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
RFP Call Notice No. IDCO/H.O./P&C/EST-E-1205/01/2016 - 943 Dated :- 15.01.2019
**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**
1. Name of the Work : Supply, Installation, Testing, Commissioning, Operation & Maintenance of Smart Water Meter & related Infrastructure Work for Water Supply System of Industrial Estates and Industrial Parks drawing water from MEIL source in Khurdha and Brahmani source at Kalinga Nagar Industrial Complex, Jajpur on pilot basis.
2. Period of completion : 03 (Three) calendar months.
3. Other Details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. P&C-EST-E- 79 / 2018-19 | 21.01.2019 16.00 hrs. | 11.02.2019 17.00 hrs. |

Further details can be seen from the e-procurement portal: www.tendersodisha.gov.in. Corrigendum or Addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in
Sd/-
Chief General Manager (P&C) I/C
IDCO, Bhubaneswar

# ପାଣ୍ଡ୍ୟା, ରାହୁଲଙ୍କୁ ଅପେକ୍ଷା କରିବାକୁ ପଡ଼ିବ

ନୂଆଦିଲ୍ଲୀ, ୧୭।୧ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ତୁରନ୍ତ ଜଣେ ଅମ୍ବୁଡ୍ସମ୍ୟାନ ନିଯୁକ୍ତି ଦେବା ଲାଗି ପ୍ରଶାସକ କମିଟି (ସିଓଏ) ଗୁରୁବାର ସୁପ୍ରିମକୋର୍ଟଙ୍କ ନିକଟରେ ନିବେଦନ କରିଛି। ଯେଉଁ ବ୍ୟକ୍ତି ମହିଳାଙ୍କ ବିରୋଧରେ ଅସ୍ବୀକୃତୀୟ ଟିପ୍ପଣୀ ପାଇଁ ସସ୍ପେଣ୍ଡ ହୋଇଥିବା ଦୁଇ ଭାରତୀୟ କ୍ରିକେଟର କେ.ଏଲ. ରାହୁଲ ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରିପାରିବେ। ସର୍ବୋଚ୍ଚ ନ୍ୟାୟାଳୟ କିନ୍ତୁ ମାମଲାର ଶୁଣାଣି ଆସନ୍ତା ସପ୍ତାହରେ କରିବେ। ହେଲେ ଏଥିଲାଗି ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରିନାହାନ୍ତି। ଏସ୍. ଏ. ବୋବ୍ଡେ ଏବଂ ଏ. ଏମ୍ ସାପ୍ରେଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବେ। ବିସିସିଆଇ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ ତାଙ୍କ ପଦତ୍ୟାଗ କରିବାରୁ ସର୍ବୋଚ୍ଚ ନ୍ୟାୟାଳୟକୁ ତାଙ୍କ ସ୍ଥାନରେ ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ପିଏସ୍. ନରସିହ୍ମାଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପରେ ମାମଲାର ଶୁଣାଣି ହେବ। ପାଣ୍ଡ୍ୟା ଓ ରାହୁଲଙ୍କୁ ସେମାନଙ୍କ କ୍ରିକେଟ ଭବିଷ୍ୟତ ଜାଣିବା ଲାଗି ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ। ଭାରତୀୟ କ୍ରିକେଟ ଦଳର ଏହି ଦୁଇ ସଦସ୍ୟ ଫିଲ୍ମ ନିର୍ମାତା କରନ ଜୋହରଙ୍କ 'କଫି ୱିଥ୍ କରନ' ଶୀର୍ଷକ ଚ୍ୟାଟ ଶୋ'ରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଏକାଧିକ ମହିଳା ସହିତ ଅବୈଧ ସମ୍ପର୍କ ଥିଲା। ଏ ପରିକି ସେମାନେ ଏ ବିଷୟରେ ସେମାନଙ୍କ ମାତାପିତାଙ୍କୁ ଜଣାଇବା ଲାଗି କୁଣ୍ଠାବୋଧ କରି ନ ଥିଲେ। ଗୁରୁବାର ପ୍ରଶାସକ କମିଟି ପକ୍ଷରୁ କୋର୍ଟରେ ଉପସ୍ଥିତ ରହି ସିନିୟର ଆଡଭୋକେଟ ପରାଗ ତ୍ରିପାଠୀ ଦର୍ଶାଇଥିଲେ ଯେ, ବିସିସିଆଇ ବ୍ୟାପାର ବୁଝାଶୁଝା କରିବା ଲାଗି ସୁପ୍ରିମକୋର୍ଟ ୪ଜଣିଆ ସଦସ୍ୟ ବିଶିଷ୍ଟ ପ୍ରଶାସକ କମିଟି ଗଠନ କରିଥିଲେ। ମାତ୍ର ଚେୟାରମ୍ୟାନ ବିନୋଦ ରାୟ ଏବଂ ଡାଏନା ଇଡୁଲ୍‌ଜୀଙ୍କୁ ଛାଡ଼ିଦେଲେ ଅନ୍ୟ ଦୁଇଜଣ ସଦସ୍ୟ ଇତିମଧ୍ୟରେ ଇସ୍ତଫା ଦେଇସାରିଛନ୍ତି। ତେଣୁ ଟିଭି ଚ୍ୟାଟ୍ ଶୋ'ରେ ବିବାଦୀୟ ମନ୍ତବ୍ୟ ଦେଇଥିବା କ୍ରିକେଟରଦ୍ୱୟଙ୍କୁ ଦଣ୍ଡବିଧାନ ଜଣେ ଅମ୍ବୁଡ୍ସମ୍ୟାନ ନିଯୁକ୍ତି ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ତ୍ରିପାଠୀ ଯୁକ୍ତି ବାଢିଥିଲେ। ଖବର ଅନୁସାରେ ପ୍ରଶାସକ କମିଟି ମୁଖ୍ୟ ରାୟ ପାଣ୍ଡ୍ୟା ଓ ରାହୁଲଙ୍କୁ ଦୁଇଟି ମ୍ୟାଚରୁ ସସ୍ପେଣ୍ଡ ପାଇଁ ସୁପାରିସ କରିଥିଲେ। କିନ୍ତୁ ଇଡୁଲ୍‌ଜୀ ଏଥିରେ ସନ୍ତୁଷ୍ଟ ନ ଥିଲେ। ସେ ବିସିସିଆଇ ଲିଗାଲ ସେଲ୍‌ର ଦୃଷ୍ଟି ଆକର୍ଷଣ କରିଥିଲେ।

---

## ODISHA HYDRO POWER CORPORATION LIMITED
### BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051

Phones: 06861-232581(O)/ 232641(R), FAX: 06861-232541, Email: <unit.head_balimela@yahoo.com>

**Bid Identification No. 257** **Dated 16.01.2019**

**No. CAD-1278:-** Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with central Government / Railways having valid registration number for execution of the following works. The bidders shall have necessary portal enrolment with his/her own digital signature certificate.

| Group | Name of work | Estimated cost in Rs. | EMD in Rs. | Cost of bid document in Rs. | Period of Completion |
|---|---|---|---|---|---|
| A | Supply and fixing of paver block at open area of Valve House including repair work | 16,16,431/- | 16200/- | 6000/- + GST @ 18% = 7080/- | 120 days |
| B | Replacement of GCI sheet by new metal roofing sheet of General store | 7,89,965/- | 7900/- | 4000/- + GST @ 18% = 4720/- | 60 days |

Date & Time of availability of bid document in the portal: From 11.00 Hrs of 19.01.2019 to 01.02.2019 (upto 16.00 Hrs)

The date & time of opening of the bid : 12.30 Hrs onwards of 02.02.2019 (only technical bid).

Further details can be seen from the e-Procurement portal https://tendersodisha.gov.in

04019/11/0101/1819 *Sd./- SENIOR GENERAL MANAGER*

---

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍‌-୮, ଭୁବନେଶ୍ୱର– ୭୫୧୦୧୨

ସଂଖ୍ୟା : ୬୩୫ / IND-II-PH-793 ତାରିଖ : ୧୭।୦୧।୨୦୧୯

## ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଓଡ଼ିଶାର ଅନୁଗୁଳ ଜିଲ୍ଲା, ଜଗନ୍ନାଥ ଅଞ୍ଚଳରେ ଅବସ୍ଥିତ ଜଗନ୍ନାଥ ଖୋଲା କୋଇଲା ଖଣି ପ୍ରକଳ୍ପର ଖଣି ଲିଜ୍ ଅଞ୍ଚଳ ୪୩୦.୭୩୬ ହେକ୍ଟରରୁ ୫୫୩.୯୪୬ ହେକ୍ଟରକୁ ବୃଦ୍ଧି କରିବା ସହିତ କୋଇଲା ଉତ୍ପାଦନ ବାର୍ଷିକ ୬.୦ ନିୟୁତ ଟନ୍‌ରୁ ୭.୫ ନିୟୁତ ଟନ୍‌କୁ ବୃଦ୍ଧି କରିବା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୧୯.୦୨.୨୦୧୯ ରିଖ ଦିବା ୧୦.୩୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା, ଜଗନ୍ନାଥ ଅଞ୍ଚଳ ସ୍ଥିତ ଜଗନ୍ନାଥ କଳାକେନ୍ଦ୍ର ପ୍ରାଙ୍ଗଣରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଅନୁଗୁଳ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଅନୁଗୁଳ।**
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଅନୁଗୁଳ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର– ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ।**
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଅନୁଗୁଳ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

---

## DISTRICT RURAL DEVELOPMENT AGENCY, BARGARH

**Notice No. / Date:**

DRDA, Bargarh invites "Tender for Supply of Pictorial tiles printed with Ama Gaon Ama Bikash Logo, Bill Board, Kiosk & Posters from reputed / registered suppliers / firms / agencies through two bid system. Last date for purchase of Tender documents is 25.01.2019 at 3.00PM. Last date for submission of Tender is 25.01.2019 upto 5.00PM and Tender will be opened on 29.01.2019 at 3.00PM.

Detailed Tender documents can be purchased from the Office of Project Director, DRDA, Bargarh, between 11.00AM to 5.00PM on any working days during the notice period. The details of the tender can be had from district website www.bargarh.nic.in.

*Project Director, DRDA, Bargarh*

---

## DISTRICT RURAL DEVELOPMENT AGENCY, JAGATSINGHPUR

No. 225 / DRDA, Dated 17.01.2019

### AUCTION SALE NOTICE

Sealed tenders in plain paper are invited from the intending firms / institutions / persons by Regd. Post for sale of vehicle bearing No. OR21-3000 Mahindra diesel Jeep of Erasama Block. The upset price of vehicle is Rs. 50,000/- (Rupees Fifty Thousand) only. The tender will be received upto 11.00AM on 05.02.2019 and will be opened on the same day at 3.00PM.

The details of Auction Sale Notice are available in the District website i.e. jagatsinghpur.nic.in.

*Sd./- Project Director*
*D.R.D.A., Jagatsinghpur*

---

## NANDANKANAN ZOOLOGICAL PARK

NOTICE NO. 16 OF 2018-19 Date: 17.01.2019

### SHORT QUOTATION CALL NOTICE

Sealed quotations in prescribed format are invited from authorized stockiest for supply of the Anti-Tuberculosis tablets / capsules containing Rifampicin-450mg, INH-300mg & Ethambutol-800mg (for 60 days) approximately- 72000 Tabs/Caps and Tabs/Caps containing Pyrazinamide-750mg (for 60 days)- approximately 30000 Tabs/Caps. Last date of submission of quotation is **5.00PM of 24.01.2019** & opening of quotation is **11.30AM of 25.01.2019**.

The prescribed format and terms & conditions in detail may be downloaded from website www.nandankanan.org from 18.01.2019.

*Sd./- Deputy Director*
*Nandankanan Zoological Park*

---

## ODISHA HYDRO POWER CORPORATION L.T.D.
### OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST.- KORAPUT-764006

Phone: 06854-242001, Fax: 06854-242038, CIN: U40101OR1995SGC003963, Email: sgmel_ukhep@ohpcltd.com

**TENDER CALL NOTICE No.- UKHEP-30/2018-19, Dated 16.01.2019**

**No. CAD-1280:-** Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of work | Estimated Cost in (Rs.) | Cost of tender paper (Rs.) | EMD (Rs.) | Date for sale of tender paper | Last date & time of receipt of tenders | Date & time of opening of Tender |
|---|---|---|---|---|---|---|---|
| 1 | Barbed Wire Fencing behind Jhumpudi Basti near Post Office at Bariniput Colony, UKHEP, Bariniput | 3,67,945/- | 2360/- (Rs. 2000/- + 18% GST) | 3700/- | From 11.00 Hrs of 24.01.2019 to 13.00 Hrs of 07.02.2019 | Upto 16.00 Hrs of 07.02.2019 | At 16.30 Hrs of 07.02.2019 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

04002/11/0082/1819 *Unit Head, UKHEP, Bariniput*

---

## ORMAS
## ODISHA RURAL DEVELOPMENT & MARKETING SOCIETY, NUAPADA
Panchayati Raj & Drinking Water Department, Govt. of Odisha

### SHORT TENDER / QUOTATION CALL NOTICE

**No.: 26** **Date: 16.1.2019**

Sealed tenders from the Firm/Agencies/Organizations are invited for Tentage & Allied Works/Printing & Hoarding Works/Security Services/Documentation (Videography & Photography) for the period from 13th - 17th February, 2019.

The tender paper/quotation call notice along with detail specification and eligibility criteria of the work are available at ORMAS Office, DRDA Building, Nuapada and official website **www.nuapada.nic.in** from 16th to 24th January, 2019.

The undersigned reserved the right to accept or reject any or all the tenders/quotation without assigning any reason thereof.

**Sd./- Project Director, DRDA, Nuapada**

---

## OFFICE OF THE EXECUTIVE ENGINEER
## L.I. DIVISION, CUTTACK
E-mail — eeolic_ctc@yahoo.in

### E-Procurement Notice

Bid Identification No.21 / 2018-19, OLIC (CTC) Dt. 15.01.2019

No.CAD-1283: The Executive Engineer, L.I. Division, Cuttack, At/ Po- SCB Medical College, Cuttack, PIN — 753007 invites Item Rate bids in online mode for "New & Revival Lift Irrigation Projects" along with energisation on Turnkey basis, from reputed contractors/firms having valid PWD license of required class and valid HT license issued by E.L.B.O., Odisha. Proof of registrations, experience from appropriate authorities are to be uploaded along with the bid/bids.

1. Numbers of P ackage : 4 Numbers
2. Estimated Cost : Approximately Cost Rs. 9.1 lakh to 9.8 lakhs
3. Tender Cost : As per DTCN
4. Class of Contractor : As per DTCN
5. Date & time of publication : Dt.17.01.2019 from 11.00 hrs
6. Date & time of closing : Dt.24.01.2019 at 17.00hrs
7. Date & time of opening of bid (Technical Bid) : Dt. 25.01.2019 at 11.00 A.M

The bidders have to participate in online bidding only.

Further details can be seen from the website **www.tendersorissa.gov.in**.

Addendum/corrigendum/cancellation of tender, if any, can be seen in the said website.

32238/11/0036/1819 **Sd./- Executive Engineer**

---

## ZILLA SWASTHYA SAMITI, DEOGARH
## DEPARTMENT OF HEALTH & FAMILY WELFARE, GOVT. OF ODISHA

### SHORT TENDER CALL NOTICE

**Ref. No.: 353** **Dt.16.01.2019**

No. 790-E: Sealed tenders are invited from travel agencies/transporter/individuals/private organizations situated within Deogarh district for hiring of one vehicle having seating capacity not less than 9 (SCORPIO, BOLERO, XYLO etc.) with AC facility to be engaged for Mobile Vision Centre under SUNETRA (UEHP), Odisha at district level on monthly/daily hiring basis. The tender papers shall be submitted in one envelope consists of two separate envelopes, one for Technical Bid & second for Financial Bid through Speed Post/Registered Post/Courier only on or before 25.01.2019 by 4 P.M. to the Office of CDM & PHO, DHH, Deogarh. The tenders will be opened on 28.01.2019 at 11.00 A.M. The tender paper along with terms and conditions will be available in the website **www.deogarh.nic.in**. The authority reserves the right to accept or reject any or all the tender without assigning any reason thereof. The envelope containing the tender must be clearly superscribed as "Tender for Hiring of vehicle for Mobile Vision Centre under SUNETRA".

**Sd./- CDM & PHO-cum-District Mission Director, Deogarh**

10113/11/0027/1819

---

## DISTRICT RURAL DEVELOPMENT AGENCY, KENDRAPARA

Notice No. 323 Date: 17.01.19

Sealed tenders are invited by **District Rural Development Agency, Kendrapara** from reputed and registered Firms / Agencies / Proprietors as per tender specifications for **"Procurement of Pictorial Tiles printed with Biju Pucca Ghara Logo under Rural Housing scheme"**. The detailed tender document may be downloaded from the district website of Kendrapara district i.e., **www.kendrapara.nic.in** from **18.01.19 to 01.02.19.**

**Sd./- Project Director, DRDA, Kendrapara**

---

## DISTRICT RURAL DEVELOPMENT AGENCY, BALANGIR

**Notice Inviting Tender No.145** **Date: 17.01.2019**

DRDA Balangir invites sealed tenders in double covers (Technical & Financial) with certain terms & conditions are invited from reputed & registered suppliers / agencies / enterprises for supply of 43036 numbers of printed 15" x 15" size Biju Pucca Ghar Logo on white tile at 14 (Fourteen) blocks point of Balangir District. Last date for purchase / download of tender documents is **27.01.2019 at 5.00 PM**. Last date for submission of tender is **28.01.2019** upto 5.00 PM and Technical Bid will be opened on **29.01.2019 at 11.00 AM** in the Conference Hall of District Rural Development Agency (DRDA) Balangir.

Detailed tender documents either can be purchased from the office of Project Director, DRDA, Balangir, between **11.00 AM** to **5.00 PM** on any working days during the notice period or can be downloaded from district website **www.balangir.nic.in.**

**Sd./- Collecotor & CEO, DRDA, Balangir**

---

## ZILLA SWASTHYA SAMITI, KEONJHAR
## CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(DISTRICT PROGRAMME MANAGEMENT UNIT, NHM)
Phone/Fax No.: 06766-250770

Advt. No. 437 Date: 16.01.2019

### TENDER CALL NOTICE

**No. 786-E:-** Sealed quotations are invited from the Travel Agencies / Individuals for hiring of Vehicles on monthly basis for DPMU (Engineering Cell), O/o CDM&PHO, Keonjhar. The detail quotation documents may be downloaded from district NIC website i.e. www.kendujhar.nic.in. The quotation document must be submitted to the O/o- CDM&PHO, Keonjhar-758001 through Regd. Post / Speed Post / Courier only. The bidder should subscribe "Tender for hiring of Vehicle for DPMU, NHM, Keonjhar" on top of the envelope.

Last date of submission of quotation : 28.01.2019 till 5.00PM

Date of opening of quotation : 29.01.2019 at 11.00AM at DTU, Keonjhar.

The authority reserves the right to accept or reject any proposal without assigning any reason thereof.

*Sd./- Chief District Medical & Public Health Officer, Keonjhar*

10033/11/0070/1819

---

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)

### OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No. CAD-1276

No.-CHEP/TW-253/217 Date: 16.01.2019

**TENDER CALL NOTICE NO.-CHEP-35/2018-19**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following materials as mentioned below.

| Sl. No. | Description | Cost of Tender Paper (Non-refundable) | EMD (Refundable) |
|---|---|---|---|
| 1 | Supply, retrofitting, installation, testing & commissioning of (a) numerical microprocessor based protection relays for distance protection; (b) numerical microprocessor based relays for back up over current & earth fault protection, (c) master trip relay & (d) laptop portable for relay communication and data feeding to CHEP, Chiplima | Rs.7,080/- (Rs.6,000/- + GST @18%) | Rs. 29,610.00/- |
| 2 | Supply, Retrofitting, Installation, Testing & Commissioning of Disturbance Recorder-cum-Event Logger Automation system with GPS based Time Synchronisation for CHEP, Chiplima | Rs.11,800/- (Rs.10,000/- + GST @18%) | Rs. 62,540.00/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com.

**Sd/- Unit Head, CHEP, Chiplima**

04006/11/0057/1819

---

## ODISHA COAL AND POWER LTD.
### (A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

### NOTICE INVITING TENDER

NIT No: OCPL/SER-86/2019 Date: 18.01.2019

Sealed bids in prescribed format are invited from financial institutions / agencies / banks for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission/ Opening of bid |
|---|---|---|---|---|---|---|
| 1 | Providing annuity scheme to be extended to the identified beneficiaries under OCPL's R & R Scheme. | Rs.5,900/- (Rupees five thousand and nine hundred only) including GST. | Rs.1,00,000/- (Rupees One lakh only). | 18.01.2019 | 31.01.2019 | 03:00 PM on 08.02.2019 03.30 PM on 08.02.2019 |

For further details, bidders may visit our website, i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

**Sd./- Addl. General Manager (Commercial & Contracts)**

---

## OFFICE OF THE REGULATED MARKET COMMITTEE, HINJILICUT
AT/PO- HINJILICUT, DIST.- GANJAM, ODISHA, PIN- 761102

### E-PROCUREMENT (INVITATION FOR BIDS)

**BID IDENTIFICATION No. RMC/Hinjilicut-02/2018-19**

No. 61 Dated 16.01.19

The Sub-Collector, Chatrapur-cum-Chairman, R.M.C. Hinjilicut invites percentage of BID through e-Procurement in Single Cover System according to norms of e-Procurement.

1. Type of work : Construction of Infra-structure development at Main Market Yard, Hinjilicut under R.M.C., Hinjilicut.
2. Total No. of work : 1 (One)
3. Tender Amount Cost : Rs. 1,99,97,139.00
4. Period of Completion : 11 (Eleven) Months
5. Date & time of availability of BID document in the portal : From 10.00AM of Dt.18.01.19 to 5.00PM of 01.02.2019
6. Original BID document submission in Tender Box : From ..N.A.. AM of Dt. ...N.A... to 5.00PM, ...N.A...
7. Date & Time of opening of Tender : 02.02.19, 11.30AM

Further, the details of e-tender documents can be had from the e-Procurement portal www.tenderodisha.gov.in. Corrigendum if any, shall only be published in above website.

*Sd./- Sub-Collector, Chatrapur -cum-Chairman, R.M.C. Hinjilicut*

---

## ତହସିଲ କାର୍ଯ୍ୟାଳୟ, ବନ୍ତ, ଜିଲ୍ଲା- ଭଦ୍ରକ – ୭୫୬୧୧୪ (ଓଡ଼ିଶା)

ବିଜ୍ଞାପନ ସଂଖ୍ୟା : ୧୧୫ ତା. ୧୧.୦୧.୨୦୧୯

### ନିଲାମ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବନ୍ତ ତହସିଲ ଅଧୀନରେ ଥିବା ନଦୀ ବାଲିର ସୈରାତ ଉତ୍ସଗୁଡିକ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ୨୦୧୮–୧୯ରୁ ୨୦୨୨–୨୩ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉ ମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଭଦ୍ରକ ଜିଲ୍ଲା ସରକାରୀ ୱେବସାଇଟ୍ http://bhadrak.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ବନ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ଦରଖାସ୍ତ ରେଜେଷ୍ଟ୍ରି / ସ୍ପିଡ୍ ପୋଷ୍ଟ ଯୋଗେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବକ୍ସରେ ପକାଇ ପାରିବେ। ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା. ୨୫.୦୧.୨୦୧୯ ରିଖ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ। ଉକ୍ତ ଦିବସ ପରେ କୌଣସି ଦରଖାସ୍ତ ଗ୍ରହଣ ହେବ ନାହିଁ। ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତାରିଖ ତା. ୨୮.୦୧.୨୦୧୯ରିଖ ଅପରାହ୍ନ ୫ ଘଟିକା ସମୟରେ ତହସିଲଦାର, ବନ୍ତଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ କରାଯିବ। କୌଣସି କାରଣରୁ ପ୍ରଥମ ଦିନ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ତାରିଖ ତା. ୦୫.୦୨.୨୦୧୯ରିଖ ଏବଂ ଦ୍ୱିତୀୟ ତାରିଖରେ ହୋଇ ନ ପାରିଲେ, ତୃତୀୟ ତାରିଖ ତା. ୧୩.୦୨.୨୦୧୯ରିଖରେ ନିଲାମ କରାଯିବ।

ସ୍ୱା./– ତହସିଲଦାର, ବନ୍ତ

---

## GOVERNMENT OF ODISHA
### "e"-PROCUREMENT NOTICE
### WORKS DEPARTMENT
Email: ceroads.bbsr@gmail.com

No.1135-B

**Bid Identification No. CE-DPI&R-70/2018-19**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road / Bridge works as mentioned below:
2. Nature of work : Road / Bridge works
3. No. of work : 11 Nos.
4. Tender paper cost : Rs. 10,000.00
5. Class of Contractor : 'A' Class / Special Class / Super Class as noted against each work
6. Available of bid document in the website : From 10.00AM of 18.01.2019 to 5.00PM of 04.02.2019
7. Date of opening of Bid : Dt.05.02.2019 at 11.30AM
8. The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

*Sd./- Chief Engineer (DPI& Roads), Odisha*

34117/11/0182/1819 OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR

---

## OFFICE OF THE EXECUTIVE ENGINEER
## P.H. DIVISION KORAPUT
Tel/Fax - 06852 – 250740
e-mail –eephkrp@nic.in, eephkrp@gmail.com

### GOVERNMENT OF ODISHA "e" Procurement Notice
### e-Procurement Notice for 2018-19

**Bid Identification No.EE,P.H.KPT-08 of 2018-19 Dt.09.01.2019**

**No. 419-C:-**

1. Name of the works : 2 nos.
2. Estimated Cost : From Rs.6.00 lakh to Rs.18.00 lakh (Approx)
3. Period of completion : 3 months
4. Date & time of availability of bid document in the portal : From 11.00 AM of 19.01.2019 to 05.00 PM of 29.01.2019
5. Last date / time of receipt of bids in the portal : 05.00 PM of 29.01.2019
6. Date & time of opening of bids : 11.00 AM of 31.01.2019
7. Name and address of the Officer Inviting Bid : Executive Engineer, P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in"

*Sd./- (Er. Sarbeswar Jena)*
*Executive Engineer, P.H. Division Koraput*

13008/11/0010/1819

ଧରିତ୍ରୀ
DHARITRI
ଶୁକ୍ରବାର, ୧୮ ଜାନୁୟାରୀ, ୨୦୧୯



> ସେରେନା ୱିଲିୟମ୍ସ ଏବେ ମଧ ଜଣେ ଦକ୍ଷ ଖେଳାଳି । ସେ ମାର୍ଗାରେଟ୍ କୋର୍ଟଙ୍କ ଗ୍ରାଣ୍ଡସ୍ଲାମ ରେକର୍ଡ ସମକକ୍ଷ ହୋଇପାରିବେ ବୋଲି ମୋର ଦୃଢ ବିଶ୍ୱାସ ।
> – ଷ୍ଟେଫି ଗ୍ରାଫ୍, ପୂର୍ବତନ ମହାନ ଟେନିସ ଖେଳାଳି



> ଭାରତ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସତର୍କତା ପରିବର୍ତ୍ତେ ଆମେ ସ୍ୱାଭାବିକ ଆକ୍ରମଣାତ୍ମକ ଖେଳିବୁ ।
> – ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ନ୍ୟୁଜିଲାଣ୍ଡ ଟିମ୍‌କୁ ଲଥାମ୍, ଗ୍ରାଣ୍ଡହୋମ୍‌ଙ୍କ ପ୍ରତ୍ୟାବର୍ତ୍ତନ

ୱେଲିଂଟନ, ୧୭।୧(ପି.ଟି.)- ଆସନ୍ତା ସପ୍ତାହରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଏକଦିବସୀୟ ସିରିଜ ଲାଗ ନ୍ୟୁଜିଲାଣ୍ଡ ଦଳ ଗୁରୁବାର ଘୋଷଣା କରାଯାଇଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ଲାଗି ଟମ୍ ଲଥାମ୍ ଓ କଲିନ୍ ଡି ଗ୍ରାଣ୍ଡହୋମ୍ ୧୪ ଜଣିଆ ନ୍ୟୁଜିଲାଣ୍ଡ ଦଳରେ ସ୍ଥାନ ପାଇଛନ୍ତି। ଉଭୟ ଲଥାମ୍ ଓ ଗ୍ରାଣ୍ଡହୋମ୍‌ଙ୍କୁ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରୁ ବିଶ୍ରାମ ଦିଆଯାଇଥିଲା। ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଜାନୁୟାରୀ ୨୩ରେ ନାପିଅରରେ ଖେଳାଯିବ। ଏହାପରେ ମାଉଣ୍ଟ ମଙ୍ଗାନୁଇରେ ୨ୟ ଓ ୩ ଦିନିକିଆ ଯଥାକ୍ରମେ ୨୬ ଓ ୨୮ରେ ଅନୁଷ୍ଠିତ ହେବ। ସିରିଜର ଅନ୍ତିମ ଦୁଇ ମ୍ୟାଚ୍ ହାମିଲଟନ୍ ଓ ୱେଲିଂଟନରେ ୩୧ ଓ ଫେବୃୟାରୀ ୩ରେ ଖେଳାଯିବ। ଏହାପରେ ଫେବୃୟାରୀ ୬, ୮ ଓ ୧୦ରେ ୩ଟି ଟି୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ନ୍ୟୁଜିଲାଣ୍ଡ ଦିନିକିଆ ଦଳ: କେନ୍ ୱିଲିୟମସନ (ଅଧିନାୟକ), ଟ୍ରେଣ୍ଟ ବୋଲ୍ଟ, ଡଗ୍ ବ୍ରାସୱେଲ, କଲିନ୍ ଡି ଗ୍ରାଣ୍ଡହୋମ୍, ଲୋକି ଫର୍ଗୁସନ, ମାର୍ଟିନ ଗୁପ୍‌ଟିଲ, ମ୍ୟାଟ୍ ହେନରୀ, ଟମ୍ ଲଥାମ, କଲିନ ମୁନ୍‌ରୋ, ହେନରୀ ନିକୋଲାସ, ମିଚେଲ ସାଣ୍ଟନର, ଇଶ୍ ସୋଧି, ଟିମ୍ ସୌଦୀ ଓ ରସ୍ ଟେଲର।

### ମାଲେସିଆ ମାଷ୍ଟର୍ସ କ୍ୱାର୍ଟରରେ ସାଇନା

କୁଆଲାଲମ୍ପୁର, ୧୭।୧(ପି.ଟି.)- ଭାରତୀୟ ଷ୍ଟାର୍ ଶଟ୍‌ଲର ସାଇନା ନେହ୍ୱାଲ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୭ମ ସିଡ୍ ସାଇନା ୨୧-୧୪, ୨୧-୧୬ ସିଧାସଳଖ ଗେମ୍‌ରେ ହଂକଂର ପୁଇ ୟିନ୍ ୟିପ୍‌ଙ୍କୁ ପରାସ୍ତ କରିଛନ୍ତି। ଅନ୍ତିମ-୮ରେ ସାଇନାଙ୍କ ମୁକାବିଲା ଜାପାନର ନୋଜୋମି ଓକୁହାରାଙ୍କ ସହ ହେବ। ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା ସାଇନା ଜାପାନର ଓକୁହାରାଙ୍କ ବିପକ୍ଷରେ ୮-୪ ବିଜୟ-ପରାଜୟ ରେକର୍ଡ ରହିଛି। ଗତବର୍ଷ ସାଇନା ଡେନମାର୍କ ଓ ଫ୍ରେଞ୍ଚ୍ ଓପନ୍‌ରେ ଲଗାତର ଭାବେ ଓକୁହାରାଙ୍କୁ ହରାଇଥିଲେ।

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

ମେଲବୋର୍ନ,୧୭।୧(ପି.ଟି.)

**ଅନ୍ତିମ ଦିନିକିଆ ଆଜି**
- ସମୟ: ସକାଳ ୭.୫୦
- ଭେନ୍ୟୁ: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ
- ପ୍ରସାରଣ: ସୋନୀ ନେଟୱର୍କ

ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିବା ପରେ ବିରାଟ କୋହଲିଙ୍କ ନେତୃତ୍ୱରେ ଟିମ୍‌ଇଣ୍ଡିଆ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ଦ୍ୱିପାକ୍ଷିକ ଦିନିକିଆ ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ୩ ମ୍ୟାଚ ବିଶିଷ୍ଟ ସିରିଜର ଅନ୍ତିମ ଦିନିକିଆ ଶୁକ୍ରବାର ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯିବ। ସିରିଜ ୧-୧ ସ୍ଥିତିରେ ଥିବାରୁ ଭାରତ ଏହି ମ୍ୟାଚ୍ ଜିତି ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ସିଡ୍‌ନୀରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୩୪ ରନରେ ପରାସ୍ତ ହୋଇଥିବାବେଳେ ଆଡିଲେଡରେ ଦ୍ୱିତୀୟ ଦିନିକିଆରେ ୬ ଉଇକେଟରେ ବିଜୟୀ ହୋଇଥିଲା।

ପୂର୍ବରୁ ଅଷ୍ଟ୍ରେଲିଆ ମାଟିରେ ଭାରତ କେବେବି କୌଣସି ଦ୍ୱିପାକ୍ଷିକ ସିରିଜରେ ବିଜୟ ହାସଲ କରି ନାହିଁ। ୧୯୮୫ରେ ଅଷ୍ଟ୍ରେଲିଆରେ ୱାର୍ଲ୍ଡ ଚାମ୍ପିୟନ୍ସ ଅଫ୍ କ୍ରିକେଟ ଓ ୨୦୦୮ରେ ସିବି ସିରିଜ୍‌ରେ ବିଜୟୀ ହୋଇଥିଲା ଟିମ୍ ଇଣ୍ଡିଆ। ଶେଷଥର ପାଇଁ ୨୦୧୬ରେ ଭାରତ ଅଷ୍ଟ୍ରେଲିଆରେ ୧-୪ରେ ସିରିଜ ପରାଜୟ ବରଣ କରିଥିଲା। ଯଦି ଭାରତ ଏହି ସିରିଜ ଜିତେ ତେବେ ୨୦୧୮-୧୯ ଟୁରରେ ଭାରତ ବିନା ସିରିଜ ପରାଜୟରେ ଗସ୍ତ ଶେଷ କରିବ। ଏହାପୂର୍ବରୁ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍‌କୁ ଭାରତ ୧-୧ରେ ଡ୍ର ରଖିଥିବାବେଳେ ଟେଷ୍ଟ ସିରିଜକୁ ୨-୧ରେ ହାତେଇଥିଲା।

ପଞ୍ଚମ ବୋଲରଙ୍କୁ ନେଇ ଭାରତର ସମସ୍ୟା ରହିଛି। ସିରିଜରେ ଏପର୍ଯ୍ୟନ୍ତ ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେହିପରି ଦୁଇ ବାମହାତୀ ସ୍ପିନର କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ମଧ ମିଡଲ ଓଭରରେ ବ୍ରେକ୍ ଥ୍ରୁ ଦେବାରେ ସଫଳ ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ଜଣେ ଫୁଲ ଟାଇମ୍ ସ୍ପିନରଙ୍କୁ ଖେଳାଇଥିଲା। ୫ମ ବୋଲରଭାବେ ଉଭୟ ଖଲିଲ ଅହମ୍ମଦ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ମ୍ୟାଚ୍‌ରେ ସୁଯୋଗ ପାଇଥିଲେ ହେଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି।

ପେସ୍ ଅଲରାଉଣ୍ଡର ବିଜୟ ଶଙ୍କର ଓ ଲେଗ୍ ସ୍ପିନର ୟୁଜବେନ୍ଦ୍ର ଚହଲ ପଞ୍ଚମ ବୋଲର ଦୌଡରେ ରହିଛନ୍ତି। ଏମ୍‌ସିଜିରେ ଅଭ୍ୟାସ ଅବସରରେ ଏହି ଦୁଇ ଖେଳାଳି ବେଶ୍ ଝାଳ ବୁହାଇଛନ୍ତି। ଶଙ୍କର ତୃତୀୟ ଦ୍ରୁତ ବୋଲର ଓ ଅତିରିକ୍ତ ବ୍ୟାଟ୍ସମ୍ୟାନର ଦାୟିତ୍ୱ ନିର୍ବାହ କରିପାରିବେ। ଏପର୍ଯ୍ୟନ୍ତ ଡେବ୍ୟୁ କରିପାରି ନ ଥିବା ଶଙ୍କରଙ୍କ ଉପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପୂରା ଭରସା କରିପାରୁ ନାହିଁ। ଯଦି ଭାରତ ୨ ଦ୍ରୁତ ବୋଲର ଓ ୩ ସ୍ପିନରଙ୍କୁ ଖେଳାଏ ତାହାଲେ ଚହଲ ଖେଳିବାର ସମ୍ଭାବନା ରହିଛି। ଏମ୍‌ସିଜିର ବାଉଣ୍ଡରୀ ବଡ଼ ହୋଇଥିବାରୁ ଚହଲ ଉପଯୋଗୀ ସାବ୍ୟସ୍ତ ହୋଇ ପାରିବେ।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳରୁ ଦ୍ରୁତ ବୋଲର ଜାସନ ବେହେରେନଡର୍ଫ ଓ ସ୍ପିନର ନାଥନ ଲିୟନଙ୍କୁ ବାଦ୍ ଦିଆଯାଇଛି। ଏହି ଦୁଇ ଖେଳାଳିଙ୍କ ବଦଳରେ ଆଡାମ ଜାମ୍ପା ଓ ବିଲି ଷ୍ଟାନଲେକଙ୍କୁ ସାମିଲ କରାଯାଇଛି। ୨୬ ବର୍ଷୀୟ ଜାମ୍ପା ଶେଷଥର ପାଇଁ ଗତ ନଭେମ୍ବରରେ ଦିନିକିଆ ଖେଳିଥିଲେ। ଦୁଇ ଓପନର ଫେଲ୍ ମାରିବା ଅଷ୍ଟ୍ରେଲିଆ ପାଇଁ ଚିନ୍ତାଜନକ ହୋଇଛି। ଫିଞ୍ଚଙ୍କ ସମେତ ଆଲେକ୍ସ କ୍ୟାରୀ ସଫଳ ପ୍ରଦର୍ଶନ କରିପାରି ନାହାନ୍ତି। ଏମ୍‌ସିଜିରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ୧୪ଟି ଦିନିକିଆରେ ଭେଟିଛନ୍ତି। ଏଥିରୁ ଘରୋଇ ଦଳ ୯ଟିରେ ବିଜୟୀ ହୋଇଛି। ତେଣୁ ରେକର୍ଡ ଅଷ୍ଟ୍ରେଲିଆ ସପକ୍ଷରେ ରହିଛି।



ମେଲବୋର୍ନରେ ଅଷ୍ଟ୍ରେଲିଆନ ଓପନ ଟେନିସ୍ ବଲଗର୍ଲଙ୍କ ସହ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ।

# ୱାରିଙ୍କା ବିଦା, ଜୋକୋଭିଚ୍, ଓସାକା ବିଜୟୀ


**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୧୭।୧(ଏଏଫ୍‌ପି)

ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସରେ ୨୦୧୪ ଚାମ୍ପିୟନ ଷ୍ଟାନ ୱାରିଙ୍କାଙ୍କ ଚ୍ୟାଲେଞ୍ଜ ଦ୍ୱିତୀୟ ରାଉଣ୍ଡରୁ ଶେଷ ହୋଇଯାଇଛି। ଅନ୍ୟପକ୍ଷରେ ସର୍ବିୟାର ନୋଭାକ୍ ଜୋକୋଭିଚ୍, ଜାପାନର କେଇ ନିଶିକୋରି ପ୍ରମୁଖ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ସିମୋନା ହାଲେପ କଷ୍ଟସାଧ ବିଜୟ ସହ ଅଭିଯାନ ଜାରି ରଖିଥିବାବେଳେ ୱିଲିୟମ୍ସ ଭଗିନୀ ଭେନସ ଓ ସେରେନା, ନାଓମି ଓସାକା ବିଜୟ ସହ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ଅନ୍ୟତମ ଟାଇଟଲ ଦାବିଦାର ଟପ୍ ସିଡ୍ ଜୋକୋଭିଚ୍ ୬-୩, ୭-୫, ୬-୪ ସେଟ୍‌ରେ ଫ୍ରାନ୍ସର ଜୋ ୱିଲ୍‌ଫ୍ରେଡ୍ ସୋଙ୍ଗାଙ୍କୁ ପରାସ୍ତ କରିଛନ୍ତି। ଏକ କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ କାନାଡ଼ାର ମିଲୋସ ରାଓନିକ୍ ୬-୭(୪/୭), ୭-୬(୮/୬), ୭-୬(୧୩/୧୧), ୭-୬(୭/୫) ସେଟ୍‌ରେ ବିଜୟ ହାସଲ କରି ୱାରିଙ୍କାଙ୍କୁ ବିଦାୟ ପଥ ଦେଖାଇଛନ୍ତି। ମ୍ୟାଚଟି ୪ ଘଣ୍ଟା ୧ ମିନିଟ ବିଶିଷ୍ଟ ହୋଇଥିଲା। ନିଶିକୋରି ୩ ଘଣ୍ଟା ୪୮ ମିନିଟ ବିଶିଷ୍ଟ ଏକ ମୁକାବିଲାରେ କ୍ରୋଏସିଆର ଇଭୋ କାର୍ଲୋଭିକ୍‌ଙ୍କୁ ୬-୩, ୭-୬(୮/୬), ୫-୭, ୫-୭, ୭-୬(୧୦/୬) ସେଟ୍‌ରେ ହରାଇବାରେ ସକ୍ଷମ ହୋଇଛନ୍ତି। ଜର୍ମାନୀର ଆଲେକ୍ସାଣ୍ଡର ଜାଭେରେଭ ୭-୬(୭/୫), ୬-୪, ୫-୭, ୬-୭(୬/୮), ୬-୧ ସେଟ୍‌ରେ ଫ୍ରାନ୍ସର ଜେରେମି ଚାର୍ଡିଙ୍କୁ, ଇଟାଲୀର ଫାବିଓ ଫୋଗନିନି ୭-୬(୭/୩), ୬-୩, ୭-୬(୭/୫) ସେଟ୍‌ରେ ଆର୍ଜେଣ୍ଟିନାର ଲିଓନାର୍ଡୋ ମେୟରଙ୍କୁ, ଅଷ୍ଟ୍ରେଲିଆର ଆଲେକ୍ସ ବୋଲ୍ଟ ୪ ଘଣ୍ଟା ୪ ମିନିଟର ଏକ କଡ଼ା ମୁକାବିଲାରେ ୨-୬, ୬-୪, ୪-୬, ୭-୬(୧୦/୮), ୬-୪ ସେଟ୍‌ରେ ଫ୍ରାନ୍ସର ଜାଇଲ୍ସ ସିମନଙ୍କୁ, ବେଲଜିୟମର ଡେଭିଡ୍ ଗଫିନ ରୋମାନିଆର ମାରିଉସ କୋପିଲ୍‌ଙ୍କୁ ୫-୭, ୭-୫, ୬-୨, ୬-୪ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ବିଶ୍ୱର ନମ୍ବର ୱାନ ରୋମାନିଆର ହାଲେପ ୬-୩, ୬-୭(୫/୭), ୬-୪ ସେଟ୍‌ରେ ଆମେରିକାର ସୋଫିଆ କେନିନ୍‌ଙ୍କୁ ପରାସ୍ତ କରିଛନ୍ତି। ତୃତୀୟ ରାଉଣ୍ଡରେ ହାଲେପ ଆମେରିକାର ଭେନସ ୱିଲିୟମ୍ସଙ୍କୁ ଭେଟିବେ। ୩୮ ବର୍ଷୀୟା ଭେନସ ଫ୍ରାନ୍ସର ଆଲିଜେ କୋର୍ନେଟଙ୍କୁ ୬-୩, ୪-୬, ୬-୦ ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ୟୁଏସ ଓପନ ଚାମ୍ପିୟନ ତଥା ଏଠାରେ ୪ର୍ଥ ସିଡ୍‌ର ମାନ୍ୟତା ପାଇଥିବା ଓସାକା ସ୍ଲୋଭେନିଆର ତାମାରା ଜିଡାନସେକ୍‌ଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ସେରେନା କାନାଡ଼ାର ଇଉଜିନ ବୁଚାର୍ଡଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଲକ୍ଷ୍ୟପଥରେ ଅଗ୍ରସର ହୋଇଛନ୍ତି। ତୃତୀୟ ରାଉଣ୍ଡରେ ସେ ଅଣସିଡେଡ ୟୁକ୍ରେନ ଟିନ୍‌ଏଜର ଡାୟାନା ୟାଷ୍ଟ୍ରେମସ୍କାଙ୍କୁ ଭେଟିବେ। ୩୭ ବର୍ଷୀୟା ସେରେନା ୨ ବର୍ଷ ପୂର୍ବରୁ ୨୩ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏଠାରେ ସେ ୧୬ତମ ସିଡ୍‌ର ମାନ୍ୟତା ପାଇଥିଲେ ହେଁ ବୁକିଙ୍କ ଟାଇଟଲ ଫେଭରାଇଟ ତାଲିକାରେ ରହିଛନ୍ତି। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଆମେରିକାର ମାଡିସନ୍ କିଜ୍ ୬-୩, ୬-୪ ସେଟ୍‌ରେ ରୁଷିଆର ଆନାସ୍ତାସିଆପୋଟାପୋଭାଙ୍କୁ ପରାସ୍ତ କରିଛନ୍ତି। ଲାଟଭିଆର ଆନାସ୍ତାସିଜା ସେଭାସ୍ତୋଭା ୬-୩, ୩-୬, ୬-୨ ସେଟ୍‌ରେ କାନାଡ଼ାର ବିନ୍‌କା ଆନ୍ଦ୍ରେସ୍କୁଙ୍କୁ ଏବଂ ଚାଇନାର ଶୁଆଇ ଝାଙ୍ଗ ୬-୩, ୭-୫ ସେଟ୍‌ରେ ଚେକ୍ ରିପବ୍ଲିକର କ୍ରିଷ୍ଟିନା ପ୍ଲିସ୍‌କୋଭାଙ୍କୁ ପରାସ୍ତ କରିଛନ୍ତି।



ଗୁରୁବାର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଅବସରରେ ନାଓମି ଓସାକା।

# ଭାରତ ଫେଭରାଇଟ୍

**ଡିନ୍ ଜୋନ୍ସ**

ଆଡିଲେଡ ଓଭାଲରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ ବେଶ୍ ରେମାଞ୍ଚକ ଥିଲା। ସିରିଜର ଏହି ମ୍ୟାଚ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ଆକର୍ଷଣୀୟ ଥିଲା। ଏବେ ମେଲବୋର୍ନରେ ଶୁକ୍ରବାର ସିରିଜ୍‌ର ନିର୍ଣ୍ଣାୟକ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ। ଏହି ଗ୍ରାଉଣ୍ଡରେ କେଉଁ ବୋଲର କିଭଳି ବୋଲିଂ କରିବେ ତାହା ଦେଖିବାକୁ ମଜା ଲାଗିବ। ୨୦୧୫ରେ ଅଷ୍ଟ୍ରେଲିଆ ଏହି ଗ୍ରାଉଣ୍ଡରେ ବିଶ୍ୱକପ୍ ଜିତିଥିଲା। ଏ କଥା ସମସ୍ତଙ୍କର ମନେ ଥିବ। ତେଣୁ ଏହି ପିଚ୍‌ରେ କିଭଳି ବୋଲିଂ କରିବାକୁ ହେବ ଅଷ୍ଟ୍ରେଲୀୟଙ୍କୁ ବେଶ୍ ଭଲଭାବେ ଜଣାଥିବ। ବଡ଼ ଗ୍ରାଉଣ୍ଡ ହୋଇଥିବାରୁ ବୋଲରମାନେ ଏଠାରେ ଶର୍ଟ ବଲ ପକାଇବାକୁ ପଛାଇବେ ନାହିଁ। ଗ୍ରାଉଣ୍ଡର ବାଉଣ୍ଡାରୀ ୮୦ରୁ ୮୫ ମିଟର ହୋଇଥିବାରୁ ଲମ୍ବା ଶଟ୍ ଖେଳିଲେ ବିପଦ ରହିବ। ଭାରତୀୟ ବ୍ୟାଟ୍ସମ୍ୟାନମାନେ ବ୍ୟାକ୍‌ଫୁଟ୍‌ରେ ଶଟ୍ ଖେଳିବାକୁ ପ୍ରୟାସ କରିବେ। ଅପରପକ୍ଷରେ ଅଷ୍ଟ୍ରେଲିଆ ଖେଳାଳିମାନେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ କ୍ରମରେ ଉନ୍ନତି ଆଣି ତାଙ୍କୁ ଶୀଘ୍ର ବ୍ୟାଟିଂ କରିବାକୁ ପଠାଇବେ। ଅଧିନାୟକ ଆରୋନ ଫିଞ୍ଚ୍ ନିଜ ଟେକ୍‌ନିକ୍ ଉପରେ ଅଧିକ କାର୍ଯ୍ୟ କରିବା ଉଚିତ୍। କାରଣ ଗତ ୮ଟି ଦିନିକିଆରେ ସେ ଅଧିକାଂଶ ଥର ଏଲ୍‌ବିଡବ୍ଲ୍ୟୁ କିମ୍ବା ବୋଲ୍ଡ ହୋଇଛନ୍ତି। କେବଳ ଥରେ କ୍ୟାଚ୍ ଆଉଟ ହୋଇଛନ୍ତି।

ଅନ୍ୟପଟେ ବିରାଟ କୋହଲି ପୁଣି ଥରେ ନିଜର ଦମ୍ ଦେଖାଇବାରେ ସଫଳ ହୋଇଛନ୍ତି। ସେ ହାସଲ କରିଥିବା ୩୯ଟି ଶତକରୁ ଭାରତ ୩୨ଟିରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆକୁ ଆସିଥିବା ଖେଳାଳିଙ୍କ ମଧ୍ୟରେ ସବୁ ଫର୍ମାଟରେ ସେ ସର୍ବାଧିକ ୧୧ଟି ଶତକ ଅର୍ଜନ କରିଛନ୍ତି। କୋହଲି ଜଣେ ମହାନ୍ ଖେଳାଳି। ସଚିନ ତେନ୍ଦୁଲକରଙ୍କୁ ବାଦ ଦେଲେ ସେ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଦିନିକିଆ ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ହେବେ। ଆଡିଲେଡରେ ଦୀନେଶ କାର୍ତ୍ତିକ ମଧ ଚମତ୍କାର ପ୍ରଦର୍ଶନ କରିଥିଲେ। ମହେନ୍ଦ୍ର ସିଂ ଧୋନୀ ମଧ ଜଣେ ଚମତ୍କାର ଦିନିକିଆ ଖେଳାଳି। ତେବେ ତାଙ୍କୁ ଲୋକେ ବୁଝିବାରେ ବେଳେ ବେଳେ ଭୁଲ କରିଥାନ୍ତି। ଦିନିକିଆ ମ୍ୟାଚ୍‌କୁ ସେ ଭଲ ଭାବେ ବୁଝି ଥାନ୍ତି ଓ ପରିସ୍ଥିତି ଅନୁସାରେ ମ୍ୟାଚ୍‌ର ଗୁରୁତ୍ୱକୁ ହୃଦୟଙ୍ଗମ କରିଥାନ୍ତି। କାର୍ତ୍ତିକ ଓ ଧୋନୀ ଅତି ସୁନ୍ଦର ଭାବେ ଖେଳ ପ୍ରଦର୍ଶନ କରି ଭାରତକୁ ଦ୍ୱିତୀୟ ଦିନିକିଆରେ ଜିତାଇଥିଲେ। ଏହି ମ୍ୟାଚ୍‌ରେ ଭାରତର ପ୍ରଦର୍ଶନ ବେଶ୍ ଚମତ୍କାର ଥିଲା। ମୁଁ ତଥାପି ଭାବୁଛି ଯେ, ଭାରତ ସିରିଜ ହାତେଇବ। କାରଣ ଦୁଇ ସ୍ପିନର କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ମେଲବୋର୍ନରେ ପୁଣି କମାଲ କରିବେ ବୋଲି ଭାବୁଛି। ଅମ୍ବାତି ରାୟୁଡୁ ଅଧିକ ରନ୍ ସଂଗ୍ରହ କରିବା ଆବଶ୍ୟକ। ତାଙ୍କ ବ୍ୟାଟିଂରେ କିଛି ତ୍ରୁଟି ଥିବା ପରି ମନେହେଉଛି। ପୁଣି ଭାରତ ପାଖରେ ପଞ୍ଚମ ବୋଲରଙ୍କର ଅଭାବ ରହିଛି। ଯଦି ଅଷ୍ଟ୍ରେଲିଆକୁ ୨୮୦ ରନରେ ଭାରତ ସୀମିତ ରଖିବ ତାହାଲେ ଭାରତ ବିଜୟ ନ ହେବାର କିଛି କାରଣ ନାହିଁ। ଭାରତ ଭଲ ରନ୍ ଚେଜ୍ କରିବାର ରେକର୍ଡ ହାସଲ କରିଛି। ତେଣୁ ଟସ୍ ଜିତିଲେ ଫିଞ୍ଚ୍ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବେ ବୋଲି ଭାବୁଛି। ଅନ୍ତିମ ଦିନିକିଆ ବେଶ୍ ମଜାଦାର ତଥା ରୋମାଞ୍ଚକ ହେବ ବୋଲି ଭାବୁଛି। **(ଗେମ୍ ପ୍ଲାନ୍)**





# ବିଏମ୍‌ସିସି ଗୋଲକୁଣ୍ଡ ସେମିରେ

ଭଣ୍ଡାରିପୋଖରୀ,୧୭।୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆରେ ଚାଲିଥିବା ଦ୍ୱାଦଶତମ ଆନ୍ତଃ ଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁପର ଓଭରରେ ବିଏମ୍‌ସିସି ଗୋଲକୁଣ୍ଡ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବିଏମ୍‌ସିସି ଗୋଲକୁଣ୍ଡ ୨୩.୩ ଓଭରରେ ୧୧୩ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ନିଶିକାନ୍ତ ରାଉତ ୩୭, କାର୍ତ୍ତିକ ପତି ୨୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ହିତେଶ ନାୟକ ସର୍ବାଧିକ ୩ ଉଇକେଟ ପାଇଥିଲେ। ଭୁବନେଶ୍ୱର ପାରାମାଉଣ୍ଟ ସ୍ପୋର୍ଟିଂ ୨୨.୩ ଓଭରରେ ୧୧୩ ରନ୍ କରି ସମସ୍ତ ଉଇକେଟ ହରାଇବାରୁ ମ୍ୟାଚ ଟାଇ ହୋଇଯାଇଥିଲା। ସୌମ୍ୟରଞ୍ଜନ ବିଶ୍ୱାଳ ୩ ଛକା, ୪ ଚୌକା ସହ ୪୫ ଓ ଲାରା ଦାସ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ବାଦଲ ମିଶ୍ର ୩ଟି ଓ ମାନସ ମୁଦୁଲି ୨ଟି ଉଇକେଟ ନେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ସୁପରଓଭର ଖେଳ ହୋଇଥିଲା। ପ୍ରଥମେ ପାରାମାଉଣ୍ଟ ସ୍ପୋର୍ଟିଂ ବ୍ୟାଟିଂ କରି ୩ ଉଇକେଟ ହରାଇ ୩ ରନ୍ କରିଥିଲା। ଗୋଲକୁଣ୍ଡ ୧ ଉଇକେଟ ହରାଇ ୫ ରନ୍ କରି ବିଜୟୀ ହୋଇଥିଲା। ମାନସ ମୁଦୁଲି ସୁପର ଓଭରରେ ୩ ରନ୍ ଦେଇ ୨ ଉଇକେଟ ନେଇଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ପାରସର ବିଶ୍ୱାଳ, ଆଶୁତୋଷ ପାଣି ଅମ୍ପାୟର ଓ ଥାର୍ଡ ଅମ୍ପାୟର ଭାବେ ଶ୍ରୀଜୟ ମହାପାତ୍ର ଖେଳ ପରିଚାଳନା କରିଥିଲେ। ଜୟନ୍ତ ନାୟକ, ସୁବ୍ରତ ସ୍ୱାଇଁ, ଆଲୋକ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗୋପବନ୍ଧୁ ମାଝି, ବିଷ୍ଣୁ ବୋଇତାଇ, ପ୍ରଦୀପ୍ତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ଭୁବନେଶ୍ୱରର କ୍ରାଉନ କ୍ଲବ ସହିତ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।




ମାନସ ମୁଦୁଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଜାନୁୟାରୀ ୧୮/୨୦୧୯ Berhampur, Friday, January 18/ 2019

# ଦ୍ୱିତୀୟ ଦିନରେ ଆସିକା ମହୋତ୍ସବ

ଆସିକ,୧୭।୧(ଡି.ଏନ୍.ଏ.)

ଆସିକା ସହରର କଳିଙ୍ଗା ରୋଡଠାରେ ପ୍ରଥମ କରି ଆସିକା ମହୋତ୍ସବ ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଗୁରୁବାର ଉତ୍ସବର ଦ୍ୱିତୀୟ ଦିବସରେ ଜନଗହଳି ବୃଦ୍ଧି ପାଇବାରେ ଲାଗିଛି। ନୂଆଗାଁ ଦଳର ହରିନାମ ସଂକୀର୍ତ୍ତନରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଜାତୀୟସ୍ତରର ଜଣେ ଓଡିଶୀ ନୃତ୍ୟଶିଳ୍ପୀ ଅର୍ପିତା ଦେବଶ୍ରୀ ନୃତ୍ୟ ପରିବେଷଣ କରିଥିଲେ। ଅର୍ପିତା ଆସିକା ନିକଟସ୍ଥ ବାହାଡାଗୁଡା ଗ୍ରାମର ଓ ସେ ଦିଲ୍ଲୀରେ ରୁହନ୍ତି। ଏହି କାର୍ଯ୍ୟକ୍ରମ ପରେ ସହରର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ଗ୍ରୁପ୍ ଡ୍ୟାନ୍ସ ଦର୍ଶକ ମନଭରି ଉପଭୋଗ କରିଥିଲେ। ପରେ ଅର୍କେଷ୍ଟ୍ରା ଦଳ ପକ୍ଷରୁ ସଙ୍ଗୀତ ପରିବେଷଣ ଉତ୍ସବକୁ ବେଶ୍ ଆକର୍ଷଣୀୟ କରିଥିଲା। ଏହାସହ ରାମଦୋଳିର ମଜା ମଧ୍ୟ ଉଠାଇବାକୁ ଭୁଲି ନ ଥିଲେ ଦର୍ଶକ। ଉତ୍ସବର ପ୍ରବେଶ ପଥରେ ଆସିକା ମହୋତ୍ସବକୁ ନେଇ ହୋଇଥିବା ବାଲୁକା କଳା ନିକଟରେ ସେଲ୍‌ଫି ନେବାକୁ ଯୁବପୀଢିଙ୍କ ଭିଡ ଜମିଥିଲା।



ମହୋତ୍ସବ ଲାଗି ହୋଇଥିବା ବାଲୁକା କଳା।

# ଇଲେଭେନ୍ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ: ବ୍ଲୁ କ୍ୟାପସ୍ ଚାମ୍ପିୟନ୍


ଚାମ୍ପିୟନ ଟିମର ଖେଳାଳିମାନଙ୍କ ଗହଣରେ ଅତିଥି।

ଶଙ୍କରାଖୋଲ,୧୭।୧(ଡି.ଏନ୍.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ନିକଟସ୍ଥ ଲାମ୍ବରଖୋଲ ପଡିଆରେ ଚାଲିଥିବା ଜିଲାସ୍ତରୀୟ ଇଲେଭେନ୍ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାଇକିଆ ଓ ଫୁଲବାଣୀ ବ୍ଲୁ କ୍ୟାପ୍‌ସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇକିଆ ଦଳ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଫୁଲବାଣୀ ପ୍ରଥମେ ବ୍ୟାଟିଂ କରି ୧୧.୧ ଓଭରରେ ୭୧ରନ କରିଥିଲା। ଜବାବରେ ରାଇକିଆ ନିର୍ଦ୍ଧାରିତ ୧୨ ଓଭର ଖେଳି ୫୫ରନ କରି ପରାଜିତ ହୋଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଦୁଗୁନୀ କହଁର, ମୁଖ୍ୟବକ୍ତାଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ନିର୍ମଳା ସାହୁ, ଜିଲାପରିଷଦ ସଭ୍ୟ ରଞ୍ଜନ ମଳିକ, ସରପଞ୍ଚ ଚିତ୍ର କହଁର, କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ୍ ଟିମ୍‌କୁ କପ୍ ସହ ୧୦ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ କପ୍ ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ। ଏଠାରେ ଭଲ ଖେଳ ପଡିଆ କିମ୍ବା ମିନି ଷ୍ଟାଡିୟମ କରିବାକୁ ଦାବି ହୋଇଥିଲା। ଟୁର୍ନାମେଣ୍ଟକୁ ଇଲେଭେନ୍ ଷ୍ଟାର ବୀଣାପାଣି, ଗଜଲକ୍ଷ୍ମୀ ପୂଜା କମିଟି ମିଳିତ ଭାବେ ଆୟୋଜନ କରିଥିଲେ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ